ଧରିତ୍ରୀ 51 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୨/୨୦୨୫ (୧୬ ପୃଷ୍ଠା) | Bhubaneswar, Thursday, June 12/2025 | Page 16 | ₹ 7.00 | BALASORE
୫୧ଶ ଭାଗ ୧୯୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 197 | ମୂଲ୍ୟ ₹୭/-

DADLS-30
ବର୍ଷ ଏକ ଉପଲବ୍ଧି ଅନେକ
# ଖାଦ୍ୟ ସୁରକ୍ଷା ଆମ ପ୍ରାଥମିକତା
• ୨୦୨୪-୨୫ ଖରିଫ ଋତୁରେ ଚାଷୀଙ୍କ ଠାରୁ ରେକର୍ଡ଼ ପରିମାଣର ୭୩.୪୭ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ
• ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଅତିରିକ୍ତ ୮୦୦ ଟଙ୍କାର ଇନପୁଟ ସହାୟତା
• ୭ ଲକ୍ଷ ନୂତନ ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ମଞ୍ଜୁରୀ

OIPR-15001/13/0689/2526



ପୁରୀ ଶ୍ରୀମନ୍ଦିର ସ୍ନାନମଣ୍ଡପରେ ବୁଧବାର ସ୍ନାନବେଶରେ ଦାରୁଦିଅଁ। ମହାପ୍ରଭୁଙ୍କ ସ୍ନାନ ପାଇଁ ସେବାୟତମାନେ ସୁନାକୂଅରୁ ଜଳ ନେଇ ଆସୁଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ଯାଜପୁରରେ ଝାଡ଼ାବାନ୍ତି ଅଣାୟତ୍ତ, ଆଉ ୬ ମୃତ

■ ମୃତକଙ୍କ ସଂଖ୍ୟା ୮ ହେଲା
■ ପୁଣି ୫୦୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ଯାଜପୁର,୧୧।୬ (ହର୍ଷବର୍ଦ୍ଧନ ବେହେରା)

ଯାଜପୁରରେ ସୋମବାର ରାତିରୁ ଆରମ୍ଭ ହୋଇଥିବା ଝାଡ଼ାବାନ୍ତି ସଂକ୍ରମଣ ଅଣାୟତ୍ତ ହେବାରେ ଲାଗିଛି । ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ମଙ୍ଗଳବାର ରାତିରୁ ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ପୁଣି ୫୦୦ରୁ ଊର୍ଦ୍ଧ୍ୱ ରୋଗୀ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । କୋରେଇ, ଧର୍ମଶାଳା, ରସୁଲପୁର, ଦାନଗଦି, ବଡ଼ଚଣା ବ୍ଲକ୍ ସହିତ ବ୍ୟାସନଗର ପୌରାଞ୍ଚଳରେ ରୋଗୀ ସଂଖ୍ୟା ବଢ଼ି ଚାଲିଛି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମୃତ୍ୟୁସଂଖ୍ୟା ୮ରେ ପହଞ୍ଚିଛି। ମଙ୍ଗଳବାର ଦାନଗଦି ବ୍ଲକର ସନାତନ ପାତ୍ର, ବ୍ୟାସନଗର ପୌରାଞ୍ଚଳ ମାରୱାଡିପଡ଼ାର ତୋଳାରାମ ଶର୍ମାଙ୍କ ମୃତ୍ୟୁ ଘଟିଥିଲା। ବୁଧବାର କୋରେଇ ବ୍ଲକ ସୁନ୍ଦରପୋଖରୀ ଗ୍ରାମର ଅଞ୍ଜନା ଜେନା, ଜଳନ୍ଦା ଗ୍ରାମର ଜାନକୀ ମଲିକ, ବଡ଼ଚଣା ବ୍ଲକ ସମିଆ ପଞ୍ଚାୟତ କଳକଳା ଗ୍ରାମର ମଦନମୋହନ ମଲିକ ଓ ଶାଳପଡ଼ା ପଞ୍ଚାୟତ ତିଳପଦା ଗ୍ରାମର ଦିଲୀପ ମଲିକ, ଦାନଗଦି ବ୍ଲକ୍ ତରେଇଲୋ ଗ୍ରାମର ସୁଦର୍ଶନ ପାତ୍ର ଓ ଦାନଗଦି ବ୍ଲକ୍ ତରେଇଲୋ ଗ୍ରାମର ବସନ୍ତ ପାତ୍ରଙ୍କ ମୃତ୍ୟୁ ଘଟିଛି । ସୁଦର୍ଶନଙ୍କ ଆନନ୍ଦପୁର ସିଏଚ୍‌ସିରେ ଓ ବସନ୍ତଙ୍କ କଟକ ବଡ଼ ଡାକ୍ତରଖାନରେ ମୃତ୍ୟୁ ଘଟିଛି । ତେବେ ସରକାରୀ ଭାବେ ତୋଳାରାମ ଏବଂ ସନାତନଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିବା ଦର୍ଶାଯାଉଛି। ଅଞ୍ଜନା ଏବଂ ଜାନକୀଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ସରକାରୀ ଭାବେ ସୂଚନା ମିଳିଛି। ତେବେ ମୃତକଙ୍କ ପରିବାର ଲୋକଙ୍କ କହିବା ଅନୁସାରେ ଝାଡ଼ବାନ୍ତିରେ ଆକ୍ରାନ୍ତ ହୋଇ ଉଭୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଅନ୍ୟପକ୍ଷେ ଅନ୍ୟ ମୃତକଙ୍କ ସଂକ୍ରାନ୍ତରେ ସରକାରୀ ଭାବେ କୌଣସି ସୂଚନା ମିଳିନାହିଁ। ଧର୍ମଶାଳା ବ୍ଲକ ☞ପୃଷ୍ଠା-୪

# ସ୍ନାନଯାତ୍ରା ଦିନ ସେବାୟତଙ୍କୁ ହତ୍ୟା

**ମହାପ୍ରଭୁଙ୍କ ସ୍ନାନଯାତ୍ରା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ପୁରୀରେ ବୁଧବାର ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପୂରା ସହର ପୋଲିସ ଛାଉଣୀ ପାଲଟିଥିଲା। ଏଭଳିସ୍ଥଳେ ସ୍ପଷ୍ଟ ଦିବାଲୋକରେ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଶ୍ରୀମନ୍ଦିରର ବରିଷ୍ଠ ସୂପକାର ସେବାୟତ ଜଗନ୍ନାଥ ଦୀକ୍ଷିତ (୮୦)ଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଜଗନ୍ନାଥଙ୍କ ଘର ପୁରୀ ଟାଉନ ଥାନା ଅନ୍ତର୍ଗତ ମହାସୁଆର ସାହିରେ ହୋଇଥିବାବେଳେ ସ୍ଥାନୀୟ ଗୁଡ଼ିଆ ସାହିର ରାବେଣି ଚଉରା ନିକଟରେ ତାଙ୍କୁ ହତ୍ୟା କରାଯାଇଛି। ପୂର୍ବ ଶତ୍ରୁତା ଓ ଟଙ୍କା କାରବାର ଏହି ଘଟଣା ପଛର କାରଣ ବୋଲି ସନ୍ଦେହ କରାଯାଉଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଥିବାବେଳେ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।**

**ପୁରୀରେ ଚାଞ୍ଚଲ୍ୟ**

ପୁରୀ,୧୧।୬ (ଅଜିତ କୁମାର ମହାନ୍ତି)

ହତ୍ୟାକାଣ୍ଡର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବାବେଳେ ଘଟଣାରେ ସମ୍ପୃକ୍ତ ଥିବା ଗୁଡ଼ିଆ ସାହିର ନାରାୟଣ ପାଟଯୋଶୀଙ୍କୁ ପୋଲିସ ଚିହ୍ନଟ କରିଛି। ସେ ଫେରାର ହୋଇଯାଇଥିବାବେଳେ ତାଙ୍କୁ ରାତି ପ୍ରାୟ ୮ଟାରେ ତାଙ୍କ ଶ୍ୱଶୁର ଘର ତଥା ପୁରୀ ସଦର ଥାନା ଅନ୍ତର୍ଗତ ଶାସନ ଦାମୋଦରପୁର ଗ୍ରାମରୁ ଗିରଫ କରାଯାଇଛି। ନାରାୟଣ ଓ ଜଗନ୍ନାଥ ସମ୍ପର୍କୀୟ ହେବେ ବୋଲି ଜଣାପଡ଼ିଛି। ଘଟଣାରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ହତ୍ୟାର ପ୍ରକୃତ କାରଣ ଖୋଜୁଛି।

ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ପ୍ରାୟ ୨ଟାରୁ ୨ଟା ୩୦ ମଧ୍ୟରେ ଏହି ଘଟଣା ଘଟିଛି। ଖବର ପାଇ ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରିଛି। ତେବେ ନାରାୟଣ ନିଜ ଘର ଆଗରେ ଜଗନ୍ନାଥଙ୍କ ରକ୍ତ ଜୁଡୁବୁଡୁ ମୃତଦେହକୁ ପକାଉଥିବାର ଦୃଶ୍ୟ ନିକଟସ୍ଥ ସିସିଟିଭିରେ କଏଦ ହୋଇଛି। ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଥିବା କୁହାଯାଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଘଟଣାକୁ ନେଇ ମୃତକଙ୍କ ପୁତୁରା ଭୀମସେନ ଦୀକ୍ଷିତ କହିଛନ୍ତି, ବୁଧବାର ପୂର୍ବାହ୍ନରେ ଜଗନ୍ନାଥ ସ୍ନାନଯାତ୍ରାରେ ତାଙ୍କର ସେବା ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ସେବା ସାରି ଫେରିବାବେଳକୁ ଏହି ଘଟଣା ଘଟିଛି। ତେବେ କିଏ ଓ କାହିଁକି ତାଙ୍କୁ ହତ୍ୟା କରିଛନ୍ତି ତାହା ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ କହିଛନ୍ତି, ବ୍ୟକ୍ତିଗତ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡୁଛି। ଆଗକୁ ଅଧିକ ତଦନ୍ତ ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ।

# ଆମ ପ୍ରତିଶ୍ରୁତି ପଥରରେ ଅଙ୍କା ଅଲିଭାଗାର: ମୁଖ୍ୟମନ୍ତ୍ରୀ

**ରାଜ୍ୟସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ**

ଭୁବନେଶ୍ୱର, ୧୧।୬(ସୁନିତ୍ ମିଶ୍ର)

ବର୍ଷକ ତଳେ ରାଜ୍ୟବାସୀ ଯେଉଁ ଆଶା ଆକାଂକ୍ଷା ନେଇ ଶାସନରେ ପରିବର୍ତ୍ତନ ଆଣିଥିଲେ ଓ ଆମକୁ ଦାୟିତ୍ୱ ଭାର ଦେଇଥିଲେ,ତାହା ପୂରଣ କରିବା ଲାଗି ଦୃଢ଼ ପ୍ରତିବଦ୍ଧତାର ସହ କାର୍ଯ୍ୟ ଜାରି ରଖିଛୁ। ଏହି ସମୟ ମଧ୍ୟରେ ଆମେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ ଏବଂ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତିଗୁଡିକୁ ବାସ୍ତବତାରେ ପରିଣତ କରିଛୁ। ଆମ ପ୍ରତିଶ୍ରୁତି ପାଣିର ଗାର ନୁହେଁ, ପଥରରେ ଅଙ୍କା ଯାଇଥିବା ଅଲିଭାଗାର, କଥା ଦେଇଥିଲୁ କଥା ରଖିଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟ ସରକାରଙ୍କ ୧ ବର୍ଷପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ବିକାଶ ମେଳା ୨୦୨୫ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱରର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ତଥା ହସ୍ତତନ୍ତ, ହସ୍ତଶିଳ୍ପ ଓ ସ୍ଥାନୀୟ ଉତ୍ପାଦ ସମ୍ପର୍କିତ ପ୍ରଦର୍ଶନୀ ଏବଂ ଫୁଡ୍ କୋର୍ଟର ଶୁଭାରମ୍ଭ କରିବା ସହ ବୁଲି ଦେଖିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗଣତନ୍ତ୍ରରେ ଲୋକଙ୍କ କଥା ହେଉଛି ଭଗବାନଙ୍କ ସ୍ୱର। ଯଦି ଲୋକେ ସେମାନଙ୍କ ନିର୍ବାଚିତ ସରକାରଙ୍କୁ ନିଜର କଥା, ନିଜର ବ୍ୟଥା କହିପାରିବେନାହିଁ, ସେ ପ୍ରକାର ଗଣତନ୍ତ୍ର ଆତ୍ମାହୀନ। ସରକାର ଆସିବା ପରେ ବ୍ୟକ୍ତିଗତ ଭାବେ ଲୋକଙ୍କୁ ଭେଟି ଛୋଟବଡ ସମସ୍ୟା ଅନ୍ ଦି ସ୍ପଟ୍ ସମାଧାନ କରିବା ପାଇଁ ମନସ୍ଥ କଲି। ଗତ ବର୍ଷେ ମଧ୍ୟରେ ଓଡ଼ିଶାର ସବୁ ଜିଲା ଗସ୍ତକରି ଲୋକଙ୍କ ସହ କଥାବାର୍ତ୍ତା କରିଛି। ବିଭିନ୍ନ ☞ପୃଷ୍ଠା-୪



ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ବିକାଶ ମେଳାକୁ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ।

# ଆଧାର ନ ଥିଲେ ତତ୍କାଳ ଟିକେଟ ମନା

ନୂଆଦିଲ୍ଲୀ,୧୧।୬

ଆଧାର କାର୍ଡ ନ ଥିଲେ ଯାତ୍ରୀମାନେ ଟ୍ରେନ୍‌ରେ ତତ୍କାଳ ଟିକେଟ ପାଇପାରିବେ ନାହିଁ। ଆସନ୍ତା ଜୁଲାଇ ୧ରୁ କେବଳ ଆଧାର ପ୍ରମାଣୀକୃତ ୟୁଜର୍ସ ହିଁ ତତ୍କାଳ ଟିକେଟ ପାଇବେ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି।

ଜୁନ୍ ୧୦ରେ ଜାରି ଏକ ବିଜ୍ଞପ୍ତିରେ ରେଳ ମନ୍ତ୍ରଣାଳୟ ସମସ୍ତ ଜୋନ୍‌କୁ ଏନେଇ ଜଣାଇଦେଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ତତ୍କାଳ ସ୍କିମ୍‌ର ଏହି ସୁବିଧା ସାଧାରଣ ୟୁଜର୍ସଙ୍କୁ ପ୍ରଦାନ କରିବା ନେଇ ସୁନିଶ୍ଚିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ୨୦୨୫ ଜୁଲାଇ ୧ରୁ ତତ୍କାଳ ସ୍କିମ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବୌଦ୍ଧ କାହାଣୀରେ ଭିନ୍ନତା

LOVELY PROFESSIONAL UNIVERSITY
Transforming Education Transforming India
NAAC GRADE A++

Be a part of LPU's Edu-Revolution!
New-Age Computer Science and Engineering (CSE) Programmes
Artificial Intelligence | Machine Learning | Blockchain | Cloud Computing | Cyber Security
Industry-aligned curriculum co-designed with Google, IBM, and more ensuring future-ready skills.
Hands-on learning via Centers of Excellence in AI, Cloud, and Cyber Security.
Gamified, project-based training with expert mentoring for real-world impact.

LPU'S B.TECH. FINAL YEAR STUDENT GETS ₹2.5 CRORE PACKAGE
Sri Vishnu - B.Tech. in Robotics & Automation Batch 2025
1700+ LPU students selected at packages of ₹10 Lakh-₹2.5 Crore*
Scan QR code for all details of students placed at different packages

Programmes with Industry Collaboration
B.Tech. (Hons.)
Computer Science & Engineering (CSE)
• Data Science & Data Engineering (in tie-up with TransOrg)
• Cyber Security & Blockchain (in tie-up with CompTIA)
• Full Stack Software Development (in tie-up with GeeksforGeeks)
• Applied AI (in tie-up with KALVIUM)
B.Tech.
Computer Science & Engineering (CSE)
• Artificial Intelligence & Machine Learning
• Cloud Computing & Gen AI (in tie-up with Google Cloud)
• DevOps (Software Development & IT Operations) (in tie-up with Xebia)
• Data Science with ML (in tie-up with upGrad
• Big Data and AI Analytics (in tie-up with IBM)
• User Experience (UX)/ User Interface (UI) (in tie-up with ImaginXP)
• Cybersecurity, Compliance and Risk (In tie-up with Futurense Technologies)
• Robotics and AI
• Generative AI [Gen AI] (in tie-up with Microsoft)
• Computer Science and Business Systems
• Internet of Things and AI Analytics (in tie-up with Intel-Fice)
Work Integrated Programmes
B.Tech.
Computer Science & Engineering (CSE)
• Software Product Engineering (in tie-up with Kalvium)
• Artificial Intelligence and Data Analytics (in tie-up with Quantiphi)
• AI and Data Engineering (in tie-up with Futurense Technologies)
International Credit Transfer Programmes
B.Tech.
2+2 with International Credit Transfer to USA, Canada, UK universities (ECE, CSE, ME, ME-Mechatronics, CE, Biotechnology, AE)
Other Specialisations
B.Tech.
CSE, ECE, IT, Aerospace Engineering, Robotics & Automation, ME - Mechatronics, ME, AE, CE, EE, EEE, BT+, Food Technology+, Biomedical Engg. (BE)+, CHE)
#in 2021 - 2025 batches | + Medical students can also apply
APPLY NOW by scanning the QR Code
For the complete list of programmes, visit our university website www.lpu.in
Apply for LPUNEST 2025
Scholarships of upto ₹8.84 Lakh on the basis of merit
How to Apply: Applicants can apply online at www.lpu.in
For last date and other details, refer university website www.lpu.in
MEET OUR COUNSELLORS
SAMBALPUR (12 - 21 June) Hotel Sheela Towers, Veer Surendra Sai Marg, Sakhipara Ph: 9888598769
BHUBANESWAR (12 - 30 June) The Presidency, 1471/A, NH16, Near ISKCON Temple, Nayapalli. | Ph: 6239206005
ROURKELA (22 - 30 June) Regency Inn, Bisra Road, Behind World of Titan Showroom, Udit Nagar | Ph: 9888598769
LOVELY PROFESSIONAL UNIVERSITY (LPU) Jalandhar-Delhi G.T. Road, Phagwara, Punjab admissions@lpu.co.in | www.lpu.in
Contact us: 01824-405517
ThinkBIG


# ହାତୀବେଶରେ ଦର୍ଶନ ଦେଲେ ଦାରୁଦିଅଁ

## ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

ପୁରୀ,୧୧।୬
(ଅଜିତ କୁମାର ମହାନ୍ତି)

ପବିତ୍ର ସ୍ନାନଯାତ୍ରା ସହ ରଥଯାତ୍ରାର ଆଦ୍ୟପର୍ବ ଆରମ୍ଭ ହୋଇଛି। ବୁଧବାର ସ୍ନାନପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିର ସ୍ନାନମଣ୍ଡପରେ ଦାରୁଦିଅଁଙ୍କ ସ୍ନାନଯାତ୍ରା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କ ସହିତ ଚକ୍ରରାଜ ସୁଦର୍ଶନ ସ୍ନାନମଣ୍ଡପରେ ପାରମ୍ପରିକ ରୀତିରେ ଅଭିମନ୍ତ୍ରିତ ୧୦୮ ଗଡୁ ଜଳରେ ଦିବ୍ୟସ୍ନାନ କରିଛନ୍ତି। ଏହାପରେ ମହାପ୍ରଭୁ ଦୁର୍ଲଭ ଗଜାନନ ବା ହାତୀବେଶରେ ଦର୍ଶନ ଦେଇଛନ୍ତି। ଶ୍ରୀକ୍ଷେତ୍ରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ବଡ଼ଦାଣ୍ଡରେ ସମାଗମ ହୋଇଥିବା ଲକ୍ଷାଧିକ ଭକ୍ତ ବିଶ୍ୱନିୟନ୍ତାଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇପଡ଼ିଥିବାବେଳେ ଜୟ ଜଗନ୍ନାଥ ଧ୍ୱନିରେ ଗଗନ ପବନ ମୁଖରିତ ହୋଇଉଠିଥିଲା।

ସ୍ନାନପୂର୍ଣ୍ଣିମା ଅବସରରେ ରତ୍ନବେଦି ଛାଡ଼ି ସ୍ନାନମଣ୍ଡପକୁ ଓହ୍ଲାଇ ଆସିଛନ୍ତି ଦାରୁବିଗ୍ରହ। ନିର୍ଦ୍ଧାରିତ ନୀତି ନିର୍ଘଣ୍ଟର ପ୍ରାୟ ୧ଘଣ୍ଟା ବିଳମ୍ବରେ ନୀତି ଆରମ୍ଭ ହୋଇଥିଲା। ଭୋର ୫ଟା ୩୦ରେ ମଙ୍ଗଳାର୍ପଣ, ୫ଟା ୩୫ରେ ଡୋରଲାଗି, ପୁଷ୍ପାଞ୍ଜଳି ହୋଇ ୫ଟା ୪୫ଟାରେ ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ, ପରେ ବଡ଼ ଠାକୁର ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡିରେ ଆସି ସ୍ନାନମଣ୍ଡପରେ ଅଧିଷ୍ଠିତ ହୋଇଥିଲେ। ପରେ ମଦନମୋହନ ସ୍ନାନମଣ୍ଡପକୁ ବିଜେ କରିଥିଲେ।



ସ୍ନାନ ପରେ ଦାରୁଦିଅଁଙ୍କ ହାତୀ ବେଶ।

- ୧ ଘଣ୍ଟା ବିଳମ୍ବରେ ଆରମ୍ଭ ହେଲା ନୀତି
- ଆଜିଠୁ ୧୫ ଦିନ ଯାଏ ପୂଜା ପାଇବେ ପଟିଦିଅଁ

ମଙ୍ଗଳ ଆଳତି ୯ଟା ୩୦, ମଇଲମ୍ ୯ଟା ୩୫, ତଡ଼ପଲାଗି ୯ଟା ୫୦, ଅଧର ପୋଛା ୧୦ଟା ୨୦, ଅବକାଶ ଶେଷ ୧୦ଟା ୨୫, ମଇଲମ ୧୦ଟା ୫୫ରେ ହୋଇ ୧୧ଟା ୨୫ରେ ବେଶ ଶେଷ ହୋଇଥିଲା। ସୂର୍ଯ୍ୟ ପୂଜା ୧୧ଟା ୩୦, ଦ୍ୱାରପାଳ ପୂଜା ୧୧ଟା ୪୫ରେ ସାରି ସ୍ନାନବେଦିରେ ୧ଟାରେ ଜଳ ବିଜେ ହୋଇଥିଲା। ୧୧ଟା ୫୦ରେ ଜଳଲାଗି ହୋଇ ଅପରାହ୍ଣ ୧ଟା ୧୦ରେ ସରିଥିଲା। ଶ୍ରୀଜଗନ୍ନାଥଙ୍କୁ ୩୫, ଶ୍ରୀବଳଭଦ୍ରଙ୍କୁ ୩୩, ଦେବୀ ସୁଭଦ୍ରାଙ୍କୁ ୨୨ ଏବଂ ସୁଦର୍ଶନଙ୍କୁ ୧୮ ଗରା ଜଳରେ ସ୍ନାନ କରାଯାଇଥିଲା। ସ୍ନାନନୀତି ସରିବା ପରେ ଅପରାହ୍ଣ ୪ଟାରେ ଗଜପତି ମହାରାଜା ଛେରାପହଁରା କରିଥିଲେ। ୪ଟା ୪୦ରେ ଛେରାପହଁରା ସରିଥିଲା। ଏହାପରେ ମହାପ୍ରଭୁଙ୍କୁ ହାତୀବେଶରେ ସଜ୍ଜିତ କରାଯାଇଥିଲା। ହାତୀ ବେଶ ୪ଟା ୪୫ରୁ ଆରମ୍ଭ ହୋଇ ୫ଟା ୪୫ରେ ସମ୍ପୂର୍ଣ୍ଣ ହୋଇଥିଲା। ପରେ ଧୂପ ଭୋଗ ହୋଇଥିଲା। ଭକ୍ତମାନେ ଶ୍ରୀବିଗ୍ରହମାନଙ୍କ ଦୁର୍ଲଭ ହାତୀବେଶ ଦର୍ଶନ କରି ନିଜକୁ ଧନ୍ୟ ମଣିଥିଲେ। ଏହି ସମୟରେ ବଡ଼ଦାଣ୍ଡରେ କିଏ ହନୁମାନ ବେଶରେ ତ ଆଉ କିଏ ଓଡ଼ିଶୀ ନୃତ୍ୟ କରି ଭକ୍ତିଭାବରେ ତଲ୍ଲୀନ ହୋଇପଡୁଥିବା ଦେଖିବାକୁ ମିଳିଥିଲା। ଶ୍ରୀବିଗ୍ରହମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତଙ୍କୁ ସ୍ନାନବେଦିରେ ଦର୍ଶନ ଦେବା ପରେ ଗୋଟି ପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିଥିଲେ। ସମସ୍ତ ନୀତି ଶେଷ ହେବା ପରେ ଘଣ୍ଟ, ଛତା ଓ କାହାଳୀ ସହ ଶ୍ରୀମନ୍ଦିରକୁ ପଟିଦିଅଁ ବିଜେ କରିଥିଲେ। ଅନ୍ୟପକ୍ଷରେ ଗୁରୁବାରଠାରୁ ୧୫ ଦିନ ପର୍ଯ୍ୟନ୍ତ ଚତୁର୍ଦ୍ଧାମୂର୍ତ୍ତି ଜ୍ୱରରେ ପୀଡ଼ିତ ହେବେ। ଏହି ସମୟରେ ଭକ୍ତମାନେ ଦାରୁବିଗ୍ରହଙ୍କ ପଟିଦିଅଁ ଦର୍ଶନ କରି କୃତାର୍ଥ ଲାଭ କରିବେ। ସେହିପରି ଏହି ସମୟରେ ପୁରୀର ବ୍ରହ୍ମଗିରିସ୍ଥିତ ଅଲାରନାଥ ଦେବଙ୍କୁ ଦର୍ଶନ କଲେ କୋଟି ପୁଣ୍ୟ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି। ତେଣୁ ଅଲାରନାଥଙ୍କ ମନ୍ଦିରରେ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଆଜିଠୁ ଶ୍ରୀମନ୍ଦିରରେ ପଟିଦିଅଁ ପୂଜା

ପୁରୀ,୧୧।୬(ଅଜିତ୍ କୁମାର ମହାନ୍ତି)

ପବିତ୍ର ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଚତୁର୍ଦ୍ଧାବିଗ୍ରହ ଜ୍ୱରରେ ପୀଡ଼ିତ ହୋଇଛନ୍ତି। ଗୁରୁବାରଠାରୁ ଅଣସର ଗୁପ୍ତନୀତି ଆରମ୍ଭ ହେବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସେବକ ଦଇତାପତିମାନେ ଅନ୍ଧାରୀ କୋଠରୀ ଭିତରେ ଶ୍ରୀବିଗ୍ରହମାନଙ୍କ ଗୁପ୍ତ ସେବା ଆରମ୍ଭ କରିବେ। ଅପରପକ୍ଷରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଗୁରୁବାରଠାରୁ ଶ୍ରୀମନ୍ଦିରରେ ଦଶାବତାର ଠାକୁର ଏବଂ ପଟିଦିଅଁଙ୍କ ପୂଜା ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି ସରିଛି। ଅଣସର ସମୟରେ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଅନନ୍ତ ନାରାୟଣ, ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ଏବଂ ଦେବୀ ସୁଭଦ୍ରାଙ୍କ ସ୍ଥାନରେ ମା' ଭୁବନେଶ୍ୱରୀ ପଟିଦିଅଁ ଭାବେ ପୂଜା ପାଇବେ।



ଅବକାଶ ବେଶରେ ଚତୁର୍ଦ୍ଧା ମୂର୍ତ୍ତି।






# ଟ୍ରାକ୍ ନିର୍ମାଣ ସହ ଜାତୀୟ ଏକତା ସୃଷ୍ଟିକରେ ଭାରତୀୟ ରେଳ

ଭୁବନେଶ୍ୱର,୧୧।୬
(ଅନୁରାଧା ମହାରଣା)

ଚଳିତ ମାସରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଶ୍ରୀ ମାତା ବୈଷ୍ଣୋଦେବୀ କଟରାରୁ ଶ୍ରୀନଗର ପର୍ଯ୍ୟନ୍ତ ପ୍ରଥମ ଯାତ୍ରା ଆରମ୍ଭ କରିଥିଲା। ଏକ ହାଇସ୍ପିଡ୍ ଟ୍ରେନ୍‌ର ଚଳାଚଳ ସହ ଶତାବ୍ଦୀର ସ୍ୱପ୍ନ ପୂରଣ ହୋଇଛି। ଅତ୍ୟାଧୁନିକ ଯାତ୍ରା ଅଭିଜ୍ଞତା ସହିତ କଶ୍ମୀରକୁ ଯାଉଥିବା ଟ୍ରେନ୍‌ଟି ଆମ ଇଞ୍ଜିନିୟରଙ୍କ ଉନ୍ନତ କାର୍ଯ୍ୟଶୈଳୀକୁ ବଖାଣୁଛି ବୋଲି ରେଲ୍‌ୱେ ବୋର୍ଡ ଚେୟାରମ୍ୟାନ୍ ଜୟା ବର୍ମା ସିହ୍ନା କହିଛନ୍ତି। ହାଇସ୍ପିଡ୍ ବନ୍ଦେ ଭାରତ ଟ୍ରେନ୍‌ଗୁଡ଼ିକ ଦିନକୁ ୨ଥର, ସପ୍ତାହରେ ୬ ଥର ଉଭୟ ପାର୍ଶ୍ୱରେ ଚାଲୁଛି। ଏହା ଯାତ୍ରା ସମୟକୁ ଅନେକମାତ୍ରାରେ ହ୍ରାସ କରିବା ସହ ସ୍ଥାନୀୟ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରି ସାରାଦେଶର ପର୍ଯ୍ୟଟକଙ୍କ ପାଇଁ ବରଦାନ ସଦୃଶ ହୋଇଛି। ସଡ଼କ ପଥରେ ଯାତ୍ରା କରିବାକୁ ୬ରୁ ୭ ଘଣ୍ଟା ସମୟ ଲାଗୁଥିବାବେଳେ ଏହି ଟ୍ରେନ୍‌ରେ ୩ ଘଣ୍ଟାରୁ କମ୍ ସମୟ ମଧ୍ୟରେ


ଜୟା ବର୍ମା ସିହ୍ନା



ଅତ୍ୟାଧୁନିକ ସୁବିଧା ଯାତ୍ରା ସମ୍ଭବ ହେଉଛି। ଭାରତୀୟ ରେଳ କେବଳ ଟ୍ରାକ୍ ନିର୍ମାଣ କରେନାହିଁ, ବରଂ ଏହା ଜାତୀୟ ଏକତା ମଧ୍ୟ ସୃଷ୍ଟି କରିଥାଏ। କଶ୍ମୀରକୁ ଏକ ବିଚ୍ଛିନ୍ନାଞ୍ଚଳ ଭାବେ ବିବେଚନା କରାଯାଉଥିବାବେଳେ ବର୍ତ୍ତମାନ ଭାରତୀୟ ରେଳ ଏହାକୁ ସଂଯୋଗ ସ୍ଥାପନ କରିଛି। ଏଠାକାର ରାସ୍ତାଗୁଡ଼ିକ ପ୍ରାୟତଃ ବିପଦପୂର୍ଣ୍ଣ ଥିଲା, ବିମାନଯାତ୍ରା ସୀମିତ ଥିଲା ଏବଂ ପୂର୍ଣ୍ଣ ରେଳ ସଂଯୋଗ ସହଜ ନ ଥିଲା। ଜଟିଳ ଭୂ-ରାଜନୈତିକ ଚ୍ୟାଲେଞ୍ଜ ଦ୍ୱାରା ବାଧାପ୍ରାପ୍ତ ହୋଇ ବ୍ରିଟିଶ ଯୁଗର କଶ୍ମୀର ରେଳ ସଂଯୋଗ ପ୍ରସ୍ତାବ ଦଶନ୍ଧି ଧରି ଡ୍ରଇଂ ବୋର୍ଡରେ ସୀମିତ ରହିଥିଲା। ବାରମ୍ବାର ଆଲୋଚନା, ଅଧ୍ୟୟନ, ବୈଷୟିକ ମୂଲ୍ୟାଙ୍କନ, ଘରୋଇ ଏବଂ ଅନ୍ତର୍ଜାତୀୟ ବିଶେଷଜ୍ଞଙ୍କ ସହିତ ପରାମର୍ଶ ପରେ ଉଧମପୁର-ଶ୍ରୀନଗର-ବାରାମୁଲ୍ଲା ରେଳ ଲିଙ୍କ୍(ୟୁଏସ୍‌ବିଆର୍‌ଏଲ) ୧୯୯୪ ମସିହାରେ ଅନୁମୋଦିତ ହୋଇଥିଲା। କେନ୍ଦ୍ରୀୟ ଅଂଶ କଟରାରୁ ବାନିହାଲ ପର୍ଯ୍ୟନ୍ତ ହିମାଳୟ ଅନୁପାତର ଏକ ଇଞ୍ଜିନିୟରିଂ ଏବଂ ସୁରକ୍ଷା ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ଦୃଢ଼ ନିଷ୍ଠା ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ମିଳିତ ଭାବରେ କାମ କରିବା ସହିତ ପ୍ରକଳ୍ପଟି ଶେଷ ହୋଇଥିଲା। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହା କେବଳ ଏକ ପରିବହନ ପଦକ୍ଷେପ ନୁହେଁ, ବରଂ ଏହା ଏକ ରାଷ୍ଟ୍ର ନିର୍ମାଣର ପ୍ରୟାସ ଥିଲା। ୟୁଏସ୍‌ବିଆରଏଲ୍ ପ୍ରକଳ୍ପରେ ଉଧମପୁର ଏବଂ ବାରାମୁଲ୍ଲା ମଧ୍ୟରେ ୨୭୨ କିଲୋମିଟର ଲମ୍ବର ୪୦ଟି ସୁଡ଼ଙ୍ଗ ଏବଂ ୯୦୦ରୁ ଅଧିକ ସେତୁ ରହିଛି। ଏହାର କେନ୍ଦ୍ରରେ ବିଶ୍ୱର ସର୍ବୋଚ୍ଚ ଚେନାବ ରେଳସେତୁ ରହିଛି (ନଦୀଶଯ୍ୟାଠାରୁ ୩୫୯ ମିଟର ଉଚ୍ଚ)। ଇଞ୍ଜିନିୟରିଂର ଏହି ଚମତ୍କାର ପ୍ରତି ଘଣ୍ଟା ୨୬୦ କି.ମି. ବେଗରେ ଏବଂ ଭୂକମ୍ପୀୟ ଜୋନ୍-ଭି କମ୍ପନକୁ ସହ୍ୟ କରିବାରେ ସକ୍ଷମ। ଏହା ପାଖରେ ଅଛି ଅଞ୍ଜିଖଡ଼ ସେତୁ, ଭାରତର ପ୍ରଥମ କେବୁଲ-ଷ୍ଟେଡ୍ ରେଳ ସେତୁ। ଗୋଟିଏ ପାଇଲନ ଦ୍ୱାରା ବନ୍ଧା ହୋଇଛି ଏବଂ ୯୬ଟି କେବୁଲ ଦ୍ୱାରା ସମର୍ଥିତ। ପିର୍ ପଞ୍ଜାଲ ପର୍ବତମାଳା ମଧ୍ୟ ଦେଇ ୧୧ କି.ମି. ଲମ୍ବ ଟି-୮୦ (ବାନିହାଲ-କାଜିଗୁଣ୍ଡ) ସୁଡ଼ଙ୍ଗ ନିର୍ମିତ ହୋଇଛି। ୧୯୦ କି.ମି.ରୁ ଅଧିକ ସୁଡ଼ଙ୍ଗ ଓ ହଜାର ହଜାର ଟନ୍ ଇସ୍ପାତ ବିନିଯୋଗରେ ଲାଇନ୍‌ଟି ସମ୍ପୂର୍ଣ୍ଣ ହୋଇଛି।

# ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ କାର୍ଯ୍ୟ କର: ମୁଖ୍ୟମନ୍ତ୍ରୀ


କାବ୍ୟାଞ୍ଜଳି କବିତା ସଂକଳନକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ପୁରୀ,୧୧।୬ (ଅଜିତ କୁମାର ମହାନ୍ତି)

- କାବ୍ୟାଞ୍ଜଳି କବିତା ସଂକଳନ ଉନ୍ମୋଚିତ
- ଓଡ଼ିଆ ସାହିତ୍ୟ ଆକାଶରେ ଏହା ଏକ ଜାଜ୍ୱଲ୍ୟମାନ କୀର୍ତ୍ତି

ପବିତ୍ର ମହାକୁମ୍ଭ ଆଧାରରେ ପ୍ରସ୍ତୁତ ଆଧ୍ୟାତ୍ମିକ କବିତା ସଂକଳନ ବା କଫି ଟେବୁଲ ବୁକ୍ ଓଡ଼ିଆ ସାହିତ୍ୟ ଆକାଶରେ ଏକ ଜାଜ୍ୱଲ୍ୟମାନ କୀର୍ତ୍ତି ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବୁଧବାର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ମୁଖ୍ୟମନ୍ତ୍ରୀ ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଓଡ଼ିଶାବାସୀ ଓ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିଛନ୍ତି। ପରେ ରଥଖଳାରେ ପହଞ୍ଚି ରଥ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ପୁରୀ ସର୍କିଟ ହାଉସରେ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ପ୍ରସ୍ତୁତ କାବ୍ୟାଞ୍ଜଳି କଫି ଟେବୁଲ ବୁକ୍‌ର ଅନାବରଣ କରିଥିଲେ। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ, ଗତ କୁମ୍ଭମେଳାରେ ୬୬ କୋଟି ଶ୍ରଦ୍ଧାଳୁ ସ୍ନାନ କରିଥିଲେ। ମୁଁ ମଧ୍ୟ ସେଠାରେ ସ୍ନାନ କରି ସାଧୁ, ସନ୍ଥ, ମହାତ୍ମାମାନଙ୍କ ସହିତ ମିଶିବାର ସୁଯୋଗ ପାଇଥିଲି। ସ୍ନାନ ମନ୍ତ୍ରକୁ ଉଚ୍ଚାରଣ କରି ଆମେ ନଦୀ, ପୋଖରୀ ବା ସ୍ନାନାଗାରରେ ସ୍ନାନ କରିଥାନ୍ତି। କିନ୍ତୁ ମହାକୁମ୍ଭର ପବିତ୍ର ଓ ପ୍ରାକୃତିକ ପରିବେଶରେ ପବିତ୍ର ସ୍ନାନ ଅଦ୍ଭୁତ ଓ ଅବିସ୍ମରଣୀୟ।

ସେହି ମହାକୁମ୍ଭ ଆଧାରରେ ପ୍ରସ୍ତୁତ ଏହି ଆଧ୍ୟାତ୍ମିକ କବିତାଞ୍ଜଳି କଫି ଟେବୁଲ ବହିଟି ଓଡ଼ିଆ ଓ ହିନ୍ଦୀ ଭାଷାରେ ରଚିତ, ଯାହା ଆମ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଅସ୍ମିତାର ପ୍ରତୀକ। ସାରଳା ଦାସ, ଜଗନ୍ନାଥ ଦାସ, ଗଙ୍ଗାଧର ମେହେର, ଫକୀରମୋହନଙ୍କ ସାହିତ୍ୟ କୃତି ଆମ ଭାଷା ସାହିତ୍ୟକୁ ସମୃଦ୍ଧ କରିଛି। ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଏହି ପୁସ୍ତକ ଉନ୍ମୋଚନ ଏକ ବିରାଟ ଉପଲବ୍ଧି। ୨୦୩୬ ବିକଶିତ ଓଡ଼ିଶା ଏବଂ ୨୦୪୭ ବିକଶିତ ଭାରତ ପାଇଁ ଆମେ ସମସ୍ତେ ସମବଦ୍ଧ ଭାବେ କାର୍ଯ୍ୟ କରିବା ବୋଲି ମୁଖ୍ୟମନ୍ତ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି। ଏହି ଉପାଦେୟ କଫି ଟେବୁଲ ବହିଟି ଏୟାରପୋର୍ଟଗୁଡ଼ିକରେ ରଖିଲେ ଏହା ଅନେକ ଲୋକଙ୍କୁ ନୂତନ ଦିଶା ଦେଖାଇ ପାରିବ ବୋଲି ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର କହିବା ସହ ରଥଯାତ୍ରା ଅବସରରେ ଏଭଳି ପୁସ୍ତକ ପ୍ରକାଶନ ପାଇଁ ଅନୁରୋଧ କରିଥିଲେ। ବରିଷ୍ଠ ଭାଜପା ନେତା ସଜ୍ଜନ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଦିଲ୍ଲୀପ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ମଠର ମହନ୍ତମାନଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ସାହିତ୍ୟିକ ଭବାନୀ ପ୍ରସାଦ ମିଶ୍ର, ସୁରେଶ କୁମାର ସାହୁ, ଡ. ପ୍ରୀତିପ୍ରତିଭା ଭୋଳ, ଡ. ହାଡ଼ିବନ୍ଧୁ ପାଣିଗ୍ରାହୀ, ସୁବ୍ରତ ନାୟକ, କୁଳମଣି ରାଉତ, ଡ. ଅମୀୟ ମହାପାତ୍ର, ମାତୃଦତ୍ତ ମହାନ୍ତି, ନିରଞ୍ଜନ ରଥ, ଶ୍ୟାମ ପ୍ରକାଶ ସେନାପତି, ଚିନ୍ମୟ ବିବେକ, ଦୟାନିଧି ଲେଙ୍କା ଏବଂ ଦିଲ୍ଲୀପ ମହାନ୍ତି ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଏମ୍‌କେସିଜି ମେଡିକାଲ: ୩୬ ବର୍ଷ ପରେ ହେଲା ଓପନ୍ ହାର୍ଟ ସର୍ଜରି

ବ୍ରହ୍ମପୁର,୧୧।୬ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଦୀର୍ଘ ୩୬ ବର୍ଷ ପରେ ଓପନ୍ ହାର୍ଟ ସର୍ଜରି ହୋଇଛି। ମେଡିକାଲ କଲେଜ ଓ ହସ୍ପିଟାଲର ସିଟିଭିଏସ୍ (କାର୍ଡିଓ ଥୋରାସିସ ଓ ଭାସକୁଲାର ସର୍ଜରି) ବିଭାଗରେ ବୁଧବାର ଜଣେ ୨୬ ବର୍ଷୀୟା ମହିଳାଙ୍କ ଓପନ୍ ହାର୍ଟ ସର୍ଜରି ସଫଳତାର ସହ ହୋଇଛି। ଏମ୍‌କେସିଜିର ସିଟିଭିଏସ୍ ବିଭାଗର ଡାକ୍ତରଙ୍କ ସମେତ କଟକ ଏସ୍‌ସିବି ମେଡିକାଲର ଡାକ୍ତରୀ ଦଳ ମିଳିତ ଭାବେ ଏହି ଅପରେଶନ କରିଛନ୍ତି। ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ବର୍ତ୍ତମାନ ସ୍ଥିର ରହିଛି। ତାଙ୍କୁ ଆଇସିୟୁରେ ରଖାଯାଇଛି। ଅପରେଶନ କରିଥିବା ଡାକ୍ତରୀ ଦଳ ନିୟମିତ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରୁଛନ୍ତି।

ସୂଚନାଯୋଗ୍ୟ, ଗଞ୍ଜାମ ଜିଲାର ୨୬ ବର୍ଷୀୟା ମହିଳା ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ କିଛି ଦିନ ତଳେ ଏମ୍‌କେସିଜି ମେଡିକାଲକୁ ଆସିଥିଲେ। ହୃଦ୍‌ରୋଗ ବିଭାଗ ଡାକ୍ତରମାନେ ତାଙ୍କର ପରୀକ୍ଷା ନିରୀକ୍ଷା କରିବା ପରେ ତାଙ୍କ ହାର୍ଟରେ ଏକ ଛିଦ୍ର ରହିଥିବା ଜଣାପଡିଥିଲା। ଏଥିପାଇଁ ଓପନ ହାର୍ଟ ସର୍ଜରି କରିବାକୁ ପଡିବ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ। ଏହାପରେ ଏମକେସିଜିର ସିଟିଭିଏସ ବିଭାଗର ଡାକ୍ତରମାନେ ତାଙ୍କର ଅପରେଶନ ପାଇଁ ଯୋଜନା କରିଥିଲେ। ବୁଧବାର ସିଟିଭିଏସ ବିଭାଗର ଅସ୍ତ୍ରୋପଚାର ଗୃହରେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ଯାଏ ଅପରେଶନ ଚାଲିଥିଲା। ଏମକେସିଜି ସିଟିଭିଏସ ବିଭାଗ ଡାକ୍ତରଙ୍କ ସହ ନିଶ୍ଚେତକ ବିଭାଗ ଡାକ୍ତର ଓ କଟକ ଏସସିବି ମେଡିକାଲର ଏକ ଡାକ୍ତର ଦଳ ସାମିଲ ହୋଇଥିଲେ। ସୂଚନାଥାଉକି, ୧୯୯୦ରେ ଏମକେସିଜିରେ ଓପନ ହାର୍ଟ ସର୍ଜରି ହୋଇଥିଲା। ଏହାପରେ ବିଭିନ୍ନ କାରଣରୁ ଏହି ସର୍ଜରି ବନ୍ଦ ହୋଇଯାଇଥିଲା। କିଛିଦିନ ତଳେ ଛତ୍ରପୁର ଭାରତୀୟ ବିରଳ ମୃତ୍ତିକା (ଆଇଆର୍‌ଇଏଲ୍) ପକ୍ଷରୁ ଏହି ବିଭାଗକୁ ୧ କୋଟି ଟଙ୍କାର ମେଶିନ ଓ ଯନ୍ତ୍ରପାତି ଦିଆଯାଇଥିଲା। ସେହିପରି ଓପନ ହାର୍ଟ ସର୍ଜରି ପାଇଁ ଜରୁରୀ ଥିବା ପର୍ଫ୍ୟୁନିଷ୍ଟଙ୍କୁ ଏଠାରେ ନିଯୁକ୍ତ କରାଯାଇଥିଲା। ସିଟିଭିଏସ ବିଭାଗରେ ସମସ୍ତ ପ୍ରକାର ଭିତ୍ତିଭୂମି ଓ ମାନବସମ୍ବଳ ଉପଲବ୍ଧ ହେବା ପରେ ଏହି ସର୍ଜରି କରାଯାଇଥିବା ଜଣାପଡିଛି।

# ଆଧାର କାର୍ଡ ନ ଥିଲେ ସ୍କୁଲରେ ନାମଲେଖାଇ ହେବ

ଭୁବନେଶ୍ୱର,୧୧।୬ (ସୁଚିସ୍ମିତା ସାହୁ)

ଚଳିତ ବର୍ଷରୁ ସ୍କୁଲରେ ନାମଲେଖା ପାଇଁ ଆଧାର କାର୍ଡ ବାଧ୍ୟତାମୂଳକ କରାଯାଇଥିଲା। କିନ୍ତୁ ଏବେ ସେଥିରେ କୋହଳ କରାଯାଇଛି। ଯେଉଁ ପିଲାଙ୍କର ଆଧାର କାର୍ଡ ନାହିଁ, ସେମାନେ ମଧ୍ୟ ଆଡ୍‌ମିଶନ କରିପାରିବେ। ପରବର୍ତ୍ତୀ ସମୟରେ ପିଲାମାନେ ସ୍କୁଲରେ ନିଜ ଆଧାର କାର୍ଡର କପି ଦାଖଲ କରିପାରିବେ। ଯେଉଁ ପିଲାଙ୍କର ଆଧାର କାର୍ଡ ନାହିଁ ଓ କେମିତି ସେମାନଙ୍କର ଆଧାର କାର୍ଡ ହୋଇପାରିବ, ସେଥିପାଇଁ ସରକାର ବ୍ୟବସ୍ଥା କରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

ଏଥିସହ ମନ୍ତ୍ରୀ କହିଲେ, ସ୍କୁଲ ଡ୍ରପ୍ ଆଉଟ ହାର କମାଇବା ପାଇଁ ଚେଷ୍ଟା କରାଯାଉଛି। ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ଚାଇଲ୍ଡ ଟ୍ରାକିଂ ସର୍ଭେ ଆରମ୍ଭ କରାଯାଇଛି। କେଉଁ କାରଣରୁ ପିଲାମାନେ ଡ୍ରପ୍ ଆଉଟ ହେଉଛନ୍ତି। ଅଭିଭାବକମାନେ କାହିଁକି ପିଲାଙ୍କୁ ସ୍କୁଲକୁ ଛାଡୁନାହାନ୍ତି। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ୧୮ ବର୍ଷ ବୟସର ପିଲାଙ୍କୁ ଏହି ସର୍ଭେରେ ସାମିଲ କରାଯାଇଛି। ଶିକ୍ଷକମାନେ ଘର ଘର ବୁଲି ପିଲାଙ୍କ ତଥ୍ୟ ଆଣୁଛନ୍ତି। ସର୍ଭେ ରିପୋର୍ଟ ଅନୁସାରେ ପଦକ୍ଷେପ ନେବାକୁ ସରକାର ପ୍ରସ୍ତୁତ ହେଉଛନ୍ତି। ଡ୍ରପ୍ ଆଉଟ୍ କମାଇବା ପାଇଁ ସରକାରଙ୍କ ପକ୍ଷରୁ ନୂଆ ନୂଆ ପଦକ୍ଷେପ ଗ୍ରହଣ କରାଯାଉଛି।

# ଦ୍ରୁତ ସହରୀକରଣର ପ୍ରଭାବ: ସେମି କ୍ରିଟିକାଲ ଜୋନ୍‌ରେ ରାଜଧାନୀର ଭୂତଳ ଜଳସ୍ତର

ଭୁବନେଶ୍ୱର,୧୧।୬
(ରବିନାରାୟଣ ଜେନା)

ରାଜ୍ୟରେ ଭୂତଳ ଜଳସ୍ତର ଦିନକୁ ଦିନ ହ୍ରାସ ପାଉଥିବାବେଳେ ଏବେ ଦ୍ରୁତ ସହରୀକରଣ ଯୋଗୁ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ତା'ର ପ୍ରଭାବ ପଡ଼ିଛି। କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ପକ୍ଷରୁ ଏନେଇ ଚିନ୍ତା ପ୍ରକଟ କରାଯିବା ସହ ଏକ ଗୁରୁତ୍ୱପୂର୍ଣ୍ଣ ସର୍ଭେ ପାଇଁ ରାଜ୍ୟ ସରକାରଙ୍କ ସହଯୋଗ ଲୋଡ଼ାଯାଇଛି।

କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ(ସିଜିଡବ୍ଲୁବି)ର ଆଞ୍ଚଳିକ ନିର୍ଦ୍ଦେଶକ ଡ. ବି.କେ. ସାହୁ ଗତ ମେ' ୨୭ରେ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି ଯେ, କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ(ସିଜିଡବ୍ଲୁବି) ଜାତୀୟ ଜଳଭଣ୍ଡାର ମ୍ୟାପିଂ ଓ ପରିଚାଳନା କାର୍ଯ୍ୟକ୍ରମ(ନାକୁଇମ) ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ସର୍ଭେ ହୋଇଛି, ଯେଉଁଥିରେ ଭୁବନେଶ୍ୱର ଓ ତା'ର ଆଖପାଖ ଅଞ୍ଚଳରେ ଦ୍ରୁତ ସହରୀକରଣର ଫଳରେ ଭୂତଳ ଜଳ ସ୍ଥିତି ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। ଏହାର ପୁନଃଭରଣା ଆବଶ୍ୟକ। ଭୁବନେଶ୍ୱର ବ୍ଲକକୁ ଭୂତଳ ଜଳ ସମ୍ପଦ ସ୍ଥିତାବସ୍ଥା ରିପୋର୍ଟ (ଜିଡବ୍ଲୁଆର୍‌ଇ-୨୦୨୪) ଅନୁସାରେ, ସେମି-କ୍ରିଟିକାଲ ଜୋନ୍ ଭାବେ ଶ୍ରେଣୀଭୁକ୍ତ କରାଯାଇଛି। ଏହି ଅଧ୍ୟୟନ ୨୦୨୫-୨୬ ବାର୍ଷିକ କାର୍ଯ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ବାର୍ଷିକ କାର୍ଯ୍ୟଯୋଜନା ଅନୁସାରେ, ଭୁବନେଶ୍ୱର ଅଞ୍ଚଳରେ ଭୂତଳ ଜଳ ପୁନଃଭରଣା ପାଇଁ ଅଞ୍ଚଳ ଚିହ୍ନଟ କରାଯିବ, ଭୂତଳ ଜଳର ସ୍ଥିତି ମୂଲ୍ୟାଙ୍କନ କରାଯିବା ସହ ଭୂତଳ ଜଳ ପରିଚାଳନା ଲାଗି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବା ଆବଶ୍ୟକ। ଏହା ଭୁବନେଶ୍ୱରର ଦ୍ରୁତ ବୃଦ୍ଧି ପାଉଥିବା ନଗର ଜନସଂଖ୍ୟା ପାଇଁ ଦୀର୍ଘକାଳୀନ ଜଳ ସୁରକ୍ଷା ନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ଏ ନେଇ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗର ଅନୁସଚିବ ବିଭାଗୀୟ ଅଧିକାରୀମାନଙ୍କୁ ଚିଠି ଲେଖି ଦର୍ଶାଇଛନ୍ତି। ସିଜିଡବ୍ଲୁବି ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷାକରି ଆବଶ୍ୟକ ବୈଷୟିକ ସହଯୋଗ ଏବଂ ତଥ୍ୟ ଯୋଗାଇଦେବାକୁ ସେ କହିଛନ୍ତି।

Government of India

ନୂଆ ଭାରତର ଡିଜିଟାଲ ଶକ୍ତି ।




ଡିବିଟି ଜରିଆରେ ଗରିବ ଓ ବଞ୍ଚିତଙ୍କୁ **ପ୍ରାୟ ୪୪ ଲକ୍ଷ କୋଟି ଟଙ୍କା ସ୍ଥାନାନ୍ତର**

ଡିଜି ଲକରରେ, **୫୨+ କୋଟି ବ୍ୟବହାରକାରୀ ୯୪୩+ କୋଟି ଦସ୍ତାବିଜ** ଅପଲୋଡ୍ କରିଛନ୍ତି, ଯାହାଦ୍ୱାରା ଏବେ ଡିଜିଟାଲ ଦସ୍ତାବିଜକୁ ଯେକୌଣସି ସମୟରେ ଏବଂ ଯେକୌଣସି ସ୍ଥାନରେ ବ୍ୟବହାର କରାଯାଇପାରିବ

**୨୨୦୦+ ସରକାରୀ ସେବା ଉମଙ୍ଗ ଆପ୍ ଜରିଆରେ ଉପଲବ୍ଧ ହେଉଛି,** ଦେଶବ୍ୟାପୀ ସେବା ସୁବିଧା ପାଇଁ ଏହା ଏକକ ପ୍ଲାଟଫର୍ମ ; ବର୍ତ୍ତମାନ ସୁଦ୍ଧା **୮.୨୫ କୋଟି ପଞ୍ଜୀକରଣ** ହୋଇଛି

**ଜୀବନ ପ୍ରମାଣ** ଅଧୀନରେ ପେନସନଭୋଗୀଙ୍କ ଦ୍ୱାରା **୧୦.୨+ କୋଟି ଜୀବନ ପ୍ରମାଣପତ୍ର** ଡିଜିଟାଲ ମାଧ୍ୟମରେ **ଅପଲୋଡ୍ ହୋଇଛି**




ସେମିକଣ୍ଡକ୍ଟର ହବ୍ ହେବା ଦିଗରେ ଭାରତର ବ୍ୟାପକ ପ୍ରଗତି ; ୨୦୨୪ରେ ବଜାର ଆକାର **୪+ ଲକ୍ଷ କୋଟିରେ** ପହଞ୍ଚିଲା

**୪୨+ ଲକ୍ଷ ରୁଟ୍ କିମିରେ** ପହଞ୍ଚିଲା ଅପ୍ଟିକାଲ ଫାଇବର କେବୁଲ ଲମ୍ବ ; **୨.୧୪ ଲକ୍ଷ ଗ୍ରାମ ପଞ୍ଚାୟତକୁ ସଂଯୋଗ**

ଡିଜିଟାଲ ଇଣ୍ଡିଆ ଅଧୀନରେ **୫.୭୬ ଲକ୍ଷ କାର୍ଯ୍ୟକ୍ଷମ ଜନସେବା କେନ୍ଦ୍ର**

**ଜିଇଏମ୍ ପୋର୍ଟାଲ** ଜରିଆରେ **୧୩.୪+ ଲକ୍ଷ କୋଟି ଟଙ୍କା** ମୂଲ୍ୟର ଅର୍ଡର ଦିଆଯାଇଛି, ଯାହା ସରକାରୀ କ୍ରୟରେ ପାରଦର୍ଶିତା, ଦକ୍ଷତା ଏବଂ ଗତି ବଢ଼ାଇଛି



ବିଶ୍ୱର ଦୁଇଟି ମଧ୍ୟରୁ ଗୋଟିଏ **ବାସ୍ତବ ସମୟ ଡିଜିଟାଲ ନେଣଦେଣ ଭାରତରେ ହେଉଛି**

ଏପ୍ରିଲ ୨୦୨୫ରେ **୨୪ ଲକ୍ଷ କୋଟି ଟଙ୍କାର ୟୁପିଆଇ ନେଣଦେଣ** ହୋଇଛି

ଡିଜିଟାଲ **କୋୱିନ ପ୍ଲାଟଫର୍ମ** ଜରିଆରେ **୨୨୦ କୋଟି ଡୋଜ କୋଭିଡ-୧୯ ଟିକା** ଦେବାରେ ଉଲ୍ଲେଖନୀୟ ସଫଳତା ହାସଲ

CBC 37101/13/0009/2526



**ପ୍ରତି ଜିବି ଡାଟା ମୂଲ୍ୟ ୨୦୧୪ରେ ୩୦୦+ ଟଙ୍କାରୁ** ହ୍ରାସ ପାଇ **୧୦ ଟଙ୍କା** ହେଲା

ମାତ୍ର **୨୨ ମାସରେ ୯୯.୬% ଜିଲ୍ଲାରେ** ପହଞ୍ଚିଲା **5ଜି,** ବିଶ୍ୱରେ ସବୁଠୁ ଦ୍ରୁତ କାର୍ଯ୍ୟକାରିତା

ଭାରତ ବିଶ୍ୱର **ଦ୍ୱିତୀୟ ସର୍ବବୃହତ୍ ମୋବାଇଲ ଫୋନ ଉତ୍ପାଦନକାରୀ**

Viksit Bharat ka Amrit Kaal
Seva, Sushasan, Garib Kalyan ke
11 SAAL



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଶାଖାପାଟଣା ଷ୍ଟିଲ ପ୍ଲାଣ୍ଟ ଶ୍ରମିକଙ୍କ ଧର୍ମଘଟକୁ ସମର୍ଥନ ଜଣାଇ ଅଲ୍ ଷ୍ଟେଟ କାଉନସିଲ ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କଟକ

- ଶିକ୍ଷା ବିକାଶ ସମିତି, ଓଡ଼ିଶାର ପ୍ରାଦେଶିକ ସମ୍ପାଦକ ଓ ପ୍ରଧାନଆଚାର୍ଯ୍ୟଙ୍କ ସମ୍ମିଳନୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁମନ୍ଦିର, ଗତିରାଉତ ପାଟଣା, କେଶବଧାମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କବି ନନ୍ଦକିଶୋର ସାମଲଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

କବି ଅନନ୍ତ ପଟ୍ଟନାୟକଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: ବାଗଦେବୀ ବିଦ୍ୟା ମନ୍ଦିର ସଭାଗୃହ, ବାଲିପାଟଣା, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ବିକାଶ ବାହନ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଆତିଥ୍ୟ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଭଦ୍ରକ

- ବିକାଶ ବାହାନ ଉତ୍ସବ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ତିହିଡ଼ି, ସମୟ: ସକାଳ ୭ଟା୧୫।
- ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ସାଳନ୍ଦୀ ଓ ବୈତରଣୀ ବଞ୍ଚାଅ ଅଭିଯାନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ବିକାଶ ବାହାନ ରଥର ଶୁଭରାମ୍ଭ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ବାରିପଦା, ସମୟ: ସକାଳ ୭ଟା।
- ଶିଶୁ ଶ୍ରମ ନିରାକରଣ ସଚେତନତା ରଥର ଶୁଭାରମ୍ଭ ଓ ରାଲି, ସ୍ଥାନ: ଶ୍ରମିକ କାର୍ଯ୍ୟାଳୟ ପରିସର, ପାଲବଣି ,ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ମୟୂର କଳା ଭୂମି ପକ୍ଷରୁ ଡ୍ୟାନ୍ସ ତାଲିମ ଶିବିର, ସ୍ଥାନ:ତୁଳସୀ ମଣ୍ଡପ, ଡାରଗାଡାହି ଗୋଲେଇ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ବିଜୁଜନତା ଦଳ ପକ୍ଷରୁ କଳାଦିବସ ପାଳନ, ସ୍ଥାନ: ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ,ସମୟ:ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ ପ୍ରସାଦ ସେବନ, ସ୍ଥାନ: ଚିତ୍ରଡ଼ା ମାର୍କେଟ ସାହି, ମୋରଡ଼ା, ସମୟ:ଅପରାହ୍ନ ୧ଟା।
- ଡିଆର୍‌କେ କ୍ଲବ୍ ଆନୁକୂଲ୍ୟରେ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୫ଟା।
- ସ୍ୱରତାଲ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା,ସ୍ଥାନ:ନିଚୁଆପଦା ଛଉ ପଡ଼ିଆ, ମୋରଡ଼ା, ସମୟ:ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ମୋହନ ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ଖବରଦାତା ସମ୍ମିଳନୀ, ସ୍ଥାନ: ଗାନ୍ଧୀନଗର ଛାୟା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଞ୍ଜାମ

- ବିକାଶ ବାହନ ରଥ ପରିକ୍ରମା ଶୁଭାରମ୍ଭ, ସ୍ଥାନ : ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ : ସକାଳ ୭ଟା ୩୦।
- ବିକାଶ ବାହନ ଯାତ୍ରାର ଶୁଭାରମ୍ଭ, ସ୍ଥାନ: ଗଞ୍ଜାମ ଜିଲାପାଳ ଅଫିସ ପରିସର, ସମୟ: ସକାଳ ୮ ଟା।
- ଅଧ୍ୟାତ୍ମିକ ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମ, ସ୍ଥାନ: ସରସତୀ ଶିଶୁ ବିଦ୍ୟାମନ୍ଦିର ବୁଗୁଡ଼ା, ସମୟ: ସନ୍ଧ୍ୟା ୭ ଟା।

## କନ୍ଧମାଳ

- ବିକାଶ ବାହାନ ଯାତ୍ରା, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ବାଲିଗୁଡ଼ା, ସମୟ: ସକାଳ ୭. ୩୦।
- ବିଶ୍ୱ ଶିଶୁ ଶ୍ରମିକ ବିରୋଧୀ ଦିବସରେ ସଭା ଓ ଶୋଭାଯାତ୍ରା, ସ୍ଥାନ : ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳ. ସମୟ : ସକାଳ ୮ଟା ୩୦ ।

## ଅନୁଗୋଳ

- ପି.ଏମ୍. ଆବାସ ଯୋଜନାରେ କାର୍ଯ୍ୟାଦେଶ ଲାଗୁ, ସ୍ଥାନ: ଆଠମଲ୍ଲିକ ସହରସ୍ଥିତ କଲ୍ୟାଣମଣ୍ଡପ, ସମୟ: ସକାଳ ୮ଟା ୩୦।

## କେନ୍ଦ୍ରାପଡ଼ା

- ଶ୍ରୀବଳଦେବଜୀଉଙ୍କ ପଟି ଦିଅଁ ଦର୍ଶନ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ଶ୍ରୀ ଦଧିବାମନଜୀଉଙ୍କ ପଟି ଦିଅଁ ଦର୍ଶନ, ସ୍ଥାନ: ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୮ଟା।
- ଶ୍ରୀ ଦଧିବାମନଜୀଉଙ୍କ ପଟି ଦିଅଁ ଦର୍ଶନ, ସ୍ଥାନ: ଡେରାବିଶ, ସମୟ: ସକାଳ ୯ଟା।
- ଇସ୍କନ ରାଜନଗର ପକ୍ଷରୁ ନାମଯଜ୍ଞ, ସ୍ଥାନ: ବ୍ରାହ୍ମଣ ସାହି, ଗଜରାଜପୁର, ରାଜନଗର, ସମୟ: ସକାଳ ୯ଟା।
- ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ, ସ୍ଥାନ: ପଞ୍ଚାୟତ ସମିତି ଗୃହ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ବିକାଶ ମେଳା ଓ ପଲ୍ଲୀଶ୍ରୀ ମେଳା, ସ୍ଥାନ: ମାଉସୀ ମାଆ ମନ୍ଦିର ସମ୍ମୁଖ ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।
- ମା'ପାଟଦେଇ ମଙ୍ଗଳାଙ୍କ ପୀଠରେ ନାମ ଯଜ୍ଞ, ସ୍ଥାନ: ବଡମଙ୍ଗ, ଆଳି, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ବିକଶିତ କୃଷି ସଙ୍କଳ୍ପ ଅଭିଯାନ,ସ୍ଥାନ : ବିଞ୍ଝାରପୁର ବ୍ଲକ ଅନୁରି ପଞ୍ଚାୟତ କରପଡା, କୁଆଁରପୁର ଓ ବଳଭଦ୍ରପୁର ଗ୍ରାମ, ପ୍ରୀତିପୁର ପଞ୍ଚାୟତର ପ୍ରୀତିପୁର ଓ ଅଳକୁଣ୍ଡ ଗ୍ରାମ, ସମୟ : ପୂର୍ବାହ୍ନ ୯ଟା।

## ନୟାଗଡ଼

- ନୟାଗଡ ମ୍ୟୁନିସିପାଲିଟି ପକ୍ଷରୁ ବିକାଶ ଯାତ୍ରା ପାଇଁ ରଥର ଶୁଭାରମ୍ଭ, ସ୍ଥାନ: ନୟାଗଡ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ବିକାଶ ବାହନ ପରିକ୍ରମା, ସ୍ଥାନ: ବିଷମ କଟକ, ସମୟ: ସକାଳ ୭ଟା ୩୦ ।
- ବିକାଶ ବାହନ ଶୁଭାରମ୍ଭ, ସ୍ଥାନ: ରାଗଡା ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ଅଶୋକ କଲ୍ୟାଣ ମଣ୍ଡପ, ରାୟଗଡା, ସମୟ: ପୂର୍ବାହ୍ନ ୧୧ଟା ।
- ବିକାଶ ମେଳା ଉଦ୍‌ଘାଟନ, ସ୍ଥାନ: ଜିସିଡି ଖେଳ ପଡିଆ, ରାୟଗଡା, ସମୟ: ଅପରାହ୍ନ ୫ଟା ।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜିସିଡି ଖେଳ ପଡିଆ,ରାୟଗଡା, ସମୟ: ସନ୍ଧ୍ୟା ୬ଟା ।

## ନବରଙ୍ଗପୁର

- ସେବା ଓ ବିକାଶ ର ଜୟଯାତ୍ରା ରଥ ଶୁଭାରମ୍ଭ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ବାହାନ ଶୁଭାରମ୍ଭ, ସ୍ଥାନ: ମଣ୍ଡେଇ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ଶିଶୁ ଶ୍ରମିକ ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ପୋଲିସ ପଡ଼ିଆ, ସମୟ: ସକାଳ ୯ ଟା।
- ଜିଲାସ୍ତରୀୟ କୁଇ (କନ୍ଧ) ସମ୍ମିଳନୀ, ସ୍ଥାନ: ଲକ୍ଷ୍ମୀପୁର ବାସନ୍ତୀ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟନ, ସ୍ଥାନ : କୋରାପୁଟ ପୋଲିସ ପଡ଼ିଆ, ସମୟ : ସନ୍ଧ୍ୟା ୭ଟା।

## ମାଲକାନଗିରି

- ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ:ଡିଏନ୍‌କେ ଖେଳ ପଡିଆ, ମାଲକାନଗିରି,ସମୟ: ପୂର୍ବାହ୍ନ ୧୦ଟା୩୦ ।
- କେନ୍ଦ୍ର ସରକାରଙ୍କ ୧୨ ବର୍ଷ, ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ବୁଦ୍ଧିଜୀବୀ ସମ୍ମିଳନୀ ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ମାଲକାନଗିରି, ସମୟ: ଅପରାହ୍ନ ୩ ଟା ।

## ସମ୍ବଲପୁର

- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ସକାଳ ୬ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ ଅନାମିକା କ୍ଲବ ବନାମ ସହଯୋଗ କ୍ଲବ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ଜିଲାସ୍ତରୀୟ ଫୁଟବଲ ମ୍ୟାଚ ଇଷ୍ଟ କୋଷ୍ଟ ରେଲୱେ ଦଳ ଫୋରସି ପ୍ରତିଭା, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା ୩୦।
- ଏକତା ଅନ୍ୱେଷା ଓ ଗୁଲୁଣ୍ଡା ଗ୍ରାମବାସୀ ଆୟୋଜିତ ଦ୍ୱିତୀୟ ଶିବରାମ ମହୋତ୍ସବ, ସ୍ଥାନ ଗୁଲୁଣ୍ଡା ଗ୍ରାମ, ସମୟ : ସନ୍ଧ୍ୟା ୫ଟା ୩୦।
- ବ୍ରହ୍ମପୁରା ଠାକୁରଙ୍କ ଅଣସର ନୀତି ଓ ପଟ୍ଟ ଦିଅଁ ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ବ୍ରହ୍ମପୁରା ମନ୍ଦିର, ସମୟ : ସନ୍ଧ୍ୟା ୫ଟା୩୦।

## ବଲାଙ୍ଗୀର

- ବିକାଶ ବାହନର ଶୁଭାରମ୍ଭ, ସ୍ଥାନ: ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

## ରାଉରକେଲା

- ଆର୍‌ଏମ୍‌ସି ପକ୍ଷରୁ ବିକାଶ ବାହାନ ଯାତ୍ରା, ସ୍ଥାନ: ଛେଣ୍ଡ ଓ ବୁରୁଟୋଲା ସରକାରୀ ସ୍କୁଲ, ସମୟ: ସକାଳ ୭ଟା।
- ବେଦବ୍ୟାସ ଗୁରୁକୂଳ ସଂସ୍କୃତ ଆଶ୍ରମରେ ରାମପ୍ରସାଦଙ୍କ ଜୟନ୍ତୀ ପାଳନ, ସ୍ଥାନ: ବେଦବ୍ୟାସ,ସମୟ: ପୂର୍ବାହ୍ନ ୧୦ଟା।
- ନିଶାନିବାରଣ ଯାତ୍ରାର ବୈଠକ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୦ଟା।
- ହରିଆଲି ତୀଜ୍ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଜିଲା ସ୍ତରୀୟ ବିକାଶ ମେଳାର ଶୁଭାରମ୍ଭ, ପୂର୍ବାହ୍ନ୧୨ଟା, ସ୍ଥାନ: ଯତରା ପଡିଆ,ସୁନ୍ଦରଗଡ।

## ବରଗଡ଼

- ଏବିଭିପିର ପ୍ରାନ୍ତ ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମ, ସ୍ଥାନ: କ୍ରିଷ୍ଣା ବିକାଶ, ବରଗଡ଼, ସମୟ:ସକାଳ ୯ଟା।
- ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ସମାରୋହ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ:ସକାଳ ୯ଟା।
- ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ଖାଦ୍ୟ ପ୍ରତିଯୋଗିତା, ସ୍ଥାନ:କଲ୍ୟାଣ ମଣ୍ଡପ, ଗାନ୍ଧିଛକ, ବରଗଡ଼, ସମୟ:ଅପରାହ୍ନ ୪ଟା।
- ଜିଲାସ୍ତରୀୟ ପାରମ୍ପରିକ ସୁସ୍ୱାଦୁ ଖାଦ୍ୟ ମେଳା, ସ୍ଥାନ:ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼,ସମୟ:ସନ୍ଧ୍ୟା ୭ଟା।

## ବୌଦ୍ଧ

- ଜିଲାସ୍ତରୀୟ ବିକାଶ ମେଳା ଶୁଭାରମ୍ଭ, ସ୍ଥାନ: କଚେରୀ ଖେଳପଡ଼ିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଦେବଗଡ଼

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ପ୍ରାତଃ ୫ଟା।
- ଧର୍ତ୍ତୀ ଆବା ଗ୍ରାମ ଉତ୍କର୍ଷ ଅଭିଯାନ ସଚେତନତା ରଥର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ: ସୋନପୁର ସ୍ମାର୍ଟ ପାର୍କ, ସମୟ: ସକାଳ ୬ଟା।
- ବ୍ଲକସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ : ବୀରମହାରାଜପୁର ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ମେଳାର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୩ଟା।

## ପ୍ରଥମ ପୃଷ୍ଠାରୁ...

### ଯାଜପୁରରେ ଝାଡ଼ାବାନ୍ତି ...

ପାଖର ପଞ୍ଚାୟତରେ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି । କଟକ ବଡ଼ ମେଡିକାଲରୁ ଏକ ଡାକ୍ତରୀ ଟିମ୍ ସେଠାରେ ପହଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଚିକିତ୍ସା ଜାରି ରଖିଛନ୍ତି । ଅନ୍ୟପକ୍ଷେ ୩ ମେଡିକାଲ ଟିମ୍ ଯାଜପୁରର ବିଭିନ୍ନ ବ୍ଲକରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ କେଉଁ କାରଣ ପାଇଁ ଝାଡ଼ାବାନ୍ତି ବ୍ୟାପୁଛି ସେ ସଂକ୍ରାନ୍ତରେ ତଦନ୍ତ ଚଳାଇଛନ୍ତି ।

ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୧୦ ଜଣ ରୋଗୀ ଭର୍ତ୍ତି ହୋଇଥିବାବେଳେ ସେଥିରୁ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ୮ ଜଣ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୩୫ ଜଣ ରୋଗୀ ଭର୍ତ୍ତି ହୋଇଥିବାବେଳେ ୧୨ ଜଣ ଗୁରୁତର ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ବେଳେ ୭୬ ଜଣ ସୁସ୍ଥ ହୋଇଛନ୍ତି। ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭୨ ଜଣ ରୋଗୀ ଭର୍ତ୍ତି ହୋଇଥିବାବେଳେ ସେଥିରୁ ୧୨ ଜଣ ଗୁରୁତର ଥିବାରୁ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି ଏବଂ ୪୯ ଜଣ ରୋଗୀ ସୁସ୍ଥ ହୋଇଛନ୍ତି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୫୧ ଜଣ ରୋଗୀ ଏଯାଏ ଭର୍ତ୍ତି ହୋଇଥିବାବେଳେ ୧୨ ଜଣଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ରସୁଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬୯ ଜଣ ରୋଗୀ ଭର୍ତ୍ତି ହୋଇଥିବାବେଳେ ୩ ଜଣଙ୍କୁ ସ୍ଥାନାନ୍ତର ଓ ୬୧ ଜଣ ସୁସ୍ଥ ହୋଇ ସାରିଛନ୍ତି। କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୪ ଜଣ ରୋଗୀ ଭର୍ତ୍ତି ହୋଇଥିବାବେଳେ ୭ ଜଣ ଗୁରୁତର ରୋଗୀଙ୍କୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ ବୁଧବାର ସନ୍ଧ୍ୟାରେ କଟକ ଆରଡିସି ଭି.ପରମେଶ୍ୱରମ୍, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ରଥ, ଯାଜପୁର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଜିଲା ଖାଦ୍ୟ ନିରୀକ୍ଷକ ରାକେଶ କୁମାର ସାହୁ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଯାଜପୁର ଜିଲାପାଳ ରେଡ୍ଡୀ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ପାଣିକୁ ସିଧାସଳଖ ନ ପିଇ ଫୁଟାଇ ଓ ଛାଣି ପିଅନ୍ତୁ, ଘରେ ପ୍ରସ୍ତୁତ ଗରମ ରନ୍ଧା ଖାଦ୍ୟ ଖାଆନ୍ତୁ ବୋଲି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ଖାଇବା ପୂର୍ବରୁ ସାବୁନରେ ଭଲଭାବେ ହାତକୁ ଧୁଅନ୍ତୁ। ଫଳ ଖାଉଥିଲେ ଫଳକୁ ଭଲ ଭାବେ ଧୋଇକି ଖାଆନ୍ତୁ। ବାହାରେ ଅସ୍ୱାସ୍ଥ୍ୟକର ପରିବେଶରେ ଥିବା ଠେଲା ଦୋକାନ କିମ୍ବା ବାହାରେ ବିକ୍ରୟ ହେଉଥିବା ଫାଷ୍ଟଫୁଡ ନ ଖାଇବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ବାହାରକୁ ଆସିଥିବା ସମୟରେ ଯଦି ଖାଦ୍ୟ ଆବଶ୍ୟକ କରୁଥାନ୍ତି ତା'ହେଲେ ସ୍ୱାସ୍ଥ୍ୟକର ପରିବେଶ ଥିବା ଦୋକାନରୁ ଖାଦ୍ୟ ଖାଆନ୍ତୁ। ଫୁଟା ଯାଇଥିବା ପାଣିରେ ୧ ଲିଟର ମାତ୍ରାରେ ଗୋଟିଏ ହାଲୋଜେନ ବଟିକା ମିଶାଇ ପାନ କରନ୍ତୁ ବୋଲି ଜନସାଧାରଣଙ୍କୁ ସଚେତନ କରିଛନ୍ତି।

ଜିଲା ଖାଦ୍ୟ ସୁରକ୍ଷା ନିରୀକ୍ଷକ ରାକେଶ କୁମାର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ବିଭିନ୍ନ ଅଞ୍ଚଳରୁ ପାଣି, ଖାଦ୍ୟ ଓ ମାଛ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ଗୁରୁବାର ଏକ ମୋବାଇଲ ଟିମ୍ ପହଞ୍ଚି ଖାଦ୍ୟ ଓ ପାଣିର ପରୀକ୍ଷା କରିବ। ପରୀକ୍ଷା ରିପୋର୍ଟ ଆସିବା ପରେ ଝାଡ଼ାବାନ୍ତି ସଂକ୍ରମଣ ସମ୍ପର୍କରେ ସ୍ପଷ୍ଟ ଜଣାପଡିବ।

### ଆମ ପ୍ରତିଶ୍ରୁତି ପଥରରେ ...

ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛି। ପୂରା ସରକାରକୁ ସମ୍ବଲପୁର ନେଇ ଲୋକଙ୍କ କଥା ଶୁଣିଥିଲି। ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ ନିର୍ବାଚନମଣ୍ଡଳୀ ଗସ୍ତ କରିବା ଯୋଜନା ରହିଛି। ଦୁର୍ନୀତି ବିରୋଧରେ ଯୁଦ୍ଧଂ ଦେହି ଡାକରା ଦିଆଯାଇଛି। ଗୋଟିଏ ବର୍ଷରେ ପିଅନଠାରୁ ଆଇଏଏସ୍ ଅଧିକାରୀ ପର୍ଯ୍ୟନ୍ତ କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀ ସୁରକ୍ଷିତ ନୁହନ୍ତି।

ସେ ଆହୁରି କହିଛନ୍ତି, ଲୋକଙ୍କୁ ଦେଇଥିବା ୨୧ଟି ପ୍ରତିଶ୍ରୁତି ମଧ୍ୟରୁ ପ୍ରାୟ ସମସ୍ତ ପ୍ରମୁଖ ପ୍ରତିଶ୍ରୁତି ସଫଳତାର ସହ କାର୍ଯ୍ୟକାରୀ କରିଛୁ। ବିରୋଧୀ କେବଳ ବିରୋଧ କରିବା ଉଦ୍ଦେଶ୍ୟରେ ଅନେକ କଥା କରୁଛନ୍ତି। ୨୪ ବର୍ଷରେ ସେମାନେ ଯେଉଁ କାମ କରି ନ ଥିଲେ, ଆମେ ୨୪ ମିନିଟ୍ ଭିତରେ କରି ଦେଖାଇପାରିଛୁ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି, ଓଡ଼ିଶାକୁ ପ୍ରତ୍ୟେକ ସ୍ତରରେ ଆତ୍ମନିର୍ଭରଶୀଳ କରିବା ପାଇଁ ଆମେ ମଧ୍ୟ ନିଷ୍ଠାପର ଉଦ୍ୟମ କରୁଛୁ। ଆମ ଲକ୍ଷ୍ୟ ହେଉଛି ଏକ ଆତ୍ମନିର୍ଭରଶୀଳ ଓ ସମୃଦ୍ଧ ଓଡ଼ିଶା। ଗାଁର ବିକାଶ ହେଲେ, ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ହେବ ବୋଲି ସେ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ଏହି ଅବସରରେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଏହି ବିକାଶ ମେଳା କାର୍ଯ୍ୟକ୍ରମ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମେଳାରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରାୟ ୭୫ରୁ ଅଧିକ ଷ୍ଟଲ୍‌ରେ ଜନସାଧାରଣଙ୍କୁ ସୂଚନା, ଶିକ୍ଷା ଓ ଯୋଗାଯୋଗ ପଦ୍ଧତି ମାଧ୍ୟମରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଯାଉଛି। ଏଥିସହ ସୁଭଦ୍ରା ଶକ୍ତି ମହିଳା ଦ୍ୱାରା ୪୦ରୁ ଅଧିକ ଷ୍ଟଲ୍‌ରେ ଓଡ଼ିଆ ପାରମ୍ପରିକ ଖାଦ୍ୟର ବିବିଧତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଫୁଡ୍ ଫେଷ୍ଟିଭାଲ ମଧ୍ୟ ଆୟୋଜନ କରାଯାଇଛି।

### ଆଧାର ନ ଥିଲେ ...

ଅଧୀନରେ ଇଣ୍ଡିଆନ୍ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜମ୍ କର୍ପୋରେଶନ୍ (ଆଇଆର୍‌ସିଟିସି) ୱେବ୍‌ସାଇଟ୍ କିମ୍ବା ଆପ୍ ଜରିଆରେ ଟିକେଟ ବୁକ୍ କରାଯାଇପାରିବ। କେବଳ ଆଧାର ଅଥେଣ୍ଟିକେଟେଡ୍ ୟୁଜର୍ସ ହିଁ ଏହି ସୁବିଧା ପାଇପାରିବେ ବୋଲି ମନ୍ତ୍ରଣାଳୟ କହିଛି। ଆଧାରଭିତ୍ତିକ ୱାନ୍-ଟାଇମ୍ ପାସ୍‌ୱାର୍ଡ (ଓଟିପି) ଅଥେଣ୍ଟିକେଶନ୍‌କୁ ମଧ୍ୟ ତତ୍କାଳ ବୁକିଂ ପାଇଁ ଜୁଲାଇ ୧୫ରୁ ବାଧ୍ୟତାମୂଳକ କରାଯାଇଛି। ବୁକିଂ ସମୟରେ ୟୁଜର୍ସ ଦେଇଥିବା ନିଜ ମୋବାଇଲ୍ ନମ୍ବରକୁ ଆସିଥିବା ସିଷ୍ଟମ୍-ଜେନେରେଟେଡ୍ ଓଟିପିର ଅଥେଣ୍ଟିକେଶନ୍ ପରେ ହିଁ ଇଣ୍ଡିଆନ୍ ରେଲୱେର କମ୍ପ୍ୟୁଟରୀକୃତ ପାସେଞ୍ଜର ରିଜର୍ଭେଶନ୍ ସିଷ୍ଟମ୍ (ପିଆର୍‌ଏସ୍) କାଉଣ୍ଟର/ଅଧିକୃତ ଏଜେଣ୍ଟଙ୍କ ନିକଟରେ ତତ୍କାଳ ଟିକେଟ ଉପଲବ୍ଧ ହୋଇପାରିବ। ଜୁଲାଇ ୧୫ରୁ ଏହା କାର୍ଯ୍ୟକାରୀ ହେବ ବୋଲି ଉକ୍ତ ସର୍କୁଲାରରେ ଉଲ୍ଲେଖ କରାଯାଇଛି। ଏଥିରେ ଆହୁରି କୁହାଯାଇଛି ଯେ, ଇଣ୍ଡିଆନ୍ ରେଲୱେର ଅଧିକୃତ ଟିକେଟ ଏଜେଣ୍ଟମାନଙ୍କୁ ତତ୍କାଳ ବୁକିଂ ୱିଣ୍ଡୋ ଖୋଲିବାର ପ୍ରଥମ ୩୦ ମିନିଟ୍ ଭିତରେ ସେହିଦିନ ପାଇଁ ଟିକେଟ ବୁକିଂ ନିମନ୍ତେ ଅନୁମତି ଦିଆଯିବ ନାହିଁ। ନିର୍ଦ୍ଦିଷ୍ଟ ଭାବେ ବାତାନୁକୂଳ (ଏସି) ଶ୍ରେଣୀ ପାଇଁ ପୂର୍ବାହ୍ନ ୧୦ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ଏବଂ ନନ୍-ଏସି କ୍ଲାସ୍ ଲାଗି ପୂର୍ବାହ୍ନ ୧୧ଟାରୁ ୧୧ଟା ୩୦ ମିନିଟ ଯାଏ ସେମାନଙ୍କୁ ତତ୍କାଳ ଟିକେଟ ବୁକିଂ କରିବାକୁ ବାରଣ କରାଯିବ। ରେଳପଥର ସମସ୍ତ ଜୋନ୍‌ରେ ଏନେଇ ଆବଶ୍ୟକ ପରିବର୍ତ୍ତନ ଦିଗରେ ପଦକ୍ଷେପ ନେବା ପାଇଁ ସେଣ୍ଟର ଫର୍ ରେଲୱେ ଇନ୍‌ଫର୍ମେଶନ୍ ସିଷ୍ଟମ୍ସ (ସିଆର୍‌ଆଇଏସ୍) ଏବଂ ଆଇଆର୍‌ସିଟିସିକୁ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ନୂଆ ନିୟମ ସମ୍ପର୍କରେ ସାଧାରଣ ଜନତାଙ୍କୁ ଅବଗତ କରାଇବା ପାଇଁ ସବୁ ପ୍ରକାର ଉପଲବ୍ଧ ମାଧ୍ୟମ ବ୍ୟବହାରକରି ସଚେତନତା ସୃଷ୍ଟିକରିବାକୁ ମଧ୍ୟ ରେଲୱେ ପକ୍ଷରୁ ନିର୍ଦ୍ଦେଶ ରହିଛି।

## ଟ୍ରେନ୍ ଛାଡ଼ିବାର ୨୪ ଘଣ୍ଟା ପୂର୍ବରୁ ଯାତ୍ରୀ ତାଲିକା

### ଖୁବ୍‌ଶୀଘ୍ର ଆସିପାରେ ନିୟମ

ଟ୍ରେନ୍ ଷ୍ଟେଶନ୍ ଛାଡ଼ିବାର ୨୪ ଘଣ୍ଟା ପୂର୍ବରୁ ଯାତ୍ରୀମାନଙ୍କ ତାଲିକା ଜାରି କରାଯିବ। ଭାରତୀୟ ରେଳପଥ ଖୁବ୍‌ଶୀଘ୍ର ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଚିନ୍ତା କରୁଛି। ଯାତ୍ରୀ ବୁକ୍ କରିଥିବା ସିଟ୍ କନ୍‌ଫର୍ମ ହୋଇଛି କି ନାହିଁ/ ସେମାନେ ୱେଟ୍-ଲିଷ୍ଟରେ ରହିଛନ୍ତି କି ସେନେଇ ଟ୍ରେନ୍ ଷ୍ଟେଶନ୍ ଛାଡ଼ିବାର ୪ ଘଣ୍ଟା ପୂର୍ବରୁ ବର୍ତ୍ତମାନ ପ୍ରକାଶ ପାଉଥିବା ଚାର୍ଟରେ ଉଲ୍ଲେଖ ରହୁଛି। ନୂଆ ଯୋଜନା କାର୍ଯ୍ୟକାରୀ ହେଲେ ଯାତ୍ରୀମାନେ ସେମାନଙ୍କ ଟିକେଟ ଷ୍ଟାଟସ୍ ସମ୍ପର୍କରେ ଦିନକ ପୂର୍ବରୁ ଜାଣିପାରିବେ। ଫଳରେ ସେମାନେ ଟିକେଟ ରଦ୍ଦ, ପୁନଃ ବୁକିଂ କିମ୍ବା ଅନ୍ୟ ଯାତ୍ରା ବିକଳ୍ପ ସନ୍ଧାନ ପାଇଁ ଆଗୁଆ ସୁଯୋଗ ପାଇପାରିବେ। ରିପୋର୍ଟ ଅନୁଯାୟୀ ରେଳ ମନ୍ତ୍ରଣାଳୟ ରାଜସ୍ଥାନର ବିକାନେର ଡିଭିଜନ୍‌ରେ ଏହି ନୂଆ ନିୟମକୁ ପରୀକ୍ଷାମୂଳକ ଭାବେ ଆରମ୍ଭ କରିସାରିଛି। ଉକ୍ତ ପାଇଲଟ୍ ପ୍ରୋଜେକ୍ଟରେ କେତୋଟି ଟ୍ରେନ୍‌କୁ ସାମିଲ କରାଯାଇଛି। ୨୪ ଘଣ୍ଟିଆ ସିଷ୍ଟମ୍ ପ୍ରକୃତପକ୍ଷେ କେତେ କାର୍ଯ୍ୟକାରୀଯୋଗ୍ୟ ଏବଂ ତ୍ରୁଟିମୁକ୍ତ ହୋଇପାରୁଛି ତାହା ଅନୁଧ୍ୟାନ କରାଯାଉଛି। ଏଥିରେ ସଫଳତା ମିଳିଲେ ସାରା ଦେଶରେ ନୂଆ ନିୟମ କାର୍ଯ୍ୟକାରୀ କରାଯିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦରହସୁରା, ମୁଖ ଦାନ୍ତୁରା, ମୁହଁଟି ଚେପା, ଏମାନଙ୍କୁ ପରତେ ନ ଯିବୁରେ ବୋପା।**

ଦର ହସୁରା ବ୍ୟକ୍ତି ବିଶ୍ୱାସଯୋଗ୍ୟ ହୋଇନଥାନ୍ତି। ତାଙ୍କର ମନ ଆଦୌ ଖୋଲା ନ ଥାଏ। ସେହିପରି ଦାନ୍ତୁରା ବ୍ୟକ୍ତି ତଥା ମୁହଁର ଆକୃତି ସାମାନ୍ୟ ବଙ୍କା ଥିବା ବ୍ୟକ୍ତି ମଧ୍ୟ ଭରସାଯୋଗ୍ୟ ହୋଇ ନ ଥାନ୍ତି। ଏହି ଧରଣର ବ୍ୟକ୍ତିଙ୍କୁ ବିଶ୍ୱାସ ନେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦିଅଁଙ୍କୁ ଖାଇ ଖଟୁଲି ଖାଇ ଆହୁରି ପଚାରେ ପୂଜାହାରୀ କାହିଁ ?**

ଠକ ବା ଧୂର୍ତ୍ତ ଶ୍ରେଣୀର ବ୍ୟକ୍ତି ଟିକିଏ ସୁବିଧା ସୁଯୋଗ ପାଇଲେ ସବୁକିଛି ଅନାୟାସରେ ଚଳୁ କରିଦେଉଥିବା ଦେଖିବାକୁ ମିଳିଥାଏ। ଏକାଥରକେ ସବୁ ଆତ୍ମସାତ୍ କରିନେବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ଉପରକୁ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ଦେଖାଉଥିବା ବ୍ୟକ୍ତି ସମସ୍ତଙ୍କ ଅଗୋଚରରେ ଲାଭ ସହ ମୂଳଧନ ଲୁଟି ଖାଇବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୌଣସି ପରିସ୍ଥିତିରେ ମଧ୍ୟ ନିଜକୁ ଆଉଜଷ୍ଟ କରି ଚଳାଇ ନେଇ ପାରିବେ ନାହିଁ। ଯଦିଓ ବିଶେଷ କିଛି ସମସ୍ୟା ନାହିଁ , ତଥାପି ସାମୟିକ ଭାବେ ଅସୁସ୍ଥତା ଅନୁଭବ କରିବେ। କୃଷି, ବାଣିଜ୍ୟ ବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ନିର୍ମାଣ କାମ ଆଗେଇ ଚାଲିବ ଓ ଜଣେ ବନ୍ଧୁଙ୍କ ଅବଦାନକୁ ଭୁଲି ପାରିବେ ନାହିଁ।

**ବୃଷ** ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କାମ କଲେ ସମାଲୋଚିତ ହୋଇପାରନ୍ତି। ରାଜନୀତି ତଥା ସାମାଜିକ କ୍ଷେତ୍ରରେ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଆନୁଷ୍ଠାନିକ କାମରେ ଲିପ୍ତ ରହିବା ହେତୁ ଟେନ୍‌ଶନ୍ କିଛି ମାତ୍ରାରେ ଲାଗିରହିବ। ପାରିବାରିକ ଭୁଲ୍ ବୁଝାମଣା ମାନସିକ ଅଶାନ୍ତିର କାରଣ ହୋଇପାରେ।

**ମିଥୁନ** ଦୀର୍ଘଦିନରୁ ସ୍ଥଗିତ କାମ ଆଜି ବନ୍ଧୁଙ୍କ ସାହାଯ୍ୟରେ ସମ୍ପନ୍ନ କରିବେ। ଅଫିସରେ ଅଟକି ରହିଥିବା କାମ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ସନ୍ତୋଷଜନକ ରହିବ ଏବଂ ଲାଭ ମଧ୍ୟ କିଛି କମ୍ ହେବନି। ସମ୍ପର୍କୀୟଙ୍କ ସହଯୋଗରେ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କର୍କଟ** କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବ। ବନ୍ଧୁଙ୍କ ପକ୍ଷପାତିତାକୁ ଦେଖି ମଧ୍ୟ ନ ଦେଖିଲା ପରି ରହିବା କାରଣରୁ ସମାଲୋଚିତ ହେବେ। ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନେବା ଭଲ। ଅଫିସିଆଲି କାର୍ଯ୍ୟବ୍ୟସ୍ତତା ଯୋଗୁ ଘର କଥା ବୁଝିବାକୁ ସମୟ ମଧ୍ୟ ପାଇବେ ନାହିଁ।

**ସିଂହ** ଆଜି ପରିବାରରେ କିଛି ଅଭାବ ଅସୁବିଧାକୁ ନେଇ ସରଗରମ ଆଲୋଚନା ହେବ। ଜମିଜମା, ଯାନବାହନ, ଦିଆନିଆ ପ୍ରଭୃତିକୁ କେନ୍ଦ୍ରକରି ବିତର୍କ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ଦ୍ୱାରା ଚାପଗ୍ରସ୍ତ ହୋଇ କିଛିଟା ହଇରାଣ ହୋଇ ପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ରହିଥିଲେ ମଧ୍ୟ ତାହା ନିୟନ୍ତ୍ରଣ ମଧ୍ୟରେ ହିଁ ରହିବ।

**କନ୍ୟା** କେନ୍ଦ୍ରସ୍ଥ ଚନ୍ଦ୍ରଙ୍କ ସୁପ୍ରଭାବରୁ ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତା ନିଶ୍ଚିତ। ଅତୀତରେ ଉପକୃତ ହୋଇଥିବା ବନ୍ଧୁଙ୍କ ନିକଟରୁ ପ୍ରତିଉପକାର ଆଶା ନିରର୍ଥକ ହେବ ନାହିଁ। ଦୀର୍ଘଦିନ ହେଲା ଯେଉଁ କାମଟିକୁ ଆରମ୍ଭ କରିବାକୁ ଚାହୁଁଥିଲେ ଆଜି ତାହା ସମ୍ପନ୍ନ ହେବ। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇପାରେ।

**ତୁଳା** ସାଧାରଣ କଥାକୁ ନେଇ କର୍ମକ୍ଷେତ୍ରରେ ଯୁକ୍ତିତର୍କଜନିତ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେବ। ସାହିତ୍ୟ, ନୃତ୍ୟ, ସଙ୍ଗୀତ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ସରକାରୀ ସ୍ତରରୁ ଅର୍ଥ ପାଇବା ସକାଶେ ଉଦ୍ୟମ କରି ସଫଳ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବେ।

**ବିଛା** ଅତୀତ ସମସ୍ୟା ବିଷୟରେ ଚିନ୍ତା କରି ମନ ଅସ୍ଥିର ରହିପାରେ। ଯାହାଙ୍କଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ ତାହା ନ ପାଇ କ୍ଷୁବ୍ଧ ହୋଇପାରନ୍ତି। ଜମିଜମା, ଆଇନ, ଅଦାଲତ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଦୈହିକ ସ୍ୱାସ୍ଥ୍ୟ ସମସ୍ୟା ରହିଥିଲେ ମଧ୍ୟ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**ଧନୁ** ପରିବାରରେ ଆତ୍ମୀୟଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ବନ୍ଧୁଙ୍କ ସମ୍ମୁଖରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି। ଆଶା କରୁଥିବା ବିଷୟରେ ସାୟାହ୍ନେ ଶୁଭ ଖବରପାଇ ଉଲ୍ଲସିତ ହେବେ। ଆଜିର ଯାତ୍ରା, ବାଣିଜ୍ୟ, ପରିବହନ ଓ ନୂତନ କର୍ମାରମ୍ଭରେ କୌଣସି ଅସୁବିଧା ହେବନାହିଁ।

**ମକର** ମନ ଭଲ ନ ଥିବାରୁ ସାଧାରଣ କଥାରୁ ଗୃହରେ କଳହ ଲାଗିପାରେ। ବନ୍ଧୁ ଗହଣରେ ଅନ୍ୟମାନଙ୍କ ନିକଟରୁ ଶ୍ରଦ୍ଧା ଓ ସମ୍ମାନ ପାଇ ଦୁଃଖକୁ ଭୁଲିଯିବେ। ସେବା ଓ ପରୋପକାର ହେତୁ କିମ୍ବା ସାମାଜିକ ସ୍ତରରେ ପ୍ରଶଂସା ହେତୁ ଖୁସି ରହିପାରନ୍ତି। ସଭାସମିତିରେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** ବିଭିନ୍ନ ଅମୀମାଂସିତ ସମସ୍ୟାକୁ କେନ୍ଦ୍ରକରି ମନରେ ଅସ୍ଥିରତା ସୃଷ୍ଟି ହୋଇପାରେ। ବୈବାହିକ କର୍ମ ସକାଶେ ନୂତନ ପ୍ରସ୍ତାବ ସ୍ଥିରୀକୃତ ହେବାରେ ବନ୍ଧୁଙ୍କ ଭୂମିକା ରହିବ। ଆକସ୍ମିକ ଅସୁବିଧା ଉପୁଜିବା କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବହୁତ ଦିନର ନୂଆ ଯୋଜନାଟିକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ।

**ମୀନ** ଆଜି ଆପଣ ଆର୍ଥିକ ଦୃଷ୍ଟିକୋଣରୁ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ କିନ୍ତୁ କୌଣସି କାମ ଅଟକିବ ନାହିଁ। ବନ୍ଧୁଙ୍କ ସହାୟତାରେ ବ୍ୟବସାୟ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

ଆଜି ଜୁନ୍ ୧୨ ତାରିଖ, ଅନ୍ତଃରାଷ୍ଟ୍ରୀୟ ଶିଶୁ ଶ୍ରମ ନିଷେଧ ଦିବସ, ଆଷାଢ଼ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଗୁରୁବାର। ବ୍ରହ୍ମଗିରିରେ ଅଲାରନାଥଙ୍କ ଦର୍ଶନ ଆରମ୍ଭ। ରାଶିନକ୍ଷତ୍ର-ମୂଳା/ଧନୁ, ପ୍ରତିପଦାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ଦିବା ଘ.୦୫.୧୧ ଗତେ ଘ.୦୬.୦୩ ମଧ୍ୟେ, ଘ. ୦୯.୩୪ ଗତେ ଘ.୧୧.୨୦ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ. ୦୧.୨୫ ଗତେ ଘ. ୦୩.୦୪ ମଧ୍ୟେ ରାହୁ କାଳ ।

**ରାଜ୍ୟରେ ଭାଜପା ସରକାରର ପ୍ରଥମ ବର୍ଷପୂର୍ତ୍ତି ଉତ୍ସବ ଗୁରୁବାର ପାଳନ ହେବାକୁ ଯାଉଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ଗାଁଠାରୁ ଆରମ୍ଭକରି ସହର ତଥା ରାଜଧାନୀର ଜନତା ମଇଦାନ ପର୍ଯ୍ୟନ୍ତ ସବୁଆଡ଼େ ଅଙ୍କା ଚାଲିଛି ବିକାଶର ଚିତ୍ର। ରାଜ୍ୟବାସୀ ୨୪ବର୍ଷର ବିଜେଡି ସରକାରରେ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ଖୋଜି ହେଉଥିଲେ ହେଁ ପାଖରେ ପାଉ ନ ଥିଲେ। ହେଲେ ୨୦୨୪ ଜୁନ୍ ୧୨ରେ ମୁଖ୍ୟମନ୍ତ୍ରୀ ପଦରେ ଅଳଙ୍କୃତ ହେବାପରେ ମୋହନ ଚରଣ ମାଝୀ ଲୋକଙ୍କ ଅତି ନିକଟତର ହୋଇପାରିଛନ୍ତି। କେତେବେଳେ ଗାଁକୁ ଯାଇ ଲୋକଙ୍କ କଥା ଶୁଣୁଛନ୍ତି ତ’ ଆଉ କେତେବେଳେ ବିଦେଶ ଗସ୍ତକରି ରାଜ୍ୟ ପାଇଁ ପୁଞ୍ଜି ନିବେଶ ସୁଯୋଗ ସୃଷ୍ଟି କରିବା ଲାଗି ଉଦ୍ୟମ କରୁଛନ୍ତି।**



# ବିଶ୍ୱାସର ସରକାର

## ସରକାରଙ୍କ ଆତ୍ମା ‘ଅସ୍ମିତା’

ରାଜ୍ୟରେ ୨୪ ବର୍ଷର ବିଜେଡି ସରକାରକୁ ବିତାଡ଼ିତ କରିବାରେ ‘ଅସ୍ମିତା’ ଥିଲା ଏକ ମୁଖ୍ୟ ପ୍ରସଙ୍ଗ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱଭାର ଗ୍ରହଣ କରିବା ଦିନ ହିଁ ରାଜ୍ୟର ପ୍ରଥମ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ୪ଟି ନିଷ୍ପତ୍ତି ମଧ୍ୟରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚାରିଦ୍ୱାର ଖୋଲିବା ସହିତ ଓଡ଼ିଆ ଅସ୍ମିତା ଲାଗି ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଘୋଷଣା ହୋଇଥିଲା। ମୁଖ୍ୟମନ୍ତ୍ରୀ ଓଡ଼ିଆ ଅସ୍ମିତାକୁ ନେଇ ୨୦୨୪ ଜୁନ୍ ୧୩ରେ ତାଙ୍କ ପୂରା ମନ୍ତ୍ରୀମଣ୍ଡଳ ସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ଯାଇଥିଲେ। ସେହିଦିନ ହିଁ ନୂତନ ସରକାରଙ୍କ ପ୍ରଥମ କ୍ୟାବିନେଟ୍ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଥିଲା। ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲାଯାଇଥିଲା। ସରକାରଙ୍କ ପକ୍ଷରୁ ଓଡ଼ିଆ ଅସ୍ମିତା ନିମନ୍ତେ ୫୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ଘୋଷଣା କରାଯିବା ସହ ଓଡ଼ିଆ ଅସ୍ମିତା ଭବନ, ତାଳପତ୍ର ପୋଥି ସଂଗ୍ରହାଳୟ, ଓଡ଼ିଆ ଅନୁବାଦ ଏକାଡେମୀ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଚେୟାର ପ୍ରତିଷ୍ଠା ଲାଗି ମଧ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

## ଆହ୍ୱାନ ଭିତରେ ପ୍ରତିଶ୍ରୁତି ପୂରଣ

୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟରେ ଭାଜପାର ବଡ଼ ସଫଳତା ପରେ ମୋହନ ଚରଣ ମାଝୀ ଜୁନ୍ ୧୨ରେ ମୁଖ୍ୟମନ୍ତ୍ରୀ ଗାଦିରେ ବସିଥିଲେ। କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିବାବେଳେ ୧୩ଜଣ ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ମୋଟ ୧୬ଜଣଙ୍କୁ ନେଇ ମୋହନଙ୍କ ମନ୍ତ୍ରିମଣ୍ଡଳ ରାଜ୍ୟବାସୀଙ୍କ ସେବା କରିଆସୁଛନ୍ତି। ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି କିଭଳି ପୂରଣ ହେବ ତାହା ମୁଖ୍ୟମନ୍ତ୍ରୀଙ୍କ ପାଇଁ ଯଦିଓ ଆହ୍ୱାନ ଥିଲା, ସେଥିରୁ ଅର୍ଦ୍ଧାଧିକ ପୂରଣ କରି ରାଜ୍ୟ ତଥା ଦେଶରେ ଏକ ରେକର୍ଡ ସୃଷ୍ଟି କରିଛନ୍ତି। ଲୋକଙ୍କ ପ୍ରତିଶ୍ରୁତି ପୂରଣ କରିବାକୁ ଯାଇ ମୋହନ ସରକାର ଏବେ ଲୋକଙ୍କ ସରକାର ତଥା ମୁଖ୍ୟମନ୍ତ୍ରୀ ଏବେ ଲୋକଙ୍କ ମୁଖ୍ୟମନ୍ତ୍ରୀ ପାଲଟି ଯାଇଛନ୍ତି।





## ଅନ୍ନଦାତାଙ୍କ ପ୍ରତି ଅଙ୍ଗୀକାରବଦ୍ଧ

ରାଜ୍ୟରେ ଭାଜପା ସରକାର ଅନ୍ନଦାତାଙ୍କ ଆର୍ଥିକ ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଇଛି। ଯେଉଁଠି ପୂର୍ବର ସରକାର ଚାଷୀଙ୍କୁ ୧୦୦ ଟଙ୍କାର ବୋନସ୍ ଘୋଷଣା କରି ମଧ୍ୟ ଦେଇପାରୁ ନ ଥିଲା, ସେଠାରେ ମୋହନ ସରକାର ସମୃଦ୍ଧ କୃଷକ ଯୋଜନାରେ ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ପ୍ରଦାନ କରିଛନ୍ତି। କେବଳ ଯେ କୃଷକମାନଙ୍କୁ ଇନ୍‌ପୁଟ ସହାୟତା ପ୍ରଦାନ କରିଛନ୍ତି ତାହା ନୁହେଁ, ପ୍ରତି ଉପଖଣ୍ଡରେ ଶୀତଳଭଣ୍ଡାର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାସହିତ ଅଦିନିଆ ବର୍ଷାରେ ଫସଲ ନଷ୍ଟକୁ ପ୍ରାକୃତିକ ବିପର୍ଯ୍ୟୟରେ ସାମିଲକରି କ୍ଷତିପୂରଣ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୫ ଲକ୍ଷରୁ ଅଧିକ ଦୁଗ୍ଧଚାଷୀ ଉପକୃତ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଖରିଫ ଓ ରବି ଫସଲ ପାଇଁ ୩୬.୦୧ ଲକ୍ଷ ଚାଷୀଙ୍କୁ ୧୯ ହଜାର କୋଟିରୁ ଅଧିକ ଟଙ୍କାର ଋଣ ସହାୟତା ପ୍ରଦାନ କରାଯାଇପାରିଛି। ‘ସମୃଦ୍ଧ କୃଷି’, ‘ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି’, ‘ସିଏମ୍ କିଷାନ’ ଏବଂ ‘ସୁଭଦ୍ରା’ ସହାୟତାକୁ ମିଶାଇଲେ ପ୍ରତି କୃଷି ପରିବାରର ବାର୍ଷିକ ଆୟ ଏବେ ୯୦ ହଜାର ଟଙ୍କାରେ ପହଞ୍ଚିଛି। ପୂର୍ବରୁ ଏହା ୬୦ ହଜାରରୁ କିଛି ଅଧିକ ଟଙ୍କା ଥିଲା। କୃଷକମାନେ କେବଳ ଚାଷୀ ନୁହନ୍ତି, ସେମାନେ ହେଲେ ଅନ୍ନଦାତା। ସେଥିପାଇଁ ଗତ କୃଷି ବଜେଟରେ ରେକର୍ଡ ୩୭ ହଜାର ୮୩୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

## ସାମାଜିକ ସୁରକ୍ଷାକୁ ଗୁରୁତ୍ୱ

ସାମାଜିକ ସୁରକ୍ଷାକୁ ମୋହନ ସରକାର ପ୍ରାଥମିକତା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱଭାର ଗ୍ରହଣ କରିବା ପରେ ଗତ ମେ’ରେ ଏକ ଐତିହାସିକ ନିଷ୍ପତ୍ତି ନେଇଥିଲେ। ରାଜ୍ୟରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ତଥା ୮୦ପ୍ରତିଶତ ଅକ୍ଷମ ଥିବା ଦିବ୍ୟାଙ୍ଗମାନଙ୍କ ପାଇଁ ମାସିକ ୩୫୦୦ ଟଙ୍କା ପେନ୍‌ସନ ଜୁନ୍‌ରୁ ଲାଗୁ କରିବାକୁ ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି ହୋଇଥିଲା। ଏହାଦ୍ୱାରା ରାଜ୍ୟର ଲକ୍ଷାଧିକ ବୟସ୍କ ଓ ଦିବ୍ୟାଙ୍ଗ ବିଶେଷ ଭାବେ ଉପକୃତ ହୋଇପାରିଛନ୍ତି। ସେହିପରି ପ୍ରାୟ ୬ ଲକ୍ଷରୁ ଅଧିକ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଛି। ୨୦୩୬ରେ ସରକାରଙ୍କ ବିକଶିତ ଓଡ଼ିଶାର ସଂକଳ୍ପକୁ ପୂରଣ କରିବାରେ ଏହାର ପ୍ରାସଙ୍ଗିକତା ଅଧିକ ରହିଛି।

## ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ପୁନର୍ଜୀବିତ



ପୂର୍ବରୁ ଯେଉଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖାଁ ଖାଁ ଦିଶୁଥିଲା ଏବଂ ନିର୍ବାଚନ ସମୟରେ କେବଳ ଦଳୀୟ କାର୍ଯ୍ୟାଳୟରେ ପରିଣତ ହୋଇଥିଲା, ଏବେ ସେଠାରେ ଗରିବ, ଅସହାୟ ଏବଂ ଦିବ୍ୟାଙ୍ଗଙ୍କ ସୁଅ ଛୁଟୁଛି। ମୁଖ୍ୟମନ୍ତ୍ରୀଙ୍କୁ ପାଖରେ ପାଇ ଲୋକମାନେ ଆନନ୍ଦିତ ହେବା ସହ ସେମାନଙ୍କ ଗୁହାରି ମଧ୍ୟ ଲାଘବ ହେଉଛି। ଲୋକଙ୍କ ଆଶା ଅସୁମାରୀ ହୋଇଥିଲେ ସୁଦ୍ଧା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ବର୍ଗଙ୍କ ଆଶା ଗୋଟିଏ ପରେ ଗୋଟିଏ ପୂରଣ କରି ଚାଲିଛନ୍ତି। ନିର୍ବାଚନ ପୂର୍ବରୁ ଲୋକଙ୍କୁ ଦେଇଥିବା ୨୧ ପ୍ରତିଶ୍ରୁତି ମଧ୍ୟରୁ ୧୧ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ମୋହର ବାଜି ସାରିଥିବାବେଳେ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ କ୍ୟାବିନେଟ୍‌ରେ ଐତିହାସିକ ନିଷ୍ପତ୍ତି ନିଆଯାଉଛି।

## ଚାକିରି ବୟସସୀମା ୪୨କୁ ବୃଦ୍ଧି

ସରକାରକୁ ଆସିବା ପରେ ବେକାର ଏବଂ ଶିକ୍ଷିତ ଯୁବତୀଯୁବକମାନଙ୍କ ପାଇଁ ବର୍ଷକ ମଧ୍ୟରେ ମୋହନ ସରକାର ବହୁ ବଡ଼ ପଦକ୍ଷେପ ଗ୍ରହଣ କରିସାରିଛନ୍ତି। ସରକାରୀ ଚାକିରି ବୟସସୀମା ୪୨ବର୍ଷକୁ ବୃଦ୍ଧି କରି ମୋହନ ସରକାର ସମସ୍ତଙ୍କ ବିଶ୍ୱାସ ଜିତିପାରିଛନ୍ତି। ଏଥିଲାଗି ବହୁଦିନରୁ ଦାବି ହେଇଆସୁଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରି ରାଜ୍ୟରୁ ବେକାରି ସମସ୍ୟା ଦୂର କରିବା ଲାଗି ମୋହନ ସରକାର କେତେ ଚିନ୍ତିତ ତା’ର ପ୍ରମାଣ ଦେଇଛନ୍ତି। ୫ବର୍ଷରେ ଦେଢ଼ ଲକ୍ଷ ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ମୋହନ ସରକାର ଇତିମଧ୍ୟରେ ୬୫ ହଜାର ପଦବୀ ପୂରଣ ଦିଗରେ ପଦକ୍ଷେପ ନେଇସାରିଛନ୍ତି। ସରକାରୀସ୍ତରରେ ଖାଲି ପଡ଼ିଥିବା ୮୫ ହଜାର ୪୩୪ ସରକାରୀ ପଦବୀ ଭିତରୁ ଏବେ ସୁଦ୍ଧା ୨୭ ହଜାର ୩୮୨ଟି ପଦବୀ ପୂରଣ କରାଯାଇଛି। ବର୍ଷକ ମଧ୍ୟରେ ପ୍ରାୟ ୪୦ ହଜାର ପଦବୀ ପୂରଣ ହେବାକୁ ଯାଉଛି। ସବୁଠାରୁ ବଡ କଥା ହେଉଛି, ୫ ବର୍ଷ ଭିତରେ ଆଇଟିଏସ୍ ଏବଂ ଆଇଟି କ୍ଷେତ୍ରରେ ୫୦ ହଜାର ନିଯୁକ୍ତି ସୁଯୋଗ ଦେବା ପାଇଁ ସରକାର ଆଗକୁ ବଢ଼ିଛନ୍ତି।

## ପଛୁଆବର୍ଗଙ୍କୁ ସଂରକ୍ଷଣ

ରାଜ୍ୟର ଭାଜପା ସରକାରର ପ୍ରଥମବର୍ଷ ପୂର୍ତ୍ତିର କିଛିଦିନ ପୂର୍ବରୁ ଅର୍ଥାତ୍ ଗତ ମେ’ ୧୪ରେ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ କ୍ୟାବିନେଟ୍ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲା। ଉଚ୍ଚଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗଙ୍କୁ ୧୧.୨୫% ସଂରକ୍ଷଣ ଦେଇ ମୋହନ ସରକାର ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ଏହି ନୀତି ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରୁ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରଚଳନ କରାଯିବ। ଏହି ସଂରକ୍ଷଣ ବ୍ୟବସ୍ଥା ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସ୍ନାତକ, ସ୍ନାତକୋତ୍ତର, ଶିକ୍ଷକ ଶିକ୍ଷା ଓ ଆଇନ ପାଠ୍ୟକ୍ରମ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଚ୍ଚମାଧ୍ୟମିକ(+୨), ଶିକ୍ଷକ ଶିକ୍ଷା ଓ ବୃତ୍ତିମୂଳକ ପାଠ୍ୟକ୍ରମ, ଓଡ଼ିଆଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରଦର୍ଶନ କଳାରେ ସ୍ନାତକପାଠ୍ୟକ୍ରମ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ବି.ପି.ଏଡ୍/ଏମ.ପି.ଏଡ଼ ପାଠ୍ୟକ୍ରମରେ ଲାଗୁ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

## ମହିଳା ସଶକ୍ତୀକରଣରେ ‘ସୁଭଦ୍ରା’

ସୁଭଦ୍ରା

ଓଡ଼ିଶାରେ ଭାଜପା ସରକାରକୁ ଏକ ବର୍ଷ ପୂରିଛି। ବର୍ଷେ ତଳେ ଯେତେବେଳେ ଭାଜପା ସରକାର ଗଠନ କରିଥିଲା, ସେହି ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ କ୍ୟାବିନେଟ୍‌ରେ ୪ଟି ବଡ଼ ନିଷ୍ପତ୍ତି ନେଇଥିଲେ। ସେଥିମଧ୍ୟରୁ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ଏକ ବଡ ନିଷ୍ପତ୍ତି ଥିଲା। ଏହି ଯୋଜନା ମାଧ୍ୟମରେ ଏବେ ରାଜ୍ୟ ସରକାର ଓଡିଶାର ୧କୋଟିରୁ ଅଧିକ ମହିଳାଙ୍କୁ ସୁଭଦ୍ରାର ଦୁଇଟି କିସ୍ତି ବାବଦରେ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରିସାରିଛନ୍ତି। ତୃଣମୂଳସ୍ତରକୁ ଯାଇ ମହିଳାମାନଙ୍କୁ ଯେପରି ଏହି ଯୋଜନାରେ ଯୋଡା ଯାଇପାରିବ ଏହା ଉପରେ ମୋହନ ମାଝୀଙ୍କ ସରକାର କାର୍ଯ୍ୟ କରିଛନ୍ତି। ଅନ୍ୟପଟେ ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡ଼ିଶା ଦେଶରେ ଏବେ ଶୀର୍ଷ ସ୍ଥାନ ହାସଲ କରିପାରିଛି। ଏବେ ସୁଦ୍ଧା ରାଜ୍ୟରେ ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯାଇସାରିଥିବା ବେଳେ ଆସନ୍ତା ୨ ବର୍ଷ ମଧ୍ୟରେ ଏହି ସଂଖ୍ୟା ୨୫ ଲକ୍ଷରେ ପହଞ୍ଚିବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ସୁଭଦ୍ରା ଯୋଜନା ମହିଳାମାନଙ୍କ ସଶକ୍ତୀକରଣ ଦିଗରେ ଏକ ବଡ଼ ସଫଳତା ଆଣିଦେବାର ସମ୍ଭାବନା ସୃଷ୍ଟି କରିଛି।



## ଦ୍ରୁତ ଶିଳ୍ପାୟନର ଅନ୍ୟ ନାମ ଓଡ଼ିଶା

‘ଦ୍ରୁତ ଶିଳ୍ପାୟନ’ କହିଲେ ଏବେ ଓଡ଼ିଶାକୁ ବୁଝାଯାଉଛି। ଯଦିଓ ଓଡ଼ିଶାରେ ଶିଳ୍ପାୟନ ପାଇଁ ସବୁପ୍ରକାର ଅନୁକୂଳ ଉପାଦାନ ରହିଥିଲା, ତଥାପି ପୂର୍ବ ସରକାରଙ୍କ ଆନ୍ତରିକତା ଅଭାବରୁ ତାହା ସମ୍ପୂର୍ଣ୍ଣ ଉପଯୋଗୀ ହୋଇପାରି ନାହିଁ। ମୋହନ ସରକାରଙ୍କ ପ୍ରଥମ ବର୍ଷରେ ଦ୍ରୁତ ଶିଳ୍ପାୟନ ପାଇଁ ଉତ୍କର୍ଷ ଓଡ଼ିଶା ଆୟୋଜନ ହୋଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗ୍ୟାରେଣ୍ଟି ଦେବା ପରେ ଶିଳ୍ପୋଦ୍ୟୋଗୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଫଳରେ ୧୬.୭୩ କୋଟି ଟଙ୍କାର ପୁଞ୍ଜି ନିବେଶ ସୁଯୋଗ ସୃଷ୍ଟି ହୋଇଛି। ଏହି ପୁଞ୍ଜି ନିବେଶହେଲେ ପ୍ରାୟ ୧୩ ଲକ୍ଷରୁ ଉର୍ଦ୍ଧ୍ୱ ରୋଜଗାର ସୃଷ୍ଟିହେବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ପୂର୍ବ ସରକାର କେବଳ ଶିଳ୍ପୋଦ୍ୟୋଗୀଙ୍କ ସହ ବୁଝାମଣାକରି ରହି ଯାଉଥିବାବେଳେ ମୋହନ ସରକାର ଏହି ଅବଧି ମଧ୍ୟରେ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାର ୫୬ ଗୋଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।



–ରିପୋର୍ଟ: ରବି ନାରାୟଣ ଜେନା, ସୁଦିପ୍ତ ମିଶ୍ର

ଧର୍ମର ଯୁଗ ସରିଗଲାଣି। ଆମେ ବର୍ତ୍ତମାନ ସାର୍ବଜନୀନ ଆଧ୍ୟାତ୍ମିକ ଯୁଗରେ ପ୍ରବେଶ କଲୁଣି। ଆମେ ଆଧ୍ୟାତ୍ମିକତାର ମୌଳିକ ଶୁଦ୍ଧତାକୁ ଉପଲବ୍ଧି କରିବୁ। (ଧାର୍ମିକ ମତାନ୍ଧତାକୁ ନୁହଁ।) -ଶ୍ରୀମା

-ଅଲାରନାଥଙ୍କ ଦର୍ଶନ ଆରମ୍ଭ





# ବୌଦ୍ଧ କାହାଣୀରେ ଭିନ୍ନତା

ଦେବଦତ୍ତ ପଟ୍ଟନାୟକ

ଭାରତରେ ଗୋଟିଏ ରାମାୟଣ ଗ୍ରନ୍ଥ ନାହିଁ, ଅତିକମ୍‌ରେ ୩୦୦ଟି ଥିବା ଆମେ ଶୁଣିଛେ। ସେହିଭଳି ପୁରାତନ ବୌଦ୍ଧ ଗ୍ରନ୍ଥ ଅନୁଯାୟୀ, କେବଳ ଜଣେ ନୁହେଁ ଅନେକ ଡଜନ କିମ୍ବା ଅନେକ ହଜାର ଏପରିକି ଅନେକ ଲକ୍ଷ ବୁଦ୍ଧ ଅଛନ୍ତି ବୋଲି ଆମକୁ କେହି କହନ୍ତି ନାହିଁ। ଏମିତିକି ବୁଦ୍ଧଙ୍କ କାହାଣୀକୁ ନେଇ ଶହ ଶହ ପୁସ୍ତକ ରହିଛି। ସେଗୁଡ଼ିକ ପାଲି, ସଂସ୍କୃତ, ଚାଇନିଜ୍ ଓ ଜାପାନିଜ୍ ଭାଷାରେ ରଚିତ। କେହି ମଧ୍ୟ ଦର୍ଶାନ୍ତି ନାହିଁ ଯେ, ଆମେ ଯେଉଁ ଊନବିଂଶ ଶତାବ୍ଦୀର ଐତିହାସିକ ବୁଦ୍ଧଙ୍କୁ ଜାଣିଛେ, ତାଙ୍କୁ ୟୁରୋପୀୟମାନେ ହିଁ ପ୍ରଥମେ ଆମ ସାମ୍ନାକୁ ଆଣିଥିଲେ। ଇଂରେଜମାନେ ଆସିବାବେଳକୁ ଭାରତ ପ୍ରାୟତଃ ବୁଦ୍ଧଙ୍କୁ ଭୁଲି ଯାଇଥିଲା। ଏଣୁ ଇଂରେଜମାନେ ତାଙ୍କୁ ପୁନର୍ବାର ଆବିଷ୍କାର କରିଥିଲେ। ଶ୍ରୀଲଙ୍କାରୁ ପାଲି ଗ୍ରନ୍ଥ ଏବଂ ଗାଙ୍ଗେୟ ସମତଳ ଅଞ୍ଚଳରୁ ବୌଦ୍ଧ ସ୍ଥଳୀଗୁଡ଼ିକର ଆବିଷ୍କାର ଥିଲା ଏସିଆଟିକ୍ ସୋସାଇଟି ଓ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ବଡ଼ ବିଜୟ। ବୁଦ୍ଧଙ୍କୁ ଜାଣିଶୁଣି ଭାରତୀୟଙ୍କ ମାନସପଟରୁ ଦୂରେଇ ଦିଆଯାଇଥିଲା ଏବଂ ଏହା ପଛରେ ବ୍ରାହ୍ମଣୀୟ ଷଡ଼ଯନ୍ତ୍ର ରହିଥିଲା ବୋଲି ଇଂରେଜ ଗବେଷକମାନେ ହୃଦୟଙ୍ଗମ କରିଥିଲେ। ସେମାନେ ଅଜ୍ଞାନ ହିନ୍ଦୁ ବୁଦ୍ଧିଜୀବୀଙ୍କୁ ରକ୍ଷା କରିବା ଲାଗି ବୁଦ୍ଧଙ୍କୁ ବ୍ୟବହାର କରିଥିଲେ ଏବଂ ତାହା କାମ ଦେଇଥିଲା। ବୌଦ୍ଧଧର୍ମ ସମ୍ବନ୍ଧିତ ସଂଗ୍ରହ ହୋଇଥିବା ବିଶାଳ ଗ୍ରନ୍ଥସମୂହରେ ଗୌତମ ବୁଦ୍ଧ ତାଙ୍କ ଜୀବନକାଳରେ ଶ୍ରୀଲଙ୍କା, ମ୍ୟାନ୍‌ମାର ଓ ଥାଇଲାଣ୍ଡ ଯାତ୍ରା କରିଥିବା କାହାଣୀ ଦେଖିବାକୁ ମିଳେ। କାମନାର ରାକ୍ଷସ ମାରା ସହ ସେ ଯୁଦ୍ଧ କରିଥିବାର କାଳ୍ପନିକ କାହାଣୀ ରହିଛି ଏବଂ ଏକ ବାସ୍ତବ କାହାଣୀ ଅଛି, ଯେଉଁଥିରେ ସେ ଛତୁ ଖାଇବା ପରେ ଡିସେଣ୍ଟ୍ରି ଯୋଗୁ ମୃତ୍ୟୁ ହୋଇଥିବା କୁହାଯାଇଛି। ୟୁରୋପୀୟ ଐତିହାସିକମାନେ ଏହି କାହାଣୀଗୁଡ଼ିକ ମଧ୍ୟରୁ କେଉଁଟି ସତ, ତାହା ସ୍ଥିର କରିବା ପାଇଁ ନିଜ ଆଡୁ ଅନୁଧ୍ୟାନ କରିଥିଲେ। ଏଣୁ ଜଣେ ଐତିହାସିକ ବୁଦ୍ଧ କାଳ୍ପନିକ ଥିଲେ ବୋଲି କହିଛନ୍ତି।

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜାପାନ ଗବେଷକମାନେ ବୁଦ୍ଧଙ୍କ ଜନ୍ମ ମୃତ୍ୟୁ ସମ୍ପର୍କିତ ୪୦ରୁ ଊର୍ଦ୍ଧ୍ୱ ସିଦ୍ଧାନ୍ତର ତାଲିକା ପ୍ରସ୍ତୁତ କରିଥିଲେ। ପାରମ୍ପରିକ ତୀର୍ଥପଥକୁ ଆଧାର କରି ତାଙ୍କ ଜନ୍ମ ଓ ମୃତ୍ୟୁ ସ୍ଥିର କରାଯାଇଥିଲା, କୌଣସି ପ୍ରାମାଣିକ ତଥ୍ୟକୁ ଭିତ୍ତିକରି ଏହା କରାଯାଇ ନ ଥିଲା। ଭାଷା ବିଶେଷଜ୍ଞମାନେ ଦାବି କରନ୍ତି ଯେ, ସବୁଠୁ ପୁରୁଣା, ଅଧିକ ରକ୍ଷଣଶୀଳ ଓ ଐତିହାସିକ ପାଲି ଗ୍ରନ୍ଥ ପରେ ସଂସ୍କୃତ ଗ୍ରନ୍ଥଗୁଡ଼ିକ କାହାଣୀକୁ ଏପାଖସେପାଖ କରାଯାଇଥିଲା। କିନ୍ତୁ ଏହା ପଛରେ କୌଣସି ପ୍ରମାଣ ନାହିଁ। ନିକଟରେ ଖ୍ରୀଷ୍ଟପୂର୍ବ ୧୦୦ର



ବୌଦ୍ଧ ଧର୍ମର ସବୁଠୁ ପୁରୁଣା ପାଣ୍ଡୁଲିପିଗୁଡ଼ିକ ଗାନ୍ଧାରରେ ଆବିଷ୍କାର ହୋଇଥିଲା, ଯେଉଁଥିରୁ ଅନେକ ସଂସ୍କୃତରେ ଲେଖାଯାଇଛି। ସେଥିରେ ଅନେକ ବୁଦ୍ଧଙ୍କ କଥା ବର୍ଣ୍ଣନା କରାଯାଇଛି। ସେହି ସମୟର ଜୈନ ପୁରାଣ ଏପରିକି ବାଲ୍ମୀକି ରାମାୟଣରେ ଏହା ମଧ୍ୟ ଦୋହରାଯାଇଛି। ସେଗୁଡ଼ିକ ମଧ୍ୟ ବିଶେଷ ଭାବେ ବୁଦ୍ଧଙ୍କର ୪ଟି ନୀତିବାଣୀ ବିଷୟରେ କିଛି ଉଲ୍ଲେଖ କରିନାହାନ୍ତି। କେହି ଜାଣନ୍ତି ନାହିଁ ବୁଦ୍ଧ କେଉଁ ଭାଷାରେ କଥା ହେଉଥିଲେ। ଖ୍ରୀଷ୍ଟାବ୍ଦ ୫୦୦ ପାଖାପାଖି ଶ୍ରୀଲଙ୍କାର ବୌଦ୍ଧ ସନ୍ନ୍ୟାସୀମାନେ ମହାଯାନ ବିଚାରଠାରୁ ନିଜକୁ ଭିନ୍ନ ଭାବେ ଦର୍ଶାଇବା ପାଇଁ ପାଲି ଭାଷା ବ୍ୟବହାର କରୁଥିଲେ।

ବୁଦ୍ଧଙ୍କ ପୁରାତନ ଜୀବନୀ କାହାଣୀଗୁଡ଼ିକ (ବୁଦ୍ଧ ଚରିତ, ଲଳିତ ବିସ୍ତାର ସୂତ୍ର, ମହାବାସ୍ତୁ) ଖ୍ରୀଷ୍ଟାବ୍ଦ ୨୦୦ ସୁଦ୍ଧା ରଚନା କରାଯାଇଥିଲା। ଏହି ସମୟରେ ବୁଦ୍ଧଙ୍କ ବିଚାର, ତାଙ୍କ ଜନ୍ମ, ନିର୍ବାଣ ଏବଂ ମୃତ୍ୟୁର ଛବିଗୁଡ଼ିକ ସାଞ୍ଚି, ଭାରହୁତ, ମଥୁରା ଓ ଗାନ୍ଧାରରେ ଥିବା ସ୍ତୂପ ଚାରିପାଖ ରେଲିଂରେ ପ୍ରଥମେ ଦେଖିବାକୁ ମିଳିଥିଲା। ତାଙ୍କୁ ମାନବ ରୂପରେ ଦର୍ଶାଇବା ଆରମ୍ଭ ହୋଇଥିଲା। କୌଣସି ପୁରାତନ ଜୀବନୀ କାହାଣୀରେ ତାଙ୍କର ମୃତ୍ୟୁ କିମ୍ବା ଅନ୍ତିମ ନିର୍ବାଣକୁ ସୂଚିତ କରାଯାଇନାହିଁ। ୫୦୦ ଶତାବ୍ଦୀର ମହାପରିନିର୍ବାଣ ସୂତ୍ର ଗ୍ରନ୍ଥରେ ଏ ସମ୍ପର୍କରେ ବର୍ଣ୍ଣନା ଆରମ୍ଭ ହୋଇଥିଲା। ପ୍ରାରମ୍ଭିକ ଜୀବନୀ କାହାଣୀଗୁଡ଼ିକରେ ବୁଦ୍ଧଙ୍କ ସ୍ତ୍ରୀଙ୍କ ନାମ ନାହିଁ, କେବଳ ରାହୁଲଙ୍କ ମା' ବୋଲି ଦର୍ଶାଯାଇଛି। ଅନେକ କାହାଣୀ ଅଛି, ଯେଉଁଥିରେ ଶାକ୍ୟ ବଂଶର ରାଜକୁମାର (ସିଦ୍ଧାର୍ଥ ଗୌତମ)ଙ୍କର ଦୁଇଟି ଓ କେତେକରେ ତିନୋଟି ସ୍ତ୍ରୀ ଥିବା ଉଲ୍ଲେଖ କରାଯାଇଛି। ଯଶୋଧାରା ଏକ ପ୍ରତିଯୋଗିତାରେ ଜିତିଥିଲେ; ମ୍ରିଗଜା ରାଜକୁମାରଙ୍କ ସୌନ୍ଦର୍ଯ୍ୟ ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ ଗୋପା ତାଙ୍କ ପ୍ରେମରେ ପଡ଼ିଥିଲେ। ଯଶୋଧାରାଙ୍କ ଶୁଦ୍ଧ ପ୍ରେମ ଥିବାବେଳେ ଗୋପାଙ୍କର ପ୍ରେମ ଥିଲା ଦୈହିକ। ସମ୍ଭବତଃ ଏଥିରୁ ବୁଝାପଡୁଛି, ତାନ୍ତ୍ରିକ ବୌଦ୍ଧଗ୍ରନ୍ଥସବୁ କୃଷ୍ଣ ପୁରାଣ ଦ୍ୱାରା ପ୍ରଭାବିତ ହୋଇଥିଲେ। ପାଲି ଗ୍ରନ୍ଥଗୁଡ଼ିକରେ ଉଲ୍ଲେଖ ଅଛି, ବୁଦ୍ଧଙ୍କ ଦେହାନ୍ତ ଦିନ ତାଙ୍କ ପୁତ୍ର ରାହୁଲ ଜନ୍ମ ହୋଇଥିଲେ। କିନ୍ତୁ ସଂସ୍କୃତ ଗ୍ରନ୍ଥରେ ଦର୍ଶାଯାଇଛି ସେହି ଦିନ ରାତିରେ ସେ ମାତୃଗର୍ଭରେ ରହିଥିଲେ। ଏହା ବ୍ୟତୀତ ଅନେକ କାହାଣୀ ରହିଛି, ଯେଉଁଥିରେ ବୁଦ୍ଧଙ୍କ ନିର୍ବାଣପ୍ରାପ୍ତି ଦିନ ଯଶୋଧାରା ରାହୁଲଙ୍କୁ ଜନ୍ମ ଦେଇଥିଲେ ବୋଲି କୁହାଯାଇଛି। ତାଙ୍କ ବିରୋଧରେ ଅସତୀର ଅଭିଯୋଗ ଆସିବାରୁ ସୀତାଙ୍କ ଭଳି ତାଙ୍କୁ ସତୀତ୍ୱର ପରୀକ୍ଷା ଦେବାକୁ ପଡ଼ିଥିଲା।

ଊନବିଂଶ ଶତାବ୍ଦୀରେ ୟୁରୋପୀୟ ଭାଷାବିତ୍‌ମାନେ ବୁଦ୍ଧଙ୍କୁ ଖ୍ରୀଷ୍ଟିଆନ୍ ଜଗତ ବାହାରେ ଏବଂ ହିନ୍ଦୁ ମୂର୍ତ୍ତିପୂଜା ବାହାରେ ଜଣେ ଆର୍ଯ୍ୟ ସନ୍ନ୍ୟାସୀ ଭାବେ ଦେଖିଥିଲେ। ସେମାନେ ବୌଦ୍ଧଧର୍ମକୁ ଏକ ପ୍ରୋଟେଷ୍ଟାଣ୍ଟ ଆନ୍ଦୋଳନ ଭାବେ ଦର୍ଶାଇଥିଲେ ଏବଂ ବୈଦିକ କର୍ମକାଣ୍ଡ ଏହାକୁ ଅସ୍ୱୀକାର କରେ ବୋଲି ସୂଚିତ କରିଥିଲେ। ସେମାନେ ୟୁରୋପର ଖ୍ରୀଷ୍ଟିଆନ୍ ଇତିହାସ ଢାଞ୍ଚାରେ ଭାରତର ଇତିହାସକୁ ଗଢ଼ିଥିଲେ। ସେମାନେ ହିନ୍ଦୁଙ୍କ ପୌରାଣିକ ରାମ ଓ କୃଷ୍ଣଙ୍କୁ ଲକ୍ଷ୍ୟ କରି ଐତିହାସିକ ବୁଦ୍ଧଙ୍କୁ ପ୍ରତିପାଦିତ କରିଥିଲେ। ଏଯାବତ୍ ଅନେକ ବିଦ୍ୱାନ୍ ଏବଂ ଆକ୍ଟିଭିଷ୍ଟ ୟୁରୋପୀୟଙ୍କ ଆବିଷ୍କାରକୁ ସତ୍ୟ ବୋଲି ଧରି ନେଇଥିବାରୁ ସେହି କ୍ଷତ ଏବେ ଆହୁରି ସଂକ୍ରମିତ ହୋଇଛି। କେହି କେବେ ଚାହେଁ ନାହିଁ, ସେମାନଙ୍କ ଧର୍ମୀୟ ନେତା କେବଳ ଏକ ପୁରାଣ କଥା, ବିଶ୍ୱାସ ଓ ବିଶ୍ୱସ୍ତତାର ସୃଷ୍ଟି ହୋଇ ରହିଯାଆନ୍ତୁ; କିନ୍ତୁ ଏହା ପ୍ରାୟତଃ ସବୁବେଳେ ହେଉଛି।

-devduttofficial@gmail.com



ମୋହନ ଚରଣ ମାଝୀ

# ଲୋକଙ୍କ ସରକାର

କାଲି ଭଳି ଲାଗୁଛି। ନୂଆ ସରକାରକୁ ଏକ ବର୍ଷ ଆଜି ପୂରିଛି। ଗତକାଲି ଥିଲା ପବିତ୍ର ସ୍ନାନପୂର୍ଣ୍ଣିମା। ମୁଁ ସ୍ନାନବେଦିରେ ମହାପ୍ରଭୁଙ୍କୁ ଆଖିରେ ଆଖି ମିଳାଇ ସାରା ଓଡ଼ିଶାବାସୀଙ୍କ ମଙ୍ଗଳ କାମନା କରି ପ୍ରାର୍ଥନା କଲି। ରତ୍ନସିଂହାସନ ଛାଡ଼ି ସ୍ନାନବେଦିରେ ବିଦ୍ୟମାନ ପ୍ରଭୁଙ୍କୁ ଅପଲକ ନୟନରେ ଦେଖିଲି। ଆତ୍ମସନ୍ତୋଷ ଓ ଖୁସି ମନରେ ମହାପ୍ରଭୁଙ୍କଠାରୁ ମେଲାଣି ନେଲି। ମହାପ୍ରଭୁ ଆମ ସମସ୍ତଙ୍କର ମାଲିକ, ଆମେ ସମସ୍ତେ ତାଙ୍କର ସେବକ। ତାଙ୍କର ଆଶୀର୍ବାଦ ହିଁ ଆମର ଶକ୍ତି।

ପୁରୀରୁ ଭୁବନେଶ୍ୱର ଫେରିବା ବେଳେ ମୋ ଜୀବନର ସୁଖଦୁଃଖ ଓ ଅଙ୍ଗେନିଭା କଥା। ରାଜନୈତିକ ସଂଘର୍ଷ-ଜୟ-ପରାଜୟ ତଥା ସଫଳତା ବିଫଳତାର କାହାଣୀ। ବର୍ଷକର ସରକାରରେ ମୋ ନେତୃତ୍ୱ। ତିକ୍ତ-ମଧୁର ଅନୁଭୂତି। ବର୍ଷକରେ ଆମେ କଲୁ କ'ଣ ? ୪ ବର୍ଷରେ ଆମର ଆଉ କ'ଣ କରିବାକୁ ବାକି ରହିଲା ? ୨୦୩୬ ଆମର ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ସମୟରେ ଆମର ଲକ୍ଷ୍ୟ ପୂରଣ ପାଇଁ କ'ଣ କ'ଣ ପଦକ୍ଷେପ ଆଜିଠାରୁ ଆବଶ୍ୟକ? ୨୦୪୭ ମସିହାରେ ଆମ ଦେଶ ଯେତେବେଳେ ସ୍ୱାଧୀନତାର ଶତାବ୍ଦୀ ପାଳନ କରିବ-ଦେଶକୁ ବିଶ୍ୱ ଦରବାରରେ ଶ୍ରେଷ୍ଠ କରିବାରେ ଓଡ଼ିଶାର କ'ଣ ଓ କେତେ ବଡ଼ ଭୂମିକା ରହିବ ତାକୁ ନେଇ ମୋ ମନରେ ଅନେକ କଳ୍ପନା, ଯୋଜନା ତଥା ସଂକଳ୍ପ ମୋ ମନ ଭିତରେ ଉଙ୍କି ମାରୁଥିଲା।

ଠିକ୍ ବର୍ଷେ ତଳେ ଆଜି ଦିନରେ ଭୁବନେଶ୍ୱର ଜନତା ମଇଦାନରେ ଶପଥ ଗ୍ରହଣ ଉତ୍ସବ ପରେ ଲୋକସେବା ଭବନ ଆସି ପ୍ରଥମ କ୍ୟାବିନେଟ୍ ବୈଠକ କଲୁ। ୨୪ ମିନିଟ୍‌ରେ ଆମେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲୁ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଭକ୍ତଙ୍କ ମଧ୍ୟରେ ପ୍ରାଚୀର ସୃଷ୍ଟି କରିବାର ଓଡ଼ିଆ ଭାବାବେଗ ବିରୋଧୀ ୪ ଦ୍ୱାରରୁ ୩ ଦ୍ୱାର ବନ୍ଦ ନିଷ୍ପତ୍ତିକୁ ବଦଳାଇ ୪ ଦ୍ୱାର ଖୋଲିବାର ନିର୍ଣ୍ଣୟ ନେଲୁ। ମହାପ୍ରଭୁଙ୍କ ପାଇଁ ୫୦୦ କୋଟିର କର୍ପସ ଫଣ୍ଡ କଲୁ। ଆମ ସୁଭଦ୍ରା ସ୍ୱରୂପ ମା' ଭଉଣୀଙ୍କ ପାଇଁ ସୁଭଦ୍ରା ଯୋଜନା ତଥା ଅନ୍ନଦାତା କୃଷକ ଭାଇ-ଭଉଣୀଙ୍କ ପାଇଁ ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ମାଧ୍ୟମରେ ଧାନ କୁଇଣ୍ଟାଲର ଦାମ୍ ୩,୧୦୦ ଟଙ୍କାରେ ପହଞ୍ଚାଇବାକୁ ନିର୍ଣ୍ଣୟ କଲୁ। ପୂରା କ୍ୟାବିନେଟ୍ ସହ ସେଦିନ ରାତିରେ ପୁରୀରେ ରହିଲୁ। ମହାପ୍ରଭୁଙ୍କ ମଙ୍ଗଳ ଆଳତି ସହ ୪ ଦ୍ୱାର ଖୋଲିଲା।

ଆଜି ଯେତେବେଳେ ସେହି ଦିନଗୁଡ଼ିକର ଏକବର୍ଷ ପୂର୍ତ୍ତି ହେଉଛି ମୋ ନେତୃତ୍ୱରେ ବର୍ଷକରେ କ'ଣ କ'ଣ ଜନହିତକର କାମ ହୋଇଛି ତା'ର ଚର୍ଚ୍ଚା ହେବା ସ୍ୱାଭାବିକ। ଆମର ସଂକଳ୍ପ ପତ୍ରରେ ଆମେ ଯେଉଁ ଯେଉଁ ସଂକଳ୍ପକୁ ଜନତା ଦରବାରରେ ଉପସ୍ଥାପନ କରିଥିଲୁ, ସେଥିପାଇଁ ମୋ ସରକାର ଓ ମୁଁ ଉତ୍ତରଦାୟୀ।

ବର୍ଷକରେ ଆମ କାମର ହିସାବ ଦେବା ମୋ ସରକାର ଏବଂ ବ୍ୟକ୍ତିଗତ ଭାବରେ ମୋର ଦାୟିତ୍ୱ। ମାତ୍ର ହିସାବ ଦେବା ଆଗରୁ ଗୋଟିଏ କଥା କହିବି, ଏ ଜାତିର ନମସ୍ୟ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ କହିଥିଲେ, ଉତ୍କଳେ ନେତାର ନାହିଁ ପ୍ରୟୋଜନ-ଉତ୍କଳର ନେତା ସ୍ୱୟଂ ନାରାୟଣ। ମୁଁ ଆଦିବାସୀ ଘରେ ଜନ୍ମ। ଦାରିଦ୍ର୍ୟ-ଅନଟନ-ଅଭାବ ଓ ଅସୁବିଧାକୁ ସାମ୍ନା କରି ଆଗକୁ ବଢ଼ିଛି। ଯେବେ ପଡ଼ିଛି ଆହୁରି ଦୃଢ଼ ଓ ଆତ୍ମବିଶ୍ୱାସର ସହ ଛିଡ଼ା ହୋଇଛି। ଆମର ମହାପ୍ରଭୁ ଆଦିବାସୀ ଓ ଗରିବର ଦେବତା। ବୋଧହୁଏ ମୋ ଭଳି ଗରିବ ଆଦିବାସୀ ପରିବାରରୁ ଆସିଥିବା ସାଧାରଣ-ସରଳ ମଣିଷଟିଏ ହାତରେ ତାଙ୍କର ସେବାପାଇଁ ସୁଯୋଗ ଦେଇଥିବାରୁ ତାଙ୍କର ସେବକ ଭାବରେ ତାଙ୍କରି ହିଁ କାମ କରୁଛି। ଏହି ଭାବାବେଗ ସହ ଏହି ଆଲେଖ୍ୟ ତାଙ୍କୁ ହିଁ ସମର୍ପଣ କରୁଛି।

ଓଡ଼ିଶାର ପ୍ରିୟ ଭାଇଭଉଣୀମାନେ! ଆଜି ଓଡ଼ିଶାରେ ଭାଜପା ଶାସନ ଆସିବାର ପ୍ରଥମ ବର୍ଷ ପୂର୍ତ୍ତି ସତ। ମାତ୍ର ଏହା ସହ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ଶାସନର ୧୧ ବର୍ଷ ପୂର୍ତ୍ତି ମଧ୍ୟ ହୋଇଛି। ନରେନ୍ଦ୍ର ମୋଦି ତାଙ୍କ ଶାସନରେ ପୂର୍ବ ଭାରତକୁ ପ୍ରାଥମିକତା ଦେଇଛନ୍ତି ଓ ଓଡ଼ିଶା ପୂର୍ବଭାରତ ବିକାଶର ପ୍ରବେଶ ପଥ ହୋଇଛି। ଦିଲ୍ଲୀ ଓ ଭୁବନେଶ୍ୱରରେ ଭାଜପା ଶାସନ ନୁହେଁ, ଆମେ ଏହାକୁ ଡବଲ ଇଞ୍ଜିନ୍ ସରକାର ବୋଲି କହୁଛୁ। ଓଡ଼ିଶାକୁ ମୋଦିଜୀ ସାରା ଦେଶରେ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅଧିକ ପ୍ରାଧାନ୍ୟ ଦେବା କାରଣରୁ ଓଡ଼ିଶା ଜାତୀୟ ସ୍ତରରେ ବି ନାଁ କରିଛି।

ଗତ କିଛିଦିନ ତଳେ ଦିଲ୍ଲୀରେ ନୀତି ଆୟୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ମୋଦିଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଁ ଏଥିରେ ଓଡ଼ିଶାର କାର୍ଯ୍ୟକ୍ରମ-କେନ୍ଦ୍ର ସରକାରଙ୍କ ଅପେକ୍ଷା ଆଲୋଚନା ସମୟରେ ଦୁଇଟି ପ୍ରସଙ୍ଗ ଗୁରୁତ୍ୱର ସହ ଉଲ୍ଲେଖ କରିଥିଲି। ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ମହିଳା ସଶକ୍ତୀକରଣକୁ ଆଗକୁ ନେଇ ଆମେ ଓଡ଼ିଶାରେ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ଲକ୍ଷ୍ୟ ହାସଲ କରିବା କଥା କହିଥିଲି। ଦେଶର ୨୦୪୭ର ଲକ୍ଷ୍ୟ ପୂର୍ବରୁ ଆମ ରାଜ୍ୟ ଗଠନର ୨୦୩୬ ମସିହା ସୁଦ୍ଧା ଆମର ବଡ଼ ଲକ୍ଷ୍ୟର କଥା ଉଲ୍ଲେଖ କରିଥିଲି। ମୋଦିଜୀ ତାଙ୍କ ଭାଷଣ ସମୟରେ ମୁଁ ଉଲ୍ଲେଖ କରିଥିବା ଏହି ଦୁଇ ପ୍ରସଙ୍ଗଙ୍କୁ ଉଲ୍ଲେଖ କରି ଆମ କାମକୁ ସମ୍ମତି ପ୍ରଦାନ କରିଥିଲେ।

ବର୍ଷକ ପୂର୍ବରୁ ନିର୍ବାଚନ ପରେ ଏନ୍‌ଡିଏ ସାଂସଦମାନଙ୍କୁ ଉଦ୍‌ବୋଧନ ଦେଇ ଓଡ଼ିଶା ଦେଶର ଗ୍ରୋଥ୍ ଇଞ୍ଜିନ୍ ହେବ ବୋଲି କହିଥିଲେ ମୋଦିଜୀ। ଏହା ଭିତରେ ମୋଦିଜୀ ଓଡ଼ିଶାକୁ ବର୍ଷକରେ ୫ ଥର ଆସିବା ପରେ ପୁଣି ଆସନ୍ତା ୨୦ ତାରିଖରେ ରାଜ୍ୟ ସରକାରର ବର୍ଷପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସଦୟ ସମ୍ମତି ପ୍ରଦାନ କରିଛନ୍ତି। ଓଡ଼ିଆ ଜନତାଙ୍କ ସ୍ନେହ, ଶ୍ରଦ୍ଧା, ଶୁଭେଚ୍ଛା ଓ ଦେଶର ପ୍ରଧାନମନ୍ତ୍ରୀ ମୋଦିଜୀଙ୍କର ଓଡ଼ିଶା ପ୍ରତି ଅଧିକ ସମ୍ବେଦନଶୀଳତା ଆମକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବ ବୋଲି ମୁଁ ମୋର ପ୍ରିୟ ରାଜ୍ୟବାସୀଙ୍କୁ ଭରସା ଦେଉଛି।

ମୋଦିଜୀଙ୍କ ଭାଷାରେ ଆମର ମୋଟ ୪ ଜାତି। ଜାତି-୧ ଗରିବ। ଜାତି-୨ କୃଷକ। ଜାତି- ୩ ଯୁବପିଢ଼ି। ଜାତି-୪ ମହିଳା। ୨୦୧୪ରୁ ଦେଶରେ ଗାନ୍ଧୀ-ଦୀନଦୟାଲଙ୍କ ଗରିବ କଲ୍ୟାଣ ଓ ଅନ୍ତ୍ୟୋଦୟର ଶାସନ ଚାଲୁଛି। ଏବେ ସଦ୍ୟତମ ବିଶ୍ୱବ୍ୟାଙ୍କ ରିପୋର୍ଟ କହୁଛି ମୋଦିଜୀଙ୍କ ନେତୃତ୍ୱରେ ଆମ ଦେଶରେ ଗରିବୀ ହଟାଓ ସ୍ଲୋଗାନ ନୁହେଁ, ଗରିବ କଲ୍ୟାଣ ଦେଶବାସୀଙ୍କ ପାଇଁ ଜନ ଆଶୀର୍ବାଦ ହୋଇଛି। ସବ୍‌କା ସାଥ୍ ସବ୍‌କା ବିକାଶ, ସବ୍‌କା ପ୍ରୟାସ, ସବ୍‌କା ବିଶ୍ୱାସ ଓଡ଼ିଶାରେ ବି ଆମ ଶାସନର ମୂଳ ମନ୍ତ୍ର ହୋଇଛି।

ସୁଭଦ୍ରାରେ ୧ କୋଟିରୁ ଅଧିକ ମହିଳା, ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଗରିବ ପରିବାରର ଝିଅମାନଙ୍କର ବିବାହକୁ ଜାକଜମକରେ କରିବାର ବ୍ୟବସ୍ଥା। ସ୍ୱୟଂସହାୟକ ଗୋଷ୍ଠୀର ବିକାଶ ମାଧ୍ୟମରେ ରାଜ୍ୟର ଅର୍ଥନୀତିକୁ ବଡ଼ କରିବାର ବଡ଼ ଯୋଜନା କ୍ରିୟାନ୍ୱିତ ହେଉଛି।

୮୦୦ ଟଙ୍କାର ଧାନ ଉପରେ ଇନ୍‌ପୁଟ୍ ସବ୍‌ସିଡି ଦେଇ ଧାନର କୁଇଣ୍ଟାଲ ପିଛା ମୂଲ୍ୟ ୩,୧୦୦ ଟଙ୍କା କରିବା ଆମର ବଡ଼ ନିଷ୍ପତ୍ତି। କୃଷି-ମତ୍ସ୍ୟ ପଶୁପାଳନ-ସମବାୟ ଓ ଜଳସେଚନ ଏହି ସବୁ ବିଭାଗର ଯୋଜନାକୁ ଏକୀକୃତ କରି ଚାଷୀମାନଙ୍କର ବଡ଼ ବିକାଶର କାମରେ ଲାଗିଛି ଆମ ସରକାର।

ଶିଳ୍ପ ପ୍ରସ୍ତାବ ଆସୁଥିଲା। ଉପଯୁକ୍ତ ଉଦ୍ୟମ ଅଭାବରୁ ଫେରି ଯାଉଥିଲା। ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ମୋଦି ଯୋଗଦେଲେ ଓ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଅନୁରୋଧ କରି ସେମାନଙ୍କୁ ମୋଦି ଗ୍ୟାରେଣ୍ଟିର ପ୍ରତିଶ୍ରୁତି ଦେଲେ। ଏବେ ଆମ ରାଜ୍ୟକୁ ପାଖାପାଖି ୧୭ ଲକ୍ଷ କୋଟି ପୁଞ୍ଜିନିବେଶର ପ୍ରସ୍ତାବ ଆସିଛି। ସେଥିମଧ୍ୟରୁ ଅନେକଙ୍କର କାମ ଆରମ୍ଭ ହୋଇ ସାରିଲାଣି। ଆମର ନିଷ୍ଠାପର ଉଦ୍ୟମ ଯେତେ ପ୍ରସ୍ତାବ ଆସୁଛି ତାକୁ ସବୁ ଏବଂ କମ୍ ସମୟରେ କିପରି କ୍ରିୟାନ୍ୱିତ ହୋଇପାରିବ ତା'ର ପ୍ରବନ୍ଧନ କରିବା ଓ ଆମ ଯୁବପିଢ଼ି ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିବା।

୫ ବର୍ଷରେ ଦେଢ଼ ଲକ୍ଷ ସରକାରୀ କର୍ମଚାରୀ ପଦବୀ ପୂରଣ ପାଇଁ ଆମେ ସଂକଳ୍ପ ପତ୍ରରେ କହିଥିଲୁ। ତୃଣମୂଳ ସ୍ତରରେ ଯୋଜନା କ୍ରିୟାନ୍ୱୟନ ହେବାରେ ବଡ଼ ପ୍ରତିବନ୍ଧକ କର୍ମଚାରୀ ଅଭାବ। ଗତ ବର୍ଷକରେ ସ୍ୱଚ୍ଛ ନିର୍ମଳ ପ୍ରକ୍ରିୟାରେ ୨୭ ହଜାର କର୍ମଚାରୀ ପଦବୀ ପୂରଣ କରିଛୁ। ଆଗାମୀ ବର୍ଷ ଆଉ ୪୦ ହଜାର ପଦବୀ ପୂରଣ କରିବାର ଲକ୍ଷ୍ୟ ରଖିଛୁ।

୨୪ ବର୍ଷ ସରକାରରେ ପଛୁଆବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ନିଷ୍ପତ୍ତି ହୋଇପାରୁ ନ ଥିଲା। ଏବେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ହୋଇଛି। ଇତିମଧ୍ୟରେ ଇଞ୍ଜିନିୟରିଂ ଓ ମେଡିକାଲ ଶିକ୍ଷା କ୍ଷେତ୍ରରେ ସମାନ ସଂରକ୍ଷଣ ପାଇଁ ମୋ ପାଖକୁ ଅନେକ ଦାବି ଆସୁଛି। ଆମେ ତର୍ଜମା କରି ନିଶ୍ଚିତ ନିର୍ଣ୍ଣୟ କରିବୁ।

ଏବେ ଆୟୁଷ୍ମାନ୍ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲାଗୁ ହେବା କାରଣରୁ ମାଗଣା ସ୍ୱାସ୍ଥ୍ୟସେବା ଲୋକଙ୍କ ପାଖରେ ପହଞ୍ଚିଛି। ଏଥିପାଇଁ ଆମର ପ୍ରବାସୀ ଶ୍ରମିକମାନେ ବିଶେଷ ଲାଭବାନ୍ ହୋଇଛନ୍ତି। ଏବେ କେନ୍ଦ୍ରାପଡ଼ା ଗସ୍ତ ସମୟରେ ବିରୋଧୀ ଦଳର ଜଣେ ବିଧାୟକ ଓ ନେତୃବୃନ୍ଦ କେନ୍ଦ୍ରାପଡ଼ାର ପ୍ରବାସୀମାନଙ୍କର ଆୟୁଷ୍ମାନ୍ ଯୋଜନା ପାଇଁ ଖୁସି ପ୍ରସଙ୍ଗ ଉଲ୍ଲେଖ କରୁଥିଲେ। ମୋଦିଙ୍କୁ ଶ୍ରେୟ ଚାଲିଯିବ ବୋଲି ଗରିବ ଓଡ଼ିଆଙ୍କୁ କଷ୍ଟ ଦେଇ ରାଜନୈତିକ ସ୍ୱାର୍ଥ ହାସଲ କରିବାକୁ ମୁଁ ଗ୍ରହଣ କରିପାରୁନାହିଁ। ସ୍ୱାସ୍ଥ୍ୟ ସହ ଶିକ୍ଷା ଓ ଏଥିପାଇଁ ନୂତନ ଶିକ୍ଷାନୀତି-୨୦୨୦ର କ୍ରିୟାନ୍ୱୟନ ପୂରା ନିଷ୍ଠାର ସହ ଚାଲିଛି।

୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କ ଭତ୍ତା ରାଶି ୩,୫୦୦କୁ ବୃଦ୍ଧି କରାଯାଇଛି। ଆୟୁଷ୍ମାନ୍ ଯୋଜନାରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ବୟୋବନ୍ଦନା ଯୋଜନାରେ ମାଗଣା ସ୍ୱାସ୍ଥ୍ୟସେବା ଦେବାର ବ୍ୟବସ୍ଥା ହୋଇଛି।

ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ଉପାନ୍ତ ଓ ଦୁର୍ଗମର ବାସିନ୍ଦା, ଯେଉଁମାନେ ମୋଟାମୋଟି ରାଜ୍ୟର ଗରିବମାନଙ୍କର ପ୍ରମୁଖ ଭାଗ ସେମାନେ ଆମର ପ୍ରାଥମିକତାରେ ଅଛନ୍ତି ଏବଂ ଏକବର୍ଷର ସରକାରରେ ସେମାନଙ୍କର ସେବାପାଇଁ ଆମେ ଉଦ୍ୟମରେ କେବେ ଅବହେଳା କରିନୁ।

ମୋତେ ଜଣା ଆମ ରାଜ୍ୟରେ ପିଇବା ପାଣି ଏକ ସମସ୍ୟା ଭାବରେ ମୁଣ୍ଡ ଟେକିଛି। ଦକ୍ଷିଣ ଭାରତରୁ ଠିକାଦାର ଆଣି ପ୍ୟାକେଜ୍ ମାଧ୍ୟମରେ କାମ ପୂର୍ବ ସରକାରରେ ଦେଇଥିଲେ। ପାଇପ୍ ପାଣି ଯୋଗାଣ ଆମ ରାଜ୍ୟରେ ବିଡ଼ମ୍ବନା ହୋଇଛି। ଆମେ ଆମର ମା'ମାନଙ୍କର ଏହି ପ୍ରମୁଖ ଆବଶ୍ୟକତାକୁ ଯୁଦ୍ଧକାଳୀନଭିତ୍ତିରେ କ୍ରିୟାନ୍ୱୟନ କରୁଛୁ। ୨୦୨୬ ସୁଦ୍ଧା ରାଜ୍ୟର ୯୦ ପ୍ରତିଶତ ଘରେ ଶୁଦ୍ଧ ପିଇବା ପାଣି ପାଇପ ଯୋଗେ ପହଞ୍ଚାଇବାର ବ୍ୟବସ୍ଥା କରୁଛୁ। ଉପାନ୍ତ ଅଞ୍ଚଳରେ ଗମନାଗମନ ପାଇଁ ସଡ଼କ ବ୍ୟବସ୍ଥାକୁ ଆମେ ଗୁରୁତ୍ୱ ଦେଇ କାମ କରୁଛୁ।

ମୋ ଦୁଆର ସମସ୍ତଙ୍କ ପାଇଁ ଖୋଲା। ଛୋଟିଆ କଥା, ଜଣେ ଭିକ୍ଷାବୃତ୍ତି କରୁଥିବା ଲୋକ ମୋ ବାସଭବନ ପାଖକୁ ଆସେ ଓ ମୋ ସୁରକ୍ଷାକର୍ମୀ ମୋତେ ଦେଖା କରିବାର ସୁଯୋଗ ଦେଇପାରିଲେନି। ବାରମ୍ବାର ଆସୁଥିବା ଏହି ବ୍ୟକ୍ତି ସମ୍ବନ୍ଧରେ ଜାଣିବା ପରେ ତାଙ୍କୁ ଡାକିଲି। ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇ ତାଙ୍କ ଆପତ୍ତି ଅଭିଯୋଗ ତର୍ଜମା କରି ସମାଧାନ କରିବାକୁ କହିଲି। ଅଭିଯୋଗ ଶୁଣାଣି-ଲୋକଙ୍କ ସହ ମିଶିବା କାରଣରୁ ଆପଣ ମୋତେ ଲୋକଙ୍କ ମୁଖ୍ୟମନ୍ତ୍ରୀ ଓ ସରକାରଙ୍କୁ ଲୋକଙ୍କ ସରକାର କହୁଥିବାରୁ ହୃଦୟରୁ ଧନ୍ୟବାଦ ଦେଉଛି।

ମୁଁ ମୁଖ୍ୟମନ୍ତ୍ରୀ ଆସନରେ ବସି ଥାଇପାରେ। ମାତ୍ର ମୁଁ ଆପଣଙ୍କ ମଧ୍ୟରୁ ଆସିଥିବା ଜଣେ ସାଧାରଣ ଓଡ଼ିଆ। ଦୃଢ଼ ନିଷ୍ଠା-କଠିନ ପରିଶ୍ରମ ଓ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ମୋର ପ୍ରତିବଦ୍ଧତାକୁ ପୁଣିଥରେ ଦୋହରାଇ ରହୁଛି।

ଜୟ ଜଗନ୍ନାଥ

(ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର)

## ୫୦ ବର୍ଷ ତଳର ଧରିତ୍ରୀ

୧୨ ଜୁନ୍ ୧୯୭୬

- ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏବଂ ରୁଷ୍ କମ୍ୟୁନିଷ୍ଟ ଦଳର ସାଧାରଣ ସମ୍ପାଦକ ଲିଓନିଡ୍ ବ୍ରେଜନେଭ ପ୍ରକାଶିତ ମିଳିତ ଘୋଷଣାପତ୍ର ବା ବିବୃତିରେ ସ୍ୱାକ୍ଷର ଦେଇଛନ୍ତି।
- ଭାରତରେ ସୋମାଲିଆର ପ୍ରଥମ ରାଷ୍ଟ୍ରଦୂତ ରୂପେ ମହମ୍ମଦ ଇବ୍ରାହିମ୍ ଇଗଲ ମନୋନୀତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | 9 | 3 | | | | 6 |
| | 4 | 3 | | | | | | |
| | | | | | | 8 | | 1 |
| | 9 | | 4 | | | | | |
| 1 | 2 | | 8 | 5 | | | | |
| | | | 6 | 1 | 3 | | 9 | |
| 7 | | | | | | 2 | | |
| | | 9 | | 7 | 2 | | | |
| | | | | | | | 6 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 3 | 6 | 8 | 4 | 1 | 7 | 5 |
| 7 | 4 | 6 | 5 | 3 | 1 | 9 | 8 | 2 |
| 8 | 1 | 5 | 2 | 9 | 7 | 4 | 3 | 6 |
| 3 | 5 | 2 | 4 | 7 | 8 | 6 | 9 | 1 |
| 4 | 8 | 9 | 1 | 6 | 5 | 3 | 2 | 7 |
| 1 | 6 | 7 | 3 | 2 | 9 | 5 | 4 | 8 |
| 9 | 2 | 1 | 7 | 4 | 6 | 8 | 5 | 3 |
| 6 | 7 | 8 | 9 | 5 | 3 | 2 | 1 | 4 |
| 5 | 3 | 4 | 8 | 1 | 2 | 7 | 6 | 9 |

ଗତକାଲିର ଉତ୍ତର



# ବିଶ୍ୱ ପାଇଁ ଶାନ୍ତିର ମାର୍ଗ

ଉମାଶଙ୍କର ପ୍ରସାଦ

ଯୁଗେ ଯୁଗେ ମଣିଷ ଚାହିଁଛି ଶାନ୍ତି। ସମଗ୍ର ମଣିଷଜାତିକୁ ଗୋଟିଏ ପରିବାର ମନେକରି ସେ ଶାନ୍ତି ଓ ପ୍ରଗତି ପାଇଁ ସତତ ଚେଷ୍ଟିତ। ମାତ୍ର ବିଜ୍ଞାନର ଅଗ୍ରଗତି ଫଳରେ ମଣିଷ ବିଶ୍ୱଧ୍ୱଂସୀ ମାରଣାସ୍ତ୍ର ନିର୍ମାଣ କରି ସମଗ୍ର ବିଶ୍ୱରେ ସୃଷ୍ଟି କରିଛି ଆତଙ୍କରାଜ। ବିଂଶ ଶତାବ୍ଦୀର କବି ଇଲିଏଟଙ୍କ ଭାଷାରେ- ଏ ଶତାବ୍ଦୀ ବିଜ୍ଞାନର ଅଭିନବ ପ୍ରଗତି କରିଛି ସତ, କିନ୍ତୁ ବିଶ୍ୱ ଧ୍ୱଂସ ପାଇଁ ଏହା ପଥ ପରିଷ୍କାର କରିଦେଇଛି। ପ୍ରାଚୀନ କାଳରେ ମଧ୍ୟ ମଣିଷ ଯୁଦ୍ଧ କରୁଥିଲା ଏବଂ ଏବେ ମଧ୍ୟ କରୁଛି। ମାତ୍ର ପ୍ରାଚୀନ ଏବଂ ଆଜିର ଯୁଦ୍ଧ ମଧ୍ୟରେ ଆକାଶ ପାତାଳ ପ୍ରଭେଦ। ପ୍ରାଚୀନ କାଳର ଯୁଦ୍ଧ ଥିଲା ସୀମାବଦ୍ଧ। ସାଧାରଣ ଜନତା ସେ ଯୁଦ୍ଧ ଦ୍ୱାରା କ୍ଷତିଗ୍ରସ୍ତ ହେଉ ନ ଥିଲେ, ମାତ୍ର ସାମ୍ପ୍ରତିକ କାଳରେ ଯୁଦ୍ଧ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ମଧ୍ୟରେ ସୀମାବଦ୍ଧ ହୋଇ ରହୁନାହିଁ। ଏହା ହେଉଛି ବିଶ୍ୱବ୍ୟାପୀ। ବିଭିନ୍ନ ସହର ଏବଂ ଜନପଦ ଉପରେ ବୋମା ମାଡ଼ ହୋଇ ଧ୍ୱଂସସ୍ତୂପରେ ପରିଣତ ହେଉଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିରୋସୀମା ଏବଂ ନାଗାସାକୀରେ ଆମେରିକା ଯେଉଁ ପରମାଣୁ ବୋମା ନିକ୍ଷେପ କରିଥିଲା ତା'ର କରୁଣ ପରିଣତି ଏବେ ମଧ୍ୟ ହୃଦୟରେ ଆତଙ୍କ ସୃଷ୍ଟି କରେ। ଏହା ସତ୍ତ୍ୱେ ଆଜିର କ୍ଷମତା ମଦ-ମତ୍ତ ମଣିଷ ପରମାଣୁ ଯୁଦ୍ଧ କରିବାକୁ ଚେଷ୍ଟା କରୁଛି। ଦୀର୍ଘଦିନ ଧରି ଚାଲିଥିବା ୟୁକ୍ରେନ ଓ ରୁଷିଆ ଯୁଦ୍ଧ ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି। ପୃଥିବୀର ଦୁଇଟି ବୃହତ୍ ଶକ୍ତି ଆମେରିକା ଓ ରୁଷିଆ ପରମାଣୁ ବୋମା ପ୍ରୟୋଗ କରିବାକୁ ସବୁବେଳେ ପ୍ରସ୍ତୁତ ହୋଇ ରହୁଛନ୍ତି। ବର୍ତ୍ତମାନ ଯେତେ ମାରଣାସ୍ତ୍ର ନିର୍ମାଣ କରାଯାଇଛି ସେମାନଙ୍କ ମଧ୍ୟରେ ପରମାଣୁ ବୋମା ଓ ଉଦ୍‌ଜାନ



ବୋମା ଭୟଙ୍କର ମାରଣାସ୍ତ୍ର। ଆମେରିକା ପାଖରେ ଆଜିର ତଥ୍ୟାନୁସାରେ ୫୦୪୪ ପରମାଣୁ ବୋମା ଥିଲାବେଳେ ୧୭୭୦ ସକ୍ରିୟ ଓ ୧୯୩୮ ଗଚ୍ଛିତ ଏବଂ ୧୩୩୬ ଯୁଦ୍ଧ ପାଇଁ ପ୍ରସ୍ତୁତ। ଆମେରିକା ହେଉଛି ପରମାଣୁ ବୋମା ପ୍ରସ୍ତୁତ କରିବାରେ ପ୍ରଥମ ଦେଶ। ଆମେରିକା ତୁଳନାରେ ରୁଷିଆ ପାଖରେ ୫୫୮୦ଟି ପରମାଣୁ ବୋମା ଅଛି। ସେଥି ମଧ୍ୟରୁ ସକ୍ରିୟ ଭାବରେ ଯୁଦ୍ଧ ପାଇଁ ପ୍ରସ୍ତୁତି ଅବସ୍ଥାରେ ଅଛି। ରୁଷିଆ ପାଖରେ ଗଣ ସଂହାର ପାଇଁ ତିନି ପ୍ରକାର ଯଥା ପରମାଣୁ ବୋମା, ବାୟୋଲଜିକାଲ ଅସ୍ତ୍ର ଓ ଉଦ୍‌ଜାନ ବୋମାର ରହିଛି। ନିକଟରେ ଜେଲେନସ୍କି ରୁଷିଆର ୨୪ଟି ଏଆରକ୍ରାଫ୍ଟକୁ ଡ୍ରୋନ୍ ମାଡ଼ରେ ଧ୍ୱଂସ କରି ପୁଟିନଙ୍କ କ୍ରୋଧକୁ ପଞ୍ଚମକୁ ଉଠାଇଛି, ଯାହା କୌଣସି ସମୟରେ ଭୟଙ୍କର ସ୍ଥିତି ଉପୁଜିପାରେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନଙ୍କ ମଧ୍ୟରେ ପ୍ରାୟ ଦେଢ଼ଘଣ୍ଟା କାଳ ସୌଜନ୍ୟମୂଳକ ଆଲୋଚନା ହୋଇଥିଲେ ମଧ୍ୟ ଜେଲେନସ୍କି ଭିନ୍ନ ପନ୍ଥା ଅପଣାଇବା ଲକ୍ଷ୍ୟ କରାଯାଉଛି, ଯିଏ ଆମେରିକା ବଳରେ ରୁଷିଆର ସମ୍ମୁଖୀନ ହେବାକୁ ସାହସ କରିଥିଲେ । ସେ ଆଜି ତୃତୀୟ ବିଶ୍ୱଯୁଦ୍ଧକୁ ଆମନ୍ତ୍ରଣ କରି ସମଗ୍ର ବିଶ୍ୱକୁ ଯୁଦ୍ଧର ଭୟଙ୍କର ଓ ଲୋମହର୍ଷଣକାରୀ ପରିସ୍ଥିତିକୁ ଠେଲିଦେବାକୁ ବସିଛନ୍ତି। ମାନବୀୟ ମୂଲ୍ୟବୋଧର ଅବକ୍ଷୟ ଯୋଗୁ ଏପରି ଘଟୁଛି। ନିଜ ଭିତରେ ଥିବା ଅହଂକୁ ପରିତ୍ୟାଗ କରି ବିଶ୍ୱ କଲ୍ୟାଣ ପାଇଁ ଶାନ୍ତି ମାର୍ଗ ଆପଣାଇବା ସମାଜ ପାଇଁ ମଙ୍ଗଳମୟ ହେବ। ଶାନ୍ତିର ଅମୀୟବାଣୀର ପ୍ରସାର ହେବ। ବିଶ୍ୱକୁ ଅମୃତମୟ ଓ ମଧୁମୟ କରି ଗଢ଼ିବାକୁ ହେଲେ ମାରଣାସ୍ତ୍ର ବିରୋଧରେ ବିଶ୍ୱ ଜନମତ ସୃଷ୍ଟି ହେବା ଉଚିତ।

ଖୋର୍ଦ୍ଧା
ମୋ: ୬୩୭୦୬ ୭୫୫୬୨

## ଏଇ ଭାରତରେ

ସେନାରୁ ଅବସର ନେବା ପରେ କେରଳର ଡିନିଲ ପ୍ରସାଦ କେଜ୍ ଫିଶ୍ ଫାର୍ମିଂ(ଜାଲି ଭିତରେ ମାଛଚାଷ)ରେ ପୂରା ସମୟ ଦେଇଛନ୍ତି। ଏହି ପଦ୍ଧତିରେ ସେ ମାଛଚାଷ କରିବା ସହ ତାଙ୍କ ଅଞ୍ଚଳରେ ଅନ୍ୟ କୃଷକମାନଙ୍କୁ ଏଥିପ୍ରତି ଆକୃଷ୍ଟ କରିପାରିଛନ୍ତି। କୁନ୍ନୁର ନିକଟବର୍ତ୍ତୀ ପରପରାମ୍ ଗାଁରେ ଜନ୍ମିତ ଡିନିଲ ଏହି ଚାଷରେ ଏବେସୁଦ୍ଧା ୫୦ ଚାଷୀଙ୍କୁ ସାମିଲ କରିସାରିଲେଣି। କୁନ୍ନୁରରେ ୨୦୧୮ରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟା ପରେ ସେ ଚାଷୀଙ୍କୁ ସହଯୋଗ କରିବା ଲାଗି ନିଷ୍ପତ୍ତି ନେଇଥିଲେ ଏବଂ ନିଜ ଘରେ ଏକ ସୀମିତ ଜାଗା ଅର୍ଥାତ୍ ଜାଲି ମଧ୍ୟରେ ମାଛଚାଷ ଆରମ୍ଭ କରିଥିଲେ। ପ୍ରଥମେ ପରିବାର ପକ୍ଷରୁ ଏହାକୁ କେହି ସମର୍ଥନ ଦେଇ ନ ଥିଲେ, କିନ୍ତୁ ଦୁଇ ତିନି ବର୍ଷ ପରେ ଡିନିଲ ଏଥିରୁ ସଫଳତା ପାଇଲେ। ୪ ମିଟର ଚଉଡ଼ା, ୪ ମିଟର ଲମ୍ୱ ଓ ୨.୫ ମିଟର ଗଭୀରର ଗୋଟିଏ ଜାଲିରେ ମାଛଚାଷ କରି ୨ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମାଛ ଉତ୍ପାଦନ କରୁଛନ୍ତି। ସେ ମଧ୍ୟ ଚାଷୀମାନଙ୍କୁ ଶସ୍ତାରେ ଯାଆଁଳ ଯୋଗାଇ ଦେଉଛନ୍ତି ଏବଂ ଚାଷ ପାଇଁ ଆବଶ୍ୟକ ଭିତ୍ତିଭୂମି ଲାଗି ମଧ୍ୟ ସହାୟତା କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଡିନିଲ କୃଷକମାନଙ୍କ ଆୟ ବୃଦ୍ଧି କରିବା ସହ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଛନ୍ତି।

## ଚିରନ୍ତନୀ

ଆଦର୍ଶ ଯାହାର ମହା
ସାମ୍ୟ-ନୀତି ନାହିଁ ଭେଦଜ୍ଞାନ,
ମାନବ-ଶିଶୁର ଯହିଁ ନାହିଁ
ଜାତି ଦ୍ୱେଷ ଅପମାନ।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଫଳ ଦୋକାନୀଙ୍କ ପ୍ରତି ସାବଧାନ

ମହାଶୟ,

ଫଳ ଦୋକାନୀମାନେ ସାଧାରଣତଃ କଳା ପଲିଥିନ୍ ପ୍ୟାକେଟ୍‌ରେ ଫଳ ଓଜନକରି ଦିଅନ୍ତି। ଆପଣ ଯେଉଁ ଫଳ ବାଛିକରି ଦିଅନ୍ତି ସେମାନେ ତାହାକୁ ପଲିଥିନରେ ପୂରାଇ ଓଜନକରି ଆପଣଙ୍କୁ ଦେଇଦିଅନ୍ତି ଏବଂ ସେମାନଙ୍କ ପ୍ରାପ୍ୟ ନେଇଯାନ୍ତି। କିନ୍ତୁ ଆପଣ ଜାଣନ୍ତି କି ଓଜନ ପୂର୍ବରୁ ସେ ପଲିଥିନ୍‌ରେ କେତେ ପଚାଫଳ ଚତୁରତାର ସହ ରଖିଦେଇଥାନ୍ତି। ଆପଣ ତାକୁ ଘରକୁ ନେଇ ଆସିବା ପରେ ସେମାନଙ୍କ ବିଶ୍ୱାସଘାତକତାର କଥାକୁ ବେଶ୍ ଉପଲବ୍ଧି କରିପାରିବେ। ଅବଶ୍ୟ ସବୁ ବ୍ୟବସାୟୀ ସେଭଳି କରନ୍ତି ନାହିଁ। କେତେଜଣ ଅସାଧୁ ବ୍ୟବସାୟୀ ଗ୍ରାହକଙ୍କୁ ଏଭଳି ଠକିଥାନ୍ତି। ତେଣୁ ସତର୍କତା ଅବଲମ୍ବନ କରିବାକୁ ଅନୁରୋଧ।

-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନିଶାମୁକ୍ତ ଅଭିଯାନ ରଥ ଶୁଭାରମ୍ଭ

ଚାନ୍ଦବାଲି,୧୧।୬(ଅଶୋକ ପଣ୍ଡା)

ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟଠାରୁ ଦୂରେଇ ରହି ସୁସ୍ଥ ରହିବା ପାଇଁ ସଚେତନ ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ନିର୍ଦ୍ଦେଶରେ ଅବକାରୀ ବିଭାଗ ପକ୍ଷରୁ ନିଶାମୁକ୍ତ ଅଭିଯାନ ରଥ ବୁଧବାର ପୂର୍ବାହ୍ନରେ ଶୁଭାରମ୍ଭ ହୋଇଛି। ଚାନ୍ଦବାଲି ବ୍ଲକ୍ ପରିସରରେ ଏହି ରଥକୁ ଅତିରିକ୍ତ ତହସିଲଦାର ଡଲି ମଣି ଟୁଡୁ, ଅବକାରୀ ଅଧିକାରୀ ସନ୍ଦୀପ ପାଢ଼ୀ ଓ ବ୍ଲକ୍ ଆକାଉଣ୍ଟ ଅଫିସର ସରଜ କୁମାର ଖୁଣ୍ଟିଆ ସବୁଜ ପତାକା ଦେଖାଇ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ବ୍ଲକ୍‌ର ସମସ୍ତ ପଞ୍ଚାୟତ ଓ ଏନ୍ଏସିର ସମସ୍ତ ୱାର୍ଡ଼ ଏହି ରଥ ପରିକ୍ରମା କରି ନିଶାଠାରୁ ଦୂରେଇ ରହିବାକୁ ଲୋକଙ୍କୁ ସଚେତନ ଆରମ୍ଭ କରିଛି। ଅନ୍ୟମାନଙ୍କ ମଧ୍ୟରେ ଅବକାରୀ ବିଭାଗ କର୍ମଚାରୀ ଅନାବଦିତ୍ୟ ବାରିକ, ଉମେଶ କୁମାର ମହଲା, ରାଜଲକ୍ଷ୍ମୀ ଦତ୍ତ ପ୍ରମୁଖ ପରିଚାଳନା କରିଥିଲେ।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ବାସୁଦେବପୁର,୧୧।୬(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକା ବାଲିନଗର ଗ୍ରାମର ୯ ନଂ. ୱାର୍ଡ଼ର ଧର୍ମପରାୟଣ ବ୍ୟକ୍ତି ତଥା ଜଣେ ଭଲ ଖବରକାଗଜ ପାଠକ ଭାବେ ସହରରେ ପରିଚିତ ଥିବା ରାମଚନ୍ଦ୍ର ବାରିକ(୭୨)ଙ୍କର ମଙ୍ଗଳବାର ଅପରାହ୍ନରେ ପରଲୋକ ହୋଇଛି। ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଜଣେ ଭକ୍ତ ଭାବେ ସେ ବେଶ ଜଣାଶୁଣା ଥିଲେ। ଭାଜପାର ଜିଲା ଉପସଭାପତି ଉଦୟ ନାରାୟଣ ମଲିକଙ୍କ ସମେତ ବିଭିନ୍ନ ବର୍ଗର ଲୋକମାନେ ତାଙ୍କର ମରଶରୀରରେ ମଙ୍ଗଳବାର ଅପରାହ୍ନରେ ପୁଷ୍ପମାଲ୍ୟ ଅର୍ପଣ କରିଥିବା ବେଳେ ବୁଧବାର ଅପରାହ୍ନରେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବିଜେଡି ବ୍ଲକ୍ ସଭାପତି ଦିନବନ୍ଧୁ ଦାସ, ନଗର ସଭାପତି ଶ୍ୟାମସୁନ୍ଦର ମହାନ୍ତି, ପୂର୍ବତନ କାଉନ୍‌ସିଲର ମାନସ ରଞ୍ଜନ ସାହୁ, ଯୁବନେତା କାଳନ୍ଦୀ ସାହୁ, ସସ୍ମିତ ମହାନ୍ତି ପ୍ରମୁଖ ସ୍ୱର୍ଗତ ବାରିକଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ।

### ହୃଦ୍‌ଘାତରେ ଯବାନଙ୍କ ପରଲୋକ

ଧାମନଗର,୧୧।୬(ଦେବେନ୍ଦ୍ର ଆଦ୍ଦିଆ)

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ମୋହୁରା ନିକଟ ରାସ୍ତା ପାର୍ଶ୍ୱରେ ମଙ୍ଗଳବାର ସନ୍ଧ୍ୟାରେ ଭାରତୀୟ ସେନାରେ କାର୍ଯ୍ୟରତ ଜଣେ ଯବାନଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ ଯବାନ ଜଣକ ହେଲେ ଧାମନଗର ବ୍ଲକ୍ ଅସୁରାଳି ନିକଟ ଫତେପୁର ପଞ୍ଚାୟତ ହେତମପୁର ପତ୍ରିବିନ୍ଧା ଅଞ୍ଚଳର ଦୀନମଣି ରାଉତ(୪୨)। ଦିନମଣି ଭାରତୀୟ ସେନାର ମଣିପୁର ଆସାମ ରାଇଫଲରେ କାର୍ଯ୍ୟ କରୁଥିଲେ। ସେ ସାବିତ୍ରୀ ଅମାବାସ୍ୟା ପାଇଁ ଛୁଟିରେ ଆସିଥିଲେ। ମଙ୍ଗଳବାର ବନ୍ଧୁ ଘର ଚନ୍ଦେଶର ଗାଁକୁ ଯାଇଥିଲେ। ଫେରିବା ସମୟରେ ମହୁରା ନିକଟ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିଲା ବେଳେ ହଠାତ ହୃଦ୍‌ଘାତର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଧାମନଗର ଓ ତାଙ୍କ ଗ୍ରାମ ଅସୁରାଳି ଫତେପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଧାମନଗର ପୋଲିସ ମୃତଦେହ ଭଦ୍ରକ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୨/୨୫) ରୁଜୁ ହୋଇଛି।

# ରାସ୍ତା ନିର୍ମାଣ ପାଇଁ ହଟିଲା ପ୍ରତିବନ୍ଧକ

## ଅର୍ଜୁନବିନ୍ଧା ଗ୍ରାମରେ ଉଚ୍ଛେଦ ହେଲା ୨୭ଘର,ଦୋକାନ

ତିହିଡି,୧୧।୬(ସଞ୍ଜିତ ବଳ)

ତିହିଡି ତହସିଲ ଦୌଲତପୁର ପଞ୍ଚାୟତ ଅଧୀନ ଅର୍ଜୁନବିନ୍ଧା ଗ୍ରାମରେ ବୁଧବାର ପୂର୍ବାହ୍ନ ୯ଟାରେ ପ୍ରଶାସନ ପକ୍ଷରୁ ୨୭ଟି ଘର ଓ ଦୋକାନକୁ ଉଚ୍ଛେଦ କରାଯାଇଛି। ନିର୍ମାଣାଧୀନ ଅର୍ଜୁନବିନ୍ଧା-ମଧୁପୁର ରାସ୍ତାର ଅର୍ଜୁନବିନ୍ଧା ଗ୍ରାମରେ ଏହି ଘର ଓ ଦୋକାନ ସବୁ ସରକାରୀ ରାସ୍ତା ଅବରୋଧ କରିଥିବା ନେଇ ଅଭିଯୋଗ ହୋଇଥିଲା। ତେବେ ଜବରଦଖଲ ଉଚ୍ଛେଦ ହେବା ପରେ ରାସ୍ତା ନିର୍ମାଣରେ ଥିବା ପ୍ରତିବନ୍ଧକ ଦୂର ହୋଇଥିବା ଜଣାପଡ଼ିଛି। ପୂର୍ତ୍ତ ବିଭାଗ ଅଧୀନରେ ୯କୋଟି ୯ଲକ୍ଷ ଟଙ୍କା ଅନୁଦାନରେ ଅର୍ଜୁନବିନ୍ଧା-ମଧୁପୁର ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ରାସ୍ତା ଆରମ୍ଭରୁ ଅର୍ଜୁନବିନ୍ଧା ଗ୍ରାମର କେତେକ ବ୍ୟକ୍ତି ରାସ୍ତା ଅବରୋଧ କରି ଘର ଓ ଦୋକାନ କରିଥିବାରୁ ରାସ୍ତା ସଙ୍କୁଚିତ ହୋଇଯାଇଥିଲା। ଏନେଇ ଯାତାୟତ ଜନିତ ସମସ୍ୟା ଉପୁଜୁଥିଲା। ଏପରିକି ଖରାଦିନେ ବି ରାସ୍ତାରେ ବର୍ଷାପାଣି ଜମି ରହୁଥିବାରୁ ଲୋକମାନେ



ଅର୍ଜୁନବିନ୍ଧା ଗ୍ରାମରେ ଜବରଦଖଲ ଉଚ୍ଛେଦ ହେଉଛି।

ଦୁର୍ଦ୍ଦଶା ଭୋଗୁଥିଲେ। ତେବେ ଏ ସମ୍ପର୍କରେ ଗ୍ରାମବାସୀ ବିଭିନ୍ନ ସମୟରେ ମିଳିତ ଜନଶୁଣାଣି ଶିବିରରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ତତ୍କାଳୀନ ଜିଲାପାଳ ଓ ବିଭାଗୀୟ ଅଧିକାରୀମାନେ ଏହାର କ୍ଷେତ୍ରୀୟ ତଦନ୍ତ କରିଥିଲେ। ପରେ ଜିଲାପାଳ ଦିଲୀପ ରାଉତରାଏ ମଧ୍ୟ ରାସ୍ତାର କ୍ଷେତ୍ରୀୟ ତଦନ୍ତ କରି ତୁରନ୍ତ ମାପଚୁପ କରି ରାସ୍ତାକୁ ଅବରୋଧ ମୁକ୍ତ କରିବା ଦିଗରେ ପଦକ୍ଷେପ ନେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମାପଚୁପ କରାଯାଇ ୨୭ଜଣ ଅବରୋଧକାରୀଙ୍କୁ ନୋଟିସ ଦିଆଯାଇଥିଲା। ତୁରନ୍ତ ସରକାରୀ ଜାଗା ଅବରୋଧ ମୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ସେମାନେ ଏଥିପ୍ରତି ଗୁରୁତ୍ୱ ନ ଦେବାରୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ସମୟରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ନମିତା ଧଳ, ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା, ଏସ୍ଆଇ ଶ୍ୟାମସୁନ୍ଦର ନାୟକ, ରାଜସ୍ୱ ନିରୀକ୍ଷକ ସ୍ମିତାରାଣୀ ସାହୁ, ଅମିନ ଶଙ୍କର୍ଷଣ ହେମ୍ବ୍ରମ, ସୁପରଭାଇଜର ଧନେଶ୍ୱର ମାରାଣ୍ଡି, ଡିଇଓ ଦେବାଶିଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଉଚ୍ଛେଦସ୍ଥଳରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ତୁଳସୀପୁରରେ ସ୍ନାନଯାତ୍ରା



ଅନୁଷ୍ଠିତ ସ୍ନାନଯାତ୍ରା।

ଭଣ୍ଡାରିପୋଖରୀ,୧୧।୬(ରାଜେନ୍ଦ୍ର ଶତପଥି)

ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ପଞ୍ଚାୟତ ତୁଳସୀପୁର (ଏକବୋଲା) ଗ୍ରାମର ଶ୍ରୀ ଜଗନ୍ନାଥ ପୂଜା କମିଟି ପକ୍ଷରୁ ସ୍ନାନଯାତ୍ରା ପାଳନ କରାଯାଇଛି। ଶ୍ରଦ୍ଧାଳୁଙ୍କ ଦ୍ୱାରା ଉତ୍ତୋଳିତ ହୋଇଥିବା ୩୪ ଗରା ଜଳରେ ପୂଜକ ବିଶ୍ୱନାଥ ପାଣି ଓ ସାଥି ମହାପ୍ରଭୁଙ୍କୁ ସ୍ନାନ କରାଇବା ସହ ପୂଜାର୍ଚ୍ଚନା କରିଥିଲେ। ସଂକଳ୍ପ କର୍ତ୍ତା ସରୋଜ କବି ଓ ଶ୍ରୀମତୀ କବି ପୂଜା ବିଧି ତୁଲାଇଥିଲେ। ଗୋପାଳ ବଲ୍ଲଭ କବି, ବିଶ୍ୱେଶ୍ୱର ଦାସ, ନିରାକାର ପାଣି, ପୀତାମ୍ବର ଦିଅ, ସୁଜିତ ଦାସ, ବୈଦ୍ୟନାଥ ସେଠୀ, ଜଗବନ୍ଧୁ ଦାସ, ମୁରଲୀଧର ଦାସ, ରଘୁନାଥ ଦିଅ, ଶ୍ୟାମସୁନ୍ଦର ଦାସ, ଟୁକୁ ଓଝା ପ୍ରମୁଖ ପରିଚାଳନା କରିଥିଲେ। ସେହିପରି କୁରାଡ଼ିଆପଦା ଜଗନ୍ନାଥ ମନ୍ଦିର, ମଞ୍ଜୁରୀ ବଳଦେବଜୀଉ ମନ୍ଦିର, ସୋଲାପୁର ଜଗନ୍ନାଥ ମନ୍ଦିର, ବୟାଁବନାପୁର ଓ କୁରିଗାଁ ଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଛି।

# ପ୍ରତିଶ୍ରୁତି ପୂରଣ କରିଛି ଭାଜପା ସରକାର



ଖବରଦାତା ସମ୍ମିଳନୀରେ ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

ଭଦ୍ରକ,୧୧।୬(ସନାତନ ରାଉତ)

କେନ୍ଦ୍ରରେ ଭାଜପା ସରକାର ୧୧ ବର୍ଷ, ରାଜ୍ୟରେ ସରକାରଙ୍କର ୧ ବର୍ଷ ପୂରଣ ହୋଇଥିବା ବେଳେ ବିକଶିତ ଭାରତର ସେବା, ସୁଶାସନ ଓ ଗରିବ କଲ୍ୟାଣ ଯୋଜନା ବିଷୟରେ ଭାଜପା ପକ୍ଷରୁ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଭଦ୍ରକ ଟାଉନ ହଲରେ ଆୟୋଜିତ ସମ୍ମିଳନୀରେ ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗଦେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଦେଶରେ ସୁଶାସନ ଚାଲିଥିବା ବେଳେ ଦେଶ ବିକାଶ ପଥରେ ଆଗକୁ ବଢ଼ି ବଢ଼ି ଚାଲିଛି। ୧୧ ବର୍ଷ ମଧ୍ୟରେ ଐତିହ୍ୟ ଓ ପୁରୁଣା ଗୌରବକୁ ପୁନରୁଦ୍ଧାର କରିବା ପାଇଁ କେନ୍ଦ୍ର ସରକାର ପ୍ରୟାସ ଜାରି ରଖିଛନ୍ତି। ୩୭୦ ଧାରା ଉଚ୍ଛେଦ, ୩ତଲାଖ ଉଚ୍ଛେଦ, ଜିଏସ୍‌ଟି ଲାଗୁ କରିବା, ୱାକ୍‌ଫ ବିଲ୍ ଭଳି ବହୁ ଐତିହାସିକ ପଦକ୍ଷେପ କେନ୍ଦ୍ର ସରକାର ନେଇଛନ୍ତି। ଆତଙ୍କବାଦ ପ୍ରତିରୋଧ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ସଫଳତା ଏବେ ସାରା ବିଶ୍ୱରେ ଚର୍ଚ୍ଚା ସୃଷ୍ଟି କରିଛି ବୋଲି କହିଥିଲେ। ସେହିପରି ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ରାଜ୍ୟରେ ଭାଜପା ସରକାର ଗଠନ ହେବା ପରେ ନିର୍ବାଚନ ସମୟରେ ଦିଆଯାଇଥିବା ୨୧ଟି ପ୍ରତିଶ୍ରୁତି ମଧ୍ୟରୁ ରାଜ୍ୟ ସରକାର ୧ ବର୍ଷ ମଧ୍ୟରେ ୧୧ଟି ପ୍ରତିଶ୍ରୁତି ପୂରଣ କରିବାରେ ସଫଳ ହୋଇଛନ୍ତି। ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିବା, ଧାନକିଣାରେ ଇନ୍‌ପୁଟ୍ ୮ଶହ ଟଙ୍କା ଚାଷୀଙ୍କୁ ପ୍ରଦାନ କରିବା, ୧ କୋଟିରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସଶକ୍ତୀକରଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା, ଆୟୁଷ୍ମାନ ଯୋଜନା ଲାଗୁ କରିବା ଆଦି ବହୁ ଜନହିତକର ଯୋଜନା ପ୍ରଣୟନ କରି ରାଜ୍ୟ ସରକାର ଲୋକଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ସେହିପରି ଭଦ୍ରକ ନିର୍ବାଚନ ମଣ୍ଡଳୀରେ ବହୁ ଉନ୍ନୟନ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଆଗକୁ ଭଦ୍ରକକୁ ବିକାଶ ପଥରେ ବହୁ ଆଗକୁ ନେବା ପାଇଁ ପ୍ରୟାସ ଜାରି ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀରେ ଜିଲା ସଭାପତି ଭଗବାନ ପଣ୍ଡା, ଭଣ୍ଡାରିପୋଖରୀ ବିଧାନସଭା ନେତା ଡ. ସୁଧାଂଶୁ ଶେଖର ନାୟକ, ବାସୁଦେବପୁର ନେତା ବାଣୀକଲ୍ୟାଣ ମହାନ୍ତି, ଅମୂଲ୍ୟ ନାୟକ, ଅଶୋକ ପରିଜା ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରତାପ ନାୟକ ସମ୍ମିଳନୀକୁ ସଂଯୋଜନା କରିଥିବା ବେଳେ ବୈକୁଣ୍ଠ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବତନ ଜିଲା ସଭାପତି ଅକ୍ଷୟ ସାହୁ, ଜିଲା ପରିଷଦ ସଭ୍ୟ ମଳୟ ଜେନା ପ୍ରମୁଖ ଉପସ୍ଥିତ ଥିବା ବେଳେ ଓଷା ପାଢ଼ୀ, ତପନ ମହାନ୍ତି, ସରୋଜ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ନୂଆ ଏସ୍‌ପିଙ୍କୁ ଭେଟିଲା ମହିଳା ସଂଗଠନ

ଭଦ୍ରକ,୧୧।୬(ରବିନାରାୟଣ ଖିଲାର)

ଓଡ଼ିଶା ତେଜସ୍ୱିନୀ ମହିଳା ସଂଗଠନ ଓ ଭୂମିକନ୍ୟା ମହିଳା ସଂଗଠନର କର୍ମକର୍ତ୍ତାମାନେ ଭଦ୍ରକ ନୂତନ ଏସ୍‌ପି ମନୋଜ ରାଉତଙ୍କୁ ଭେଟି ସ୍ୱାଗତ କରିବା ସହ ବିଭିନ୍ନ ଦାବି ଉପରେ ଆଲୋଚନା କରିଛନ୍ତି। ଏହି ସୌହାର୍ଦ୍ଦପୂର୍ଣ୍ଣ ସାକ୍ଷାତ ସହିତ ଜିଲାର ପ୍ରମୁଖ ଭଦ୍ରକ-ଚରମ୍ପା ମଧ୍ୟସ୍ଥଳୀ ୧୬ନଂ. ଜାତୀୟ ରାଜପଥରେ ସନ୍ଧ୍ୟାରୁ ରାତ୍ରୀ ପର୍ଯ୍ୟନ୍ତ ମହିଳା ଓ ପୁରୁଷମାନେ ଅନୈତିକ କାର୍ଯ୍ୟ ଚଳାଉଥିବା ବେଳେ ଏହାକୁ ବନ୍ଦ କରିବାକୁ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଂଗଠନର ସଭାପତି କଳ୍ପନା ଜେନା, ସମ୍ପାଦିକା ଅଞ୍ଜନା ମିଶ୍ର, ଉପଦେଷ୍ଟା ଜାନକୀ ପାଢ଼ୀ, ଉପସଭାପତି ମନୋରମା ରାୟ ଓ ଭୂମିକନ୍ୟା ମହିଳା ସଂଗଠନର ସଭାପତି ସଂଯୁକ୍ତା ବଳ ନାୟକ, ସମ୍ପାଦିକା ଦମୟନ୍ତୀ ରାଉତ, ଉପଦେଷ୍ଟା ସଂଯୁକ୍ତା ଯାଦବ, ଶାନ୍ତିଲତା ବାରିକ, ଉପସଭାପତି ମମତା ବଳ, ତୃପ୍ତି ଦାସ, ଗୀତାଞ୍ଜଳି ଅଗସ୍ତି ପ୍ରମୁଖ ଏସପିଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦେବା ଏବଂ ଖୁବ ଶୀଘ୍ର ଛିନତାଇ,ସାଇବର କ୍ରାଇମ,ଜାତୀୟ ରାଜପଥରୁ ଅନୈତିକ କାର୍ଯ୍ୟକୁ ହଟାଇବା ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ଏସ୍‌ପି ରାଉତ ପ୍ରତିଶ୍ରୁତି ଦେଇଥିଲେ।

# ସ୍ନାନମଣ୍ଡପରେ ବିଜେ ଚତୁର୍ଦ୍ଧା ମୂର୍ତ୍ତି



ଗୋପାଳପୁର ଗ୍ରାମର ଅନନ୍ତ ବାସୁଦେବଙ୍କ ପୀଠ ସ୍ନାନମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି।

ବାସୁଦେବପୁର,୧୧।୬ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁରର ବିଭିନ୍ନ ସ୍ଥାନରେ ଆନନ୍ଦଉଲ୍ଲାସ ସହ ଦେବ ସ୍ନାନ ପୂର୍ଣ୍ଣିମା ବୁଧବାର ଅନୁଷ୍ଠିତ ହୋଇଛି। ବାସୁଦେବପୁର ଅଞ୍ଚଳର ଆରାଧଦେବତା ପ୍ରସନ୍ନ ଦେବଙ୍କ ପୀଠରେ ପ୍ରଭୁ ଜଗନ୍ନାଥଙ୍କର ସ୍ନାନ ଉତ୍ସବ ବିଧି ଓ ପରମ୍ପରା ମୁତାବକ ଅନୁଷ୍ଠିତ ହୋଇଛି। ପୌରପାଳିକାର ଗୋପାଳପୁର ଗ୍ରାମରେ ଥିବା ଅନନ୍ତ ବାସୁଦେବଙ୍କ ପୀଠରେ ପାରମ୍ପରିକ ନୀତି ନିୟମ ଅନୁସାରେ ତିନି ଠାକୁର ଜଗନ୍ନାଥ, ବଳଦେବ, ସୁଭଦ୍ରା ଓ ସୁଦର୍ଶନଙ୍କୁ ଗ୍ରାମବାସୀମାନେ ପହଣ୍ଡିରେ ମନ୍ଦିର ପରିସରରୁ ବାହାର କରି ସ୍ନାନମଣ୍ଡପକୁ ନେଇଥିଲେ। ସେଠାରେ କ୍ଷୀର, ପଇଡ଼ ପାଣି, ସୁବାସିତ ଜଳରେ ଦିଅଁଙ୍କ ସ୍ନାନ କରାଯିବା ସହ ନୂତନ ବସ୍ତ୍ର, ପୁଷ୍ପ, ତୁଳସୀରେ ସୁସଜ୍ଜିତ କରାଯାଇଥିଲା। ସେହିପରି ପାବନକ୍ଷେତ୍ର ଏଡ଼ତାଳ, ବରଣ୍ଡିଆ ଠାରେ ଥିବା ଜଗନ୍ନାଥ ମନ୍ଦିର, ବେତଡ଼ା ଚନ୍ଦନପୁର ଠାରେ ଥିବା ଜଗନ୍ନାଥ ମନ୍ଦିର, ପଡ଼ୁଁଆ ଠାରେ ନବନିର୍ମିତ ଜଗନ୍ନାଥ ମନ୍ଦିର, ମିଶ୍ରପୁରଠାରେ ଥିବା ଜଗନ୍ନାଥ ମନ୍ଦିର, କରଞ୍ଜଆଡ଼ିଆ ଠାରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିର, ବାରାପୁର ନିକଟସ୍ଥ ଶଂଖାରୋ ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିର, ପୌରପାଳିକାର କଳ୍ପତରୁ ଆଶ୍ରମରେ ଥିବା ଜଗନ୍ନାଥ ମନ୍ଦିର ସମେତ ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ଉତ୍ସବ ବିଧି ପୂର୍ବକ ଅନୁଷ୍ଠିତ ହୋଇଛି। ସେହିପରି ବାସୁଦେବପୁରର ସୁଦର୍ଶନପୁର ପଞ୍ଚାୟତ ସଂଲଗ୍ନ ଗୁଡ୍ ଗ୍ରାମରେ ପ୍ରଭୁ ବଳଭଦ୍ରଙ୍କ ପୀଠରେ ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଛି।

# ଶନି ଦେବଙ୍କ ପଞ୍ଚମ ବାର୍ଷିକ ଉତ୍ସବ

ଭଣ୍ଡାରିପୋଖରୀ,୧୧।୬(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ରାଢ଼ୋ ସ୍କୁଲ ପଡ଼ିଆସ୍ଥିତ ପୀଠରେ ଗ୍ରହରାଜ ଶନି ଦେବଙ୍କ ପଞ୍ଚମ ବାର୍ଷିକ ଉତ୍ସବ ବୁଧବାର ଅପରାହ୍ନ ୫ଟାରେ ସମାପନ ହୋଇଛି। ପ୍ରଥମ ଦିବସରେ ଅଙ୍କୁରାରୋପଣ, ଶୁଭାଧିବାସ ଓ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ବୁଧବାର ଦ୍ୱିତୀୟ ଦିନ ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ପୂଜକ ମାନେ ଶନି ଦେବଙ୍କୁ ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା



କରିଥିଲେ। ପୀଠରେ ସୂର୍ଯ୍ୟପୂଜା, ଗୋ ପୂଜା, ଶନିଶ୍ଚରଙ୍କ ଷୋଡ଼ଶ ଉପଚାର ପୂଜା, ମହାସ୍ନାନ, ହୋମଯଜ୍ଞ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପୂଜକ ଶଙ୍କର୍ଷଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସହଯୋଗୀ ପୂଜକ ବିଜୟ ତ୍ରିପାଠୀ, ପ୍ରତାପ କୁମାର ଦାସ, ନାରାୟଣ ଚନ୍ଦ୍ର ତ୍ରିପାଠୀ, ମହେନ୍ଦ୍ର ଦାସ, ରାଜେନ୍ଦ୍ର କୁମାର ତ୍ରିପାଠୀ ପ୍ରମୁଖ ଶନିଦେବଙ୍କ ପୂଜାବିଧି ସମ୍ପୂର୍ଣ୍ଣ କରିଥିଲେ। କର୍ତ୍ତା ଭାବେ ସନ୍ତୋଷ କୁମାର ଦାସ ଓ ରୀତା ରାଣୀ ଦାସ ଦାୟିତ୍ୱ ନିର୍ବାହ କରିଥିଲେ। ଆଖପାଖ ଗାଁର ଅନେକ ଶ୍ରଦ୍ଧାଳୁ ମାନେ ଉତ୍ସବରେ ଯୋଗ ଦେଇଥିଲେ। ଉତ୍ସବକୁ ପୂଜା କମିଟିର ସମସ୍ତ ସଦସ୍ୟ ମାନେ ପରିଚାଳନା କରିଥିଲେ।

# ଭଦ୍ରକ ସହରରେ ଗାଡ଼ି ଚେକିଂ ଜୋର୍‌ଦାର

ଭଦ୍ରକ,୧୧।୬(ସନାତନ ରାଉତ)

ଭଦ୍ରକରେ ନୂତନ ଏସ୍‌ପିଙ୍କ ଯୋଗଦାନ ପରେ ପୋଲିସ ପ୍ରଶାସନ ତତ୍ପର ହୋଇ ଉଠିଛି। ଗତ କିଛିଦିନ ଧରି ସହରର ମୁଖ୍ୟ ରାସ୍ତାରେ ଭିଡ଼ ଜମାଉଥିବା ଉଠା ବ୍ୟବସାୟୀମାନଙ୍କୁ ହଟାଇବା ସହ ଟାଉନ ପୋଲିସ ପକ୍ଷରୁ ଗାଡ଼ି ଚେକିଂକୁ ଜୋରଦାର କରାଯାଇଛି। ବୁଧବାର ଅପରାହ୍ନ ୫ଟାରେ ଅପର୍ତ୍ତିବିନ୍ଧା ଛକରେ ପୋଲିସ ଟିମ୍ ଗାଡ଼ି ଚେକିଂ କରି ଅମାନିଆ ଚାଳକ, ୩ ଜଣିଆ ଆସୁଥିବା ବାଇକ୍ ଓ ବାଇକ୍ ଚଳାଉଥିବା ବେଳେ ଇୟରଫୋନ୍ ବ୍ୟବହାର କରୁଥିବା ଚାଳକଙ୍କୁ ଅଟକାଇ ଫାଇନ କାଟୁଥିବା ଦେଖାଯାଇଥିଲା। ସହରରେ ଏବେ ବିନା ଲାଇସେନ୍ସରେ, ବିନା ହେଲମେଟ୍‌ରେ ଚାଳକଙ୍କ ସଂଖ୍ୟା ବଢ଼ି ଯାଇଥିବା ବେଳେ ବହୁ ନାବାଳକ ମଧ୍ୟ ବାଇକ୍ ଚଳାଉଥିବାର ଦେଖିବାକୁ ମିଳିଛି। ଏହାବ୍ୟତୀତ ବିକଟାଳ ଶବ୍ଦ କରୁଥିବା ସାଇଲେନ୍ସର ଲାଗିଥିବା ବାଇକ୍‌କୁ ପୋଲିସ ଅଟକାଉଥିବାର ଦେଖାଯାଇଥିଲା।

# ଆଗକୁ ସମସ୍ୟା ହେଲେ ଧାରଣା

## ଖବରଦାତା ସମ୍ମିଳନୀରେ ଚେତାବନୀ ଦେଲେ କାଉନସିଲର

ଧାମନଗର,୧୧।୬ (ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ଏନ୍ଏସି ୨ନଂ. ୱାର୍ଡ ଅନ୍ତର୍ଗତ ଗୁମୁଗଡ ଆର୍‌ଡି ରାସ୍ତାଠାରୁ ଶ୍ମଶାନପଦା ପର୍ଯ୍ୟନ୍ତ ଏନ୍ଏସି ପକ୍ଷରୁ ଅଟକଳ ମୁଖ୍ୟ ୧୨ ଲକ୍ଷ ୮୬ ହଜାର ୭୩୬ ଟେଣ୍ଡର କରାଯାଇ କାର୍ଯ୍ୟ କରିବାକୁ ଧାର୍ଯ୍ୟ ହୋଇଥିଲା। କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ସ୍ଥାନୀୟ ବାସିନ୍ଦା ଅଧିକାରୀଙ୍କ ନିକଟରେ ବାରମ୍ବାର ମିଥ୍ୟା ଓ ଭିତ୍ତିହୀନ ଅଭିଯୋଗ କରିବା ପରେ କାମରେ ବ୍ୟାଘାତ ସୃଷ୍ଟି ହୋଇଛି। ଏ ନେଇ କାଉନସିଲର ଜାନକୀଲତା ସେଠୀ ଏବଂ ପୂର୍ବତନ ସରପଞ୍ଚ ବିଶ୍ୱରଞ୍ଜନ ଘଡ଼େଇ ବୁଧବାର ଅପରାହ୍ନ ୫ଟାରେ ଗୁମୁଗଡ଼ କମ୍ୟୁନିଟି କେନ୍ଦ୍ରରେ ଖବରଦାତା ସମ୍ମିଳନୀରେ କହିଛନ୍ତି। ଉନ୍ନତି ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରି ଭିତ୍ତିହୀନ ଅଭିଯୋଗ କରାଯାଇ ଥିବାରୁ ଭଦ୍ରକ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ଭବିଷ୍ୟତରେ ଏପରି ଅମୂଳକ ଅଭିଯୋଗ କରି କାର୍ଯ୍ୟକୁ ବନ୍ଦ କରିବାର ଅପଚେଷ୍ଟା କରାଗଲେ ବାଧ ହୋଇ ଆଇନର ଆଶ୍ରୟ ନେବେ ବୋଲି କାଉନସିଲର ସେଠୀ କହିଛନ୍ତି। ଏପରି ସମସ୍ୟା ସୃଷ୍ଟି ହେଲେ ବାଧ ହୋଇ ଏନ୍ଏସି କାର୍ଯ୍ୟାଳୟରେ କାଉନସିଲରଙ୍କ ସମେତ ଗ୍ରାମବାସୀ ଧାରଣାରେ ବସିବେ ବୋଲି କହିଛନ୍ତି।



ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

# କଷଟି ଗାଁରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

## ■ ଗୋରୁ ବେପାରୀଙ୍କ ଆକ୍ରମଣରେ ଗୁରୁତର ଯୁବକଙ୍କ ମୃତ୍ୟୁ
## ■ ପୁଣି ୨ଜଣଙ୍କୁ ଗିରଫ କଲା ପୋଲିସ

ତିହିଡି,୧୧।୬(ସଞ୍ଜିତ ବଳ)

ଗୋରୁ ବେପାରୀଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ଭଦ୍ରକ ଜିଲା ତିହିଡି ଥାନା କୁବେରା ପଞ୍ଚାୟତ ଅଧୀନ କଷଟି ଗ୍ରାମର ସନ୍ତୋଷ ପରିଡ଼ା(୪୦) ବୁଧବାର ମୃତ୍ୟୁ ଘଟିଛି। ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଆଇସିୟୁରେ ଥିବା ବେଳେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ଖବର ପହଞ୍ଚିବା ପରେ କଷଟି ଗ୍ରାମରେ ଲାଗି ରହିଥିବା ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ଗ୍ରାମରେ ପୋଲିସ ଫୋର୍ସ ମୁତୟନ ରହିଥିବା ବେଳେ ଆଇନଶୃଙ୍ଖଳା ଅଧିକ କଡ଼ାକଡ଼ି କରାଯାଇଛି। ଅପରପକ୍ଷେ ଏହି ମାମଲାରେ ପୋଲିସ ଏପର୍ଯ୍ୟନ୍ତ ୧୦ ଜଣଙ୍କୁ ଗିରଫ କରିସାରିଥିବା ବେଳେ ମଙ୍ଗଳବାର ରାତିରେ ପୁଣି ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗୁଜିଦରଡ଼ା ଗ୍ରାମର ଶେଖ ସମିରୁଦ୍ଦିନ ଓ ବିଷ୍ଣୁପୁର ଗ୍ରାମର ଶେଖ ଅବଦୁଲ୍ଲାଙ୍କୁ ମିଶାଇ ଏ ମାମଲାରେ ଏ ପର୍ଯ୍ୟନ୍ତ ଗିରଫ ସଂଖ୍ୟା ୧୨ରେ ପହଞ୍ଚିଛି। ସୂଚନା ଅନୁଯାୟୀ, ଗତ ୩୦ତାରିଖ ମଧ୍ୟାହ୍ନରେ ଗୁଜିଦରଡ଼ା ଗ୍ରାମର କେତେକ ଗୋରୁ ବେପାରୀ କଷଟି ଗ୍ରାମରୁ ଗୋରୁ ନେଇ ଯାଉଥିଲେ। ଭୂୟାଁବାଟିଟଙ୍କିଠାରେ ସେହି ଗୋରୁ ବେପାରୀଙ୍କ ସହିତ ସନ୍ତୋଷଙ୍କ ସମେତ କେତେକ ଯୁବକଙ୍କର ବଚସା ହୋଇଥିଲା। ପରେ ସେହି ବେପାରୀମାନେ ମୋବାଇଲ ଯୋଗେ ତାଙ୍କର କେତେକ ସହଯୋଗୀଙ୍କୁ ଘଟଣାସ୍ଥଳକୁ ଡକାଇଥିଲେ। ସେମାନଙ୍କ ଆକ୍ରମଣରେ ସନ୍ତୋଷ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ଓ ପରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସନ୍ତୋଷଙ୍କ ସ୍ତ୍ରୀ ମିନତୀଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ. ୧୯୭/୨୫) ରୁଜୁ ହୋଇଥିଲା। ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଏହି ଘଟଣା ଉପରେ କଡ଼ା ନଜର ରଖାଯାଇଥିବା ବେଳେ ନୂତନ ଏସ୍‌ପି ମନୋଜ କୁମାର ରାଉତ କାର୍ଯ୍ୟରେ ଯୋଗ ଦେବା ପରେ କଷଟି ଗ୍ରାମକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିବା ସହ ପୀଡ଼ିତ ସନ୍ତୋଷଙ୍କ ପରିବାରକୁ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉଥିବା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ସୂଚନା ଦେଇଛନ୍ତି।

## ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଦାବି

### ବିଶ୍ୱହିନ୍ଦୁ ପରିଷଦର ଖବରଦାତା ସମ୍ମିଳନୀ

ଭଦ୍ରକ,(ସନାତନ ରାଉତ)

ଗତ ୩୦ ତାରିଖରେ ଗୋ ଚାଲାଣାରୀମାନଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ତିହିଡ଼ି ଥାନା କଷଟି ଗ୍ରାମର ସନ୍ତୋଷ ନାୟକଙ୍କର ବୁଧବାର ମୃତ୍ୟୁ ହୋଇଛି। ଏହାକୁ ନେଇ ଭଦ୍ରକ ଜିଲା ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବୁଧବାର କଚେରି ବଜାରସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲା ସମ୍ପାଦକ ବସନ୍ତ ରାଉତଙ୍କ ସହିତ ସମସ୍ତ କର୍ମକର୍ତ୍ତା ଯୋଗଦେଇ ପୋଲିସ ପ୍ରଶାସନର ଖାମଖିଆଲି ନୀତି ଯୋଗୁ ଆକ୍ରମଣକାରୀଙ୍କୁ ଗିରଫ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଇଛି। ଯାହାକୁ ନେଇ ଅସନ୍ତୋଷ ଦେଖାଦେଇଛି ବୋଲି ପ୍ରକାଶ କରିଥିଲେ। ଆକ୍ରମଣକାରୀ ଓ ସହଯୋଗୀମାନଙ୍କୁ ଗିରଫ କରିବା ସହିତ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଓ ଜଣଙ୍କୁ ଚାକିରୀ ଯୋଗାଇ ଦେବାକୁ ସମ୍ମିଳନୀରେ ଦାବି କରାଯାଇଛି।

# ରେଳ ଧାରଣାରେ ବିପଦପୂର୍ଣ୍ଣ ଯାତାୟାତ

**ଯୋଡ଼ା,୧୧।୬(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ାରୁ ରେଳ ମନ୍ତ୍ରଣାଳୟ ଖଣିଜ ପରିବହନକରି ବହୁ କୋଟି ଟଙ୍କା ରାଜସ୍ୱ ପାଉଛି। ଏହି ରେଳପଥ ଦେଇ ଦେଶର ବିଭିନ୍ନ ପ୍ରାନ୍ତକୁ ଖଣିଜ ପରିବହନ ହୋଇଥାଏ। ଉକ୍ତ ରେଳ ଲାଇନ୍ ବ୍ୟସ୍ତବହୁଳ ଭାବେ ଯୋଡ଼ା ଖଣି ଅଞ୍ଚଳରେ ପରିଚିତ। ଯୋଡ଼ା ଖଣି ମଣ୍ଡଳରୁ ରେଳ ପରିବହନ ଦ୍ୱାରା ରେଳ ମନ୍ତ୍ରଣାଳୟ ବହୁ କୋଟି ଟଙ୍କା ରାଜସ୍ୱ ପାଉଥିଲେ ମଧ୍ୟ ଯୋଡ଼ା ବ୍ଲକ୍ ପ୍ରତି ଆଦୌ ଦୃଷ୍ଟି ଦେଉନାହିଁ। ବୈମାତୃକ ମନୋଭାବ ଯୋଗୁ ବିଭିନ୍ନ ସ୍ଥାନରେ ରେଳ ଲାଇନ୍ ନିକଟରେ ଥିବା ଗ୍ରାମବାସୀ ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି।

ଯୋଡ଼ା ବ୍ଲକ୍‌ର ବିରିକଳା ପଞ୍ଚାୟତର ବିଲେପଦା-ଭାଗଲପୁର ଅଞ୍ଚଳ ଦେଇ

**ବିଲେଇପଦା-ଭାଗଲପୁର ଦେଇ ଯାଇଥିବା ରେଳ ଧାରଣାରେ ଫାଟକ ନାହିଁ**


ରେଲ ଧାରଣା ଉପରେ ଲୋକେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି।

ଯାଇଥିବା ରେଳଲାଇନ୍‌ରେ ଲେଭଲ କ୍ରସିଂ ଫାଟକ ନାହିଁ। ଫଳରେ ସ୍ଥାନୀୟ ଲୋକେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଥିବା ବେଳେ ଅନେକ ସମୟରେ ରେଳ ଧକ୍କାରେ ଧନ ଜୀବନ ନଷ୍ଟ ହେଉଛି।

ପ୍ରକାଶ ଯେ, ଉକ୍ତ ପଞ୍ଚାୟତ ମଧ୍ୟ ଦେଇ ଦକ୍ଷିଣ-ପୂର୍ବ ରେଳପଥଟି ଝାଡ଼ଖଣ୍ଡ ରାଜ୍ୟକୁ ସଂଯୋଗ ହୋଇଛି। ପଞ୍ଚାୟତ ଦେଇ ଯାଇଥିବା ରେଳପଥର ଲହଣ୍ଡା ଓ ଭାଗଲପୁରର ଭିନ୍ନ ସ୍ଥାନରେ ରେଳ ଲାଇନରେ ଏପର୍ଯ୍ୟନ୍ତ ଲେଭଲ କ୍ରସିଂ ଫାଟକ ନିର୍ମାଣ କରାଯାଇନାହିଁ। ୨ ରେଳ ଧାରଣା ଦେଇ ପ୍ରତିଦିନ ପଞ୍ଚାୟତର ଲହଣ୍ଡା, କାଳିଆବେଡ଼ା, ବିଲେଇପଦା, ଭାଗଲପୁର ଓ ବଳିତାର ଅନେକ ହଜାର ଗ୍ରାମବାସୀ ଯାତାୟାତ କରୁଛନ୍ତି। ଦୀର୍ଘ ବର୍ଷ ହେବ ଫାଟକ ନିର୍ମାଣ ନିମନ୍ତେ ଦାବି ହେଉଥିଲେ ମଧ୍ୟ ଏ ଦିଗରେ ରେଳ ମନ୍ତ୍ରଣାଳୟ କୌଣସି ପଦକ୍ଷେପ ନେଉନାହିଁ। ଫାଟକ ନିର୍ମାଣ ପରିବର୍ତ୍ତେ ବିଭିନ୍ନ ସମୟରେ ରେଳ କର୍ମଚାରୀ ରେଳ ଲାଇନ ସଂଯୋଗ ଗ୍ରାମ୍ୟ ରାସ୍ତାକୁ ଖୋଳି ବିପଦପୂର୍ଣ୍ଣ ଭାବେ ଅବରୋଧ କରି ରଖୁଛନ୍ତି। ଫଳରେ ଗ୍ରାମ ଭିତରକୁ ଚାରି ଚକିଆ ଯାନ ଓ ବାଇକ୍ ଯାତାୟାତ କରିପାରୁନାହିଁ। ଏପରିକି ଜରୁରିକାଳୀନ ଚିକିତ୍ସା ପାଇଁ ଆସୁଥିବା ୧୦୮ ଓ ୧୦୨ ଆମ୍ବୁଲାନ୍ସ ଉକ୍ତ ରେଳ ଲାଇନ ରାସ୍ତାରେ ଅଟକି ରହୁଛି। ପ୍ରାୟ ୨ରୁ ୩ କି.ମି. ଦୂରରେ ଥିବା ଗ୍ରାମଗୁଡ଼ିକରେ ରୋଗୀଙ୍କୁ ବହୁ କଷ୍ଟରେ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ଆଣିବାକୁ ପଡୁଛି। ଜିଲା ପ୍ରଶାସନ ଓ ରେଳ ମନ୍ତ୍ରଣାଳୟର ସମନ୍ୱୟ ଅଭାବରୁ ଫାଟକ ନିର୍ମାଣ ହୋଇପାରୁ ନ ଥିବା କୁହାଯାଉଛି। ଯୋଡ଼ା ବ୍ଲକ୍‌ର ପୂର୍ବତନ ଜିଲା ପରିଷଦ ସଭ୍ୟ ବୀର ନାଏକ କହିଛନ୍ତି, ଗ୍ରାମବାସୀଙ୍କ ଯାତାୟାତ ସୁରକ୍ଷା ପାଇଁ ଉକ୍ତ ୨ ଗ୍ରାମ୍ୟ ରାସ୍ତାରେ ଫାଟକ ନିର୍ମାଣ ଜରୁରୀ ହୋଇପଡ଼ିଛି। ରେଳ ମନ୍ତ୍ରଣାଳୟ ଯେଉଁ ଅନୁପାତରେ ଏଠାରୁ ରାଜସ୍ୱ ପାଉଛି, ସେ ଅନୁପାତରେ ଉନ୍ନତି ହେଉ ନ ଥିବା କହିଥିଲେ।

# ଆନନ୍ଦପୁର ଡାକ୍ତରଖାନାରେ ୧୭ ଚିକିତ୍ସାଧୀନ, ଜଣେ ମୃତ

**ଯାଜପୁର ଜିଲାରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା**

**ଆନନ୍ଦପୁର,୧୧।୬(ସୁଶାନ୍ତ କୁମାର ସାହୁ)**

ଯାଜପୁର ଜିଲା ଟମକା ଥାନା ତରାଇଲୋ ଗାଁ ସମେତ ବିଭିନ୍ନ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିଛି। ଜିଲାର ବିଭିନ୍ନ ଡାକ୍ତରଖାନାରେ ରୋଗୀ ଭର୍ତ୍ତି ହୋଇଥିବା ବେଳେ କେନ୍ଦୁଝର ଜିଲା ଆନନ୍ଦପୁର ଡାକ୍ତରଖାନାରେ ୧୭ ଜଣ ଚିକିତ୍ସାଧୀନ ଅଛନ୍ତି। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଜଣଙ୍କ ମୃତ୍ୟୁ ଘଟିଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି। ମୃତକ ହେଲେ ତରାଇଲୋର ସୁଦର୍ଶନ ପାତ୍ର।

ସୂଚନା ଅନୁଯାୟୀ, ଯାଜପୁର ଜିଲା ଟମକା ଥାନା ତରାଇଲୋ ଗାଁରେ ଗତ ରବିବାର ଗାଁ ଲୋକେ ଜଣଙ୍କର ଲଗ୍ନ ଭୋଜି ଖାଇଥିଲେ। ସୋମବାର ପୁଣି ଗାଁରେ ଥିବା ଏକ ଏକୋଇଶିଆ ଭୋଜି ଖାଇଥିଲେ। ଭୋଜି ଖାଇ ପ୍ରାୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ମଙ୍ଗଳବାର ଅପରାହ୍ନରେ ଆନନ୍ଦପୁର ମେଡିକାଲରେ ୩୬ ଜଣ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଜଣଙ୍କ ମୃତ୍ୟୁ ଘଟିଥିଲା। ୩ ଜଣଙ୍କ ଅବସ୍ଥା ଗ ସଙ୍କଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ୧୫ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଆନନ୍ଦପୁର ଏସ୍‌ଡିଏମ୍‌ଓ ଧନେଶ୍ୱର ସେଠୀ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଆନନ୍ଦପୁର ମେଡିକାଲରେ ୧୭ ଜଣ ଚିକିତ୍ସା ହେଉଛନ୍ତି। ବୁଧବାର ମେଡିକାଲରେ କାହାର ମୃତ୍ୟୁ ଘଟିନାହିଁ। ଗାଁକୁ ଏକ ଚିକିତ୍ସକ ଟିମ୍ ପଠାଯାଇ ରୋଗୀଙ୍କୁ ଚିକିତ୍ସା ସୁବିଧା କରାଯାଇଛି।

# ଅଣସର ଘରକୁ ଗଲେ ବଳଦେବଜୀଉ


ଶ୍ରୀ ବଳଦେବଜୀଉ, ପ୍ରଭୁ ଜଗନ୍ନାଥ ଓ ଦେବୀ ସୁଭଦ୍ରା ସ୍ନାନ କରୁଛନ୍ତି।

**କେନ୍ଦୁଝର,୧୧।୬(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)**

**ଦେବସ୍ନାନ ନୀତି ସମ୍ପନ୍ନ**

କେନ୍ଦୁଝରର ରାଷ୍ଟ୍ରଦେବତା ଶ୍ରୀ ଶ୍ରୀ ବଳଦେବଜୀଉ, ଶ୍ରୀ ଜଗନ୍ନାଥ, ଦେବୀ ସୁଭଦ୍ରା ଓ ଶକ୍ତିର ପ୍ରତୀକ ସୁଦର୍ଶନଙ୍କର ଦେବସ୍ନାନ ନୀତି ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭୋର ୪ ଟାରେ ଦେବନୀତି ସମ୍ପନ୍ନ ପରେ ଶ୍ରୀଜୀଉଙ୍କ ସ୍ନାନନୀତି ସମ୍ପନ୍ନ କରାଯାଇଥିଲା। କେନ୍ଦୁଝରର ଶ୍ରୀଜୀଉମାନେ ଅଁଳା ପତ୍ର ବା ଧାତ୍ରୀ ପ୍ରିୟ ଥିବାବେଳେ ସେବକମାନେ ଶ୍ରୀ ଅଙ୍ଗରେ ଧାତ୍ରୀ ଲାଗି କରାଇଥିଲେ। ରାଜାସାହେବ ଧନଞ୍ଜୟ ନାରାୟଣ ଭଞ୍ଜଦେଓ ରାଜନୀତି ସମ୍ପାଦନ କରିଥିଲେ। ବଡ଼ପଣ୍ଡା ରାଜକିଶୋର ପଣ୍ଡା, ବ୍ରହ୍ମା ଗଙ୍ଗାଧର ମିଶ୍ର, ରାଜପୁରୋହିତ ପ୍ରସନ୍ନ ନନ୍ଦଙ୍କ ତତ୍ତ୍ୱାବଧାନରେ ନୀତି ସମ୍ପନ୍ନ ହୋଇଥିଲା। ଦେବୋତ୍ତର ପକ୍ଷରୁ କେନ୍ଦୁଝର ଉପ ଜିଲାପାଳ ତଥା ନିର୍ବାହୀ ଅଧିକାରୀ ଉମାଶଙ୍କର ଦଳାଇ, ଭୁବନେଶ୍ୱର ମହାପାତ୍ର, ଜନ୍ମେଜୟ ଶତପଥି, ଦେବୋତ୍ତର ସୁପରଭାଇଜର ପଞ୍ଚାନନ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ସଂନ୍ଧ୍ୟାରେ ଶ୍ରୀଜୀଉଙ୍କୁ ଗୋଟି ପହଣ୍ଡିରେ ଅଣସର ଘରକୁ ନିଆଯାଇଥିଲା। ସେହିପରି ଆଦିଶକ୍ତି ପୀଠ ସିଦ୍ଧମଠଠାରେ ସିଦ୍ଧ ଜଗନ୍ନାଥଙ୍କର ଦେବସ୍ନାନ ନୀତି ଅନୁଷ୍ଠିତ ହୋଇଛି।

# ସ୍ନାନବେଦିରେ ଦାରୁ ମୂରତି

**ଚମ୍ପୁଆ,୧୧।୬(ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆସ୍ଥିତ ଦଧିବାମନ ଜୀଉଙ୍କର ସ୍ନାନପୂର୍ଣ୍ଣିମା ସମ୍ପନ୍ନ ହୋଇଛି। ବୁଧବାର ସକାଳ ୯ରେ ମନ୍ଦିରରେ ଚତୁର୍ଦ୍ଧା ମୂରତୀଙ୍କ ପୂଜାଅର୍ଚ୍ଚନା ପରେ ଉପ ଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ପୌରହିତ୍ୟରେ ଚତୁର୍ଦ୍ଧା ମୂରତିଙ୍କୁ ମନ୍ଦିର ବେଢ଼ାରେ ଥିବା ସ୍ନାନ ବେଦୀକୁ ଅଣାଯାଇଥିଲା। ରିତିନିତୀରେ ସୁବାସିତ ଜଳରେ ଚତୁର୍ଦ୍ଧା ମୂରତିଙ୍କୁ ବ୍ରାହ୍ମଣଙ୍କ ମନ୍ତ୍ରଧ୍ୱନୀରେ ଉପଜିଲାପାଳ ସ୍ନାନ କରାଇବା ସହିତ ଚତୁର୍ଦ୍ଧା ମୂରତିଙ୍କୁ ନବବସ୍ତ୍ର ପରିଧାନ କରାଇ ତୁଳସୀମାଳ, ଫୁଲ ଚନ୍ଦନଦେଇ ପୂଜାର୍ଚ୍ଚନା କରିଥିଲେ। ଧର୍ମପତ୍ନୀ ସଂଘମିତ୍ରା ସାହୁ ମିଳିତ ଭାବରେ ଆରତୀ କାର୍ଯ୍ୟ ସମାପନ କରିଥିଲେ। ପୂଜକ ବିପିନ ମିଶ୍ର ଓ ଚମ୍ପେଶ୍ୱର ମିଶ୍ର ପରିଚାଳନା କରିଥିଲେ।


ସ୍ନାନମଣ୍ଡପରେ ଚମ୍ପୁଆ ଉପଜିଲାପାଳ ଓ ଅନ୍ୟମାନେ।

**ଯୋଡ଼ା(ମାନସ ମହାନ୍ତି):** କେନ୍ଦୁଝର ଜିଲା ପୂର୍ବ ଯୋଡ଼ାରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିରରେ ସକାଳ ୯ ଟା୧୫ ର ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କୁ ରତ୍ନବେଦୀରୁ ସ୍ନାନ ମଣ୍ଡପକୁ ପହଣ୍ଡି ବିଜେ କରାଯାଇଥିଲା। ମୁଖ୍ୟ ପୂଜକ ପ୍ରଦୀପ ମିଶ୍ର, ସହକାରୀ ପୂଜକ ନିରଞ୍ଜନ ପଣ୍ଡା, ପୂଜକ ଅଭୟ ଶୁକ୍ଳା, ଚିତ୍ତରଞ୍ଜନ ପତି, ସୁବାସ ପାଣିଗ୍ରାହୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ୧୦୮ କଳସରେ ସ୍ନାନ ବିଧି ସମାପନ କରାଯାଇଥିଲା। ପରେ ଜୀଉମାନଙ୍କ ଗଜାନନ ବେଶ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା। ଜଗନ୍ନାଥ ସେବା ସମିତି ମୁଖ୍ୟ ଡା. ଅନିଲ ଦାସ, କୈଳାସ ନାୟକ, ନନ୍ଦୁ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

**ଢେଙ୍କିକୋଟ(ନୀଳମଣି ମଣ୍ଡଳ):** କେନ୍ଦୁଝର ଜିଲା ବ୍ୟବସାୟିକ ପେଣ୍ଠସ୍ଥଳ ଢେଙ୍କିକୋଟ୍‌ଠାରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟାରୁ ଯଥାବିଧି ପୂଜାପାଠ ଆରମ୍ଭ କରି ପୂର୍ବାହ୍ନ ୧୧ଟା ବେଳେ ରତ୍ନ ବେଦୀରୁ ମହାପ୍ରଭୁ ୩ ଠାକୁରଙ୍କୁ ସ୍ନାନ ବେଦୀକୁ ଆଣିଥିଲେ। ସେଠାରେ ବିଭିନ୍ନ ଗୁଳ୍ମ ଔଷଧୀୟ ଜଳରେ ସ୍ନାନ କରାଇଥିଲେ। ଢେଙ୍କିକୋଟ୍ ଜଗନ୍ନାଥ ମନ୍ଦିର ଓ ରଥ ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କ ନେତୃତ୍ୱରେ ତିନି ଠାକୁରଙ୍କ ଦେବସ୍ନାନ ନୀତିକାନ୍ତି ଅନୁଷ୍ଠିତ ହୋଇଯାଇଛି। କମିଟିର ପୁରଧା ରାମଚନ୍ଦ୍ର ସାହୁ, ଯୁବ ଇଞ୍ଜିନିୟର ଶୁଭାଶିଷ ମଣ୍ଡଳ, ପ୍ରଫୁଲ୍ଲ ସିଂହ, ପୂର୍ଣ୍ଣଚନ୍ଦ୍ର ନାୟକ, ଅଭିମନ୍ୟୁ ପଲେଇ ପ୍ରମୁଖ ସମ୍ପାଦନ କରୁଥିଲେ। ଅପରାହ୍ନ ୫ ଟାରେ ମହାପ୍ରଭୁ ଅଣସର ଘରକୁ ଯାଇଛନ୍ତି।

**ପାଟଣା(ବୀରକିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ବ୍ଲକ୍ ରାଜନଗର ଦଧିବାମନଜୀଉ ଓ ମଲ୍ଲିପଶିଠାରେ ଥିବା ଜଗନ୍ନାଥ ମନ୍ଦିରରେ ବୁଧବାର ଦେବ ମହାସ୍ନାନ ପୂର୍ଣ୍ଣିମା ସମ୍ପର୍ଣ୍ଣ ହୋଇଯାଇଛି। ରାଜନଗରରେ ଦଧିବାମନଜୀଉଙ୍କ ସକାଳ ୫ ରେ ଦ୍ୱାର ଫିଟା, ପରେ ମଙ୍ଗଳ ଆଳତି, ଲୁଗା ଲାଗି, ଗୋଟି ପହଣ୍ଡି, ସ୍ନାନ ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ୧୦୮ଗରାରେ ବ୍ରହ୍ମା ପ୍ରଦୀପ ମିଶ୍ର, ପରିଛା ଦୁର୍ଯ୍ୟୋଧନ ମିଶ୍ର, ବଡ଼ପଣ୍ଡା ସତ୍ୟାନନ୍ଦ ପଣ୍ଡା ପ୍ରମୁଖ ନୀତିକାନ୍ତିରେ ଠାକୁରଙ୍କ ମହାସ୍ନାନ ସମ୍ପର୍ଣ୍ଣ କରାଇଥିଲେ। ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ ଉପସ୍ଥିତ ରହି ତଦାରଖ କରିଥିଲେ। ସେହିଭଳି ମଲ୍ଲିପଶି ଜଗନ୍ନାଥଙ୍କ ମହାସ୍ନାନ ପାଇଁ ପାଟଣାର ପବିତ୍ର ବୈତରଣୀ ନଦୀରୁ ୧୦୮ ଜଳ ପୂର୍ଣ୍ଣ କଳସ ଯାତ୍ରା ଭୋର ୪ ଟାରୁ ଆରମ୍ଭ ହୋଇଥିଲା। ପାଟଣା ମୁଖ୍ୟ ବଜାର ପରିକ୍ରମା କରି ମଲ୍ଲିପଶି ଛକରେ ଥିବା ଜଗନ୍ନାଥ ମନ୍ଦିରରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନଙ୍କୁ ପୂଜାର୍ଚ୍ଚନା କରାଯିବା ସହ ତିନି ଠାକୁର ସ୍ନାନ କରିଥିଲେ। ତହସିଲଦାର ନାଏକ, ପୂର୍ବତନ ବ୍ଲକ୍ ଅଧକ୍ଷା ବିଶ୍ୱନାଥ ନାଏକ, ବରିଷ୍ଠ ଖବର ଦାତା ନୃସିଂହନାଥ ସିଂ ଯୋଗଦେଇଥିବା ବେଳେ ଶିକ୍ଷକ ପାର୍ଥ ସାରଥି ବେଜ ମଞ୍ଚ ପରିଚାଳନା କରିଥିଲେ।

**ବଡ଼ବିଲ,୧୧।୬(ଦେବପ୍ରିୟ ରଣା):** କେନ୍ଦୁଝର ଜିଲା ବଡବିଲର ୫ଟି ସ୍ଥାନରେ ପୂଜା ପାଉଥିବା ଚତୁର୍ଦ୍ଧାମୂର୍ତ୍ତି ସ୍ନାନ ମଣ୍ଡପରେ ବିଜେ ହୋଇ ସ୍ନାନ କରିଛନ୍ତି। ବଡ଼ବିଲ ହରିହର ମନ୍ଦିର, ଭଗତସିଂ ଛକସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର, କିରିବୁରୁ ଛକସ୍ଥିତ କଲ୍ୟାଣେଶ୍ୱର ମନ୍ଦିର, ରାଜ୍ୟ ସୀମାନ୍ତରେ ଥିବା ଜଗନ୍ନାଥ ମନ୍ଦିର ଏବଂ ଠାକୁରାଣୀସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମନ୍ଦିର ସେବକଙ୍କ ଦ୍ୱାରା ପହଣ୍ଡି କରାଯାଇ ସ୍ନାନ ମଣ୍ଡପରେ ବିଜେ କରାଯାଇଥିଲା। ପରେ ନୀତିକାନ୍ତି ଅନୁଯାୟୀ, ପୂଜାର୍ଚ୍ଚନା ଓ ସ୍ନାନ ଉତ୍ସବ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି। ଭକ୍ତ ଓ ଶ୍ରଦ୍ଧାଳୁମାନେ ମହାବାହୁଙ୍କ ଅଶୀର୍ବାଦ ଲାଭ କରିଥିବା ଜଣାପଡିଛି।

## ମୟୂରଭଞ୍ଜ

# ମାଛ ଯାଆଁଳ ଉତ୍ପାଦନରେ ମୟୂରଭଞ୍ଜ ରାଜ୍ୟରେ ପ୍ରଥମ

**ବାରିପଦା,୧୧।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

■ ୧୩ କେନ୍ଦ୍ରରେ ୨୪.୨୫୫ଲକ୍ଷ ଅଣ୍ଡା ଉତ୍ପାଦନ
■ ଉପକୃତ ହେଉଛନ୍ତି ୨୫ହଜାର ଚାଷୀ

ବଣପାହାଡ ଘେରା ମୟୂରଭଞ୍ଜ ଜିଲାରେ ମଧୁର ଜଳ ମାଛ ଚାଷ କରି ଚାଷୀମାନେ ସଫଳତା ପାଇଛନ୍ତି। ଜିଲାରେ ସମୁଦ୍ର ନ ଥିବାରୁ ମଧୁର ଜଳରେ ମାଛ ଚାଷ କରି ଚାହିଦା ବୃଦ୍ଧି କରିଛନ୍ତି। ଏପରିକି ମାଛ ଯାଆଁଳ ଉତ୍ପାଦନରେ ମୟୂରଭଞ୍ଜ ଜିଲା ରାଜ୍ୟର ସମସ୍ତ ଜିଲାମାନଙ୍କଠାରୁ ପ୍ରଥମ ସ୍ଥାନରେ ରହିଛି। ଉନ୍ନତ କିସମର ଯାଆଁଳ ପଡ଼ୋଶୀ ଜିଲା ତଥା ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ରପ୍ତାନୀ ହେଉଛି ।


ସୂଚନାଯୋଗ୍ୟ, ଜିଲାରେ ମତ୍ସ୍ୟ ବିଭାଗ ଆନୁକୂଲ୍ୟରେ ଗୋଟିଏ ସରକାରୀ ଓ ୧୨ଟି ଘରୋଇ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ର ରହିଛି। ଏହି କେନ୍ଦ୍ରରୁ ବର୍ଷକୁ ମୋଟ ୨୪.୨୫୫ଲକ୍ଷ ଅଣ୍ଡା ଉତ୍ପାଦନ କରାଯାଇ ଯାଆଁଳ ପ୍ରସ୍ତୁତ କରାଯାଉଛି। ସମଗ୍ର ରାଜ୍ୟରେ ୨୭୮.୬୩କୋଟି ଯାଆଁଳ ଉତ୍ପାଦନ ହେଉଥିବା ବେଳେ ମୟୂରଭଞ୍ଜ ଜିଲାର ଉତ୍ପାଦତ ଯାଆଁଳ ଅନ୍ୟ ଜିଲାମାନଙ୍କଠାରୁ ସର୍ବାଧିକ ରହିଛି। ମତ୍ସ୍ୟ ବିଭାଗ ପକ୍ଷରୁ କାର୍ଯ୍ୟକାରୀ



ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରେ ଉପସ୍ଥିତ ଅଧିକାରୀମାନେ।

ହେଉଥିବା ବିଭିନ୍ନ ଯୋଜନାରେ ମୁଖ୍ୟତଃ ବଡ଼ସାହି, ବେତନଟୀ, ଉଦଳା, କପ୍ତିପଦା, ଖୁଣ୍ଟା, ଗୋପବନ୍ଧୁନଗର, ସାରସକଣା ଓ ରାସଗୋବିନ୍ଦପୁର ବ୍ଲକରେ ସଫଳତା ଦେଖାଯାଇଛି। ବିଗତ ୨୦୨୪-୨୫ ଆର୍ଥିକ ବର୍ଷରେ ୪୩୫୩୦ ମେଟ୍ରିକ ଟନ ମତ୍ସ୍ୟ ଉତ୍ପାଦନ ହୋଇଛି । ଏହା ସହିତ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାରେ ୨୭.୪୦ ହେକ୍ଟର ନୂତନ ପୋଖରୀ ଖୋଳାଯାଇ ୭୭ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି। ସେହିପରି ୯୭.୫୯୬ହେକ୍ଟର ଜଳ ଆୟତନ ପୋଖରୀରେ ୨୦୦ ମତ୍ସ୍ୟ ଚାଷୀ, ୪୪୯.୭୪ ହେକ୍ଟର ପଞ୍ଚାୟତ ପୋଖରୀରେ ମାଛ ଚାଷ ନିମନ୍ତେ ୬୧୩ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ୨୬୪.୯୮ ଏକର ଜଳ ଆୟତନ ପାଇଁ ୧୩୩ ଜଣ ଯାଆଁଳ ଉତ୍ପାଦନକାରୀ, ୨୨.୩୪ ହେକ୍ଟର ଜଳ ଆୟତନ ପାଇଁ ୫୪୦ଜଣ କ୍ଷେତ ପୋଖରୀ ମତ୍ସ୍ୟଚାଷୀ ଇନପୁଟ ସହାୟତା ପାଇଛନ୍ତି। ପୁନଶ୍ଚ ୪୩୨ଟି ଜୈବକୁଣ୍ଡ ନିର୍ମାଣ କରି ୭୮ଜଣ ମତ୍ସ୍ୟଚାଷୀ ସ୍ୱାବଲମ୍ବୀ ହୋଇଛନ୍ତି। ଏହା ସହିତ ୧୦୨ଜଣ ଚାଷୀ ମତ୍ସ୍ୟ ଯନ୍ତ୍ରପାତି କ୍ରୟ କରିଥିବାବେଳେ ୧୪୯ଟି ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତା ଏବଂ ୪୦ଜଣ ମେଧାବୀ ଛାତ୍ରୀଛାତ୍ର ବୃତ୍ତି ପାଇ ଏହି ଯୋଜନାରେ ଲଭାବାନ ହୋଇଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅନ୍ତର୍ଗତ ୫.୨୫ ହେକ୍ଟର ନୂତନ ପୋଖରୀ, ଗୋଟିଏ ମଧମ ଜୈବ ମତ୍ସ୍ୟକୁଣ୍ଡ, ଗୋଟିଏ ହ୍ୟାଚେରୀ ଓ ଗୋଟିଏ ମାଛ ରୋଗ ଚିହ୍ନଟ ପରୀକ୍ଷଣ କେନ୍ଦ୍ର ନିର୍ମାଣ କରି ସର୍ବମୋଟ ୧୬ଜଣ ହିତାଧିକାରୀ ଲାଭବାନ ହୋଇପାରିଛନ୍ତି। ସେହିପରି ଓଆଇଆଇପିସିଆରଏ ଯୋଜନାରେ ୩୯.୧୦ ହେକ୍ଟର କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ମାଛ ଚାଷ, ୧୩ ହେକ୍ଟର ଜଳାୟତନରେ ମିଶ୍ରିତ ମାଛଚାଷ, ୧.୨୦ ହେକ୍ଟର ଜଳାୟତନରେ ମଧୁର ଜଳ ଚିଙ୍ଗୁଡ଼ି ଯାଆଁଳ ଉତ୍ପାଦନ, ଶହେଟି ଜୈବକୁଣ୍ଡ ନିର୍ମାଣ, ୧୬ଟି କ୍ଷୁଦ୍ର ମାଛ ଖାଦ୍ୟ ମିଶ୍ରଣ କାରଖାନା, ୨୦ଟି ମାଛଟଣା ଜାଲ, ୧୩୦ଟି ଜଳ ପରୀକ୍ଷଣ କିଟ୍, ୮ଟି ମାଛ ବ୍ୟବସାୟିକ ଯାନ, ଗୋଟିଏ ମହୁରାଳି ହ୍ୟାଚେରୀ ସମ୍ପ୍ରସାରଣ, ଏକ ହେକ୍ଟର ଧାନ ଚାଷ ଜମିରେ ମିଶ୍ରିତ ମାଛ ଚାଷ ନିମନ୍ତେ ମୋଟ ୨୯୦ ହିତାଧିକାରୀ ଲାଭବାନ ହେବା ସହିତ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଜିଲାରେ ୧୪ହଜାର ଚାଷୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ପ୍ରତ୍ୟକ୍ଷ ଭାବେ ଉପକୃତ ହେଉଥିବା ବେଳେ ମାଛଚାଷ ପାଇଁ ୨୫ ହଜାରରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହେଉଛନ୍ତି ବୋଲି ଜିଲା ମତ୍ସ୍ୟ ଅଧିକାରୀ ମାନସ ରଞ୍ଜନ ସାହୁ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ମତ୍ସ୍ୟ ଚାଷ ପ୍ରତି ଲୋକଙ୍କ ଆଗ୍ରହ ବଢ଼ାଇବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।

# ସ୍ନାନମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି


ଜଗନ୍ନାଥ ମନ୍ଦିର ସ୍ନାନମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତି।

**ବାରିପଦା,୧୧।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାସ୍ଥିତ ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ମନ୍ଦିରରେ ବୁଧବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ନୀତିକାନ୍ତିରେ ପାଳିତ ହୋଇଛି। ସକାଳ ୫ଟା୩୦ ପରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନସିଂହାସନ ଛାଡି ସ୍ନାନମଣ୍ଡପକୁ ପହଣ୍ଡି ବିଜେ କରିଥିଲେ । ପରେ ୧୦୮ଗରା ସୁବାସିତ ଜଳ, ଚନ୍ଦନ, କର୍ପୂର, ତୁଳସୀ ଓ କସ୍ତୁରୀ ଆଦି ଜଳରେ ମହାପ୍ରଭୁଙ୍କୁ ସ୍ନାନ କରାଯାଇଥିଲା। ଏହାପରେ ମହାପ୍ରଭୁଙ୍କ ଚନ୍ଦନ ଚୂଳିଆ ବେଶ ଓ ସନ୍ଧ୍ୟାରେ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା। ଦେବୋତ୍ତର ବିଭାଗ ଓ ମନ୍ଦିର ସେବାୟତଙ୍କ ପକ୍ଷରୁ ପୂଜାର୍ଚ୍ଚନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପୂଜକ କାମେଶ୍ୱର ତ୍ରିପାଠୀ କହିଛନ୍ତି। ସୁରକ୍ଷା ଦୃଷ୍ଟିରୁ ସହରରେ ବ୍ୟାପକ ପୋଲିସ ଫୋର୍ସ ନିୟୋଜିତ ହୋଇଥିଲେ। ସେହିପରି ସାନ ଜଗନ୍ନାଥ(ବାଣିଆ ଜଗନ୍ନାଥ) ମନ୍ଦିରରେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ଯଥା ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛ।

# ପ୍ରତିଭା ସମ୍ମାନ ଉତ୍ସବ

**ବୈଶିଙ୍ଗା,୧୧।୬(ରତନ ଦାଶ)**

ବୈଶିଙ୍ଗା ଥାନା ଅର୍ନ୍ତଗତ ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା ବିକାଶ ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ସଭାପତିତ୍ୱରେ ମେର୍ଦା ପଞ୍ଚାୟତର ରେଣ୍ଟାସାହି ଗ୍ରାମରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ୩୭ନଂ. ଜୋନ ଜିଲା ପରିଷଦ ସଭ୍ୟା ସୁଶ୍ରୀ ଧାନୀ କିସ୍କୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାମାଜିକ କର୍ମୀ ଚକ୍ରଧର ମହାନ୍ତି ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ଛାତ୍ରୀଛାତ୍ର ମାନଙ୍କୁ ବିଦ୍ୟାର ମହତ୍ତ୍ୱ ଓ ଉପଯୋଗୀତା ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ମନୋରଞ୍ଜନ ସିଂହ ଯୋଗଦେଇ ନୈତିକ ଶିକ୍ଷା ବିଷୟରେ ଗୁରୁତ୍ୱ ଦେଇଥିଲେ। ବିକାଶ ପରିଷଦର ଉପଦେଷ୍ଟା ଚକ୍ରଧର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଡିହିରାକୁଳରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ ପର୍ବ

**ଉଦଳା,୧୧।୬ (ସନ୍ତୋଷ କୁମାର ବାଛିନୀ)**

ଉଦଳା ବ୍ଲକ ଅଧୀନ ଡିହିରାକୁଳ ଗ୍ରାମ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାଦେବଙ୍କ ମହାସ୍ନାନ ପର୍ବ ନୀତିକାନ୍ତି ଅନୁଯାୟୀ ସମ୍ପନ୍ନ ହୋଇଛି। ବୁଧବାର ସକାଳ ୫ଟାରେ ଦ୍ୱାରଫିଟା ନୀତି, ମଙ୍ଗଳ ଆଳତି ପରେ ପୂର୍ବ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ ଶ୍ରୀଜୀଉମାନଙ୍କୁ ପହଣ୍ଡି କରାଯାଇ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ସକାଳ ୮ଟାରେ ଗ୍ରାମ ପାର୍ଶ୍ୱରେ ପ୍ରବାହିତ ପବିତ୍ର ଟାଙ୍ଗଣା ନଦୀରୁ ୧୦୮ ଗରା ଜଳ ଉତ୍ତୋଳନ କରାଯାଇ ଶ୍ରଦ୍ଧାଳୁମାନେ ସ୍ନାନ ମଣ୍ଡପକୁ ଆଣିଥିଲେ। ପରେ ଶ୍ରୀ ଜୀଉଙ୍କୁ ସ୍ନାନ କରାଯାଇଥିଲା। ନାମ ସଂକୀର୍ତ୍ତନ, ଘଣ୍ଟା, ଶଙ୍ଖ ଓ ଜୟ ଜଗନ୍ନାଥ ଧ୍ୱନିରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ମଧ୍ୟାହ୍ନ ୧୨ଟାରେ ଗଜାନନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ ଶ୍ରୀଜୀଉ। ଶତାଧିକ ମହିଳା ପୁରୁଷଙ୍କ ଭିଡ ଲାଗି ରହିଥିବା ବେଳେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଉପସ୍ଥିତ ରହି ପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ବାର୍ଷିକ ଆଧାତ୍ମିକ ପତ୍ରିକା ଜଗମୋହନର ୧୫ତମ ସଂସ୍କରଣ ଉନ୍ମୋଚନ କରାଯାଇଥିଲା। ଉଦଳା ଏନଏସି ଅଧକ୍ଷା ପ୍ରମିଳା ପଣ୍ଡା, ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସରପଞ୍ଚ ବସେନ ମାରାଣ୍ଡି, ସାରସ୍ୱତ ମହାବିଦ୍ୟାଳୟ ସୋର ଅଧକ୍ଷ ଡ. ଡମ୍ବରୁଧର ବଳ, ପ୍ରାକ୍ତନ କୃଷି ନିର୍ଦ୍ଦେଶକ ପରେଶ ଚନ୍ଦ୍ର ସାହୁ, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, କୋଲ ଇଣ୍ଡିଆର ପୂର୍ବତନ ଅଧିକାରୀ ସୁମନ୍ତ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇ ଜଗନ୍ନାଥ ସଂସ୍କୃତି, ସ୍ନାନ ମଣ୍ଡପର ମହତ୍ତ୍ୱ, ସଂସ୍କୃତି ପରମ୍ପରାର ସୁରକ୍ଷା ଦିଗରେ ଡିହିରାକୁଳ ଗ୍ରାମର ନିଆରା ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିବା ସହିତ ଜଗମୋହନ ଉନ୍ମୋଚିତ କରିଥିଲେ।

# ଆରମ୍ଭ ହେଲା ସ୍ୱରତାଲ ମହୋତ୍ସବ

**ମୋରଡ଼ା,୧୧।୬(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ପ୍ରସିଦ୍ଧ ନିଟୁଆପଦାରେ ଜାତୀୟସ୍ତରୀୟ ସ୍ୱରତାଲ ମହୋତ୍ସବ-୨୦୨୫ ମଙ୍ଗଳବାର ରାତି ୮ଟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଉଦ୍‌ଘାଟିତ ହୋଇଯାଇଛି। ନିଟୁଆପଦା ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉତ୍କଳ ସଂଗୀତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଭବାନୀଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିବାବେଳେ ନିଟୁଆପଦା ଛଉ ନୃତ୍ୟ ପ୍ରତିଷ୍ଠାନର ଉପଦେଷ୍ଟା ଛୋଟେଲାଲ ମହାନ୍ତ, ଭୁବନେଶ୍ୱର ଗୋକୁଳ ଗୁରୁକୁଳ ଫାଉଣ୍ଡେଶନର ସଭାପତି ଗୁରୁପଦ ବଳିଆର ସିଂ, ଅଧ୍ୟାପକ ଗୌରମୋହନ ମହାନ୍ତ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ପ୍ରଥମ ରାତିରେ ଭୁବନେଶ୍ୱର ନୃତ୍ୟାଳୟ ତରଫରୁ ଓଡ଼ିଶୀ ନୃତ୍ୟ, କୋଲକତା ବାରୁଇପାରା ନୃତ୍ୟାଲୋକ ତରଫରୁ ଭାରତ ନାଟ୍ୟମ, ଯୋଦ୍ଧାରାମ କୁମାର ଏବଂ ଗ୍ରୁପ ତରଫରୁ ପାରୁଳିଆ ଛଉ ନୃତ୍ୟ, ବଲାଙ୍ଗୀରର ସଂଗୀତ ସାଧନା ଦ୍ୱାରା ସମ୍ବଲପୁରୀ ନୃତ୍ୟ,ରାଇରଙ୍ଗପୁର ଛଉ ନୃତ୍ୟ ପ୍ରମୁଖ ପରିବେଷଣ କରାଯାଇଥିଲା ।


ଉଦ୍‌ଘାଟନୀ ଉତ୍ସବରେ ଆୟୋଜିତ ନୃତ୍ୟାଭିନୟ।

# ଶୂନ୍ୟ ମାଧବଜୀଉଙ୍କ ସ୍ନାନ ଉତ୍ସବ

**ଝାରପୋଖରିଆ,୧୧।୬(ସୁଧିର କୁମାର ମହାନ୍ତ)**– ସାରସକଣା ବ୍ଲକ ଅଧୀନ ଶୀର୍ଷାଠାରେ ଥିବା ଶ୍ରୀ ଶ୍ରୀ ଶୂନ୍ୟ ମାଧବ ଜୀଉଙ୍କ ଦେବସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଛି। ଜୀଉଙ୍କ ମୁଖ୍ୟ ପୂଜକ ବସନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବୁଧବାର ପ୍ରାତଃ ସମୟରେ ମହାପ୍ରଭୁଙ୍କ ସକାଳ ଧୂପ, ପୂଜାର୍ଚ୍ଚନା କରାଯାଇଥିଲା। ପରେ ପୂଜକ ରୂପେଶ କୁମାର ପଣ୍ଡା, ପୂଜକ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ଗହଣରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତିନି ଠାକୁରଙ୍କୁ ସକାଳ ୭ଘ.୪୬ମି. ସମୟରେ ଗୋଟି ପହଣ୍ଡିରେ ଓ ସଂକୀର୍ତ୍ତନ ମାଧ୍ୟମରେ ସ୍ନାନ ମଣ୍ଡପରେ ବିରାଜମାନ କରାଯାଇଥିଲା। ପରେ ମହାପ୍ରଭୁଙ୍କ ମହାସ୍ନାନ କରାଯାଇଥିଲା। ପରେ ମହାପ୍ରଭୁ ହାତୀ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ଅଞ୍ଚଳର ସହସ୍ରାଧିକ ମହିଳା, ପୁରୁଷ ଦିଅଁଙ୍କୁ ପୂଜାର୍ଚ୍ଚନା କରି ଥିଲେ। ଶଙ୍କର୍ଷଣ ରଣା ଓ ସୁକାନ୍ତ ଦିଗାରଙ୍କ ସହିତ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରଶାସନର ପ୍ରସ୍ତାବକୁ ବିସ୍ଥାପିତଙ୍କ ବିରୋଧ

ରାଇରଙ୍ଗପୁର,୧୧।୬ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବ୍ଲକ ପୁରୁଣାପାଣି ପଞ୍ଚାୟତ ମୁରୁଗାଘୁଟୁ ଗ୍ରାମ ଖେଳ ପଡ଼ିଆ ପରିସରରେ ବିସ୍ଥାପିତ ଆଦିବାସୀ ପରିବାରକୁ କ୍ଷତିପୂରଣ ପ୍ରଦାନ ଏବଂ ଥଇଥାନ ସକାଶେ ରାଇରଙ୍ଗପୁର ପ୍ରଶାସନ ପକ୍ଷରୁ ବୁଧବାର ଗ୍ରାମସଭା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୁଣାପାଣି ଗ୍ରାମ ପଞ୍ଚାୟତ ସରପଞ୍ଚ ବାଲ୍ମିମଣି ଟୁଡୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଇରଙ୍ଗପୁର ଅତିରିକ୍ତ ଉପଜିଲାପାଳ ବାସନ୍ତୀ ଲାକ୍ରା, ଡେପୁଟି କଲେକ୍ଟର ମାନସ ରଞ୍ଜନ ବେହେରା, ରାଇରଙ୍ଗପୁର ବ୍ଲକ ଭାରପ୍ରାପ୍ତ ବିଡିଓ ଧାନାୟୀ ଚରଣ ଟୁଡୁ, ଅତିରିକ୍ତ ବିଡିଓ ସୁରାୟ ମାରାଣ୍ଡି, ଏବଂ ପୁରୁଣା ପାଣି ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନୀଲ କୁମାର ମହାନ୍ତ ପ୍ରମୁଖ୍ୟ ଯୋଗ ଦେଇଥିଲେ। ବୈଠକରେ ପୁରୁଣାପାଣି ପଞ୍ଚାୟତ ଅନ୍ତର୍ଗତ ଦାଣ୍ଡବୋଷ ଏୟାର ଷ୍ଟ୍ରିପ୍‌ର ସଂପ୍ରସାରଣ ଏବଂ ବିକାଶ ମୂଳକ କାର୍ଯ୍ୟ ସକାଶେ ସରକାରଙ୍କ ପକ୍ଷରୁ ବିସ୍ଥାପିତ ହୋଇଥିବା ଆଦିବାସୀ ପରିବାରଗୁଡ଼ିକୁ କ୍ଷତିପୂରଣ ପ୍ରଦାନ ଏବଂ ଥଇଥାନ ସକାଶେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ଯୋଗାଣ ସକାଶେ ପ୍ରଶାସନିକ ପଦାଧିକାରୀ ଉଲ୍ଲେଖ କରି ସମସ୍ତ ଗ୍ରାମବାସୀ ସହଯୋଗ କରିବାକୁ କହିଥିଲେ। ଏହି ପ୍ରସ୍ତାବକୁ ବିସ୍ଥାପିତ ଆଦିବାସୀ ପରିବାର ବର୍ଗ ବିରୋଧ କରିଥିଲେ। ଥଇଥାନ ସକାଶେ ଗୃହ ଯୋଗାଣ ଏବଂ ପଟ୍ଟା ପ୍ରଦାନ ସହ କ୍ଷତିପୂରଣ ଦାବି କରିଥିଲେ।



ଗ୍ରାମସଭା ବୈଠକରେ ଉପସ୍ଥିତ ଅଧିକାରୀ ଓ ଗ୍ରାମବାସୀ।

## ଗ୍ରାମସଭା ବୈଠକ

# ଉଠାଣି ଜଗନ୍ନାଥ ମନ୍ଦିରରେ ସ୍ନାନପୂର୍ଣ୍ଣିମା

ବେତନଟୀ,୧୧।୬ (ଧରଣୀଧର ମହାନ୍ତି)

ବେତନଟୀ-ବଡ଼ସାହି ରାସ୍ତାର ଉଠାଣି ନିକଟରେ ଥିବା ଜଗନ୍ନାଥ ମନ୍ଦିରରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ରଥଯାତ୍ରା ଆରମ୍ଭ ହେବ। ଏଥିପାଇଁ ବୁଧବାର ସ୍ନାନ ପୂର୍ଣ୍ଣିମା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କୁ ୧୦୮ କଳସ ପାଣିରେ ସ୍ନାନ କରାଯାଇଥିବା ଟ୍ରଷ୍ଟର ସଦସ୍ୟ ଦେବରଞ୍ଜନ ସାହୁ କହିଛନ୍ତି। ମହାପ୍ରଭୁଙ୍କ ଟ୍ରଷ୍ଟ ରେ ଥିବା ୧୧ଜଣ ସଦସ୍ୟଙ୍କ ସମେତ ସଭାପତି ଯୋଗେଶ୍ୱର ମିଶ୍ରଙ୍କ ନିର୍ଦ୍ଦେଶରେ ରଥଯାତ୍ରା ପାଇଁ ସମସ୍ତ ଆୟୋଜନ କରାଯାଉଥିବା ସୂଚନା ମିଳିଛି। ଚଳିତ ବର୍ଷ ରଥ ପରିଚାଳନା କମିଟିର ସଭାପତି ବିକାଶ ବେହେରା ଓ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତିଙ୍କ ସହ ସମସ୍ତ କର୍ମକର୍ତ୍ତା ରଥଯାତ୍ରା ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ଉଠାଣି ଜଗନ୍ନାଥ ମନ୍ଦିର ନିକଟରୁ ପ୍ରଥମ ରଥ ଗଡିବା ଆରମ୍ଭ ହୋଇ ସାଇ ମନ୍ଦିର ନିକଟରେ ପହଞ୍ଚିବ। ଏଥିପାଇଁ ସ୍ୱତନ୍ତ୍ର ଭାବେ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିର ନିର୍ମାଣ କରାଯିବ ବୋଲି ସିଦ୍ଧାନ୍ତ ହୋଇଛି। ଏହି ରଥଟଣା ଗୋଟିଏ ଦିନରେ ହେବ।

# ଆହତ ଯୁବତୀଙ୍କୁ ଡାକ୍ତରଖାନା ପଠାଇଲେ ବିଧାୟକ



ଯୁବତୀଙ୍କୁ ମେଡିକାଲ ନିଆଯାଉଛି।

ଆନନ୍ଦପୁର/ଛେନାପଦ,୧୧।୬ (ସୁଶାନ୍ତ କୁମାର ସାହୁ/ ନିରାକାର ପରିଡା)

ମହାନତା ଦେଖାଇଲେ କେନ୍ଦୁଝର ଜିଲା ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ। ଜଣେ ଦୁର୍ଘଟଣାଗ୍ରସ୍ତ ଯୁବତୀଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇବା ବ୍ୟବସ୍ଥା କରିଥିଲେ। ଆହତ ଯୁବତୀଙ୍କ ଘର ସମଣା ପଞ୍ଚାୟତ ତେମଳା ଗ୍ରାମରେ ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ବିଧାୟକ ବୁଧବାର ସକାଳ ୯ଟା ସମରେ ଆନନ୍ଦପୁରରେ ଏକ ବୈଠକରେ ଯୋଗଦେବାକୁ ଯାଉଥିଲେ। ଆନନ୍ଦପୁର ଉପଖଣ୍ଡ ଅଣା-ସମଣା ରାସ୍ତାର ଡଙ୍କୁରୀ ନିକଟରେ ଜଣେ ଯୁବତୀଙ୍କୁ ହାଇୱା ଧକ୍କା ଦେଇଚାଲି ଯାଇଥିଲା। ଫଳରେ ସେ ରାସ୍ତାରେ ଗୁରୁତର ଅବସ୍ଥାରେ ପଡ଼ିଥିଲେ। ରାସ୍ତା ଯିବା ସମୟରେ ବିଧାୟକ ଯୁବତୀଙ୍କୁ ଦେଖି ଅଟକି ନନ୍ଦିପଦା ପୋଲିସକୁ ଡାକିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଥାନା ଗାଡ଼ିରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲା। ରାସ୍ତାରେ ଅନେକ ଶହ ବାଲି ବୋଝେଇ ଭାରିଯାନ ଚଳାଚଳ କରୁଛି। ଫଳରେ ଏପରି ଦୁର୍ଘଟଣା ଘଟୁଥିବାରୁ ଦିନରେ ବାଲି ପରିବହନ ବନ୍ଦ କରିବାକୁ ବିଧାୟକ ଦାବି କରିଛନ୍ତି। ଏ ନେଇ ସେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ ସହ କଥା ହେବେ ବୋଲି କହିଛନ୍ତି।

# ହରିହର ମନ୍ଦିର କମିଟିର ରଥଯାତ୍ରା ପ୍ରସ୍ତୁତି

ବଡ଼ବିଲ,୧୧।୬(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡବିଲସ୍ଥିତ ହରିହର ମନ୍ଦିର କମିଟି ତରଫରୁ ମଙ୍ଗଳବାର ରଥଯାତ୍ରା ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ହରିହର ମନ୍ଦିର କମିଟି ସଭାପତି ତଥା ବଡବିଲ ତହସିଲଦାର ରାକେଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରୀ ସଭାପତି ତଥା ଓଡ଼ିଶା ଖଣି ନିଗମ ଆଞ୍ଚଳିକ ପ୍ରବନ୍ଧକ ଅବନୀକାନ୍ତ ପ୍ରଧାନ, ସବ୍‌ଡିଭିଜନାଲ ପୋଲିସ ଅଫିସର ଦେବେନ୍ଦ୍ର ପିଙ୍ଗୁଆ, ଇନ୍ସପେକ୍ଟର ଅଶୋକ ନାୟକ, ବରିଷ୍ଠ ସେବକ ବିଜୟ ମହାନ୍ତି, କୋଷାଧ୍ୟକ୍ଷ କ୍ଷେତ୍ର ମୋହନ ପାତ୍ର, ସେବକ ଅଶୋକ ଦାସ, କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ। କମିଟି ସମ୍ପାଦକ ତଥା ବଡ଼ବିଲ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ପ୍ରତାପ ଜେନା, ରଥଯାତ୍ରାଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ଠାକୁରଙ୍କର ଦୈନନ୍ଦିନ ନୀତିକାନ୍ତି, ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଠାକୁରଙ୍କ ରଥ ମରାମତି କରାଯାଇ ଏ ବର୍ଷ ରଥଯାତ୍ରା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବ୍ୟବସାୟୀ ପ୍ରଦୀପ ଠକ୍କରଙ୍କୁ ଅନ୍ୟତମ କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ କରାଯାଇଛି।


## ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/25-26/E-Tender/25,ତା.09.06.2025ରିଖ

ଟେଣ୍ଡର ସଂ.e-tender-EASTKUR-55-2025,ତା.28.05.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ରେଳବାଇ ଧାତୁ/GFN ଲାଇନରେ ପ୍ରସ୍ତାବିତ ଏଣ୍ଡ୍ କଟିଙ୍ଗ୍ ଏବଂ ଗ୍ରାଇଣ୍ଡିଙ୍ଗ୍ ତଥା ଠିକାଦାରଙ୍କ ସମ୍ପୂର୍ଣ୍ଣ ଉପକରଣ ଏବଂ କାରଖାନା (Plants), ଶ୍ରମିକ, ଉପଭୋଗ୍ୟ ସାମଗ୍ରୀ ଇତ୍ୟାଦି ସହିତ ସେଗୁଡ଼ିକୁ ଜଏଣ୍ଟଗୁଡ଼ିକ ଠାରେ ଉପଲବ୍ଧ କରାଇବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 57.72 ଲକ୍ଷ, EMD (ଟଙ୍କାରେ) : 1,15,500/-, ଶେଷ ହେବା ଅବଧି : 06 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.20.06.2025 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍

PR-221/Q/25-26



## EKLAVYA MODEL RESIDENTIAL SCHOOL
KUCHINDA, DIST.: SAMBALPUR (768222), ODISHA

### SHORT TENDER CALL NOTICE FOR HIRING OF VEHICLE

**Letter No. 281** **Date: 12.06.2025**

Sealed tenders are invited in the prescribed format from registered transport agencies/vehicle owners for hiring of vehicles on a monthly/need basis for official use at EMRS Kuchinda, Dist.: Sambalpur Odisha.

**Tender Details:**

- Tender issue Date: 13.06.2025
- Last date for submission: 30.06.2025
- Tender forms and terms & conditions can be obtained from the school website **https://emrskuchinda.com** or office during working hours.
- Date and time of opening of tender documents - Intimated later on.

Interested parties may submit their sealed quotations with all required documents to the Principal, EMRS Kuchinda, Dist.: Sambalpur Odisha by the due date.

Notwithstanding anything contained to the contrary in the tender document, the undersigned reserves the right to cancel/ modify "invitation for bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

**Principal, EMRS Kuchinda, Samablpur**



## DISTRICT PROJECT MANAGEMENT UNIT, (PM-POSHAN), ANGUL
(DISTRICT EDUCATION OFFICE, ANGUL)

No. 3851/MDM/ Date.10.06.2025

### TENDER CALL NOTICE

**(Engagement of Manpower Service Providing Agency for providing Programmer-cum- Accountant and Data Entry Operators)**

Sealed tenders are invited from Registered Manpower Service Providing Agencies to provide 1no's of Programmer-cum-Accountant and 9 no's of Data Entry Operators (DEOs) for **PM-Poshan Scheme** who are to be engaged at Programmer-cum- Accountant at DPMU and 8 Data Entry Operators at BEO offices at Block HQ & 1 Data Entry Operators at DPMU, **PM- Poshan**, Angul respectively for a period of one year. The interested Bidders shall submit the technical & financial Bid along with tender paper cost of Rs.5,000/- (non-refundable) latest by **05.07.2025 (04.00 P.M.)** at the Office of the District Education Officer, Angul. Tender Papers shall be opened on **10.07.2025 at 03:00 P.M.** the Office Chamber of the Collector & District Magistrate, Angul. For detailed terms & conditions kindly visit district website **https://angul.odisha.gov.in**. The authority reserves the right to reject any or all tenders without assigning any reason thereof.

**By order of the Collector-cum-Chairman (MDM) Angul**

**Sd./- District Education Officer-cum- District Nodal Officer (MDM) Angul**



## जिला दण्डाधिकारी एवं उपायुक्त का कार्यालय, पूर्वी सिंहभूम, जमशेदपुर
(जिला योजना)

### Expression of Interest (EOI)

पूर्वी सिंहभूम जिला अंतर्गत Project Aamdani – Food Cart for Transgender and Women in East Singhbhum District (JNAC, Mango Nagar Nigam and Jugsalai Nagar Parishad) से संबंधित Expression of Interest (EOI) इच्छुक प्रतिष्ठित फर्म / संस्थान से दर आमंत्रित किया जाता है।

इच्छुक प्रतिष्ठित फर्म / संस्थान **दिनांक–25.06.2025 के अपराह्न 01:00 बजे तक** जिला योजना कार्यालय, पूर्वी सिंहभूम (समाहरणालय जमशेदपुर) में Expression of Interest (EOI) जमा कर सकते हैं। इस संबंध में विस्तृत विवरणी पूर्वी सिंहभूम जिला के वेबसाईट https://jamshedpur.nic.in पर देखा जा सकता है।

जिला योजना पदाधिकारी, पूर्वी सिंहभूम, जमशेदपुर।

PR 354660 (Planning and Development) 25-26 (D)



## EKLAVYA MODEL RESIDENTIAL SCHOOL
KUCHINDA, SAMBALPUR, ODISHA - 768222

### ADVERTISEMENT

### APPOINTMENT OF TEACHERS ON CONTRACTUAL BASIS FOR 2025-26

A Walk-in-Interview will be conducted on 25.06.2025 in the School premises from 7.30 A.M. to 9.00 A.M. (Certificate Verification) and 9.00 onwards Walk-in-Interview in order to prepare a panel of contractual teachers in the following subjects for the academic session 2025-26 for EMRS, Kuchinda (Sambalpur) & EMRS, Kirmira (Jharsuguda). Interested candidates having the requisite qualification may send their Bio-data along with a set of self attested copies of academic qualification certificate with marksheet, experience certificate (if any) on or before 25.06.2025 to the school postal address or to the mail - **emrskuchinda2018@gmail.com**

**VENUE OF INTERVIEW: AT EMRS, KUCHINDA, SAMBALPUR**

| Sl. No. | Name of Post | Consolidated Pay per Month | Qualification | Age Limit |
|---|---|---|---|---|
| 1. | PGT (History)<br>PGT (Economics)<br>PGT (Geography)<br>For both the Schools | Per Period Rs.320/- & restricted to 45000/- | MA in concerned subject with at least 50% marks from any recognized University/ Institute with B.Ed. or equivalent & proficiency in teaching in Hindi and English. | 62 years |
| 2. | PET (Male)<br>For EMRS Kirmira | Per Period Rs.300/- & restricted to 42000/- | Bachelor's Degree in Physical Education from a recognized institute/university | 62 years |

**NOTE:**

1. Preference will be given to the eligible candidates having knowledge and experience of Computer application.
2. No TA & DA will be paid for attending interview.
3. Remuneration and working hours as per EMRS norms.
4. A set of photo copies of all original certificate and mark sheets should be submitted at the time of interview.
5. Candidates are requested to report for certificate verification and submission of testimonial at 7.30 A.M.

**PRINCIPAL**



ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

**Government of India**
**Ministry of Corporate Affairs**
**Centre for Processing Accelerated Corporate Exit (C-PACE),**
**IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050**
**Email: roc.cpace@mca.gov.in**

### ଫର୍ମ ନଂ. ଏସ୍‌ଟିକେ-୬
## ସର୍ବସାଧାରଣ ବିଜ୍ଞପ୍ତି

*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

**ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୪-୨୫/୫୦୯** **ତାରିଖ:- ୦୩।୦୬।୨୦୨୫**

**ସନ୍ଦର୍ଭ:** (୧) କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୩)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୩୭୮୬୩୩୦ | ୟୁ୦୧୪୦୦ଓଆର୍୨୦୨୧ପିଟିସି୦୩୭୭୦୮ | ମୋ ଚାଷୀ ଭାଇ ଫାର୍ମର୍ସ ପ୍ରଡ୍ୟୁସର୍ କମ୍ପାନୀ ଲିମିଟେଡ୍ |
| ୨ | ଏବି୩୯୮୫୬୯୬ | ୟୁ୪୫୨୦୧ଓଆର୍୨୦୨୦ପିଟିସି୦୩୪୫୯୬ | ସେଭେନ୍ ନାଇନ୍ ଇନ୍‌ଫ୍ରା ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏବି୩୭୮୨୪୯୧ | ୟୁ୭୪୯୯୯ଓଆର୍୨୦୧୮ପିଟିସି୦୨୯୭୩୩ | କୋଭେଣ୍ଟ ଗାର୍ଡେନ୍ ମେଣ୍ଟେନାନ୍ସ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି।

(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି।

(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି।

ଇର୍କନ ତିର୍କୀ, ସହକାରୀ ନିବନ୍ଧକ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର

CBC 07123/11/0241/2526



## HDFC BANK — AUCTION SALE NOTICE
We understand your world

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 19-Jun-2025 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75693369 | RAJANIKANTA MISHRA | 405500 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 2 | 73460498 | JAYANTA SAHU | 130782 | |
| 3 | 75120655 | RATIKANTA BAIDHANK | 50000 | |
| 4 | 74622028 | NAMRATA MOHARANA | 26000 | |
| 5 | 74602375 | MANJEET SINGH | 107100 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 6 | 75593090 | TAPAN KUMAR DEHURY | 28900 | |
| 7 | 75702406 | AJIT BHOI | 96100 | HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 8 | 75139955 | SUMITRA GARNAYAK | 67700 | |
| 9 | 75540302 | SIMARANI BISWAL | 32100 | |
| 10 | 75421160 | DIPAK KUMAR SAHOO | 287400.00 | |
| 11 | 75251615 | SATYANANDA BEHERA | 284000.00 | |
| 12 | 75706569 | ANSUMAN MAITY | 46500 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 13 | 74752638 | PRASANT KUMAR NAYK | 26920 | HDFC BANK LTD, BESIDE TAHASIL OFFICE, CHANDINI CHOWK, CUTTACK-753002 |
| 14 | 75286203 | JHUNU PADHI | 32000 | HDFC BANK LTD, BHABA NAGAR SQUARE, BRAHMAPUR, GANJAM-760004 |
| 15 | 74886060 | AJIT KUMAR SAHU | 138500 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 16 | 5020004 8332481 | SATYAPRIYA PRADHAN | 212031.82 | |
| 17 | 75686859 | MITALI DUTTA | 286800.00 | |
| 18 | 75647572 | MOHAMMAD RIZWAN | 550000 | HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001 |
| 19 | 75117096 | BANAMBER MOHANTY | 73500 | |
| 20 | 75467299 | SRIKANTA SWAIN | 42600 | HDFC BANK LTD, CHANDVALI CHOWK, ATHGARH-754029 |
| 21 | 75139527 | DHIREN MOHAPATRA | 100500 | HDFC BANK LTD, DHIPASAHI, STATION ROAD, BARIPADA-757001 |
| 22 | 75423140 | SK AZHAR UDDIN | 281100 | HDFC BANK LTD, DURGA BAZAR, JAGATSINGHAPUR, ORISSA-754103 |
| 23 | 75629450 | RAJKISHORE PARIDA | 178800 | |
| 24 | 75218668 | RAJKISHORE PARIDA | 177400 | |
| 25 | 75389211 | RAJKISHORE PARIDA | 129000 | |
| 26 | 75448638 | RAJKISHORE PARIDA | 108800 | |
| 27 | 75839013 | RATNAKAR MALLICK | 85200 | |
| 28 | 75760219 | CHARULATA JENA | 40800 | |
| 29 | 75235520 | LINGARAJ RANA | 35200 | |
| 30 | 75808800 | CHARULATA JENA | 34300 | |
| 31 | 75601188 | MD SAHIL KHAN | 26000 | |
| 32 | 75137526 | DHANANJAYA SAHOO | 105000.00 | HDFC BANK LTD, DWIBEDI BHAWAN, BISRA ROAD, ROURKELA-769001 |
| 33 | 75133359 | DILESWARI SAHU | 48300 | |
| 34 | 73992698 | SOUMYA MOHANTA | 31200 | |
| 35 | 75111985 | LITU MUDULI | 29000 | HDFC BANK LTD, GAJANAN TOWERS, UPPER GROUND FLOOR, PLOT NO-60, BUDHA NAGAR, KALPANA SQUARE, BHUBANESWAR-751006 |
| 36 | 74534348 | ANIL KUMAR MALLICK | 61200 | HDFC BANK LTD, GANESH TALKIES SQUARE, NIMAPARA, PURI-752106 |
| 37 | 74553081 | MANOJ NAYAK | 19500 | |
| 38 | 74464271 | ANIL KUMAR MALLICK | 14200 | |
| 39 | 75436201 | K RAMESH CHOUDHARY | 187800 | HDFC BANK LTD, GANESWARPUR, REMUNA GOLAI, BALASORE-756019 |
| 40 | 75136649 | SUBRAJA KISHOR ROUT | 54900 | HDFC BANK LTD, GHASIPURA, ANANDPUR, KEONJHAR -758015 |
| 41 | 465332758 | NIBA BISHOYI | 846000 | HDFC BANK LTD, GRD. FLOOR, MAIN ROAD, OLD CINEMA HALL CHAKA, NEAR UNION BANK-II, HINJILICUT, GANJAM-761102 |
| 42 | 75136090 | GOLAKHA CH MALIK | 51000 | HDFC BANK LTD, GROUND & 1ST FLOOR, PANCHAYAT SAMITI, DHARMASALA, JARAKA-755008 |
| 43 | 75091216 | SUNIL SAHU | 16500 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 44 | 75593676 | S AJITKUMAR PATRA | 44500 | HDFC BANK LTD, GROUND FLOOR, MAIN ROAD CHIKITI PENTHA, GANJAM-761010 |
| 45 | 75111726 | PRADEEP KUMAR PUJARI | 61600 | HDFC BANK LTD, GROUND FLOOR, NUAGUDA, OPP. FCI-I, ARTS COLLEGE ROAD, MALKANAGIRI-764048 |
| 46 | 74415414 | SRIMANTA MAITY | 49800 | HDFC BANK LTD, GROUND FLOOR, POKHARIAPADA, PATTAMUNDAI, KENDRAPADA-754215 |
| 47 | 74877651 | JYOTIRANJAN PRADHAN | 51000 | HDFC BANK LTD, GROUND FLOOR, RAJENDRA VIHAR APARTMENT, BLOCK- D, FOREST PARK, BHUBANESWAR-751020 |
| 48 | 75391107 | MANJULA SAHU | 130000 | HDFC BANK LTD, GROUND FLOOR, RANIPADA SQUARE, POLASARA MAIN ROAD, GANJAM-761105 |
| 49 | 75396898 | MANJULA SAHU | 80500 | |
| 50 | 75120853 | SANTOSH KUMAR MISHRA | 63700 | HDFC BANK LTD, JAGAMARA, BHUBANESWAR, KHURDA-751030 |
| 51 | 75033917 | SABIT KUMAR DALIA | 232000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 52 | 75111765 | RAMESH NAIK | 123000 | |
| 53 | 73473197 | RAJ KUMAR DAS | 80620 | |
| 54 | 75823592 | K J MARGARET | 80000 | |
| 55 | 75090752 | BHOLANATH NAYAK | 64000 | |
| 56 | 74890615 | GAYATRI BEHERA | 48000 | |
| 57 | 75322689 | SUJATA SAHU | 41000 | |
| 58 | 75660984 | A KIRANKUMAR REDDY | 41000 | |
| 59 | 75081672 | SURAJA KUMAR JENA | 40000 | |
| 60 | 75705800 | DEEPAK BEHERA | 1116000.00 | HDFC BANK LTD, PLOT NO-6, MAHANADI VIHAR, CUTTACK-753004 |
| 61 | 75564879 | RAJALAXMI SAHOO | 109500 | HDFC BANK LTD, KALINGA NAGAR, DUBURI, JAJPUR-755019 |
| 62 | 75782112 | SANJAY GOUDA | 99000 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 63 | 75072518 | BIDYADHAR BEHERA | 96200 | |
| 64 | 75093712 | PRAKASH CHANDRA PRAMANIK | 126000 | HDFC BANK LTD, MAHIPAL, KENDRAPARA-754211 |
| 65 | 75837020 | GOLEKHA CHANDRA ROUT | 111400 | |
| 66 | 75130025 | BHAGABAT ROUT | 96100 | |
| 67 | 75603102 | RABINDRA BEHERA | 65800 | |
| 68 | 74211802 | ANAKAR PALAI | 59895 | |
| 69 | 75125797 | ANNADA KUMAR NAYAK | 50900 | |
| 70 | 75121212 | BAPUJI MALLIK | 42700 | |
| 71 | 75137105 | BABULI RAY | 41000 | |
| 72 | 75318348 | PATITA RAUTA | 200000 | HDFC BANK LTD, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 73 | 75596546 | ASHOK KUMAR SAHU | 21000 | |
| 74 | 75126234 | NUTAN BEHERA | 82100 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 75 | 75063711 | JITUN KUMAR NAYAK | 55000 | |
| 76 | 75068326 | PRAMILA BISOI | 53900 | |
| 77 | 75293259 | S RENUKA | 436900 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 78 | 75289199 | D RAJAMANI | 275700 | |
| 79 | 75724705 | LITU PATRA | 1358000.00 | |
| 80 | 75293259 | S RENUKA | 436900.00 | |
| 81 | 75879454 | PRASANTA PRADHAN | 257500.00 | |
| 82 | 75088758 | PHAKIR NAIK | 195000 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 83 | 74869751 | NIRAL ENEM HORO | 92000 | |
| 84 | 74313379 | GITANJALI MANGARAJ | 27300 | |
| 85 | 75702968 | ARUN KUMAR SAHU | 314400 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 86 | 75686431 | PRIYANKA PANI | 262000 | |
| 87 | 75273675 | PRASHODINI NAIK | 118400 | |
| 88 | 74340649 | SRIKANTA KUMAR RANA | 71700 | |
| 89 | 74453520 | SRIKANTA KUMAR RANA | 66500 | |
| 90 | 75238682 | GUPTA ADAKATIA | 47100 | |
| 91 | 75331498 | SANJAY KHORA | 27800 | |
| 92 | 75619989 | RUKUNI DEEP | 125000 | HDFC BANK LTD, NEAR ILA MEDICAL STORE, SHANTIPARA, BOLANGIR-767002 |
| 93 | 75078023 | CHINMAYA KISHORE BIDIKA | 162000 | HDFC BANK LTD, NEAR R.T.O OFFICE, NH-26, KORAPUT-764020 |
| 94 | 75426742 | SURYAKANTA NAYAK | 143300 | |
| 95 | 75825287 | DEEPAK KUMAR JENA | 130400 | |
| 96 | 75137744 | NAKULA KHEMUNDU | 103700 | |
| 97 | 75084451 | CHINMAYA KISHORE BIDIKA | 91000 | |
| 98 | 74803401 | SADAN GOUDA | 32000 | |
| 99 | 75079251 | SANTOSH BISOYI | 19600 | HDFC BANK LTD, OPPOSITE TOWN POLICE STATION, PURI-752001 |
| 100 | 75559598 | SANTOSH KUMAR BERIHA | 32600 | HDFC BANK LTD, PARIJAT PALACE COMPLEX, N.A.C. CHHAK, BAUDHGARH, BOUDH-762014 |
| 101 | 75723309 | JAMUNA REDDY | 100400 | HDFC BANK LTD, PATRAPADA, BHUBANESWAR, KHURDA-751019 |
| 102 | 75447412 | CH BADAL PRUSTY | 297500 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 103 | 75458723 | CH BADAL PRUSTY | 250000 | |
| 104 | 74502237 | PRADYUMNA KUMAR SARANGI | 204000 | |
| 105 | 75660213 | SASMITA SAHOO | 193000 | |
| 106 | 73457181 | MANI SHANKAR DUTTA | 120000 | |
| 107 | 75356625 | SANJAY PRADHAN | 111000 | |
| 108 | 4000079703 | SANJAY PRADHAN | 110000 | |
| 109 | 75657788 | ARCHIT GHARAI | 41000 | |
| 110 | 75273660 | ARCHIT GHARAI | 40000 | |
| 111 | 75100615 | PRAMODANADA MALLIA | 31000 | |
| 112 | 75359542 | CHINMAYEE MANGARAJ | 18300 | |
| 113 | 74726069 | SK MANSOOR | 62800 | HDFC BANK LTD, PLOT NO 344, CHANDI CHHAK, CUTTACK-753001 |
| 114 | 75277267 | ANADI CHARAN DALAI | 169300 | HDFC BANK LTD, PLOT NO- 447, BHAGWAN TRADE CENTER , NEAR IFFCO SQUARE, ATHARBANKI, PARADEEP-754142 |
| 115 | 502000 29556381 | PRADEEP KUMAR SUTAR | 683468.14 | HDFC BANK LTD, PLOT NO 484/1908, MADHUSUDAN NAGAR, BHUBANESWAR-751012 |
| 116 | 463233237 | AMBIKA NAYAK | 361800.00 | |
| 117 | 75702017 | PRALINA MUDULI | 470100 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 118 | 74652740 | RANJIT KUMAR JENA | 379000 | |
| 119 | 75266673 | AMARJIT DAS | 76100 | |
| 120 | 75574046 | NIRANJAN ROUT | 54000 | |
| 121 | 75584785 | BIDYADHARA MOHARANA | 66000 | HDFC BANK LTD, PLOT NO-2187, S.N. COLONY ROAD, CHANDABALI, BHADRAK, ODISHA-756133 |
| 122 | 75409431 | RAJ KISHOR JAGDEV | 63000 | HDFC BANK LTD, PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 123 | 75064749 | PURSTAM PRADHAN | 20000 | HDFC BANK LTD, PLOT NO-758/3631/4648, GANDHI CHOWK, ATHMALLIK, ANGUL, ODISHA-759125 |
| 124 | 75072873 | SULOCHANA KANHAR | 15900 | |
| 125 | 75697103 | KUNTI BEHERA | 80000 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 126 | 74518632 | KOUTUKA SAHU | 40000 | HDFC BANK LTD, RAJIV GANDHI CHOWK, KESINGA, KALAHANDI-766012 |
| 127 | 75844293 | MOHAMMAD JEET | 300100 | HDFC BANK LTD, S. N. PLAZA, NH - 5, NEULPUR, CHANDIKHOL-755024 |
| 128 | 75250964 | ABHIRAM DAS | 110700 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 129 | 75248117 | MANOJ KUMAR SAMAL | 56900 | |
| 130 | 75257992 | MANOJ KUMAR SAMAL | 38600 | |
| | 75725321 | ANIQUA BEGUM | 110700.00 | |
| 131 | 75288033 | SUNITA KUMARI BEHERA | 774700 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 132 | 75723039 | SUBHASISH NAYAK | 407600 | |
| 133 | 75276301 | RAMA CHANDRA BEHERA | 336400 | |
| 134 | 75356345 | KAILASH CHANDRA SAHU | 294400 | |
| 135 | 75136300 | GYANA PRAKASH ROUT | 96000 | HDFC BANK LTD, VIP PLAZA, VIP ROAD, PURI-752001 |
| 136 | 75779717 | PRADEEPTA DAS | 52000 | |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 12/06/2025,**
**Place : ODISHA**

**Sd/- Authorized Officer, HDFC BANK LTD.**

# ଇମାମୀ ଜଗନ୍ନାଥ ମନ୍ଦିରରେ ମହାସ୍ନାନ ଯାତ୍ରା

ବାଲେଶ୍ୱର, ୧୧।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳସ୍ଥିତ ଇମାମୀ ନଗର ଜଗନ୍ନାଥଙ୍କ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ମହାସ୍ନାନ ଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ନାନବେଦୀରୁ ଚତୁର୍ଦ୍ଧାମୂର୍ତ୍ତି ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି।

ପୂର୍ବ ନିର୍ଦ୍ଧାରିତ ନୀତିକାନ୍ତି ଅନୁଯାୟୀ ପୁରୀ ଶ୍ରୀକ୍ଷେତ୍ର ନିୟମ ମୁତାବକ ପ୍ରାତଃରେ ମଙ୍ଗଳା ଅର୍ପଣ ଓ ଆଜ୍ଞାମାଳ, ଧାଡ଼ିପହଣ୍ଡି, ସ୍ନାନ ବେଦୀରୁ ମଙ୍ଗଳ ଆରତି, ଅବକାଶ ମଇଲମ, ବଲ୍ଲଭଭୋଗ, ସୁବର୍ଣ୍ଣ କୂପ ପୂଜା ଓ କଳସ ଅଧିବାସ ଅନୁଷ୍ଠିତ ହୋଇଥିଲା। ଏହାପରେ ୧୦୮ କଳସ ମନ୍ତ୍ରିତ ସୁବାସିତ ଜଳରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ମହାସ୍ନାନ ହୋଇଥିଲା। ଶ୍ରୀ ଜଗନ୍ନାଥ ମନ୍ଦିର ତଥା ଇମାମୀ ଗ୍ରୁପ୍‌ର ପ୍ରତିଷ୍ଠାତା ଓ ଯୁଗ୍ମ ଅଧ୍ୟକ୍ଷ ରାଧେଶ୍ୟାମ ଗୋଏଙ୍କାଙ୍କ ଦ୍ୱାରା ଛେରାପହଁରା କରାଯାଇଥିଲା। ଅପରାହ୍ନରେ ମହାପ୍ରଭୁ ସୁସଜ୍ଜିତ

## ଗଜାନନ ବେଶରେ ଚତୁର୍ଦ୍ଧାମୂର୍ତ୍ତି



ସ୍ନାନବେଦିରେ ଚତୁର୍ଦ୍ଧାମୂର୍ତ୍ତି।

ଗଜାନନ ବେଶରେ ସହସ୍ରାଧିକ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମହାପ୍ରଭୁଙ୍କଠାରେ ଛପନଭୋଗ ଅର୍ପଣ କରାଯାଇଥିଲା। ସନ୍ଧ୍ୟା ଆରତୀ ପରେ ସ୍ନାନ ବେଦୀରୁ ଗୋଟି ପହଣ୍ଡିରେ ଅଣସର ବେଦୀକୁ ଶ୍ରୀଜୀଉମାନେ ବିଜେ କରିଥିଲେ। ଇମାମୀ ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ତଥା ଜଗନ୍ନାଥ ମନ୍ଦିରର ମୁଖ୍ୟ ପୁରୋଧା ସୁଶୀଲ କୁମାର ଗୋଏଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇମାମୀ ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ଆର୍‌କେ ଅଗ୍ରୱାଲ୍, ଏଚ୍‌ଏମ୍ ମାର୍ଦ୍ଦା, ପେପର ମିଲ୍‌ସର ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତା, ଉପସଭାପତି ଚନ୍ଦ୍ରେଶ ଗୁପ୍ତା, ଡିଜିଏମ୍ ଦେବବ୍ରତ ହୋତା, ଏଜିଏମ୍ ତଥା ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ, ଓମ୍ ପ୍ରକାଶ ଶର୍ମା, ବରିଷ୍ଠ ଅଧିକାରୀ ରମେଶ ଚନ୍ଦ୍ର ଖୁଣ୍ଟିଆ, ଆର୍‌କେ କୁଣ୍ଡୁ, ରାଜୁ ମୁଦ୍ରା, ମନ୍ଦିର ପରିଚାଳନା କମିଟି ଅଧିକାରୀ ନିଖିଲ ରଞ୍ଜନ ଦାସ ସାମନ୍ତରାୟ, ବିନୋଦ କୁମାର ଜେନା, ଲେଡିସ୍ କ୍ଲବର ସଭାପତି ବନ୍ଦନା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସ୍ନାନଯାତ୍ରା ମହୋତ୍ସବରେ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ, ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ, ବିଶିଷ୍ଟ ଶିଳ୍ପପତି ସଂଗ୍ରାମ ଦାସ, ବରିଷ୍ଠ ଫାର୍ମାସିଷ୍ଟ ଅକ୍ଷୟ କିଶୋର ଦାସଙ୍କ ସମେତ ଇମାମୀ ପେପର ମିଲ୍‌ସର ବିଭିନ୍ନ ସଂଘର ନେତୃବୃନ୍ଦ ଉପସ୍ଥିତ ରହି ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିଥିଲେ। ଇମାମୀ ପେପର ମିଲ୍‌ସ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ସହଯୋଗୀଙ୍କ ଦ୍ୱାରା ନିଃଶୁଳ୍କ ସ୍ୱାସ୍ଥ୍ୟସେବା, ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନ, ଘୋଳଦହି ଓ ଫଳ ପ୍ରଦାନ କରାଯାଇଥିଲା।

# ଗଜାନନ ବେଶରେ ଦର୍ଶନଦେଲେ ମହାପ୍ରଭୁ

## ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ନୀଳଗିରି, ୧୧।୬(ପ୍ରଶାନ୍ତ ବିଶ୍ୱାଳ)

ଆଜିଜ୍ୟେଷ୍ଠ ମାସ ପୂର୍ଣ୍ଣିମା ତିଥି। ଏହିଦିନରେ ଦେବସ୍ନାନ ପୂର୍ଣ୍ଣିମା ବା ସ୍ନାନଯାତ୍ରା ପାଳନ କରାଯାଏ। ନୀଳଗିରି ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପାରମ୍ପରିକ ରୀତିନୀତି ଅନୁସାରେ ବୁଧବାର ସକାଳେ ସେନାପଟା ଲାଗି, ରାଜନୀତି-ବନ୍ଦାପନା, ପୁଷ୍ପାଞ୍ଜଳି, ଡୋର ଲାଗି ହୋଇଥିଲା। ଆଦିସେବକ ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନଙ୍କ ପ୍ରତିନିଧି ଯୁବରାଜ ଜନ୍ମଞ୍ଜୟଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଛେରାପହଁରା ନୀତି ସମ୍ପାଦନ ପରେ ପ୍ରଥମେ ସ୍ନାନ ବେଦୀକୁ ଆସିଥିଲେ ଚକ୍ରରାଜ ସୁଦର୍ଶନ, ପଛେ ପଛେ ବଡ଼ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରା। ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡିରେ ଆସି ସ୍ନାନ ମଣ୍ଡପରେ ବିରାଜିତ ହୋଇଥିଲେ। ମଙ୍ଗଳ ଆଳତି, ଅବକାଶ ପରେ ପାରମ୍ପରିକ ରୀତିରେ ବେଦଧ୍ୱନି ପୂର୍ବକ ୧୦୮ କଳସୀ ସୁଭାସିତ ଜଳରେ



ସ୍ନାନବେଦିରେ ଗଜାନନ ବେଶରେ ଦର୍ଶନ ଦେଉଛନ୍ତି ମହାପ୍ରଭୁ।

ସ୍ନାନ ସମାପନ ହୋଇଥିଲା। ପରେ ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ସରିବା ପରେ ଆରମ୍ଭ ହୋଇଥିଲା ସକାଳ ଧୂପ, ଗଜାନନ ବେଶ। ସନ୍ଧ୍ୟାରେ ଆଳତୀ, ଦକ୍ଷିଣ ଆଳତୀ ପରେ ବିଳମ୍ବିତ ରାତିରେ ଗୋଟି ପହଣ୍ଡିରେ ତିନିଠାକୁର ଅଣସର ଗୃହକୁ ଯାଇଛନ୍ତି। ବ୍ରହ୍ମା ପୁଣ୍ୟଶ୍ଳୋକ ନନ୍ଦ, ସରୋଜ କୁମାର ନନ୍ଦ, ଦେବେନ୍ଦ୍ର କୁମାର ନନ୍ଦ, ମନୋଜ କୁମାର ନନ୍ଦ, ରାଜଗୁରୁ ରବୀନ୍ଦ୍ର ମହାପାତ୍ର, ଲମ୍ବୋଧର ଆଚାର୍ଯ୍ୟ, ଦେବାଶିଷ ଦାସ, ବିରେଶ ଶତପଥି, ମୃତ୍ୟୁଞ୍ଜୟ କର, ପୂଜକ ହରିବନ୍ଧୁ କର, ପ୍ରିୟବ୍ରତ କରଙ୍କ ସହିତ ଚାମର ସେବାୟତ ଘଣ୍ଟୁଆ ଓ ଠାକୁର ମାହାଲର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ସୋନମ ଦାସ, ଠାକୁର ମହଲ କର୍ମଚାରୀ ରମେଶ ଦାସ ଓ ନିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ସୁକାନ୍ତ ନାୟକ ପ୍ରମୁଖ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।

# ତାଳକୁରୁଣିଆ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ନୀତି



ବାହାନଗା, ୧୧।୬(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ ତାଳକୁରୁଣିଆ ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ଦେବସ୍ନାନ ନୀତି ପାଳନ ହୋଇଛି। ମହାପ୍ରଭୁଙ୍କୁ ସ୍ନାନ ମଣ୍ଡପକୁ ଅଣାଯାଇ ୧୦୮ କଳସ ପାଣିରେ ସ୍ନାନ କରାଯାଇଥିଲା। ଏହାପୂର୍ବରୁ ମହାପ୍ରଭୁଙ୍କୁ କ୍ଷୀରରେ ମଧ୍ୟ ସ୍ନାନ କରାଯାଇଥିଲା। ସ୍ନାନ ପରେ ଷୋଡଷ ପୂଜା କରାଯିବା ସହ ସନ୍ଧ୍ୟାରେ ମହାପ୍ରଭୁଙ୍କ ଗଜାନନ ବେଶ କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ନିରୂପମା ସାହୁ, ଲକ୍ଷ୍ମଣଧର ସାହୁ, ରବିନାରାୟଣ ସାହୁ, ସରୋଜିନୀ ସାହୁ ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ। ଏଥିରେ ପଣ୍ଡିତ ଭାବେ ଶ୍ରୀନିବାସ ଆଚାର୍ଯ୍ୟ, ବିକର୍ତ୍ତନ ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ଦିର ସଭାପତି ସୁବାସ ଚନ୍ଦ୍ର ତ୍ରିପାଠୀ, ଜଗନ୍ନାଥ ସେବକ ସୁଧାକର ସାହୁ, ରବିନାରାୟଣ ସାହୁ, ଦେବକାନ୍ତ ମଲ୍ଲିକ ପ୍ରମୁଖ ସହାୟତା କରିଥିଲେ। ସେହିପରି ଖରାସାହାପୁର ପଞ୍ଚାୟତ ରମଧା ଗ୍ରାମରେ ଥିବା ଭାଗବତ ଟୁଙ୍ଗି ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଛି।

# ପିଠା, ମିଠା ବାସ୍ନାରେ ମହକିଲା ସୁବର୍ଣ୍ଣରେଖା ବିଦ୍ୟାଳୟ

କାଳିପଦା, ୧୧।୬(ରାଜଶ୍ରୀ ପାଣିଗ୍ରାହୀ)

ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ଆନୁକୂଲ୍ୟରେ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ମଙ୍ଗଳବାର ପୂର୍ବାହ୍ନରେ ସୁବର୍ଣ୍ଣରେଖା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବାଲିଆପାଳ ବ୍ଲକରୁ ୨୮ ପଞ୍ଚାୟତରୁ ୨୪ଟି ସ୍ୱୟଂ ସହାୟିକା ଗୋଷ୍ଠୀ ଭାଗ ନେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ବାଲିଆପାଳ ଭାରପ୍ରାପ୍ତ ବିଡିଓ ରାଧାରଞ୍ଜନ ଦାଶ, ସମ୍ମାନିତ ଅତିଥି ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ବସ୍ତା ଭାଜପାର ବରିଷ୍ଠ ନେତା ରବୀନ୍ଦ୍ର ନାଥ ଅଣ୍ଡିଆ, ଖାଦ୍ୟ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ, ଲକ୍ଷ୍ମୀପ୍ରିୟା କଲେଜ ଅଧ୍ୟକ୍ଷା ସୁଦୀପ୍ତା ବିଶ୍ୱାଳ, ବାଲିଆପାଳ ବିଏସ୍‌ଏସ୍‌ଓ ପାର୍ଥସାରଥି ସାହୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନେ ପ୍ରସ୍ତୁତ କରିଥିବା



ଅତିଥିମାନଙ୍କ ଦ୍ୱାରା ଖାଦ୍ୟର ସ୍ୱାଦ ପରୀକ୍ଷା କରାଯାଉଛି।

ଖାଦ୍ୟ ସାମଗ୍ରୀକୁ ପରଖିବା ସହିତ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ମହିଳାମାନେ ଅଂଶଗ୍ରହଣ କରି ତାଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିପାରିବେ ବୋଲି କହିଥିଲେ। ଏହି ପ୍ରତିଯୋଗିତାରେ ମଧୁପୁରା ଭଗବତୀ ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରଥମ ଓ ଦେଭୋକ ବାସନ୍ତୀ ମାତା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଅତିଥିମାନଙ୍କ ଦ୍ୱାରା ଅର୍ଥରାଶି, ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିପିଏମ ଉତ୍ତମ କୁମାର ସାହୁ, ବିପିସି ଲୋପାମୁଦ୍ରା ପରିଡ଼ା ପରିଚାଳନା କରିଥିଲେ। ଲେଡ଼ି ସୁପରଭାଇଜର ଅରସ୍ମିତା ଜେନା ମଞ୍ଚ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ରାଧାନାଥ କର, ଅଗ୍ନିଶମ ବିଭାଗ, ପୋଲିସ ବିଭାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଚନ୍ଦନେଶ୍ୱର ଫର୍ଟିଲାଇଜର ଗୋଦାମ, ଦୋକାନ ଘର ସିଲ

ଭୋଗରାଇ,୧୧।୬(ପ୍ରଦୀପ ଦାସ)

ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଜଳେଶ୍ୱର - ଚନ୍ଦନେଶ୍ୱର ୫୭ ନଂ. ରାଜ୍ୟ ରାଜପଥରେ ଥିବା ନେଗୁଆଁ ଛକଠାରେ ସାର ବ୍ୟବସାୟୀ ସୀତାନାଥ ସାହୁଙ୍କ ଚନ୍ଦନେଶ୍ୱର ଫର୍ଟିଲାଇଜର ସାର ଦୋକାନକୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ବୁଧବାର ମଧ୍ୟାହ୍ନରେ ବ୍ୟାଙ୍କ କର୍ତ୍ତୃପକ୍ଷ ଦ୍ୱାରା ସିଲ୍ କରାଯାଇଛି। ସୂଚନା ଅନୁଯାୟୀ ସାର ବ୍ୟବସାୟୀ ସୀତାନାଥ ସାହୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଚନ୍ଦନେଶ୍ୱର ଶାଖାରୁ ପ୍ରାୟ ୬୮ ଲକ୍ଷ ଟଙ୍କା ନିଜର ସାର ବ୍ୟବସାୟ ପାଇଁ ଋଣ କରିଥିଲେ। ଏହି ସାର ଦୋକାନୀ ବର୍ଷ ବର୍ଷ ଧରି ଋଣ ଖିଲାପି ହେବାରୁ ବାଲେଶ୍ୱର ସିଜିଏମ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଭୁବନେଶ୍ୱର ଶାଖା ତରଫରୁ ସାହୁଙ୍କର ନେଗୁଆଁ ଛକସ୍ଥିତ ୨ଟି ସାର ଦୋକାନ ଓ ଦାଉଦପୁରସ୍ଥିତ ୨ ଡିସିମିଲ ଜାଗାକୁ ସିଲ୍ କରାଯାଇଛି। ଏଥିରେ ଭୁବନେଶ୍ୱର ଷ୍ଟେଟ ବ୍ୟାଙ୍କର ମୁଖ୍ୟ ମ୍ୟାନେଜର ଦିଲୀପ କୁମାର ବିଶ୍ୱାଳ, ସିସିଓ ବଟୁ ନାରାୟଣ ମୂର୍ତ୍ତି, ଚନ୍ଦନେଶ୍ୱର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଚନ୍ଦନେଶ୍ୱର ଶାଖା ପରିଚାଳକ ବିଜୟ କୁମାର ମୁର୍ମୁ, ବରିଷ୍ଠ ଆଇନଜୀବୀ ସୌମ୍ୟରଞ୍ଜନ ଦାସ, ଭୋଗରାଇ ଥାନା ସମେତ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

# ନୂତନ ସିଡିଏମ୍‌ଓଙ୍କ ଦାୟିତ୍ୱ ଗ୍ରହଣ

## ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ଗୁରୁତ୍ୱ



ନୂତନ ସିଡିଏମ୍‌ଓଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

ବାଲେଶ୍ୱର, ୧୧।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଭାବେ ଡା. ପ୍ରଭାତ କୁମାର ବେହେରା ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କୁ ଚିକିତ୍ସାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଡା. ବେହେରା ବରିଷ୍ଠ ଭେଷଜ ବିଶେଷଜ୍ଞ ଅଟନ୍ତି। ସେ ମୟୂରଭଞ୍ଜ ସିଡିଏମ୍‌ଓ ଭାବେ କାର୍ଯ୍ୟରତ ଥିଲେ। ବାଲେଶ୍ୱରର ପୂର୍ବତନ ଭାରପ୍ରାପ୍ତ ସିଡିଏମ୍‌ଓ ଡା. କିଶୋର କୁମାର ଆଚାର୍ଯ୍ୟଙ୍କର ମୟୂରଭଞ୍ଜ ସିଡିଏମ୍‌ଓ ଭାବେ ବଦଳି ହୋଇଥିଲା। ଡା. ବେହେରା କାର୍ଯ୍ୟଭାର ଗ୍ରହଣ କରିବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଆୟୋଜିତ ସଭାରେ ନୋଡାଲ ଅଫିସର ଡା. ସଞ୍ଜୀବ କୁମାର ପ୍ରଧାନ, ଡିପିଏଚ୍‌ଓ ଡା. ସୁମିତ୍ରା ଦେ, ଏଡିଏମ୍‌ଓ (ମେଡିକାଲ) ଡା. ଗିରିଜା ଶଙ୍କର ଦାସ, ବରିଷ୍ଠ ଡା. ମନୋଜ କୁମାର ସାହୁ, ଡିପିଏମ୍ ଡା. ଚକ୍ରଧର ଜେନା, ଡା. ରଞ୍ଜନ ନାୟକ, ମୁଖ୍ୟ କିରାଣୀ ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ନୂତନ ସିଡିଏମ୍‌ଓଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ସିଡିଏମ୍‌ଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗର ବରିଷ୍ଠ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ବିଭାଗରେ ପୂର୍ବ ଭଳି ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ସିଡିଏମ୍‌ଓ ଗୁରୁତ୍ୱାରୋପ କରିଥିଲେ।

# ଅନନ୍ତପୁର ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା



ସୋର, ୧୧।୬(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ଅନନ୍ତପୁର ଶ୍ରୀ ଜଗନ୍ନାଥ ମନ୍ଦିରରେ ସ୍ନାନପୂର୍ଣ୍ଣିମା ଅବସରରେ ସ୍ନାନ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଭାତରୁ ଆଳତୀ, ମଇଲମ, ତଡପଲାଗି, ଅବକାଶ ନୀତି ପରେ ଚତୁର୍ଦ୍ଧା ମୂର୍ତ୍ତିମାନଙ୍କୁ ସୁସଜ୍ଜିତ ବେଶରେ ଗୋଟି ପହଣ୍ଡିରେ ସେବାୟତମାନେ ଘଣ୍ଟ ଘଣ୍ଟା ସଂକୀର୍ତ୍ତନ, ଜୟ ଜଗନ୍ନାଥ ଧ୍ୱନି ମଧ୍ୟରେ ସ୍ନାନ ମଣ୍ଡପକୁ ବିଜେ କରାଇଥିଲେ। ସ୍ନାନ ମଣ୍ଡପରେ ଦିଅଁମାନଙ୍କର ପୂଜାର୍ଚ୍ଚନା କରାଗଲା ପରେ ୧୦୮ କୁମ୍ଭ କ୍ଷୀର ଓ ସୁବାସିତ ଜଳରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ସ୍ନାନ କରାଯାଇଥିଲା। ସ୍ନାନମଣ୍ଡପରେ ଭକ୍ତମାନଙ୍କୁ ଦର୍ଶନ ଦେବା ପରେ ଅପରାହ୍ନରେ ଜୀଉମାନଙ୍କୁ ଅଣସର ମଣ୍ଡପକୁ ନିଆଯାଇଥିଲା। ଏହି ପବିତ୍ର କାର୍ଯ୍ୟକ୍ରମ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ସମାପନ ହୋଇଥିଲା।

# ଆଇନଜୀବୀଙ୍କୁ ଥାନା ଭିତରେ ମାଡ଼ ମାରିଲେ ଆଇଏଏସ୍ ଅଫିସର

ବାଲେଶ୍ୱର, ୧୧।୬(ବାଞ୍ଛାନିଧି ଦେ)

ଜଣେ ୭୧ ବର୍ଷୀୟ ଆଇନଜୀବୀଙ୍କୁ ମହିଳା ଆଇଏଏସ୍ ଅଫିସର ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଥାନା ଭିତରେ ଆଇନଜୀବୀଙ୍କୁ ତଣ୍ଟି ଚିପି ମାଡ଼ ମାରିବା ଘଟଣାକୁ ଓକିଲ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଘଟଣାର ସତ୍ୟାସତ୍ୟ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସଂଘ ପକ୍ଷରୁ ଦାବି ହୋଇଛି।

ବାଲେଶ୍ୱର ସର୍କିଟ ହାଉସର ପ୍ରଥମ ମହଲାର ଏକ ରୁମ୍‌ରେ ଜଣେ ଅଣଓଡ଼ିଆ ଲେଡି ଆଇଏଏସ୍ ଅଫିସର ରହୁଛନ୍ତି। ସେହି ସର୍କିଟ ହାଉସକୁ ବିଧାୟକଙ୍କୁ ଭେଟିବା ପାଇଁ ଗତ ୬ ତାରିଖରେ ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସ ଯାଇଥିଲେ। ତଳ ମହଲାରେ ବିଧାୟକ ନ ଥିଲେ। ତାପରେ ଆଇନଜୀବୀ ଦାସ ପ୍ରଥମ ମହଲାକୁ ଯାଇଥିଲେ। ସାଥିରେ ତାଙ୍କର ଜଣେ ବନ୍ଧୁ ଥିଲେ। ସେହି ମହଲାର ଗୋଟିଏ ରୁମ୍‌ରେ ଲାଇଟ୍ ଜଳୁଥିଲା। ସେହି ରୁମ୍‌ରେ ବିଧାୟକ ଥିବେ ଭାବି ଆଇନଜୀବୀ କବାଟ ଖୋଲିଦେଇଥିଲେ। ଜଣେ ମ୍ୟାଡାମ୍ ଥିବା ଦେଖି କବାଟ ବନ୍ଦ କରି ତଳକୁ ପଳାଇ ଆସିଥିଲେ। କବାଟ ନକ୍ ନ କରି କାହିଁକି ଖୋଲିଲ ବୋଲି ଆଇଏଏସ୍ ମାଡାମ୍ ପଚାରିଥିଲେ। ଆଇନଜୀବୀଜଣକ ଭୁଲ୍ ମାଗିବା ପରେ ବି ସହଦେବଖୁଣ୍ଟା ଥାନାରେ ଲେଡି ଅଫିସର ଜଣକ ଲିଖିତ ଏତଲା ଦେଇଥିଲେ। ପୋଲିସ ପୁରୁଷୋତ୍ତମଙ୍କୁ ଡାକି ଗତ ୭ ତାରିଖରେ ପଚରାଉଚରା କରିଥିଲା। ଆଇଆଇସିଙ୍କ ଚାମ୍ବରରେ ଆଡିଶନାଲ ଏସ୍‌ପି, ଡିଏସ୍‌ପି ଓ ଆଇଏଏସ୍ ଅଧିକାରିଣୀଙ୍କ ଉପସ୍ଥିତିରେ ଓକିଲ ଜଣକ ବାରମ୍ବାର ଭୁଲ୍ ମାଗିଥିଲେ। ଏହାସତ୍ତ୍ୱେ ଆଇଏଏସ୍ ଅଫିସର ଓକିଲଙ୍କୁ ଥାନା ଭିତରେ ତଣ୍ଟି ଚିପି ତାଙ୍କୁ ମାଡ଼ ମାରିଥିଲେ, ଯାହାର ଦୃଶ୍ୟ ଥାନାର ସିସିଟିଭି କ୍ୟାମେରାରେ କଏଦ୍ ରହିଛି। ଆଇଏଏସ୍ ଅଫିସରଙ୍କ ଅଭିଯୋଗ ମୁତାବକ ପୋଲିସ ଏକ ମାମଲା (ନଂ ୨୦୩/୨୫) ରୁଜୁ କରି ମଙ୍ଗଳବାର ପୁରୁଷୋତ୍ତମଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଓକିଲ ସଂଘ ପୁରୁଷୋତ୍ତମଙ୍କ ସପକ୍ଷରେ ବିଚାରପତିଙ୍କ ପାଖରେ ପହଞ୍ଚି ପ୍ରକୃତ ଘଟଣା ସମ୍ପର୍କରେ କହିଥିଲେ। ପରେ ପୁରୁଷୋତ୍ତମଙ୍କ ଜାମିନ ମଞ୍ଜୁର ହୋଇଥିଲା।

ଏ ସମ୍ପର୍କରେ ଓକିଲ ସଂଘ ସଭାପତି କେଶବ ଆଚାର୍ଯ୍ୟ କହିଛନ୍ତି, ପୁରୁଷୋତ୍ତମ କୌଣସି ଅପରାଧମୂଳକ ଘଟଣା ଘଟାଇ ନାହାନ୍ତି। ନିରପେକ୍ଷ ତଦନ୍ତ ପୂର୍ବକ ସତ୍ୟ ଉନ୍ମୋଚନ ପାଇଁ ଦାବି କରିଛନ୍ତି। ତଦନ୍ତ ଅଧିକାରୀ ଡିଏସ୍‌ପି ତପସ୍ୱିନୀ କହଁରଙ୍କୁ ପଚରାଯିବାରୁ ଥାନା ଭିତରେ ସେମାନଙ୍କ ଭିତରେ ଯୁକ୍ତିତର୍କ ହୋଇଥିଲା। ମାର୍‌ପିଟ୍ ହୋଇ ନ ଥିଲା ବୋଲି କହିଛନ୍ତି।

# ଗଜାନନ ବେଶରେ ଦର୍ଶନଦେଲେ ଶ୍ରୀଜୀଉ



ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୧୧।୬

ବାଲିଆପାଳରେ ସ୍ନାନ ପୂର୍ଣ୍ଣିମା ରୀତିନୀତିରେ ସମ୍ପନ୍ନ ହୋଇଛି। ବୁଧବାର ସକାଳେ ଶ୍ରୀଜୀଉମାନଙ୍କ ମଙ୍ଗଳ ଆଳତୀ, ସୂର୍ଯ୍ୟ ପୂଜା, ଦ୍ୱାର ପୂଜା, ଅବକାଶ ନୀତି ପରେ ସେବାୟତମାନେ ତିନି ଠାକୁରଙ୍କୁ ଗୋଟିପହଣ୍ଡିରେ ସ୍ନାନ ମଣ୍ଡପକୁ ନେଇଥିଲେ। ମନ୍ଦିରର ବଡ଼ ପଣ୍ଡା ବିଷ୍ଣୁ ଦାସ ପାଠୀ ଛେରାପହଁରା କରିଥିଲେ। ୧୦୮ ଗରା ସୁବାସିତ ଜଳରେ ଶ୍ରୀ ବିଗ୍ରହମାନଙ୍କୁ ସ୍ନାନ କରାଯାଇଥିଲା। ମଣ୍ଡପରେ ଷୋଡ଼ଶ ପୂଜା ଏବଂ ହୋମ ପରେ ଚତୁର୍ଦ୍ଧାମୂର୍ତ୍ତି ଗଜାନନ ବେଶ ଧାରଣା କରିଥିଲେ। ପରେ ପୂଜା ନୀତି ପରେ ରାତି ୮ଟା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣସର ଘରେ ବିଜେ କରିଥିଲେ। ସେବାୟତ ରବିନାରାୟଣ ପାଠୀ, ବଳଦେବ ପଣ୍ଡା, ସୋମନାଥ ପାଣିଗ୍ରାହୀ, ପ୍ରଭୁ ଲୋକନାଥ ପାଠୀ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପରିଚାଳନା କମିଟି ସମ୍ପାଦକ ବ୍ରଜକିଶୋର ଭୂୟାଁ, ପୂର୍ବତନ ସରପଞ୍ଚ ମଧୁସୂଦନ ସାହୁ, ମୂରଲୀମୋହନ ସାହୁ, ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉତ୍ସବକୁ ପରିଚାଳନା କରିଥିଲେ।

# ଶ୍ରୀରାମପୁରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

ଖଇରା, ୧୧।୬(ଉତ୍କଳବନ୍ଧୁ ପଣ୍ଡା)

ଖଇରା ଥାନା ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତ ଶ୍ରୀରାମପୁର ଗ୍ରାମର ଅନନ୍ତ ଦାସ ଓ ସାନଭାଇ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଘରୁ ୭ତାରିଖ ରାତିରେ ଚୋରି ହୋଇ ଯାଇଥିବା ନେଇ ଖଇରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା(ନଂ. ୧୭୬/୨୫) ରୁଜୁ କରି ଜିଲା ସାଇଣ୍ଟିଫିକ ଟିମ୍ ସହଯୋଗରେ ମଙ୍ଗଳବାର ତଦନ୍ତ କରିଥିବା ଜଣାପଡିଛି। ଉଭୟଙ୍କ ପରିବାର ୫ ତାରିଖରେ ପୁରୀ ବୁଲିବାକୁ ଯାଇ ୮ତାରିଖରେ ପୁରୀରୁ ଘରକୁ ଫେରିବା ପରେ ନଗଦ ଟଙ୍କା ୩୦ ହଜାର ସହ ଆଲମିରାରେ ଥିବା ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ ନେଇଥିବା ଜଣାପଡିଥିଲା । ପୋଲିସ କେତେଜଣଙ୍କୁ ଡାକି ପଚରା ଉଚୁରା କରିଛି।

# ଗଗନଧୂଳି, ଅଚ୍ୟୁତପୁର, ଡାଲଙ୍ଗରେ କୃଷି ସଂକଳ୍ପ ଅଭିଯାନ

ଖଇରା, ୧୧।୬(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଗନଧୂଳି, ଅଚ୍ୟୁତପୁର ଓ ଡାଲଙ୍ଗ ପଞ୍ଚାୟତରେ ବୁଧବାର କୃଷି ସଂକଳ୍ପ ଅଭିଯାନ ଅନ୍ତର୍ଗତ ବିଭିନ୍ନ କୃଷି ଯୋଜନା ଓ ବୈଜ୍ଞାନିକ ପଦ୍ଧତିରେ ଚାଷ ସମ୍ପର୍କିତ ତଥ୍ୟ ଉପସ୍ଥିତ ଚାଷୀମାନଙ୍କୁ ଅଧିକାରୀମାନେ ଅବଗତ କରାଇଛନ୍ତି । ଗଗନଧୂଳି ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ମଦନମୋହନ ସାନ୍ତରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷି ବୈଜ୍ଞାନିକ ଡା. ସନାତନ ପ୍ରଧାନ, ଡା. କମଳାକାନ୍ତ ବେହେରା ଓ ଡା. ନିରଜ କୁମାର ଜେନା



ଡାଲଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ କୃଷି ସଂକଳ୍ପ ଅଭିଯାନରେ ଉପସ୍ଥିତ ଅତିଥି।

ଓ ସହକାରୀ କୃଷି ଅଧିକାରୀ ରମ୍ୟରଞ୍ଜନ ସାହୁ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶ୍ରୁତି ସଞ୍ଜିତା ଗିରି, ତୁଡିଗଡିଆ ପ୍ରାଣୀଧନ ନିରୀକ୍ଷକ ରାଜୀବ କୁମାର ଶିଅଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କୃଷି ଗ୍ରାମସେବକ ଧନଞ୍ଜୟ ମହାନ୍ତି, କୃଷି ଅଧିଦର୍ଶକ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଅଚ୍ୟୁତପୁର ପଞ୍ଚାୟତରେ ସରପଞ୍ଚ ଅହଲ୍ୟା ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମିତିସଭ୍ୟା ସସ୍ମିତା ପାଢ଼ୀ, ଜିଲା କୃଷି ଅଧିକାରୀ କୁମୁଦ ଚନ୍ଦ୍ର ପାଢ଼ୀ, କୃଷି ବୈଜ୍ଞାନିକ ଡା. ଓମପ୍ରକାଶ ବର୍ମା, ଡା. ଅନିତାରାଣୀ ପାତ୍ର, ଲକ୍ଷ୍ମୀକାନ୍ତ ମୁର୍ମୁ , ଶୁଭ୍ରଜିତ ଷଡଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବୁଧବାର ଅପରାହ୍ନରେ ଡାଲଙ୍ଗ ପଞ୍ଚାୟତ ସରପଞ୍ଚ ଅଜୟ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ସମିତିସଭ୍ୟା ସୂର୍ଯ୍ୟରାଣୀ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। କୃଷକ ସାଥୀ ବିଜୟ ନାୟକ ଓ ଅମୂଲ୍ୟ ବାରିକ ଉପସ୍ଥିତ ଥିଲେ।

# ୧୦ କୁଇଣ୍ଟାଲ କ୍ଷୀରରେ ସ୍ନାନ କଲେ ଗୁଡ଼ ଅନନ୍ତ ବଳଦେବଜୀଉ

ସୋର, ୧୧।୬(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ଗୁଡ଼ ଅନନ୍ତ ବଳଦେବଜୀଉ ତୁଳସୀ କ୍ଷେତ୍ର ଓ କୁଶକ୍ଷେତ୍ର ଧାମରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଛି। ବୁଧବାର ସକାଳେ ମହାପ୍ରଭୁ ସ୍ନାନମଣ୍ଡପକୁ ପହଣ୍ଡି ବିଜେ ହୋଇଥିଲା। ଭକ୍ତଙ୍କଠାରୁ ସଂଗୃହୀତ ୧୦ କୁଇଣ୍ଟାଲ କ୍ଷୀରରେ ସ୍ନାନ କରାଯାଇଥିଲା। ମହାପ୍ରସାଦ ଏବଂ ସ୍ନାନ ଜଳ ପାଦୁକ ବଣ୍ଟନ କରାଯାଇଥିଲା। ବଳଦେବଜୀଉ ମନ୍ଦିର ପରିଚାଳନା କମିଟି, ଅନନ୍ତ ବଳଦେବଜୀଉ ଯୁବକ ସଂଘ ଏବଂ ଶିଳା ବ୍ରହ୍ମ ଯୁବପରିଷଦର ସଦସ୍ୟାସଦସ୍ୟ ସହଯୋଗ କରିଥିଲେ।

## ସଂକ୍ଷେପରେ

### ନାବାଳିକା ଝିଅଙ୍କୁ ବଳାତ୍କାର: ପୂର୍ବତନ ଜଜ୍‌ଙ୍କୁ ମିଳିଲାନି ସୁପ୍ରିମକୋର୍ଟ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୧ା୬ (ପି.ଟି.)

ନିଜ ନାବାଳିକା ଝିଅଙ୍କୁ ବଳାତ୍କାର କରିଥିବା ମାମଲାରେ ଜଣେ ପୂର୍ବତନ ନ୍ୟାୟିକ ଅଧିକାରୀଙ୍କ ବିରୋଧରେ ଚାଲିଥିବା ଆପରାଧିକ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବାକୁ ବୁଧବାର ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଶୁଣାଣି ସମୟରେ ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ରା ଏବଂ ଜଷ୍ଟିସ୍ ମନମୋହନଙ୍କ ଖଣ୍ଡପୀଠ କହିଛନ୍ତି, ଏହି ମାମଲାରେ ପୂର୍ବତନ ନ୍ୟାୟିକ ଅଧିକାରୀଙ୍କ ଝିଅ ନିଜେ ଅଭିଯୋଗ କରିଛନ୍ତି। ତେଣୁ ଏହା ଏକ ଆଶ୍ଚର୍ଯ୍ୟକର ମାମଲା। ଏହି ମାମଲାରେ ଗତ ଏପ୍ରିଲ ୧୫ ତାରିଖରେ ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜକରି ଅଭିଯୁକ୍ତ ପୂର୍ବତନ ଜଜ୍‌ଙ୍କ ପକ୍ଷରୁ ଦାଖଲ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ୨୦୧୯ ଜାନୁଆରୀ ୨୧ରେ ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ମହାରାଷ୍ଟ୍ରର ଭଣ୍ଡାରାରେ ତାଙ୍କ ବାପା ତଥା ଅଭିଯୁକ୍ତ ପୂର୍ବତନ ଜଜ୍‌ଙ୍କ ବିରୋଧରେ ଏଫ୍ଆଇଆର୍ ରୁଜୁ ହୋଇଥିଲା। ୨୦୧୪ରୁ ୨୦୧୮ ମଧ୍ୟରେ ସେ ଅନେକ ଥର ବଳାତ୍କାରର ଶିକାର ହୋଇଥିବା ନେଇ ପୀଡ଼ିତା ଜଣକ ନିଜ ଅଭିଯୋଗରେ କହିଥିଲେ।

### ଏୟାରପୋର୍ଟରେ ଭାରତୀୟଙ୍କୁ ଦୁର୍ବ୍ୟବହାର ପ୍ରସଙ୍ଗ: ଆମେରିକା ନିକଟରେ ଭାରତର ଆପତ୍ତି

ନୂଆଦିଲ୍ଲୀ, ୧୧ା୬

ଆମେରିକାର ନ୍ୟୁଜର୍ସିସ୍ଥିତ ନେୱାର୍କ ଲିବର୍ଟି ଅନ୍ତର୍ଜାତୀୟ ଏୟାରପୋର୍ଟରେ ଜଣେ ଭାରତୀୟ ଛାତ୍ରଙ୍କୁ ହାତକଡ଼ି ପକାଇବା ସହ ସୁରକ୍ଷା କର୍ମୀମାନେ ତାଙ୍କୁ ତଳେପକାଇ ଚାପି ଧରିଥିବାର ଭିଡିଓ ଭାଇରାଲ ହୋଇଥିଲା। ଏହି ଘଟଣାକୁ ନେଇ ଭାରତ ପକ୍ଷରୁ ଆପତ୍ତି ଜାହିର କରାଯାଇଛି। ବୁଧବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆନୁଷ୍ଠାନିକ ଭାବରେ ନୂଆଦିଲ୍ଲୀସ୍ଥିତ ଆମେରିକୀୟ ଦୂତାବାସ ସମ୍ମୁଖରେ ଏହି ଘଟଣାକୁ ଉଠାଯାଇଛି। ଉକ୍ତ ଘଟଣାକୁ ନେଇ ନ୍ୟୁୟର୍କସ୍ଥିତ ବାଣିଜ୍ୟିକ ଦୂତାବାସ ପକ୍ଷରୁ କୁହାଯାଇଛି, ଦୁର୍ବ୍ୟବହାରର ସମ୍ମୁଖୀନ ହୋଇଥିବା ଭାରତୀୟ ଛାତ୍ର ଜଣକ ହରିୟାଣାର ନିବାସୀ ହୋଇଥିବାବେଳେ ସେ ବେଆଇନ୍‌ଭାବେ ଆମେରିକାରେ ପ୍ରବେଶ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ତାଙ୍କୁ ଆମେରିକାରୁ ନିର୍ବାସିତ କରାଯାଉଥିଲା।

### ନଦୀରେ ବୁଡ଼ି ୮ ମୃତ

ଜୟପୁର, ୧୧ା୬

ରାଜସ୍ଥାନର ଟୋଙ୍କ ଜିଲାସ୍ଥିତ ବନାସ ନଦୀରେ ବୁଡ଼ି ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣଙ୍କୁ ଉଦ୍ଧାର କରାଯାଇଛି। ୧୧ ଜଣିଆ ଯୁବକଙ୍କ ଏକ ଦଳ ଗାଧୋଇବା ପାଇଁ ବନାସ ନଦୀରେ ପଶିଥିବାବେଳେ ଗଭୀର ପାଣି ମଧ୍ୟରେ ଗୋଡ଼ ଖସିଯିବାରୁ ସେମାନେ ବୁଡ଼ିଯାଇଥିଲେ। ଏହି ଦଳର ଯୁବକମାନେ ଜୟପୁରର ନିବାସୀ ହୋଇଥିବା ବେଳେ ସେମାନେ ବଣଭୋଜି ପାଇଁ ବନାସ ନଦୀ ଆସିଥିଲେ।

# ଲସ୍‌ଏଞ୍ଜେଲ୍ସରେ ଅରାଜକତା, କର୍ଫ୍ୟୁ



ଲସ୍‌ଏଞ୍ଜେଲ୍ସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଆପ୍ରବାସନ ନୀତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ।

## ଟ୍ରମ୍ପ୍‌ଙ୍କ ଆପ୍ରବାସନ ନୀତି ବିରୋଧୀ ବିକ୍ଷୋଭ ବେଳେ ଶତାଧିକ ଗିରଫ

ଲସ୍‌ଏଞ୍ଜେଲ୍ସ, ୧୧ା୬

ଆମେରିକାର ଅନେକ ଧନୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଘର ଥିବା କାଲିଫର୍ନିଆର ଲସ୍‌ଏଞ୍ଜେଲ୍ସ କାଉଣ୍ଟି ଏବେ ଅରାଜକତା ଦେଇ ଗତି କରୁଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ କଠୋର ଆପ୍ରବାସନ ଓ ସୀମା ପ୍ରବର୍ତ୍ତନ (ଆଇସିଇ) ଏବଂ ପ୍ରତ୍ୟର୍ପଣ ନୀତିକୁ ବିରୋଧ କରି ଜୁନ୍ ୬ରେ ମୁଣ୍ଡ ଟେକିଥିବା ବିକ୍ଷୋଭର ନିଆଁ ବ୍ୟାପିବାରେ ଲାଗିଛି। ସହରରେ ଟ୍ରମ୍ପ୍ ନ୍ୟାଶନାଲ ଗାର୍ଡଙ୍କୁ ମୁତୟନ କରିବା ପରେ ବିକ୍ଷୋଭକାରୀ ଓ ସୁରକ୍ଷା ବଳ ମୁହାଁମୁହିଁ ହୋଇଥିବାବେଳେ ବିକ୍ଷୋଭର ପଞ୍ଚମ ଦିନ ବୁଧବାର କର୍ଫ୍ୟୁ ଜାରି କରାଯାଇଛି। ବହୁ ସଂଖ୍ୟକ ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇଥିବା ଲସ୍‌ଏଞ୍ଜେଲ୍ସ ପୋଲିସ ସୂଚନା ଦେଇଛି। ଲସ୍‌ଏଞ୍ଜେଲ୍ସ ମେୟର କରେନ୍ ବାସ୍ କହିଛନ୍ତି, ଅନେକ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନରୁ ଲୁଟ୍ କରାଯିବା ପରେ ସେଗୁଡ଼ିକରେ ଭଙ୍ଗାରୁଜା ଓ ଜଳାପୋଡ଼ାକୁ ଦୃଷ୍ଟିରେ ରଖି ସହର ଉପକଣ୍ଠ ଅଞ୍ଚଳରେ ମଙ୍ଗଳବାର ରାତିରେ କର୍ଫ୍ୟୁ ଅର୍ଡର ଦିଆଯାଇଛି। ଅନ୍ୟ ସମସ୍ତ ସ୍ଥାନରେ ଇମିଗ୍ରେଶନ୍ ରେଡ୍ସ ଯୋଗୁ ବିକ୍ଷୋଭ ଜାରି ରହିଛି। ନ୍ୟାଶନାଲ ଗାର୍ଡ ଟ୍ରୁପ୍ ଏବେ ସୀମା ନିୟନ୍ତ୍ରଣ ଏଜେଣ୍ଟମାନଙ୍କୁ ସୁରକ୍ଷା ଦେଉଛନ୍ତି। ଇତିମଧ୍ୟରେ ରିପବ୍ଲିକାନ୍ ରାଷ୍ଟ୍ରପତି ଟ୍ରମ୍ପ୍ ସହରକୁ ମୁକ୍ତ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। କିନ୍ତୁ ୨୦୨୮ରେ ଡେମୋକ୍ରାଟିକ୍ ପାର୍ଟିରୁ ରାଷ୍ଟ୍ରପତି ପ୍ରାର୍ଥୀ ହେବାକୁ ଆଶାୟୀ ଥିବା କାଲିଫର୍ନିଆ ଗଭର୍ନର ଗଭିନ୍ ନ୍ୟୁସୋମ୍ ଏହାକୁ ଗଣତନ୍ତ୍ର ଉପରେ ଟ୍ରମ୍ପ୍‌ଙ୍କ ଆକ୍ରମଣ ବୋଲି ଅଭିହିତ କରିଛନ୍ତି। ଏଥିସହ ଟ୍ରମ୍ପ୍ ଆଗକୁ ଅନ୍ୟ ରାଜ୍ୟଗୁଡ଼ିକୁ ମଧ୍ୟ ଟାର୍ଗେଟ କରିପାରନ୍ତି ବୋଲି ନ୍ୟୁସୋମ୍ ସତର୍କ କରାଇଛନ୍ତି।

ସେପଟେ ଲସ୍‌ଏଞ୍ଜେଲ୍ସକୁ ୪,୦୦୦ ନ୍ୟାଶନାଲ ଗାର୍ଡ ଟ୍ରୁପ୍ ଓ ୭୦୦ ମରିନ୍ସଙ୍କୁ ପଠାଇଥିବା ଟ୍ରମ୍ପ୍ ନିଜ ନିଷ୍ପତ୍ତିକୁ ଯଥାର୍ଥ ବୋଲି ଦର୍ଶାଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ଏକ ବିଦେଶୀ ଶତ୍ରୁ ଦ୍ୱାରା ସହର ଦଖଲ ଉଦ୍ୟମ ଏଡ଼ାଇବା ପାଇଁ ଏପରି ପଦକ୍ଷେପ ନିଆଯାଇଛି। ଉଲ୍ଲେଖଯୋଗ୍ୟ, ୪,୦୦୦ ବର୍ଗ କି.ମି. ଅଞ୍ଚଳରେ ପରିବ୍ୟାପ୍ତ ଲସ୍‌ଏଞ୍ଜେଲ୍ସ କାଉଣ୍ଟିରେ ଲସ୍‌ଏଞ୍ଜେଲ୍ସ ସହର ଓ ବେଭେର୍ଲି ହିଲ୍ସ, ହଲିଉଡ୍, ଲଙ୍ଗ୍ ବିଚ୍, ମାଲିବୁ, ପାସାଡେନା, ସାଣ୍ଟା ମୋନିକା ରହିଛି। ଏଠାରେ ବସବାସ କରୁଥିବା ପ୍ରାୟ ୧୦ ନିୟୁତ ଅର୍ଥାତ୍ କାଲିଫର୍ନିଆ ଜନସଂଖ୍ୟାର ୨୭% ଲୋକ ହେଉଛନ୍ତି ଆପ୍ରବାସୀ। ସେମାନଙ୍କ ମଧ୍ୟରୁ ୯ ଲକ୍ଷ ଲୋକ ବେଆଇନ ଭାବେ ବିନା କୌଣସି ଦସ୍ତାବିଜରେ ରହୁଛନ୍ତି। ସେମାନଙ୍କୁ ଚିହ୍ନଟ କରି ବିଦା କରିବା ପାଇଁ ଟ୍ରମ୍ପ୍ ଯୋଜନା କରିଥିବାବେଳେ ଗଭର୍ନର ନ୍ୟୁସୋମ୍‌ଙ୍କ ସହ ମୁହାଁମୁହିଁ ହୋଇଛନ୍ତି। ଇତିମଧ୍ୟରେ ଶତାଧିକ ଲୋକଙ୍କୁ ଗିରଫ କରାଗଲାଣି।

### ଜାତୀୟ ସୁରକ୍ଷାକୁ ନେଇ ସଂସଦରେ ବିତର୍କ ପାଇଁ ପ୍ରଧାନମନ୍ତ୍ରୀ ରାଜି ହେବେ କି: କଂଗ୍ରେସ

ନୂଆଦିଲ୍ଲୀ, ୧୧ା୬

କଂଗ୍ରେସ ବୁଧବାର ପୁଣିଥରେ ଦେଶର ସୁରକ୍ଷାକୁ ନେଇ ସଂସଦରେ ବିତର୍କ ପାଇଁ ଦାବି କରିଛି। ଅପରେଶନ ସିନ୍ଦୂରକୁ ନେଇ ବିଦେଶ ଗସ୍ତକରି ଫେରିଥିବା ବିଭିନ୍ନ ବହୁଦଳୀୟ ପ୍ରତିନିଧି ମଣ୍ଡଳୀର ସଦସ୍ୟଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭେଟିଥିଲେ। ତେଣୁ ସଂସଦର ଆଗାମୀ ମୌସୁମୀ ଅଧିବେଶନରେ ପହଲଗାମ୍ ଆକ୍ରମଣ ପରେ ଦେଶର ସୁରକ୍ଷା ଏବଂ ବୈଦେଶିକ ନୀତି ସମ୍ମୁଖୀନ ହେଉଥିବା ବିଭିନ୍ନ ଚ୍ୟାଲେଞ୍ଜ ଉପରେ ପୂର୍ଣ୍ଣ ବିତର୍କ ପାଇଁ ପ୍ରଧାନମନ୍ତ୍ରୀ ମୋଦି ରାଜି ହେବେ କି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ପ୍ରଶ୍ନ କରିଛନ୍ତି। ଦେଶର ସୁରକ୍ଷାକୁ ନେଇ ପ୍ରଧାନମନ୍ତ୍ରୀ ସମସ୍ତ ରାଜନୈତିକ ଦଳର ନେତାଙ୍କ ସହ ଏକ ବୈଠକର ଅଧ୍ୟକ୍ଷତା କରନ୍ତୁ ବୋଲି ସେ ଦାବି କରିଛନ୍ତି। ସେହିପରି ଚାଇନା ଏବଂ ପାକିସ୍ତାନ ସହ ସମ୍ପର୍କକୁ ନେଇ ଭାରତର ଭବିଷ୍ୟତର ରଣନୀତିରେ ବିରୋଧୀ ଦଳଗୁଡ଼ିକୁ ସାମିଲ କରାଯାଉ ବୋଲି କଂଗ୍ରେସ ଦାବି କରିଛି। ପ୍ରକାଶ ଯେ, ସଂସଦର ମୌସୁମୀ ଅଧିବେଶନ ଆସନ୍ତା ଜୁଲାଇ ୨୧ରୁ ଆରମ୍ଭ ହୋଇ ଅଗଷ୍ଟ ୧୨ ପର୍ଯ୍ୟନ୍ତ ଚାଲିବ।

### ଜ୍ୟୋତି ମାଲ୍‌ହୋତ୍ରାଙ୍କ ଜାମିନ ଆବେଦନ ଖାରଜ

ହିସାର, ୧୧ା୬

ପାକିସ୍ତାନ ପାଇଁ ଗୁପ୍ତଚର ବୃତ୍ତି ଅଭିଯୋଗରେ ଜେଲରେ ଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ଜାମିନ ଆବେଦକୁ ବୁଧବାର ହରିୟାଣାର ହିସାରସ୍ଥିତ ଏକ ସ୍ଥାନୀୟ କୋର୍ଟ ଖାରଜ କରିଦେଇଛନ୍ତି। ସେ ଗତ ମାସ ୧୬ ତାରିଖରେ ଗିରଫ ହୋଇଥିଲେ। ଶୁଣାଣି ସମୟରେ ଜ୍ୟୋତିଙ୍କ ଏହି ଜାମିନ ଆବେଦନକୁ ପୋଲିସ ବିରୋଧ କରିଥିଲା। ଜ୍ୟୋତି ଭାରତର ବିଭିନ୍ନ ସମ୍ବେଦନଶୀଳ ସୂଚନା ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇକୁ ପଠାଇଥିବା ନେଇ କୋର୍ଟଙ୍କୁ ପୋଲିସ ଅବଗତ କରିଥିଲା।

## ‘ଆକ୍ସିଓମ-୪’ ମିଶନ ପୁଣି ସ୍ଥଗିତ

### ଫାଲ୍‌କନ୍ ୯ ରକେଟରେ ଲିକ୍ୟୁଡ୍ ଅକ୍ସିଜେନ୍ ଲିକ୍ ଚିହ୍ନଟ

ଫ୍ଲୋରିଡା, ୧୧ା୬

ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ତଥା ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ଏବଂ ୩ ଅନ୍ୟ ଅଷ୍ଟ୍ରୋନଟଙ୍କୁ ଧରି ମହାକାଶ ଯିବାକୁ ଥିବା ଆକ୍ସିଓମ-୪ ମିଶନକୁ ପୁନର୍ବାର ସ୍ଥଗିତ ରଖାଯାଇଛି। ଏନେଇ ଆମେରିକୀୟ ସ୍ପେସ୍ ଟେକ୍ନୋଲୋଜି କମ୍ପାନୀ ସ୍ପେସଏକ୍ସ’ ପକ୍ଷରୁ ଏକ୍ସ’ରେ ସୂଚନା ଦିଆଯାଇଛି। ପୋଷ୍ଟ ଷ୍ଟାଟିକ୍ ଫାୟାର ବୁଷ୍ଟର ଇନ୍‌ସ୍ପେକ୍ସନ ସମୟରେ ଫାଲ୍‌କନ୍ ୯ ରକେଟରେ ଲିକ୍ୟୁଡ୍ ଅକ୍ସିଜେନ୍ ଲିକ୍ ଚିହ୍ନଟ ହୋଇଥିଲା। ଲିକ୍ ମରାମତି ପାଇଁ ସ୍ପେସଏକ୍ସ’ର ଇଞ୍ଜିନିୟରଙ୍କୁ କିଛି ଅତିରିକ୍ତ ସମୟ ଆବଶ୍ୟକ ବୋଲି ଏକ ଖବରଦାତା ସମ୍ମିଳନୀ କରି ସ୍ପେସଏକ୍ସ’ର ଭାଇସ୍ ପ୍ରେସିଡେଣ୍ଟ ୱିଲିୟମ୍ ଗେର୍ଷ୍ଟେନ୍‌ମାୟର କହିଛନ୍ତି। ମରାମତି କାର୍ଯ୍ୟ ଶେଷହେଲେ ନୂତନ ଲଞ୍ଚିଂ ତାରିଖ ଘୋଷଣା କରାଯିବ ବୋଲି ସେ କହିଛନ୍ତି। ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ), ନାସା, ସ୍ପେସ୍‌ଏକ୍ସ’ ଏବଂ ଆକ୍ସିଓମ୍ ସ୍ପେସ୍‌ର ଏହି ମିଳିତ ମିଶନର ଲଞ୍ଚିଂ ବୁଧବାର ଭାରତୀୟ ସମୟ ସନ୍ଧ୍ୟା ୫.୩୦ରେ ଆମେରିକାର ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ହେବ ବୋଲି ସ୍ଥିର ହୋଇଥିଲା। ଏହି ମିଶନ ସହ ଶୁଭାଂଶୁ ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ପହଞ୍ଚିବେ। ସେହିପରି ରାକେଶ ଶର୍ମାଙ୍କ ପରେ ମହାକାଶକୁ ଯିବାରେ ସେ ଦ୍ୱିତୀୟ ଭାରତୀୟ ହେବେ।

## ଶ୍ରମିକ ଆତ୍ମହତ୍ୟା କରି ୪ ପୁଅଙ୍କୁ ମରଣମୁହଁକୁ ଠେଲିଦେଲେ

ଗୁରୁଗ୍ରାମ, ୧୧ା୬



### ପାର୍କ ବୁଲାଇବାକୁ କହି ରେଳ ଲାଇନ୍‌କୁ ନେଇଯାଇଥିଲେ

ଜଣେ ଶ୍ରମିକଙ୍କ ହାତରେ ଚିପ୍ସ ଓ କୋଲା ଥାଏ। ସେ ନିଜ ୪ ପୁଅଙ୍କୁ ରେଳ ଟ୍ରାକ୍‌ରେ ଧରି ଯାଉଥାଆନ୍ତି ଟ୍ରେନ୍ ଆସିବା ଯାଏ। ଶେଷରେ ଏକ୍ସପ୍ରେସ୍ ଟ୍ରେନ୍ ଆସି ସେମାନଙ୍କୁ ଧକ୍କାଦେଲା। ଏଥିରେ ୫ ଜଣ ଯାକ ପ୍ରାଣ ହରାଇଛନ୍ତି। ହରିୟାଣାର ଫରିଦାବାଦସ୍ଥିତ ବଲ୍ଲଭଗଡ଼ରେ ମଙ୍ଗଳବାର ଅପରାହ୍ନରେ ଏହି ଘଟଣା ଘଟିଛି।

ନିଜ ୪ ପୁଅଙ୍କୁ ଧରି ରେଳ ଲାଇନ୍ ଉପରେ ଆତ୍ମହତ୍ୟା କରିଥିବା ବ୍ୟକ୍ତି ମନୋଜ ମେହତୋ ଏବଂ ତାଙ୍କ ଘର ବିହାର ବୋଲି ମୃତଦେହ ନିକଟରୁ ମିଳିଥିବା ତାଙ୍କ ଆଧାର କାର୍ଡରୁ ପୋଲିସ ଜାଣିବାକୁ ପାଇଛି। ୩୬ ବର୍ଷୀୟ ଦିନ ମଜୁରିଆ ମନୋଜଙ୍କ ପକେଟରେ ଏକ କାଗଜ ଚିଠା ରହିଥିଲା। ସେଥିରେ ତାଙ୍କ ସ୍ତ୍ରୀ ପ୍ରିୟାଙ୍କ ମୋବାଇଲ ନମ୍ବର ଲେଖାହୋଇଥିଲା। ପିଲାମାନଙ୍କ ବୟସ ୩ ରୁ ୯ ବର୍ଷ ମଧ୍ୟରେ ହେବ। ମନୋଜ ପୁଅମାନଙ୍କୁ ନିକଟସ୍ଥ ଏକ ପାର୍କକୁ ଖେଳାଇ ନେବାକୁ କହି ମଧ୍ୟାହ୍ନ ୧୨ଟା ୧୫ରେ ସୁଭାଷ କଲୋନିସ୍ଥିତ ଘରୁ ବାହାରିଥିଲେ। କିନ୍ତୁ ପାର୍କକୁ ବୁଲାଇ ନେବା ପରିବର୍ତ୍ତେ ଏଲ୍‌ସନ୍ ଛକ ଫ୍ଲାଏଓଭର ତଳକୁ ନେଇ ଯାଇଥିଲେ। ସେମାନଙ୍କ ହାତକୁ ଜୋର୍‌ରେ ଜାବୁଡ଼ି ଧରି ଘଣ୍ଟାଏ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ଟ୍ରାକ୍ ଉପରେ ଗୋଲ୍ଡେନ୍ ଟେମ୍ପଲ ଏକ୍ସପ୍ରେସ୍ ଆସିବା ଯାଏ ସେଠାରେ ରହିଥିଲେ। ଏପରି କି ସେ ପିଲାଙ୍କ ପାଇଁ ଚିପ୍ସ ଓ ସଫ୍ଟ ଡ୍ରିଙ୍କ୍ସ ମଧ୍ୟ କିଣିଦେଇଥିଲେ। ୪ ପୁଅ ଛାଡ଼ିଦେବାକୁ ବାପା ଆଗରେ ଯେତେ ନେହୁରା ହୋଇଥିଲେ ମଧ୍ୟ ସେ କାହା କଥା ଶୁଣି ନ ଥିଲେ। ମୁମ୍ବାଇରୁ ଆସୁଥିବା ଏହି ଟ୍ରେନ୍ ଚକ ତଳେ ମଙ୍ଗଳବାର ଅପରାହ୍ନ ୧ଟା ୧୦ରେ ୫ ଜଣଙ୍କ ଜୀବନ ଚାଲିଯାଇଥିବା ଜିଆର୍‌ପି ୟୁନିଟ୍ ଏସ୍‌ଏଚ୍‌ଓ ରାଜପାଲ ସୂଚନା ଦେଇଛନ୍ତି। ଘଟଣା ପରେ ଲୋକୋ ପାଇଲଟ ବଲ୍ଲଭଗଡ଼ ଷ୍ଟେଶନ୍‌କୁ ଏନେଇ ଆଲର୍ଟ କରାଇଥିଲେ। ପୋଲିସ ସେଠାରେ ପହଞ୍ଚି ମୃତଦେହଗୁଡ଼ିକୁ ଜବତ ପରେ ବାଦ୍‌ଶାହା ଖାନ୍ ସିଭିଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇଛି। ପୋଲିସ କହିଛି, ଫୋନ୍ ନମ୍ବର ମିଳିବା ପରେ ମନୋଜଙ୍କ ସ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲା। ସେ କହିଥିଲେ, ମନୋଜ ପିଲାଙ୍କୁ ପାର୍କକୁ ବୁଲାଇନେବାକୁ କହି ଯାଇ ଆଉ ଫେରିନାହାନ୍ତି। ମନୋଜ ନିଜେ ଆତ୍ମହତ୍ୟା କରି ୪ ପିଲାଙ୍କୁ ମରଣ ମୁହଁକୁ କାହିଁକି ଠେଲିଦେବା ଭଳି ଚରମ ନିଷ୍ପତ୍ତି ନେଲେ ସେନେଇ ତଦନ୍ତ ଜାରି ରହିଛି।

## ଫୁରସତ୍

### ୫ ମିନିଟ୍ ଆଲିଙ୍ଗନ ପାଇଁ ୬୦୦ ଟଙ୍କା

ବେଜିଂ



ଚାଇନାରେ ରୋଜଗାରର ଏକ ନିଆରା ଉପାୟ ସାମ୍ନାକୁ ଆସିଛି। ସାଉଥ୍ ଚାଇନା ମର୍ନିଂ ପୋଷ୍ଟର ରିପୋର୍ଟ ଅନୁଯାୟୀ, ଚାଇନାରେ ଯୁବତୀମାନେ ଅତ୍ୟଧିକ କାର୍ଯ୍ୟଚାପରୁ ମୁକ୍ତି ପାଇବା ନିମନ୍ତେ ‘ମ୍ୟାନ୍ ମମ୍ସ’ଙ୍କର ସାହାଯ୍ୟ ନେଉଛନ୍ତି। ଏହି ଯୁବତୀମାନେ ମ୍ୟାନ୍ ମମ୍ସମାନଙ୍କୁ ୫ ମିନିଟ ପର୍ଯ୍ୟନ୍ତ ଆଲିଙ୍ଗନ କରି ଏହାର ପ୍ରତି ବଦଳରେ ସେମାନଙ୍କୁ ୫୦ ୟୁଆନ୍ (ପ୍ରାୟ ୬୦୦ ଟଙ୍କା) ଦେଇଥାନ୍ତି। ଚାଇନାରେ ମ୍ୟାନ୍ ମମ୍ସ ଶବ୍ଦ ଜିମ୍ ଯାଉଥିବା ବଳଶାଳୀ ଯୁବକଙ୍କ ପାଇଁ ବ୍ୟବହାର କରାଯାଇଥାଏ।

ଜଣେ ମ୍ୟାନ୍ ମମ୍ସ ଭାବେ ପ୍ରତିଦିନ ଅନେକ ସଂଖ୍ୟାରେ ଯୁବତୀଙ୍କୁ ଆଲିଙ୍ଗନ କରି ଏହି ସେବା ଯୋଗାଉଥିବା ୱାଙ୍ଗ୍ ହୁଆଇ କହିଛନ୍ତି, ତାଙ୍କର ଲକ୍ଷ୍ୟ କେବଳ ଅର୍ଥ ରୋଜଗାର କରିବା ନୁହେଁ, ବରଂ କାର୍ଯ୍ୟଚାପର ସମ୍ମୁଖୀନ ହେଉଥିବା ଯୁବତୀଙ୍କୁ ଭାବନାତ୍ମକ ସମର୍ଥନ ଦେବାପାଇଁ ମଧ୍ୟ ସେ ଏପରି କରୁଛନ୍ତି। ସମ୍ପ୍ରତି ଦ୍ରୁତ ଗତିର ଜୀବନଶୈଳୀରେ ଅନେକ ଯୁବତୀ ଏକଲାପଣର ଅନୁଭବ କରୁଛନ୍ତି। ତେଣୁ ଏକ ଉଷ୍ମ ଆଲିଙ୍ଗନ ସେମାନଙ୍କ ଜୀବନରେ ବହୁତ କିଛି ପରିବର୍ତ୍ତନ ଆଣିପାରିବ ବୋଲି ୱାଙ୍ଗ୍ କହିଛନ୍ତି। ବିଭିନ୍ନ ଚାଟ୍ ଆପ୍ ମାଧ୍ୟମରେ ବି ଏହି ସେବା ପାଇଁ ଆଗୁଆ ଅର୍ଡର ଦେବାର ବ୍ୟବସ୍ଥା ରହିଛି ବୋଲି ସେ କହିଛନ୍ତି। ଚାଇନାର ବିଭିନ୍ନ ସାର୍ବଜନୀନ ତଥା ନିରାପଦ ସ୍ଥାନରେ ପ୍ରତ୍ୟେକ ଦିନ ଯୁବତୀମାନେ ଏହି ନିଆରା ସେବାର ଫାଇଦା ଉଠାଉଥିବା ନେଇ ରିପୋର୍ଟରେ କୁହାଯାଇଛି।

### ଜୁନ୍ ୨୪ରେ ପଞ୍ଚାୟତ ୪’

#### ଟ୍ରେଲର ଜାରି

ମୁମ୍ବାଇ



ଲୋକପ୍ରିୟ ସିରିଜ ‘ପଞ୍ଚାୟତ’ର ଚତୁର୍ଥ ସିଜନ୍‌ର ଟ୍ରେଲରକୁ ବୁଧବାର ଜାରି କରାଯାଇଛି। ଏହାସହ ଆସନ୍ତା ୨୪ ତାରିଖରୁ ‘ପଞ୍ଚାୟତ ୪’ ଓଟିଟି ପ୍ଲାଟ୍‌ଫର୍ମ ପ୍ରାଇମ ଭିଡିଓରେ ଷ୍ଟ୍ରିମିଂ ହେବ ବୋଲି ଘୋଷଣା କରାଯାଇଛି। ଏହି ଟ୍ରେଲରରେ ପ୍ରସିଦ୍ଧ ‘ସଚିବ ଜୀ’ଙ୍କ ଭୂମିକାରେ ଅଭିନେତା ଜିତେନ୍ଦ୍ର କୁମାରଙ୍କୁ ପୁଣିଥରେ ଦେଖିବାକୁ ମିଳିଛି। ତାଙ୍କ ପ୍ରେମିକା ରିଙ୍କିଙ୍କ ଭୂମିକାରେ ଅଭିନେତ୍ରୀ ସାନ୍‌ଭିକା ନଜରକୁ ଆସିଛନ୍ତି। ଟ୍ରେଲରରେ ସାନଭିକାଙ୍କ ସହ ଜିତେନ୍ଦ୍ରଙ୍କ କେମେଷ୍ଟ୍ରିକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ଏହି ଟ୍ରେଲରରେ ରିଙ୍କିଙ୍କ ମା’ ମଞ୍ଜୁ ଦେବୀ ଏବଂ କ୍ରାନ୍ତି ଦେବୀଙ୍କ ମଧ୍ୟରେ ଫୁଲେରା ଗ୍ରାମ ପଞ୍ଚାୟତର ନିର୍ବାଚନ ପାଇଁ ମୁକାବିଲା ହେଉଥିବାର ଦେଖିବାକୁ ମିଳିଛି। ନିର୍ବାଚନ ପ୍ରଚାରରେ ଉଭୟ ମହିଳା ପୂରା ଦମ୍ ଲଗାଉଥିବା ନଜରକୁ ଆସିଛନ୍ତି। ମଞ୍ଜୁ ଦେବୀଙ୍କ ଭୂମିକାରେ ଅଭିନେତ୍ରୀ ନୀନା ଗୁପ୍ତା ଏବଂ କ୍ରାନ୍ତି ଦେବୀଙ୍କ ଭୂମିକାରେ ଅଭିନେତ୍ରୀ ସୁନୀତା ରାଜ୍‌ୱର ଖୁବ୍ ଉଚ୍ଚକୋଟୀର ଅଭିନୟ କରିଥିବା ଦର୍ଶକ କହିଛନ୍ତି। ‘ପଞ୍ଚାୟତ ୪’ର ନିର୍ଦ୍ଦେଶନା ଦୀପକ କୁମାର ମିଶ୍ରା ଦେଇଛନ୍ତି।

### ୫୦ ବର୍ଷ ପରେ ଚତୁର୍ଥ ଶ୍ରେଣୀ ଝଗଡ଼ାର ପ୍ରତିଶୋଧ

ଥିରୁଭାନନ୍ତପୁରମ୍


ଭି.ଜେ. ବାବୁ

୫୦ ବର୍ଷ ତଳର ପୁରୁଣା ଝଗଡ଼ା ପାଇଁ କେରଳର କସରଗୋଡ଼ ଜିଲାର ୨ ଜଣ ବୟସ୍କ ବ୍ୟକ୍ତି ଅନ୍ୟଜଣେ ବୟସ୍କ ବ୍ୟକ୍ତିଙ୍କୁ ଆକ୍ରମଣ କରିଛନ୍ତି। ଗତ ସୋମବାର ଭି.ଜେ. ବାବୁ (୬୨) ନାମକ ଜଣେ ବ୍ୟକ୍ତିଙ୍କୁ ୨ ଅଭିଯୁକ୍ତ ବାଲକ୍ରିଷ୍ଣନ ଏବଂ ମାଥ୍ୟୁ ଭାଲିୟାପ୍ଲାକ୍କଲ ଆକ୍ରମଣ କରିଥିଲେ। ବାଲକ୍ରିଷ୍ଣନଙ୍କ ସହଯୋଗରେ ମାଥ୍ୟୁ ଭି.ଜେ. ବାବୁଙ୍କ ମୁହଁ ଏବଂ ପିଠିରେ ପଥରରେ ଆକ୍ରମଣ କରିଥିଲେ। ଆହତ ଅବସ୍ଥାରେ ବାବୁଙ୍କୁ ପରିୟାରମସ୍ଥିତ କନ୍ନୁର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାକୁ ନେଇ ତଦନ୍ତ ଚଳାଇଥିବା ସହ ବାଲକ୍ରିଷ୍ଣନ ଏବଂ ମାଥ୍ୟୁଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ମାଲୋମସ୍ଥିତ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାଲକ୍ରିଷ୍ଣନ, ମାଥ୍ୟୁ ଏବଂ ବାବୁ ଚତୁର୍ଥ ଶ୍ରେଣୀରେ ପଢୁଥିବା ବେଳେ ପରସ୍ପରର ସହପାଠୀ ଥିଲେ। ଏହି ସମୟରେ ଏକଦା ବାବୁ ଏବଂ ବାଲକ୍ରିଷ୍ଣନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ଏବଂ ବାଲକ୍ରିଷ୍ଣନଙ୍କ ଉପରକୁ ବାବୁ ଆକ୍ରମଣ କରିଥିଲେ। ତେଣୁ ଏହାର ପ୍ରତିଶୋଧ ନେବା ପାଇଁ ମାଥ୍ୟୁଙ୍କ ସହ ମିଶି ବାଲକ୍ରିଷ୍ଣନ ବାବୁଙ୍କୁ ଆକ୍ରମଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ।

# ଆଉ ୫ ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

## ଜାଲ୍ ସାର୍ଟିଫିକେଟରେ ଗ୍ରାମୀଣ ଡାକସେବକ ନିଯୁକ୍ତି ଦୁର୍ନୀତି ମାମଲା



ଭୁବନେଶ୍ୱର,୧୧।୬(ସତ୍ୟଜିତ୍ ରାଉତ)

ଜାଲ୍ ସାର୍ଟିଫିକେଟ୍ ଦେଇ ଡାକ ବିଭାଗରେ ଗ୍ରାମୀଣ ଡାକସେବକ ନିଯୁକ୍ତିରେ ଦୁର୍ନୀତି ମାମଲାରେ କ୍ରାଇମବ୍ରାଞ୍ଚ ଆଉ ୫ ଜଣଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ବଲାଙ୍ଗୀର ମୁରିବାହାଲର କୁଳମଣି ରାଣା(୨୪), ସଦର ଥାନା ଅଞ୍ଚଳର ଆଜାଉଦ୍ଦିନ୍ କୁମ୍ଭାର(୨୮), ଜଗନ୍ନାଥପଡ଼ାର ରଜତ କୁମାର ନାଏକ(୩୨), ବୁଢ଼ାମୁଣ୍ଡାର ସୁଧିର ଭୁଇ(୨୭) ଓ ସୁବର୍ଣ୍ଣପୁରର ତୋଫାନ ବାଗ୍(୪୫)। ଗିରଫ ଅଭିଯୁକ୍ତମାନଙ୍କୁ ବଲାଙ୍ଗୀର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯିବା ପରେ ଜେଲକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପ୍ରତିଷ୍ଠାନର ଫେକ୍ ସାର୍ଟିଫିକେଟ୍ ଦାଖଲ କରି ଚାକିରି ପାଇଥିଲେ। ତେବେ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ଅଭିଜିତ୍ କୁମାର ଭକତଙ୍କ ସମେତ ୧୭ ଜଣଙ୍କୁ ଗିରଫ କରାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୨୦୨୩ ଜାନୁଆରୀ ୨୭ରେ ଗ୍ରାମୀଣ ଡାକସେବକ(ଡିଡିଏସ୍) ପଦବୀ ଅନ୍ତର୍ଗତ ବିପିଏମ୍, ଏବିପିଏମ୍ ଓ ଡାକସେବକ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାଟ୍ରିକ୍ ମାର୍କ ଆଧାରରେ ପଦବୀ ପୂରଣ ପାଇଁ ବିଜ୍ଞପ୍ତିରେ ଦର୍ଶାଯାଇଥିଲା। ଏହାର ଫାଇଦା ନେଇ ଅଭିଯୁକ୍ତମାନେ ଜାଲ୍ ସାର୍ଟିଫିକେଟ୍ ଦେଇ ଆବେଦନ କରିଥିଲେ। ବଲାଙ୍ଗୀରରେ ଚୁକ୍ତିନାମା ଲେଖିବାବେଳେ ସେମାନେ ଠିକ୍‌ରେ ଇଂଲିଶ ଲେଖି ପଢ଼ି ପାରି ନ ଥିଲେ। ସନ୍ଦେହ ହେବାରୁ ୨୦୨୩ ମାର୍ଚ୍ଚରେ ବଲାଙ୍ଗୀର ଡାକ ଅଧୀକ୍ଷକଙ୍କ ପକ୍ଷରୁ ବଲାଙ୍ଗୀର ଟାଉନ ଥାନାରେ ଏତଲାକ୍ରମେ ପୋଲିସ ତଦନ୍ତ କରିଥିଲା। ମାର୍ଚ୍ଚ ୩୧ରେ ଡିଜିପିଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମବ୍ରାଞ୍ଚ ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ଏହାର ତଦନ୍ତ ପାଇଁ ମହାଡାକପାଳ ସିବିଆଇକୁ ଚିଠି ଲେଖିଥିଲେ। ସିବିଆଇ ମାମଲା ରୁଜୁକରି ତଦନ୍ତ କରିଥିଲା। ୨୦୨୪ ଜୁନ୍ ୧୩ରେ ସିବିଆଇ ରାଜ୍ୟର ୬୭ଟି ସ୍ଥାନ ଏବଂ ଚଳିତବର୍ଷ ଏପ୍ରିଲ ୨୩ରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଉଲ୍ଲେଖଯୋଗ୍ୟ, ଏହି ମାମଲାରେ ୩ ଜଣ ମିଡଲ୍ ମ୍ୟାନ୍ ଓ ୫୫ ଜଣ ପରୀକ୍ଷାର୍ଥୀଙ୍କ ବିରୋଧରେ ସିବିଆଇ ଗତ ଡିସେମ୍ବର ୩୦ରେ ଭୁବନେଶ୍ୱରସ୍ଥିତ ଏସ୍‌ଡିଜେଏମ୍ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା।

# କିସ୍ତି ଶୁଝି ନ ପାରି ଟ୍ରକ୍ ମାଲିକଙ୍କ ଆତ୍ମହତ୍ୟା

## ଅସହ୍ୟ ହେଲା ଋଣ ଭାର

କେନ୍ଦୁଝର,୧୧।୬(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ଅସହ୍ୟ ହେଲା ଋଣ ଭାର। ଆଗଭଳି ଟ୍ରକ୍ ଚାଲୁ ନ ଥିବାରୁ ଋଣ ଶୁଝିପାରିଲେ ନାହିଁ। ଫଳରେ କମ୍ପାନୀ ଟ୍ରକ୍ ଟାଣି ନେଇଗଲା। ଏଭଳି କ୍ଷେତ୍ରରେ ଟ୍ରକ୍ ମାଲିକ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ କେନ୍ଦୁଝର ଜିଲା ସଦର ବ୍ଲକ୍ ଗୋବର୍ଦ୍ଧନ ଗ୍ରାମର ଯୁବ୍ ଟ୍ରକ୍ ମାଲିକ ଲୋକନାଥ ଦେଓ (୩୧)। ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଏଭଳି ସମ୍ବେଦନଶୀଳ ଘଟଣା ସମଗ୍ର ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି। ପ୍ରକାଶ ଯେ, ଲୋକନାଥ ଘରୋଇ ସଂସ୍ଥାରୁ ଋଣକରି ୨ ହାଇୱା ଟ୍ରକ୍ ଆଣି ଚଳାଉଥିଲେ। ଯାହା ମିଳୁଥିଲା ସେଥିରେ ଋଣ ଅର୍ଥ ଶୁଝିବା ସହ ପରିବାର ପ୍ରତିପୋଷଣ କରୁଥିଲେ। ଆଗଭଳି ଟ୍ରକ୍ ବ୍ୟବସାୟ ଚାଲୁ ନ ଥିବାରୁ ଲୋଡ଼ିଂ ପାଇଲେ ନାହିଁ। ତେଣୁ ଗାଡ଼ି କିସ୍ତି ଖିଲାପ କରିବାରୁ ଘରୋଇ ଋଣ ଦେଇଥିବା କମ୍ପାନୀ ତାଙ୍କର ଗୋଟେ ଗାଡ଼ି ଟାଣି ନେଇଥିଲା। ତେଣୁ ସେ ମାନସିକ ଚାପରେ ରହୁଥିଲେ। ବୁଧବାର ସକାଳେ କାଦଗଡ଼ ନିକଟରେ ତାଙ୍କ ବାଇକ୍ ଓ ମୋବାଇଲ ପଡ଼ିଥିବା ବେଳେ ରେଳ ଧାରଣାରେ ଖଣ୍ଡ ବିଖଣ୍ଡିତ ମୃତଦେହ ପଡ଼ିଥିଲା। ସ୍ଥାନୀୟ ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ। ରେଲୱେ ପୋଲିସ ସ୍ଥାନୀୟ ପୋଲିସ ସହାୟତାରେ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ଅନ୍ୟପକ୍ଷେ ସେ ଚାଷଜମିକୁ ଯାଇଥିଲେ। ରେଳ ଧାରଣା ଅତିକ୍ରମ କଲାବେଳେ ଦୁର୍ଘଟଣା ଘଟିଥିବା କୁହାଯାଉଛି। ରେଳବାଇ ପୋଲିସ ଅଧିକାରୀ ଅସଲାମ ଖାନ କହିଛନ୍ତି, ଏକ ମାମଲା(ନଂ,୪୧/୨୫)ରୁଜୁ ହୋଇଛି। ଘଟଣାର ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡ଼ିବ।

# ଶ୍ୱଶୁର ହତ୍ୟା ଅଭିଯୋଗରେ ଜ୍ୱାଇଁଙ୍କୁ ୫ ବର୍ଷ ଜେଲ୍

ନବରଙ୍ଗପୁର, ୧୧।୬(ସଦାଶିବ ପ୍ରହରାଜ)

ପର୍ଶୁରାମ ନାୟକଙ୍କୁ ହତ୍ୟା ମାମଲାରେ ଅଭିଯୁକ୍ତ ଜ୍ୱାଇଁ ନୁନପାଣି ଗାଁର ଚୈତନ୍ୟ ଭତରାଙ୍କୁ ନବରଙ୍ଗପୁର ଜିଲା ଦୌରାଜଜ୍ ସୁବ୍ରତ ମହାନ୍ତି ବୁଧବାର ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦେୟ ହେଲେ ୬ ମାସ ଅଧିକ କାରାଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ପ୍ରକାଶ ପାଇଛି।

ମାମଲା ପରିଚାଳନା କରିଥିବା ପବ୍ଲିକ ପ୍ରସିକ୍ୟୁଟର ମନୋଜ କୁମାର ଏକ୍କାଙ୍କ ସୂଚନା ଚୈତନ୍ୟ ଭତରା ଦଶମୀ ନାୟକଙ୍କୁ ବିବାହ କରି ନେଙ୍ଗାନାଲ ଗ୍ରାମରେ ଘରଜ୍ୱାଇଁ ହୋଇ ରହୁଥିଲେ। ୨୦୨୪ ଜୁଲାଇ ୧୫ ସନ୍ଧ୍ୟା ୬ ଟାରେ ଶ୍ୱଶୁର ପର୍ଶୁରାମ ବସିଥିବାବେଳେ ଚୈତନ୍ୟ ହଠାତ ଆସି ତାଙ୍କୁ ଗାଳି ଗୁଲଜ କରିବା ସହ ତଣ୍ଟି ଚିପି ଜୀବନରେ ମାରିବା ଉଦ୍ୟମ କରିଥିଲେ। ଦଶମୀ ଏବଂ ତାଙ୍କ ମାମୁ ନକୁଳ ଛଡ଼େଇବାକୁ ଚେଷ୍ଟା କରିଥିଲେ। ଚୈତନ୍ୟ ପର୍ଶୁରାମଙ୍କୁ ବାରଣ୍ଡା ତଳକୁ ଠେଲିଦେଇଥିଲେ। ଏଥିରେ ପର୍ଶୁରାମଙ୍କ ମୁଣ୍ଡ ପଛପଟ ମାଡ଼ ହୋଇ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅଭିଯୁକ୍ତ ଘଟଣାସ୍ଥଳରୁ ପଳାଇଥିଲେ। ଦଶମୀ ନାୟକ କୋଷାଗୁମୁଡା ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ୨୭ ଜଣ ସାକ୍ଷୀଙ୍କ ବୟାନ ଏବଂ ୨୮ ଦସ୍ତାବିଜକୁ ଭିତ୍ତି କରି ଜିଲା ଓ ଦୌରା ଜଜ୍ ମହାନ୍ତି ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ପୀଡିତଙ୍କୁ କ୍ଷତି ପୂରଣ ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ କୁ ମଧ୍ୟ ସୁପାରିଶ କରାଯାଇଛି।

# ୩୪ କେଜିରୁ ଅଧିକ ଗଞ୍ଜେଇ ଜବତ, ଜଣେ ଗିରଫ

ଛେଣ୍ଡିପଦା,୧୧।୬(ଅଜିତ ଧଳ)



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଥାନା ପୋଲିସ ୩୪ କେଜିରୁ ଅଧିକ ଗଞ୍ଜେଇ ଜବତ କରିବା ସହ ବାଗଡ଼ିଆ ମାଉସୀମା ସାହିର ଜିତୁ ସାହୁଙ୍କୁ ଗିରଫ କରିଛି। ପୋଲିସ କହିଛି, କଣଲୋଇ ପଞ୍ଚାୟତର କର୍ଣ୍ଣପାଳ ଆଉଁଳି ଜଳସେଚନ ପ୍ରକଳ୍ପ ନିକଟରେ ଚୋରା ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଜଣେ ବ୍ୟକ୍ତି ଏକ ବସ୍ତା ଉପରେ ବସିଥିବା ଦେଖି ପୋଲିସ ତାଙ୍କୁ ଧରି ଯାଞ୍ଚ କରିଥିଲା। ଉକ୍ତ ବସ୍ତାରେ ଗଞ୍ଜେଇ ଥିବା ଜଣାପଡ଼ିବା ପରେ ମାଜିଷ୍ଟ୍ରେଟ ଭାବେ ଛେଣ୍ଡିପଦା ଅତିରିକ୍ତ ତହସିଲଦାର ପ୍ରକାଶ ନାୟକଙ୍କ ଉପସ୍ଥିତିରେ ଉକ୍ତ ଗଞ୍ଜେଇକୁ ଜବତ କରି ଓଜନ କରାଯାଇଥିଲା। ବସ୍ତା ଭିତରେ ୩୪.୬ କିଲୋ ଗଞ୍ଜେଇ ଥିବା ଜଣାପଡ଼ିବା ପରେ ପୋଲିସ ତାହାକୁ ଜବତ କରିବ ସହିତ ବାଗଡିଆ ଗ୍ରାମର ଜିତୁଙ୍କୁ ଗିରଫ କରିଥିଲା। ଏନେଇ ବାଗଡିଆ ଥାନାରେ ନଂ. ୧୦୮/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

# ଘରେ ପଶି ଟଙ୍କା, ସୁନା ଲୁଟିନେଲେ

ଭଦ୍ରକ,୧୧।୬(ସନାତନ ରାଉତ)

ଭଦ୍ରକ ସାମରାଇପୁର– ଆରଡ଼ି ଛକ କେନାଲରୋଡ୍ ସ୍ଥିତ ଏକ ଭଡ଼ାଘରୁ ମଙ୍ଗଳବାର ରାତିରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଆଇନଜୀବୀ ସଞ୍ଜୟ ପ୍ରକାଶ ତ୍ରିପାଠୀ ତାଙ୍କ ପରିବାର ସହ କେନାଲ ରୋଡ୍‌ରେ ଭଡ଼ାଘରେ ରହୁଥିବା ବେଳେ ତାଙ୍କ ଶାଳୀ ମଧ୍ୟ ପରିବାର ସହ ଆଉ ଏକ ଭଡ଼ାଘରେ ରହୁଥିଲେ। ମଙ୍ଗଳବାର ରାତିରେ ଉଭୟ ପରିବାର ଘରେ ନ ଥିବା ବେଳେ ଏହି ସୁଯୋଗରେ ଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେଇଛନ୍ତି। ବୁଧବାର ସକାଳେ ଘରର କବାଟ ଖୋଲାଥିବା ଦେଖି ଘର ମାଲିକ ତାଙ୍କୁ ଫୋନ ଯୋଗେ ଜଣାଇଥିଲେ। ସେମାନେ ପହଞ୍ଚି ଦେଖିବା ବେଳକୁ ଘରେ ଥିବା ସୁନା, ଟଙ୍କା ଲୁଟ୍ ହୋଇଯାଇଛି। ସଞ୍ଜୟଙ୍କର ୨୫ ଭରି ସୁନା ଅଳଙ୍କାର ଓ ୨୫ ହଜାର ନଗଦ ଟଙ୍କା ଲୁଟ୍ ହୋଇଥିବା ବେଳେ ତାଙ୍କ ଶାଳୀଙ୍କର ୭୦ ଭରିରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ସହ ୬୦ ହଜାର ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଗ୍ରାମାଞ୍ଚଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଆରଡ଼ି ଛକ ଅଞ୍ଚଳରେ ଲଗାତର ଲୁଟ୍ ଓ ଚୋରି ବଢୁଥିବା ବେଳେ ପୋଲିସ ପ୍ରଶାସନର ଢିଲାପଣ ଯୋଗୁ ଏପରି ଘଟୁଥିବା ସଞ୍ଜୟ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି।

# ଜିଏସ୍‌ଟି ଚଢ଼ାଉ, ଭ୍ୟାନ୍ ସହ ଗୁଟ୍‌ଖା ତିଆରି ସାମଗ୍ରୀ ଜବତ



ଗୁଟ୍‌ଖା ତିଆରି ସାମଗ୍ରୀ ସହ ଜବତ ହୋଇଥିବା ଭ୍ୟାନ୍।

ରାୟଗଡ଼ା,୧୧।୬(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଏସ୍‌ଟି ମୋବାଇଲ ୟୁନିଟ୍ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇ ଏକ ପିକଅପ୍ ଭ୍ୟାନ୍ ସହ ଗୁଟ୍‌ଖା ତିଆରି ସାମଗ୍ରୀ ଜବତ କରାଯାଇଛି। ବ୍ରହ୍ମପୁରରୁ କୋରାପୁଟ ଅଭିମୁଖେ ଯାଉଥିବା ପିକଅପ୍ ଭ୍ୟାନ୍‌କୁ ବୁଧବାର ସକାଳ ୬ଟାରେ ଜେକେପୁରସ୍ଥିତ ନାଗାବଳୀ ପୋଲ ଉପରେ ଜିଏସ୍‌ଟି ଅଧିକାରୀ ସନ୍ଦେହରେ ଅଟକାଇଥିଲେ। ଯାଞ୍ଚ ପରେ ସେଥିରେ ପ୍ରାୟ ୩୦ ବସ୍ତା ପାନମହୁରୀ, ଗୁଆ, ଚୂନ ଏବଂ ଜର୍ଦା ଥିବା ଜଣାପଡ଼ିଥିଲା। ଏହାପରେ ତାହାର ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ। ଏହି ଗୁଟ୍‌ଖା ତିଆରି ସାମଗ୍ରୀ ନକଲି ବିଲ୍ ଜରିଆରେ ଚାଲାଣ ହେଉଥିବା ଧରାପଡ଼ିଥିଲା। ତେବେ ବିଲ୍‌ଠାରୁ ପ୍ରାୟ ୫ଗୁଣ ଅଧିକ ମାଲ ବୋଝେଇ କରି ଚାଲାଣ ହେଉଥିବା ନେଇ ବିଭାଗ ତଦନ୍ତରୁ ଜଣାପଡ଼ିଛି। ତେବେ ଜବତ ହୋଇଥିବା ଗୁଟ୍‌ଖା ସାମଗ୍ରୀ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହୋଇପାରେ ବୋଲି ଜିଏସ୍‌ଟି ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଗୁରୁବାର ଜରିମାନା ଫିକ୍ସ ହେବା ନେଇ ସହକାରୀ କମିଶନର ନିହାରିକା ଓଝାଙ୍କ ସୂଚନା ଦେଇଛନ୍ତି।

## BUSINESS

# ୨୦ତମ ପିଜିଡିଏସ୍‌ରେ ୬ ମେଧାବୀ ସମ୍ବର୍ଦ୍ଧିତ

## ବିଆଇପିଏଫ୍ ପକ୍ଷରୁ ଆର୍ଥିକ ସହାୟତା



ଭୁବନେଶ୍ୱର,୧୧।୬

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଉଚ୍ଚଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ହାସଲ କରିଥିବା ୬ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୨୦ତମ ପ୍ରଫେସର ଘନଶ୍ୟାମ ଦାଶ ସ୍କୋଲାରସିପ୍(ପିଜିଡିଏସ୍) ପ୍ରଦାନ କରାଯାଇଛି। ଅପରପକ୍ଷରେ ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ (ବିଆଇପିଏଫ) ପକ୍ଷରୁ ବୁଧବାର ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଅବସରରେ ପ୍ରଫେସର ଘନଶ୍ୟାମ ଦାଶ ସ୍କୋଲାରସିପ୍ ଫର୍ ହାୟର ଏଜୁକେସନର ୬ବିଜେତା (ମେଧାବୀ)ଙ୍କୁ ଆର୍ଥିକ ସହାୟତା ସହ ସମ୍ବର୍ଦ୍ଧିତ କରାଯାଇଛି। ବିଶେଷକରି ଏହି ଛାତ୍ରଛାତ୍ରୀ ଇଞ୍ଜିନିୟରିଂ, ମେଡିସିନ, ଏସ୍‌ଟିଇଏମ୍(ଷ୍ଟେମ୍/ ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଏବଂ ମ୍ୟାଥମେଟିକ୍ସ) ଏବଂ ଲିବରାଲ ଆର୍ଟସ୍‌ରେ ବୃତ୍ତିଗତ ଡିଗ୍ରୀ ହାସଲ କରୁଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ୪ବର୍ଷର ଡିଗ୍ରୀ ପାଇଁ ୯୦% ଶିକ୍ଷାଗତ ଫିସ୍ ଏବଂ ଯୋଗ୍ୟ ଖର୍ଚ୍ଚକୁ ବହନ କରିବ। ଏହା ପ୍ରତ୍ୟେକ ବୃତ୍ତିଧାରୀଙ୍କ ପାଇଁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରାଯାଇଛି। ସେହିଭଳି ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ୬ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଏହି ବୃତ୍ତି ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ୨ଜଣ ଛାତ୍ର ଆଇଆଇଟିରେ ଇଞ୍ଜିନିୟରିଂ ପଢୁଥିବାବେଳେ ବାକି ୪ ଜଣ ମେଡିକାଲ (ଏମ୍‌ବିବିଏସ୍)ର ଛାତ୍ର ଭାବେ ଅଧ୍ୟୟନ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ସନ୍ଦୀପ ଶୁଭଜିତ ସାହୁ ଆଇଆଇଟି-ହାଇଦ୍ରାବାଦ ଏବଂ ତାରିଣୀ ପ୍ରସାଦ ମିଶ୍ର ଆଇଆଇଟି- ବିଏଚ୍‌ୟୁ ବାରାଣସୀରେ ପଢୁଛନ୍ତି ଏବଂ ସତ୍ୟଜିତ ପରିଡ଼ା ଓ ଆଲୋକ କୁମାର ସାହୁ ଏମ୍ସ ଭୁବନେଶ୍ୱରରେ ଏମ୍‌ବିବିଏସ୍ କରୁଥିବାବେଳେ ଦିବ୍ୟଜ୍ୟୋତି ଜେନା କଟକର ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଏବଂ ଆରିୟାନ ସାହୁ ବାଲେଶ୍ୱରର ଏଫ୍ଏମ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ମେଡିକାଲ ପାଠ ପଢୁଛନ୍ତି। ଏ ସମ୍ପର୍କରେ ଇମ୍ଫାର ଏମ୍‌ଡି ତଥା ବିଆଇପିଏଫ୍‌ର ଟ୍ରଷ୍ଟି ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, ଶିକ୍ଷା ସାମାଜିକ ପରିବର୍ତ୍ତନ ଏବଂ ଆର୍ଥିକ ପ୍ରଗତି ପାଇଁ ଏକ ଶକ୍ତିଶାଳୀ ଉତ୍ପ୍ରେରକ ହୋଇଥିବାବେଳେ ପ୍ରଫେସର ଘନଶ୍ୟାମ ଦାଶ ସ୍କୋଲାରଶିପ୍ ବା ପିଜିଡିଏସ୍ ମାଧ୍ୟମରେ ଆମେ ଭବିଷ୍ୟତର ନେତୃତ୍ୱମାନଙ୍କ ଉପରେ ବିନିଯୋଗ କରିଥାଉ।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୧।୬: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୨୩ (୧୨୩.୪୨) ପଏଣ୍ଟ ବୃଦ୍ଧି ଘଟି ୮୨,୫୧୫ (୮୨,୫୧୫.୧୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୭ (୩୭.୧୫) ପଏଣ୍ଟ ବଢ଼ି ୨୫,୧୪୧ (୨୫,୧୪୧.୪୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସରେ ମିଡ଼କ୍ୟାପ୍ ଓ ସ୍ମଲକ୍ୟାପ୍‌ଶେୟାରଗୁଡ଼ିକରେ ଇଣ୍ଡେକ୍ସ ସହିତ ଏନ୍‌ଏସ୍ଇ ନିଫ୍ଟି ମିଡ଼କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଅଭୟ ନାଲ୍‌କୋର ନୂତନ ନିର୍ଦ୍ଦେଶକ

ଭୁବନେଶ୍ୱର,୧୧।୬(ଅଭୟ ଦାଶ)



ଅଭୟ କୁମାର ବେହୁରିଆ

ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ନୂତନ ନିର୍ଦ୍ଦେଶକ (ଅର୍ଥ) ଭାବେ ଅଭୟ କୁମାର ବେହୁରିଆ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ନାଲ୍‌କୋରେ ଯୋଗଦେବା ପୂର୍ବରୁ ଅଭୟ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍)ରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଅର୍ଥ ଏବଂ ଆକାଉଣ୍ଟସ୍) ଭାବେ କାର୍ଯ୍ୟରତ ଥିଲେ। ଏପରିକି ତାଙ୍କର ଦକ୍ଷତା ଏବଂ ନେତୃତ୍ୱ ଯୋଗୁ କମ୍ପାନୀ ଏକ ଚ୍ୟାଲେଞ୍ଜିଂ ବଜାର ପରିସ୍ଥିତି ମଧ୍ୟରେ ରେକର୍ଡ ଆର୍ଥିକ ଫଳାଫଳ ହାସଲ କରିଥିଲା। ସେହିଭଳି ଆର୍ଥିକ ପରିଚାଳନା, ରଣନୈତିକ ଯୋଜନା ଏବଂ ଡିଜିଟାଲ ରୂପାନ୍ତରଣ କ୍ଷେତ୍ରରେ ବେହୁରିଆଙ୍କର ୩୧ବର୍ଷରୁ ଊର୍ଦ୍ଧ୍ୱ ସମୟର ଅଭିଜ୍ଞତା ରହିଛି। ନିର୍ଦ୍ଦେଶକ (ଅର୍ଥ) ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବେହୁରିଆଙ୍କୁ ଅଭିନନ୍ଦନ ଜଣାଇ ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଥିଲେ,ଆର୍ଥିକ ପରିଚାଳନା, ରଣନୈତିକ ଯୋଜନା ଏବଂ ଡିଜିଟାଲ ରୂପାନ୍ତରଣରେ ବେହୁରିଆଙ୍କର ବ୍ୟାପକ ଅଭିଜ୍ଞତା ନାଲ୍‌କୋର ବିଭିନ୍ନ ପ୍ରକଳ୍ପ ଏବଂ ପରିଚାଳନା ପଦକ୍ଷେପଗୁଡ଼ିକ ନିମନ୍ତେ ସହାୟତା ପ୍ରଦାନକରିବା ସହ ଅନେକ କ୍ଷେତ୍ରରେ ଉତ୍କର୍ଷ ଏବଂ ନବସୃଜନ ଆଣିବ। ନିର୍ଦ୍ଦେଶକ (ଅର୍ଥ) ଭାବେ ତାଙ୍କର ଯୋଗଦାନ ନାଲ୍‌କୋ ବୋର୍ଡକୁ ଆହୁରି ଦୃଢ଼ୀଭୂତ କରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।

# ଜିଓ ବ୍ଲାକ୍‌ରକ୍‌କୁ ସେବିର ଅନୁମୋଦନ

ଭୁବନେଶ୍ୱର,୧୧।୬

ଜିଓ ବ୍ଲାକ୍‌ରକ୍ ନିବେଶ ପରାମର୍ଶଦାତା ପ୍ରାଇଭେଟ୍ ଲିମିଟେଡ୍ ଭାରତରେ ଏକ ନିବେଶ ପରାମର୍ଶଦାତା ସଂସ୍ଥା ଭାବେ ବ୍ୟବସାୟ ଆରମ୍ଭ କରିବା ପାଇଁ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ଏବଂ ବିଏସ୍‌ଇ ଲିମିଟେଡ୍‌ଠାରୁ ଅନୁମୋଦନ ଲାଭ କରିଛି। ଅପରପକ୍ଷରେ ଜିଓବ୍ଲାକରକ ନିବେଶ ପରାମର୍ଶଦାତା ପ୍ରାଇଭେଟ୍ ଲିମିଟେଡ୍ ହେଉଛି ଜିଓ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍ (ଜେଏଫ୍ଏସ୍ଏଲ୍) ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ବ୍ଲାକରକ ଇଙ୍କର ଏକ ମିଳିତ ଯୌଥ ଉଦ୍ୟୋଗ। ବିଶ୍ୱସ୍ତରରେ ଆର୍ଥିକ ସେବା ପ୍ରଦାନ କ୍ଷେତ୍ରରେ ଦୀର୍ଘ ୨୫ ବର୍ଷରୁ ଅଧିକ ଅଭିଜ୍ଞତା ଥିବା ମାର୍କ ପିଲଗ୍ରେମ୍‌ଙ୍କୁ କମ୍ପାନୀର ଏମ୍‌ଡି ତଥା ସିଇଓ ଭାବେ ନିଯୁକ୍ତ କରାଯାଇଛି। ପୂର୍ବରୁ ମେ ୨୭ରେ ଜିଓବ୍ଲାକରକ ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଦେଶରେ ମ୍ୟୁଚୁଆଲ୍ ଫଣ୍ଡ ବ୍ୟବସାୟ ପାଇଁ ସେବି ଅନୁମୋଦନ ଲାଭ କରିଥିଲା। ଏ ସମ୍ପର୍କରେ ଜିଓ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ହିତେଶ ସେଠିଆ କହିଛନ୍ତି, ଆମେ ଘୋଷଣାକରି ଖୁସି ଯେ ଜିଓବ୍ଲାକରକ ନିବେଶ ପରାମର୍ଶଦାତାଙ୍କୁ ନିୟାମକ ଅନୁମୋଦନ ମିଳିଛି, ଯାହା ବ୍ଲାକରକ ସହିତ ଆମର ସହଭାଗିତାରେ ଏକ ମାଇଲଖୁଣ୍ଟ। ଭାରତୀୟ ନିବେଶକମାନେ ବିଶ୍ୱସ୍ତରୀୟ ଆର୍ଥିକ ସମାଧାନ ଖୋଜୁଥିବାରୁ ଏହି ମିଳିତ ଉଦ୍ୟମ ବିଶ୍ୱସ୍ତରୀୟ ପରାମର୍ଶଦାତା ସେବାଗୁଡ଼ିକ ଉପଲବ୍ଧ କରାଇବା ସୁନିଶ୍ଚିତ କରିବ। ଆମେ ବିଶ୍ୱାସ କରୁଛୁ ଯେ ଜିଓବ୍ଲାକରକର ବିଶ୍ୱସ୍ତରୀୟ ବିଶେଷଜ୍ଞତା ଏବଂ ସ୍ଥାନୀୟ ପ୍ରାସଙ୍ଗିକତା ସହ ନିବେଶକମାନଙ୍କୁ ସଶକ୍ତକରି ଭାରତରେ ସମ୍ପତ୍ତି ସୃଷ୍ଟିର ଭବିଷ୍ୟତକୁ ନୂତନ ଭାବେ ପରିଭାଷିତ କରିବ। ବ୍ଲାକରକ୍‌ର ସିଓଓ ରବ୍ ଗୋଲ୍ଡଷ୍ଟାଇନ୍ କହିଛନ୍ତି, ଭାରତ ବିଶ୍ୱର ଦ୍ରୁତତମ ବୃଦ୍ଧି ପାଉଥିବା ନିବେଶ ବଜାର ମଧ୍ୟରୁ ଅନ୍ୟତମ। ଜିଓବ୍ଲାକରକ ନିବେଶ ପରାମର୍ଶଦାତାଙ୍କୁ ଜିଓ ଫାଇନାନ୍ସିଆଲ ସର୍ଭିସେସ୍‌ର ଉପଲବ୍ଧତା ସହ ବ୍ଲାକରକର ବିଶ୍ୱସ୍ତରୀୟ ନିବେଶ ବିଶେଷଜ୍ଞତା ଏବଂ ଜ୍ଞାନର ଅଗ୍ରଣୀ ପ୍ରଯୁକ୍ତିବିଦ୍ୟାକୁ ଲାଭ ମିଳିବ। ଏହି ଅନନ୍ୟ ମିଳିତ ଶକ୍ତି ଆମକୁ ବିଶ୍ୱସ୍ତରୀୟ, ବ୍ୟକ୍ତିଗତ ନିବେଶ ପରାମର୍ଶ ପ୍ରଦାନ କରିବାକୁ ସକ୍ଷମ କରିବ।

# ଚାଷୀଙ୍କଠୁ ଭାରତ ମସଲା କିଣିଲା ୨ଏମ୍‌ଟି ଶୁଖିଲା ଅଦା

ଭୁବନେଶ୍ୱର,୧୧।୬




ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ମସଲା ଉଦ୍ୟୋଗ ଭାରତ ମସଲା ନିକଟରେ ଝାରସୁଗୁଡ଼ା ଜିଲାସ୍ଥିତ ଲକ୍ଷଣପୁର ବ୍ଲକ୍‌ର ଚାଷୀମାନଙ୍କଠାରୁ ୨ ମେଟ୍ରିକ ଟନ୍ (ଏମ୍‌ଟି) ଶୁଖିଲା ଅଦା କ୍ରୟ କରିଛି। ଅପରପକ୍ଷରେ କୃଷିଜାତ ଦ୍ରବ୍ୟକୁ ସିଧାସଳଖ କୃଷକମାନଙ୍କଠାରୁ କ୍ରୟକରି କମ୍ପାନୀ ପରୋକ୍ଷରେ ସେମାନଙ୍କୁ ସାହାଯ୍ୟ କରିବା ସହ ପୂର୍ବରୁ ମଧ୍ୟ ପ୍ରୋତ୍ସାହନ ଯୋଗାଇ ଆସୁଛି। ସେହିଭଳି ଚୁକ୍ତିନାମା ଅନୁଯାୟୀ ଭାରତ ମସଲା ଚାଷୀମାନଙ୍କଠାରୁ କୃଷିଜାତ ଦ୍ରବ୍ୟ ସିଧାସଳଖ କ୍ରୟ କରୁଥିଲାବେଳେ ଓରମାସ ମଧ୍ୟ ଆବଶ୍ୟକ ସହଯୋଗ ପ୍ରଦାନ କରିଥିଲା। ଉଲ୍ଲେଖଯୋଗ୍ୟ, କୋଲେଇ ଗୁରୁର ଫାର୍ମର ସଂସ୍ଥାକୁ ଏଫ୍‌ପିଓ ମାଧ୍ୟମରେ ବୈଷୟିକ ତାଲିମ ଦେଇ ଉନ୍ନତ ମାନର ଶୁଖିଲା ଅଦା (ଜିଞ୍ଜର ଚିପ୍ସ) ଉତ୍ପାଦନ କରିବାରେ ଉଭୟ ଓରମାସ ଓ ଭାରତ ମସଲା ଆବଶ୍ୟକ ସହାୟତା ପ୍ରଦାନ କରିଥିଲା। ଫଳରେ ଚାଷୀମାନେ ପୂର୍ବରୁ ବିନା ପ୍ରକ୍ରିୟାରେ ଅଦା କେଜି ମାତ୍ର ୪୦ ଟଙ୍କାରେ ବିକ୍ରି କରୁଥିବାବେଳେ ବର୍ତ୍ତମାନ ନୂତନ ପ୍ରକ୍ରିୟାରେ ବହୁ ଅଧିକ ମୂଲ୍ୟରେ ଭାରତ ମସଲାକୁ ଏହା ବିକ୍ରି କରୁଛନ୍ତି। ଅପରପକ୍ଷରେ ପ୍ରଥମ ଥର ପାଇଁ ଚାଷୀମାନଙ୍କଠାରୁ ଭାରତ ମସଲା ୨ ଏମ୍‌ଟି ଶୁଖିଲା ଅଦା କ୍ରୟ କରିଛି। ତେବେ ଆଗକୁ କମ୍ପାନୀ ୫୦ ଏମ୍‌ଟି ଶୁଖିଲା ଅଦା କ୍ରୟକରିବ ବୋଲି ଆକଳନ କରାଯାଉଥିଲା ବେଳେ ଚାଷୀମାନଙ୍କୁ ଅଧିକ ଅବଦାନ କରିବାକୁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇଦେବେ ବୋଲି ଭାରତ ମସଲାର ଏମ୍‌ଡି ସୁଜାନ କୁମାର ପଣ୍ଡା ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିପରି କମ୍ପାନୀ ପୂର୍ବରୁ ବାମଡ଼ା, କୁଚିଣ୍ଡା, ଦେବଗଡ଼ ଏବଂ ଗଞ୍ଜାମ ଭଳି କୃଷିଭିତ୍ତିକ ଅଞ୍ଚଳରୁ ଶୁଖିଲା ଲଙ୍କା ସଂଗ୍ରହ କରିଛି ଏପରିକି ଭାରତ ମସଲା ମଧ୍ୟ ବିଭିନ୍ନ ଜିଲାରୁ ଟମାଟୋ ସଂଗ୍ରହକରି ଚାଷୀମାନଙ୍କୁ ମିଡିଲ ମ୍ୟାନମାନଙ୍କ ଶୋଷଣରୁ ରକ୍ଷାକରିବା ସହ ପରୋକ୍ଷରେ କମ୍ପାନୀ ଅନେକ ପ୍ରକାର ସହଯୋଗ କରିଆସୁଛି। ଏହି ପରିପ୍ରେକ୍ଷୀରେ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ସମେତ ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ୯୦୦ କୋଟିର ଋଣ ବିତରଣ

ଭୁବନେଶ୍ୱର,୧୧।୬

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ତଥା ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସ୍ୟୁରାନ୍ସକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ଗ୍ରାହକଙ୍କୁ ପାରମ୍ପରିକ ବୀମା ଉପରେ ୯୦୦ କୋଟି ଟଙ୍କାର ଋଣ ବିତରଣ କରିଛି। ଫଳରେ ଲୋନ୍ ଏଗେନ୍‌ଷ୍ଟ ପଲିସି ବା ବୀମା ଉପରେ ଋଣ ଫିଚର ଖୁବ୍ ଉପଯୋଗୀ ହୋଇପାରିଛି। କାରଣ ଏହା ଗ୍ରାହକଙ୍କୁ ସେମାନଙ୍କର ଦୀର୍ଘାବଧି ସଞ୍ଚୟ ଯୋଜନାକୁ ପ୍ରଭାବିତ ନ କରି ତରଳତା ପ୍ରଦାନ କରିଥାଏ। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ୪୨,୦୦୦ରୁ ଅଧିକ ଗ୍ରାହକଙ୍କୁ ଏଭଳି ଋଣ ବିତରଣ କରାଯାଇଛି। ବୀମା ଉପରେ ଋଣ ପାଇବା ପାଇଁ ପ୍ରକ୍ରିୟା ଶୀଘ୍ର ଓ ପେପରଲେସ୍ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୯୮%ରୁ ଅଧିକ ଋଣ କେବଳ ୨୪ ଘଣ୍ଟା ମଧ୍ୟରେ ବିତରଣ କରାଯାଇଥିଲା। ଏପରିକି ଗ୍ରାହକମାନେ ଋଣ ପାଇଁ ଆବେଦନ କରିବା ଲାଗି କମ୍ପାନୀ ୱେବ୍‌ସାଇଟ କିମ୍ବା ଆମର ମୋବାଇଲ ଆପ୍‌ର ବ୍ୟବହାର କରିପାରିବେ। ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସ୍ୟୁରାନ୍ସର ମୁଖ୍ୟ ପରିଚାଳନା ଅଧିକାରୀ ଅମିତ ପଲ୍ଟା କହିଛନ୍ତି, ଜୀବନ ବୀମା ହେଉଛି ଏକ ଦୀର୍ଘାବଧି ଉତ୍ପାଦ ଏବଂ ଗ୍ରାହକମାନେ ବୀମା ଅବଧି ସମୟରେ ତରଳତା ଆହ୍ୱାନଗୁଡ଼ିକର ସମ୍ମୁଖୀନ ହୋଇପାରନ୍ତି। ବୀମା ଉପରେ ଋଣ ସୁବିଧା ବିନା ବାଧାରେ ଆର୍ଥିକ ସଞ୍ଚୟ ଯୋଜନାକୁ ଟ୍ରାକ୍‌ରେ ରଖିବା ସୁନିଶ୍ଚିତ କରିପାରେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗ୍ରାହକମାନେ ବୀମା ସରେଣ୍ଡର ଭାଲ୍ୟୁର ୮୦% ପର୍ଯ୍ୟନ୍ତ ରାଶି ଋଣ ଭାବେ ପାଇପାରିବେ। ୨୦୨୪-୨୫ ଆର୍ଥିକ ବର୍ଷରେ ଋଣ ବିତରଣ କ୍ଷେତ୍ରରେ ବାର୍ଷିକ ଆଧାରରେ ୬୦% ବୃଦ୍ଧି ଘଟିଛି। ଆମେ ଆମର ଗ୍ରାହକଙ୍କ ମଧ୍ୟରେ ବୀମା ଉପରେ ଋଣ ସୁବିଧାକୁ ଆପଣାଇବାରେ ଏକ ବୃଦ୍ଧିର ସାକ୍ଷୀ ହୋଇଛୁ। ଏହି ପ୍ରକ୍ରିୟା ପ୍ରିମିୟମ ପଇଠ କରିବା ପାଇଁ ମଧ୍ୟ ଉପଯୋଗ କରାଯାଇପାରିବ,ଯାହା ବୀମାର ନିରନ୍ତରତା ଓ ଏହାର ଲାଭଗୁଡ଼ିକୁ ସୁନିଶ୍ଚିତ କରିଥାଏ।

# ବଦଳିଲେ ୫୧ ଓଏଏସ୍ ଅଧିକାରୀ

ଭୁବନେଶ୍ୱର,୧୧।୬ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ବୁଧବାର ପୁଣି ଏକ ବଡ଼ଧରଣର ଓଏଏସ୍ ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୫୧ଜଣ ଓଏଏସ୍ ଅଧିକାରୀଙ୍କ ବଦଳି ହୋଇଛି। ସେମାନଙ୍କ ମଧ୍ୟରେ ନାରାୟଣ ପାଟଣା ତହସିଲଦାର ଦେବବ୍ରତ ମହାରଣାଙ୍କୁ ନନ୍ଦପୁର ବଦଳି କରାଯାଉଥିବାବେଳେ ନନ୍ଦପୁରର ତହସିଲଦାର ପ୍ରଭାତୀ ଖେଡ଼ିଆଙ୍କୁ ନାରାୟଣପାଟଣାରେ ଅସ୍ଥାପିତ କରାଯାଇଛି। ସେହିପରି ତପସ୍ୱିନୀ ହାଁସଦାଙ୍କୁ ଦଶପଲ୍ଲା ତହସିଲଦାର ଭାବେ ବଦଳି କରାଯାଇଥିବାବେଳେ ଅବଶିଷ୍ଟ ୪୮ ଓଏଏସ୍ ଅଧିକାରୀଙ୍କୁ ବିଭିନ୍ନ ଜିଲାର ତହସିଲଦାର, ବିଡିଓ ଏବଂ ସରକାରଙ୍କ ଅନୁସଚିବ ଭାବେ ବଦଳି କରାଯାଇଛି।

# ଆଜି ରାଇଘରରେ କଳା ଦିବସ ପାଳିବ ବିଜେଡି

ଭୁବନେଶ୍ୱର, ୧୧।୬ (ସୁନିତ୍ ମିଶ୍ର)

ଅବିଭକ୍ତ କୋରାପୁଟ ଜିଲାରେ ୩୪୪ ଜଣ ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ୪ ମାସ ପରେ ମଧ୍ୟ ମିଳି ନ ଥିବାରୁ ଚାଷୀ ସମାଜ ମଧ୍ୟରେ ପ୍ରବଳ ଜନ ଅସନ୍ତୋଷ ସୃଷ୍ଟିହୋଇଛି। ଚାଷୀମାନଙ୍କୁ ତାଙ୍କ ପ୍ରାପ୍ୟ ପ୍ରଦାନ ଦାବିରେ ଚାଷୀ ସଙ୍ଗଠନ ତରଫରୁ ଗୁରୁବାର ରାଇଘରରେ ୧୨ ଘଣ୍ଟିଆ ବନ୍ଦ ସହ କଳା ଦିବସ ପାଳନ ପାଇଁ ଡାକରା ଦିଆଯାଇଛି। ଚାଷୀମାନଙ୍କ ଦ୍ୱାରା ଦିଆଯାଇଥିବା ଏହି ଡାକରାକୁ ବିଜେଡି ସମର୍ଥନ ଘୋଷଣା କରିଛି। ଶଙ୍ଖ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ଉପସଭାପତି ରବି ନାରାୟଣ ନନ୍ଦ କହିଛନ୍ତି, ଉପାନ୍ତ ଅଞ୍ଚଳ ରାଇଘରରେ ମୁଖ୍ୟତଃ ଆଦିବାସୀ ଲୋକମାନେ ଚାଷ ଉପରେ ନିର୍ଭର କରନ୍ତି। ସରକାରଙ୍କ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବାପରେ ରାଇଘର ଅଞ୍ଚଳରେ ୩୪୪ ଜଣ ଚାଷୀଙ୍କୁ ଗତ ୧୫ ଫେବୃଆରୀରୁ ୧୬ ମାର୍ଚ୍ଚ ଭିତରେ ଧାନ ବିକ୍ରି କରିବା ପାଇଁ କୁହାଯାଇଥିଲା। ସେହି ହିସାବରେ ଏହି ଚାଷୀମାନେ ୧୪,୨୫୨ କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଥିଲେ। ଏହି ଧାନର ପରିମାଣ ହିସାବରେ ଚାଷୀମାନେ ପ୍ରାୟ ସାଢ଼େ ୪ କୋଟି ଟଙ୍କା ପାଇବା କଥା। ନିୟମ ଅନୁଯାୟୀ ୨୪ରୁ ୪୮ ଘଣ୍ଟା ଭିତରେ ଧାନ ବିକ୍ରି ଅର୍ଥ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିବା କଥା। କିନ୍ତୁ ପ୍ରାୟ ୪ ମାସ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଧାନ ଟଙ୍କା ମିଳିନାହିଁ। ଏହି ଟଙ୍କା ପାଇବା ପାଇଁ ଧାନ ବିକିଥିବା ଚାଷୀମାନେ ବାରମ୍ବାର ଗୁହାରିପିଟା ହେଉଛନ୍ତି। ଇତିମଧ୍ୟରେ ଚାଷୀମାନେ ଧାନ କିଣାରେ ସମ୍ପୃକ୍ତ ଅଧିକାରୀମାନଙ୍କ ବ୍ୟତୀତ ସିଏସ୍‌ଓ ଓ ଜିଲାପାଳଙ୍କୁ ଭେଟି ତାଙ୍କର ଅସୁବିଧା ଜଣାଇଛନ୍ତି। ତଥାପି ଏହି ସମସ୍ୟାର ସମାଧାନ ହୋଇ ନ ଥିବାରୁ ସରକାରଙ୍କ ବିରୋଧରେ ୧୨ ଘଣ୍ଟିଆ ବନ୍ଦ ପାଳନ ସହ କଳା ଦିବସ ପାଳନ ହେବ ବୋଲି ନନ୍ଦ କହିଛନ୍ତି।

# ଦିନମଜୁରିଆ ନୁହେଁ, ଡିଜେ ଅପରେଟର ହେବାକୁ ଇଚ୍ଛା

ଆଜିର ଶିଶୁ କାଲିର ନାଗରିକ। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ପିଲାଙ୍କ ପାଠପଢ଼ା ପାଇଁ ବଡ ବଡ ଯୋଜନା କରାଯାଉଛି। ମାତ୍ର ବିଡମ୍ବନାର ବିଷୟ, ସମସ୍ତେ ଏହି ଯୋଜନାର ଉପକୃତ ହୋଇପାରୁନାହାନ୍ତି। ତେବେ ଅନ୍ତର୍ଜାତୀୟ ଶ୍ରମ ସଂଗଠନ(ଆଇଏଲ୍ଓ) ପ୍ରଥମେ ଶିଶୁ ଶ୍ରମିକ ପ୍ରଥା ରୋକିବା ପ୍ରସଙ୍ଗ ଉଠାଇଥିଲେ। ୨୦୦୨ରେ ଏନେଇ ସର୍ବସମ୍ମତି କ୍ରମେ ଏକ ଆଇନ ପାରିତ ହେଲା। ଯେଉଁଥିରେ ୧୪ ବର୍ଷରୁ କମ ପିଲାଙ୍କୁ ଶିଶୁ ଶ୍ରମ ଏକ ଅପରାଧ ବୋଲି କୁହାଯାଇଥିଲା। ମାତ୍ର ଏବେ ବି ପିଲାମାନେ ହୋଟେଲ, ଇଟାଭାଟି, ଫ୍ୟାକ୍ଟ୍ରି ରେ କାମ କରୁଥିବା ଦେଖିବାକୁ ମିଳୁଛି। ଏହି ଶିଶୁ ଶ୍ରମିକ ଧାରା ବନ୍ଦ କରିବା ପାଇଁ ସଚେତନତା ସୃଷ୍ଟି ସକାଶେ ୨୦୦୨ରୁ ଜୁନ ୧୨କୁ ଅନ୍ତର୍ଜାତୀୟ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ କରାଯାଉଛି। ଶିଶୁ ଶ୍ରମିକ ପ୍ରଥା ହଟାଇବା ପାଇଁ ରାଜ୍ୟରେ ବହୁ ସଂସ୍ଥା କାର୍ଯ୍ୟ କରୁଛନ୍ତି। ସେମାନଙ୍କ ସହଯୋଗରେ ରାଜ୍ୟରେ ଶିଶୁ ଶ୍ରମିକ ସଂଖ୍ୟା ହ୍ରାସ ପାଇଥିବା ଜଣାପଡିଛି। ଶିଶୁ ଶ୍ରମିକ ଅବସ୍ଥାରୁ ନିଜକୁ ବାହାର କରି ସାଧାରଣ ପିଲାଙ୍କ ଭଳି ପାଠ ପଢ଼ିବା ଲାଗି ସେମାନେ ମଧ୍ୟ ସ୍ୱପ୍ନ ଦେଖୁଛନ୍ତି।

କେନ୍ଦୁଝର ଜିଲାର ବବ୍‌ଲୁ ଲାଗୁରି। ବବୁଲର ପରିବାର କହିଲେ ବାପା, ମାଆ, ଭାଇଭଉଣୀଙ୍କୁ ବୁଝାଏ। ସେମାନେ ଭୁବନେଶ୍ୱରସ୍ଥିତ ହାଇଟେକ ମୁଣ୍ଡାସାହି ବସ୍ତିରେ ରହୁଛନ୍ତି। ବାପା, ମାଆ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରନ୍ତି। ଆର୍ଥିକ ଅଭାବ ଓ ଦାରିଦ୍ର୍ୟ କାରଣରୁ ପରିବାର ଲୋକ ପିଲାଙ୍କୁ ପାଠପଢ଼ାଇବାକୁ ସମର୍ଥ ହେଉନଥିଲେ। ସେଥିପାଇଁ ବାପା ମାଆଙ୍କ ସହିତ କାମ କରିବାକୁ ବାହାରି ପଡ଼ିଥିଲେ ବବ୍‌ଲୁ। ଯେଉଁ ବୟସରେ ପାଠପଢ଼ିବା ଓ ଖେଳକୁଦ କରିବା କଥା ସେହି ବୟସରେ ସେ ବାଲି ସିମେଣ୍ଟ ବୁହା କାମ କରୁଥିଲେ। ଦିନମଜୁରିଆ ଭାବେ କାମ କରି ସେ ଦିନକୁ୫୦ରୁ ୧୦୦ ଟଙ୍କା ରୋଜଗାର କରୁଥିଲେ। ଏଭଳି ଅବସ୍ଥାରେ ୨୦୧୮ ମସିହାରେ ଆଭେକ୍ଷା ଟ୍ରଷ୍ଟ ତାଙ୍କୁ ଉଦ୍ଧାର କରିଥିଲା। ସେତେବେଳକୁ ବବ୍‌ଲୁଙ୍କ ବୟସ ମାତ୍ର ୧୦ ବର୍ଷ। ଉଦ୍ଧାର ପରେ ଟ୍ରଷ୍ଟ ପକ୍ଷରୁ ତାଙ୍କୁ ପାଠ ପଢ଼ାଇବା ପାଇଁ ରାଜି କରାଯାଇଥିଲା। ସେ ହଂସପାଳ ହାଇସ୍କୁଲରେ

## ଆଜି ଅନ୍ତର୍ଜାତୀୟ ଶିଶୁ ଶ୍ରମିକ ନିରୋଧ ଦିବସ



ପାଠପଢ଼ିବା ଆରମ୍ଭ କରିଥିଲେ। ନିଷ୍ଠା ଓ ପରିଶ୍ରମ ବଳରେ ସେ ଦଶମ ଶ୍ରେଣୀ ପାସ କରିଛନ୍ତି। ତେବେ ଆଗକୁ ଜଣେ ଡିଜେ ଅପରେଟର ଭାବେ କାର୍ଯ୍ୟ କରିବାକୁ ବବ୍‌ଲୁ ଲକ୍ଷ୍ୟ ରଖିଛନ୍ତି।

ପ୍ରସ୍ତୁତି: **ସୁଚିସ୍ମିତା ସାହୁ**, ଭୁବନେଶ୍ୱର

ଏ ମାନଙ୍କ ମତରେ

### ସବୁ ବିଭାଗର ମିଳିତ ସହଯୋଗ ଜରୁରୀ

ଶିଶୁ ଶ୍ରମିକ ଉଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ଯୋଜନା କରାଯାଉଛି। ତଥାପି ବିଭିନ୍ନ ଉପାନ୍ତ ଅଞ୍ଚଳରେ ଶିଶୁମାନେ ଶ୍ରମିକ ଭାବେ କାମ କରୁଥିବା ନଜରକୁ ଆସୁଛି। ରାଜ୍ୟ ସରକାରଙ୍କ ସବୁ ବିଭାଗର ମିଳିତ ସହଯୋଗରେ ଏକ କ୍ୟାମ୍ପେନିଂ କରାଯାଉ। ସରକାରୀ ଯୋଜନା ଗୁଡିକୁ କ୍ଷିପ୍ରଗତିରେ ଚାଲୁକରିବା ଦରକାର। ତା'ପରେ ଶିଶୁ ଶ୍ରମିକକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇପାରିବ।

- ଭାସ୍କର ପ୍ରଧାନ, ସାମାଜିକ କର୍ମୀ

### ୧୮ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଶିକ୍ଷା ଅଧିକାର ଆଇନରେ ସାମିଲ କରାଯାଉ

ଭାରତରେ ବହୁ ଶିଶୁ ଅଛନ୍ତି ଯେଁଉମାନେ ଶ୍ରମିକ ଭାବେ କାମ କରୁଛନ୍ତି। ୧୮ ବର୍ଷରୁ କମ ପିଲାମାନଙ୍କୁ ଉଦ୍ଧାର କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଉ। ଶିକ୍ଷା ଅଧିକାର ଆଇନ ମାଧମରେ ସବୁ ପିଲାଙ୍କୁ ପାଠପଢ଼ାଯାଉ। ୧୮ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଶିକ୍ଷା ଅଧିକାର ଆଇନରେ ସାମିଲ କରିବାକୁ ରାଜ୍ୟ ସରକାରଙ୍କୁ ଦାବି କରୁଛୁ। ଯଦି ପିଲାମାନେ ଶିକ୍ଷାରେ ଜଡିତ ରହିବେ ତେବେ ଶିଶୁ ଶ୍ରମିକ ଏବଂ ବାଲ୍ୟ ବିବାହ ମୁକ୍ତ ଓଡିଶା ହୋଇପାରିବ।

- ବେଣୁଧର ସେନାପତି, ଶିଶୁ ସୁରକ୍ଷା ଅଧିକାରୀ

# ପାଣିରେ ବୁଡ଼ି ୨ ନାବାଳିକାଙ୍କ ମୃତ୍ୟୁ

ମୋରଡ଼ା,୧୧।୬(ସ୍ୱାଗତ ମାଝୀ)

ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅମର୍ଦା ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମରେ ବୁଧବାର ପାଣିରେ ବୁଡ଼ି ୨ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳିକା ଦ୍ୱୟ ନବ କୁମାର ଜେନାଙ୍କ ନାତୁଣୀ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅପରାହ୍ନ ୫ଟା ସମୟରେ ନବଙ୍କ ଘରେ ଭାଗବତ ପୂଜା ଚାଲିଥିଲା। ଏହି ସମୟରେ ତାଙ୍କର ୨ ନାବାଳିକା ନାତୁଣୀ ସ୍ଥାନୀୟ ପୋଖରୀକୁ ଯାଇଥିବାବେଳେ ଅସାବଧାନତା ଯୋଗୁ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାରକରି ଜଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତିକରିଥିଲେ ମଧ୍ୟ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ଆଜିଠାରୁ ଆବୁଧାବି ଉଡ଼ିବ ବିମାନ

ଭୁବନେଶ୍ୱର,୧୧।୬(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଆବୁଧାବିକୁ ଗୁରୁବାରଠାରୁ ସିଧାସଳଖ ବିମାନ ସେବା ଆରମ୍ଭ ହେବ। ସପ୍ତାହର ତିନିଦିନ ଅର୍ଥାତ ବୁଧବାର, ଶୁକ୍ରବାର ଏବଂ ରବିବାର ବିମାନ ସେବା ଉପଲବ୍ଧ ହେବ। ଯାତ୍ରୀମାନେ ମାତ୍ର ସାଢ଼େ ଚାରି ଘଣ୍ଟାରେ ଆବୁଧାବିରେ ପହଞ୍ଚିପାରିବେ। ଇଣ୍ଡିଗୋ ଏୟାର ଲାଇନ୍ସ ଏହି ସେବା ପ୍ରଦାନ କରିବ। ବିମାନଟି ଭୁବନେଶ୍ୱରରୁ ଗୁରୁବାର ପୂର୍ବାହ୍ନ ୯ଟା ୩୫ରୁ ଉଡ଼ାଣ ଆରମ୍ଭ କରି ସ୍ଥାନୀୟ ସମୟ ଅନୁସାରେ ମଧ୍ୟାହ୍ନ ୧୨ଟା ୩୫ରେ ୟୁଏଇର ରାଜଧାନୀ ଆବୁଧାବିରେ ଅବତରଣ କରିବ। ସେହିପରି ଆବୁଧାବିରୁ ସ୍ଥାନୀୟ ସମୟ ରାତି ୨ଟା ୩୫ରେ ବିମାନ ଯାତ୍ରା ଆରମ୍ଭ କରି ସକାଳ ୮ଟା ୩୫ରେ ଭୁବନେଶ୍ୱରରେ ପହଞ୍ଚିବ। ଏଥିପାଇଁ ବିମାନ ଭଡ଼ା ୧୨,୬୮୫ ଟଙ୍କାରୁ ଆରମ୍ଭ ହେଉଥିବାବେଳେ ଫେରିବା ଭଡ଼ା ୧୬,୧୩୨ ଟଙ୍କା ରହିଛି।


GOVERNMENT OF ODISHA

**OFFICE OF THE SUPERINTENDING ENGINEER, SUNDARGARH (R&B) DIVISION, SUNDARGARH**

E-mail ID : pwd_sng@yahoo.co.in

"e" - Procurement Notice

Bid Identification No. - SE-R&B-SNG-03 OF 2025-26

Letter No. 3337 Date : 10.06.2025

No.B-202

| | | |
|---|---|---|
| 1 | The Superintending Engineer, Sundargarh (R&B) Division on behalf of Governor of Odisha inviting percentage rate bid in single cover system on On-LINE mode from eligible contractors with valid licenses for execution of **Electrical & Building Works** as detailed in DTCN. | |
| 2 | Nature of Work | : **Electrical & Building Works** |
| 3 | No. of work | : **06 (Six) Nos.** |
| 4 | Tender Cost | : **Rs. 4,000/- and 6,000/-** |
| 5 | Class of Contractor | : **D, C & B Class** |
| 6 | Availability of bid document in the website | : **From 10:00 A.M. Date : 13.06.2025 to 05:00 P.M. Date : 23.06.2025** |
| 7 | Date of opening of Bid | : **11:00 A.M. On Dt. 24.06.2025** |
| 8 | The bidders have to participate in ON-LINE bidding only. Further details can be seen from the website (https://tendersodisha.gov.in). Any addendum/corrigendum/cancellation of tender can also be seen in the said website only. | |

Sd./- Superintending Engineer
Sundargarh (R&B) Division

OIPR-34043/11/0035/2526

Govt. of Odisha
DISTRICT PLANNING & MONITORING UNIT, SUNDARGARH
(STATISTICS WING)

E-mail Id:dpmustatistics.sundargarh@gmail.com, Phone No.06622-272228

ADVERTISEMENT FOR THE TEMPORARY ENGAGEMENT OF LOCAL YOUTH

**No.X-13:** The Deputy Director (P&S), DPMU (Statistics Wing), Sundargarh invites applications for the temporary engagement of Enumerators to conduct the 7th Minor Irrigation Census & 2" Census of Water bodies in Sundargarh District.
**Eligibility:** 10+2 or equivalent, Basic knowledge of English & Odia.
**Age:** Must be 18 years or above.
**Responsibilities:** Field data collection, verification and reporting.
**Remuneration:** As per the Government norms.
**Application:** The application in prescribed format attached with photo copies of self-attested certificates and photo should be dropped in the box by 20th June 2025 time 5 PM placed in District Planning & Monitoring Unit (Statistics Wing), Sundargarh or sent via Regd. Post/ Speed Post to Deputy Director (P&S). District Planning and Monitoring Unit (Statistics Wing) Sundargarh, Pin- 770001.
Details advertisement & application from can be downloaded from- https://sundargarh.odisha.gov.in.

Sd./- Deputy Director (P&S),
DPMU, Sundargarh

OIPR-21041/11/0002/2526

**OFFICE OF THE NOTIFIED AREA COUNCIL, GANJAM**

Letter No. 1971/NAC Date : 09.06.2025

"e" Procurement Notice

TENDER REFERENCE NO. : GANJAM-01/2025-26

**No.C-486** : Bid documents consisting of work, Estimated cost, Cost of Tender Paper, EMD, Time of completion, Class of contractor and the set of terms and conditions of contract and other necessary documents can be seen in Govt. website. i.e. www.tendersodisha.gov.in

1. Name of the Work : PROVIDING CONSULTANCY SERVICES FOR PREPARATION OF COMPREHENSIVE DRAINAGE MASTER PLAN AND DPR FOR STORM WATER DRAINAGE SYSTEM OF GANJAM NAC
2. No. of works : **1 No.**
3. Period of completion : **As per DTCN**
4. Date & time of availability of bid document in the portal : From 10.00 A.M. of 11.06.2025 to 5.00 P.M. of 30.06.2025
5. Last date/Time for receipt of bids in the portal : 5.00 P.M. of 30.06.2025
6. Last Date/Time of receiving of documents relating of tender Off-line : From10.00 A.M. of 30.06.2025 to 5.00 P.M. of Dt.30.06.2025
7. Technical proposals received online shall be opened on : 01.07.2025 at 12.30 P.M.
8. Financial proposals received online shall be opened on : 08.07.2025 at 12.30 P.M.
9. Name and address of the Officer Inviting Bid : Executive Officer, NAC Ganjam
10. Further details can be seen from the e-procurement portal https://tendersodisha.gov.in

Sd./- Executive Officer,
NAC, Ganjam

OIPR-13164/11/0002/2526

INVITATIONS FOR BIDS (IFB)

**ODISHA STATE CASHEW DEVELOPMENT CORPORATION LIMITED KAJU BHAWAN, GHATIKIA, BHUBANESWAR**

No.CAD-727

E-Mail:contact@oscdc.com

e-Procurement Notice

Bid Identification Number-OSCDC-02 of 2025-26

Tender Call Notice No: 1717, Date:10.06.2025

| | |
|---|---|
| Name of the Work | 1. Construction of Agro Shed-net Truss with drainage system at Jayantagiri-II nursery, Koraput.<br>2. Construction of Agro shed-net Turss at Kathagada Nursery, Ganjam<br>3. Construction of Drying yard with Working shed, Store room & toilet at Kathagada Ganjam under Khordha Division. |
| Total No. of Projects: | 3 (Three) Numbers |
| Estimated Cost of Projects: | Varies from Rs.8.73 lakh to Rs.37.00 lakh (Excluding GST) |
| Class of Contractor: | "D", "C" & "B" Class (of Odisha PWD) or relevant class of other licensing authorities. |
| Period of Completion: | As per TCN |

Other details:

| Procurement Officer | Bid Identification | Availability of Tender online for bidding From | Availability of Tender online for bidding To | Submission of Original Documents | Date & Place of Opening of |
|---|---|---|---|---|---|
| 1 | 2 | 3 | 4 | 5 | 6 |
| MANAGING DIRECTOR, OSCDC LTD., BHUBANESWAR | OSCDC-02 of 2024-25 | 11.06.2025 from 11.00 AM | 21.06.2025 upto 5.00 P.M. | During office hours of working days from dt.12.06.2025 from 11.00 AM to 23.06.2025 upto 05.00 PM in the Office of Executive Engineer, OSCDC, Kaju Bhawan, Bhubaneswar, 751029 (To be dropped in the sealed Box) | Dt.24.06.2025 at 11.30 AM in the conference hall, OSCDC, Kaju Bhawan, Bhubaneswar 751029 |

Further details can be seen from the website www.tendersodisha.gov.in

OIPR-01049/11/0032/2526 Sd./- Managing Director

ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ, ଗଞ୍ଜାମ, ବ୍ରହ୍ମପୁର

DISTRICT PLANNING & MONITORING UNIT, GANJAM
(STATISTICAL WING)

E-mail Id:dpmustatistics.ganjam@gmail.com

No.598/DPMU, Date: 10.06.25

ADVERTISEMENT FOR TEMPORARY ENGAGEMENT OF LOCAL YOUTH FOR 7TH MINOR IRRIGATION CENSUS & 2ND CENSUS OF WATER BODIES

**No.X-16:** The Deputy Director (P&S), DPMU (Statistical Wing), Ganjam, Berhampur invites applications from local youth for temporary engagement as Enumerators to conduct the 7th Minor Irrigation Census & 2" Census of Water bodies in Ganjam District.
1. **Eligibility:** 10+2 or equivalent, knowledge of Odia and basic survey skills. Age: 18-45 years.
2. **Responsibilities:** Field data collection, verification and reporting.
3. **Remuneration:** As per Govt. norms, published in details.
4. **Application:** The application in prescribed format attached with certificates and photo should be dropped in the box (from 11 AM to 4:00 PM on any working day) by **30th June, 2025 by 4.00 PM** placed in District Planning and Monitoring Unit (Statistical Wing), Ganjam, Berhampur or sent via Registered post to Deputy Director (P&S), DPMU(Statistical Wing, Ganjam, Berhampur, Pin 760004.
The authority reserves the right to accept/reject any or all application/ cancel the entire selection process at any stage without assigning any reason thereof.
For further details visit: **https://ganjam.odisha.gov.in/**

OIPR-21033/11/0001/2526 Sd./- Joint Director, DPMU, Ganjam, Berhampur

**GOVT. OF ODISHA**

**OFFICE OF THE EXECUTIVE ENGINEER (AGRIL.), AGRIL.ENGG. DIVISION, CUTTACK**

At/PO: Nayabazar, District: Cuttack-753004, Phone No.(0671)- 2952638, E-mail Id:eeagril.cuttack@gmail.com

e-Procurement Notice: Dated 09.06.2025

Bid Identification No. EE(AGRIL) Cuttack Division-01/2025-26

**No.L-18:** The Executive Engineer (Agril.), Agril Engg. Division, Cuttack, Odisha on behalf of the Governor of Odisha invites percentage rate bids in single cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in", for installation of transformer and other electrical works in the district of Cuttack as detailed below.

| Sl. No. | Nos. of the work/nature of work for which Tender invited | Approximate Estimated cost put to Tender (Excluding G.S.T.)(Rs. lakh) | Cost of Bid Documents (in Rs.) | EMD in (Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Installation of 63 KVA transformer with all accessories of CDAO Office campus at Jagatpur | 630982.88 | 4000.00 | 6,400.00 | HT Electrical License | 90 days |

1. Date & Time of availability of bid document in the portal: 11.06.2025 at 10.00 AM to 19.06.2025, 5.30 PM. 2. Last date/time for receipt of bids in the portal: 19.06.2025 upto 5.30 P.M. 3. Date of submission of original bid documents in Tender Box: 11.06.2025 at 10.00 AM to 20.06.2025 upto 5.30 P.M. 4. Date & Time of opening of original documents & verification: 21.06.2025 at 11.30 AM. 5. Date & Time of opening of Online bids: 21.06.2025 at 2.00 PM onwards. The Bidders have to participate in ONLINE bidding only in the e-Procurement website: https://tendersodisha.gov.in with matching class DSC. Any addendum/ corrigendum/ cancellation of tender / other details of the DTCN can also be seen in the said website. Authority reserves the right to reject / accept any or all of the tenders, increase/ decrease the quantities of works without assigning any reason thereof.

OIPR-01447/11/0014/2526 Sd./- Executive Engineer (Agril.) Agril. Engg. Division, Cuttack

**OFFICE OF THE EXECUTIVE ENGINEER, SUPPORT SERVICES DIVISION**

2nd Floor, Dam Safety Building, Secha Sadan, Bhubaneswar-751001, E-mail: eessdivision@gmail.com

QUOTATION CALL NOTICE NO.03/2025-26

**No.A-273:** Sealed quotations are invited from eligible Firms, Suppliers and Dealers etc to supply of the items as mentioned below. The interested quotationers shall submit the quotations through off-line mode in the O/o Executive Engineer, Support Services Division, Bhubaneswar on or before 19.06.2025, 04.00 PM, as per the specifications and terms & conditions provided in the quotation format which will be available in the O/o the Executive Engineer, Support Services Division, Bhubaneswar from 10.00 AM of 11.06.2025 to 3.00 PM of 19.06.2025 on payment of Rs.100/- (Rupees One Hundred) only.

| Sl. No. | Name of Work | Item | Paper Cost (Non-refundable) | Quotation Call Notice No. |
|---|---|---|---|---|
| 1 | Supply of One no. of Air Conditioner to the Staff Common Room of Jala Sechan Sanskrutika Parisada, in the O/o Engineer-in-Chief, WR, BBSR | 01 No. | Rs.100.00 | 03 (1)/ 2025-26 |
| 2 | Supply of twelve nos. of Conference Chair and two nos. of Main Chair (make -Featherlite) for the official use in CE, Planning Conference Hall, in the O/o Engineer-in-Chief, WR, BBSR | 02 Nos. | Rs.100.00 | 03(2)/ 2025-26 |

OIPR-32447/11/0020/2526

Sd./- Executive Engineer
Support Services Division, Bhubaneswar

**ODISHA PUBLIC SERVICE COMMISSION CUTTACK**

NOTICE

No. 3948 / P.S.C., Dt. 10.06.2025
(1R-11-2025/26) (DR-V)

**No.D-102** : It is for information of all concerned that, document verification of candidates having **PPSAN** mentioned below for the post of **Professor in Computer & Science Engineering**, pursuant to Advertisement No.04 of 2024/25 shall be held on **20.06.2025** as per the following programme in the office of the Commission at 19, Dr. P. K. Parija Road, Cuttack - 753001

PROGRAMME OF DOCUMENT VERIFICATION

| Date | Time of verification | PPSAN |
|---|---|---|
| 20.06.2025 | 10.30 A.M. | P240302448, P240319226 & P240309924, P240318960 & P240242125 = 05 Candidates |

The candidates are required to submit the following documents (both original & One Set of Self-attested photo-copies) at the time of verification: -
1. The hard copies of **'online application forms'** indicating their **PPSAN at the top right-hand corner**.
2. Four recent passport size '**photographs**' (unsigned & unattested) which has been uploaded with online application form?
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board/Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./M. Tech. /M.S./Integrated M. Tech. Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board/Council/ University/Institution.
9. Research Papers.
10. Research Publications.
11. Experience Certificate indicating minimum 10 years of experience in teaching/research/ industry.
12. Experience Certificate in support of having minimum of 03 years of experience at a post equivalent to that of an Associate Professor (Level- 13A1, Entry pay-131400).
13. Certificates/documents indicating about successfully guiding doctoral candidates.
14. Caste Certificate wherever applicable.
15. No Objection Certificate from the competent authorities in case of Government Servants.
16. Any proof of identity.
17. Copies of all the Documents in support of Research Score as provided in Annexure-A (Table-2) of Advt. No.04 of 2024-25.
18. Any other documents as mentioned in para-09 of Advt. No.04 of 2024- 25.

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

**Note :** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0241/2526 Sd./- Secretary

**ODISHA PUBLIC SERVICE COMMISSION CUTTACK**

NOTICE

No. 3963 / P.S.C., Dt. 10.06.2025
PF-1E-23-2025/26 (DR-III)

Post Graduate Teacher in Discipline - Geology
(Advertisement No. 25 of 2023-24)

**No.D-103** : In Continuation to this Office Notice No. 3891/PSC, dtd. 09.06.2025, it is for information of all qualified candidates that the **Document Verification and Interview/ Personality Test** for recruitment to the post of **Post Graduate Teacher in Geology Discipline**, pursuant to Advertisement No. 25 of 2023-24 will be held on **25.06.2025** in the office of OPSC, 19, Dr. P.K. Parija Road, Cuttack-753001 as per programme detailed below.

PROGRAMME OF DOCUMENT VERIFICATION & INTERVIEW

| Date | Time of verification | Time of Interview | ROLL NO. of candidates |
|---|---|---|---|
| 25.06.2025 | 08.30 A.M. | 10.30 A.M. | 201387, 304798, 304820, 304831, 304838, 304849, 304860, 402044, 402046 & 402048 = **10 Candidates** |
| | 12.30 P.M. | 02.30 P.M. | 402051, 402058, 402061, 402063, 402065 & 502730 = **06 Candidates** |

**N.B.** - The candidates are advised to report at the office of the Commission **30 minutes** before the commencement of Document Verification in each 'time slot' allotted in the 'scheduled programme'.

NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/ documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/Documents should be issued within the last date of submission of Online Application i.e. 18.03.2024).**

1. Hard Copy of Online Application form mentioning **Roll No** at the **Top Right-hand Corner**.
*(Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password OTP etc through OPSC e-Chayan Portal via www.opscechayan.in)*
2. Four **(04)** 'passport size photographs' (Unsigned & Unattested) which has been uploaded with application form.
3. **Matriculation Certificate** in support of declaration of age.
4. Bachelors Degree Certificate.
5. Post-Graduation Certificate/ Master's Degree Certificate in the subject concerned in respect of Educational Qualification prescribed.
6. B.Ed. Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. Caste Certificate **by birth** in support of claim as **SEBC/ST/SC** whichever applicable. (which has been uploaded with online Application Form)
10. Required Odia Test Pass Certificate from the 'competent authority'.
11. Permanent Disability Certificate (indicating percentage of permanent disability i.e. **40% and more**);
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service.
13. Identity Card of Sports persons issued by the Director of Sports Odisha.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0244/2526 Sd./- Secretary

# ବ୍ରାଜିଲକୁ ୨୦୨୬ ବିଶ୍ୱକପ୍ ଯୋଗ୍ୟତା

ସାଓ ପାଉଲୋ,୧୧।୬(ଏପି)

ଆସନ୍ତା ବର୍ଷ ହେବାକୁଥିବା ଫିଫା ବିଶ୍ୱକପ୍ ଲାଗି ଚାଲିଥିବା ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଭିନିସିଅସ ଜୁନିୟରଙ୍କ ଗୋଲ ଯୋଗୁ ବ୍ରାଜିଲ ୧-୦ ଗୋଲରେ ପାରାଗୁଏକୁ ପରାସ୍ତ କରିଛି। ଏହି ବିଜୟ ସହ ବ୍ରାଜିଲ ବିଶ୍ୱକପ୍‌ରେ ସ୍ଥାନ ପକ୍କା କରିଛି। ସେହିଭଳି ପେରୁ ଓ ଇକ୍ୱେଡର ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବିନା ଗୋଲରେ ଶେଷ ହୋଇଛି। ଏଭଳି ଫଳାଫଳ ଯୋଗୁ ଇକ୍ୱେଡର ମଧ୍ୟ ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଛି। ପୂର୍ବରୁ ଯୋଗ୍ୟତା ହାସଲ କରିସାରିଥିବା ଡିଫେଣ୍ଡିଂ ଚାମ୍ପିୟନ ଆର୍ଜେଣ୍ଟିନା କଲମ୍ବିଆ ବିପକ୍ଷ ମ୍ୟାଚ୍‌କୁ ୧-୧ ଗୋଲରେ ଡ୍ର' ରଖିଛି। ସାଉଥ୍ ଆମେରିକାନ୍ କ୍ୱାଲିଫାଇଙ୍ଗ୍‌ରେ ଆର୍ଜେଣ୍ଟିନା ଶୀର୍ଷରେ ରହିଛି। ଇକ୍ୱେଡର ଓ ବ୍ରାଜିଲ ୨୫ ଲେଖାଏ ପଏଣ୍ଟ ସହ ଆର୍ଜେଣ୍ଟିନା ପଛରେ ରହିଛନ୍ତି। ଅଧିକ ବିଜୟ ଯୋଗୁ ଇକ୍ୱେଡର ଦ୍ୱିତୀୟ ସ୍ଥାନରେ ରହିଛି। ଯୋଗ୍ୟତା ପର୍ଯ୍ୟାୟରେ ଆହୁରି ୨ ରାଉଣ୍ଡ ମ୍ୟାଚ୍ ବାକିଥିବା ବେଳେ ଦୁଇ ଦେଶ ସପ୍ତମ ସ୍ଥାନରେ ଥିବା ଦଳଠାରୁ ୬ ପଏଣ୍ଟ ଆଗରେ ରହିଛନ୍ତି। ସାଉଥ୍ ଆମେରିକାନ କ୍ୱାଲିଫାଇଙ୍ଗ୍‌ରେ ଟପ୍-୬ ଦଳ ସିଧାସଳଖ ୪୮ ଦଳବିଶିଷ୍ଟ ବିଶ୍ୱକପ୍‌ରେ ଖେଳିବେ। ଚିଲି ଲଗାତର ତୃତୀୟଥର ପାଇଁ ବିଶ୍ୱକପ୍ ମିସ୍ କରିବାକୁ ଯାଉଛି। ବୋଲଭିଆ ବିପକ୍ଷ ମ୍ୟାଚ୍‌ରେ ୨-୦ ଗୋଲରେ ପରାଜୟ ଯୋଗୁ ୧୦ ଦେଶ ବିଶିଷ୍ଟ ରାଉଣ୍ଡ ରବିନ ଟୁର୍ନାମେଣ୍ଟରେ ଚିଲି ଅନ୍ତିମ ସ୍ଥାନରେ ରହିଛି। ଉରୁଗୁଏ ୨-୦ ଗୋଲରେ ଭେନେଜୁଏଲାକୁ ହରାଇଦେଇଛି। ଏହି ବିଜୟ ଯୋଗୁ ଉରୁଗୁଏ ୨୪ ପଏଣ୍ଟ ସହ ସିଧାସଳଖ ଯୋଗ୍ୟତା ହାସଲର ନିକଟତର ହୋଇଛି।

# ବେଲ୍‌ଜିୟମକୁ ହରାଇଲା ଭାରତ

## ଜୁନିୟର ମହିଳା ହକି

ଆଣ୍ଟୱର୍ପ,୧୧।୬(ପି.ଟି.)

ଭାରତୀୟ ଜୁନିୟର ମହିଳା ହକି ଦଳ ୨-୧ ଗୋଲରେ ବେଲ୍‌ଜିୟମକୁ ପରାସ୍ତ କରିଛି। ୟୁରୋପିଆନ୍ ଟୁର୍‌ରେ ଏହା ଭାରତୀୟ ଦଳର ଲଗାତର ଦ୍ୱିତୀୟ ବିଜୟ। ହକି ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଖେଳାଯାଇଥିବା ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଭାରତକୁ ୩୫ତମ ମିନିଟ୍‌ରେ ଏକ ପେନାଲ୍ଟି କର୍ନର ମିଳିଥିଲା, ଯାହାକୁ ଲାଲଥାଣ୍ଟଲୁଆଙ୍ଗି ଗୋଲ୍‌ରେ ପରିଣତ କରିଥିଲେ। ଏହି ଗୋଲ ଯୋଗୁ ତୃତୀୟ କ୍ୱାର୍ଟର ଶେଷସୁଦ୍ଧା ଭାରତ ୧-୦ ଗୋଲରେ ଆଗରେ ରହିଥିଲା। ଅନ୍ତିମ ତଥା ଚତୁର୍ଥ କ୍ୱାର୍ଟରରେ ଭାନ୍ ହେଲେମଣ୍ଟ(୪୮)ଙ୍କ ଗୋଲ ବଳରେ ବେଲଜିୟମ ସ୍କୋର ଲାଇନ୍‌କୁ ବରାବର କରିଥିଲା। ହେଲେ ଏହାର ଦୁଇ ମିନିଟ୍‌ରେ ଭାରତ ପକ୍ଷରୁ ଗୀତା ଯାଦବ (୫୦ତମ)ଏକ ସ୍କୋର କରିଥିଲେ। ଏହାପରେ ଭାରତ ବଳକା ୧୦ ମିନିଟ୍‌ରେ ଖୁବ୍ ଭଲ ଡିଫେଣ୍ଡ କରି ମ୍ୟାଚ୍ ଜିତିନେଇଥିଲା। ୧୨ ତାରିଖରେ ଏହି ଦୁଇ ଦଳ ମଧ୍ୟରେ ଅନ୍ତିମ ମ୍ୟାଚ୍ ଖେଳାଯିବ।



# Classified Everyday
0674-2580101, 9692975378




REAL ESTATE

SALE

Gharabadiresidentialplot for sale- ଝାରପଡ଼ା-5000/-, ଲକ୍ଷ୍ମୀସାଗର-5,500/-, ଲିଙ୍ଗିପୁର-4060/-, ନୂଆଗାଁ-3360/-, KEC-2460/-, ଗୁଡ଼ିଆପୋଖରୀ- 1760-1560/-. 7978551614, 9439049194. D-76829



FOR RENT

**Fully furnished running Show Room of 1000sft. Ground Floor on main road near BJB College & Shree Hospital. 9437517121.** D-75846




Newly open SPA positively health benefits (expert therapist). Contact- 7327030529. D-76918

Newly open health benefits SPA by expert therapist. Contact- 8280961126. D-76920

Kerala Ayurveda Massage therapy Gents/ Ladies pain relief Bhubaneswar. 9337672475. D-854

Positively health benefits SPA expert female therapist homely atmosphere. 9114559860. D-883

Newly open Jyoti SPA positively health benefits (expert therapist). 8458067955. D-870

**Relax, Refresh your body, Mind at Saikrupa SPA with best therapies. 7848011468.** D-859

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

I Khokan Mondal, Son of Dhiren Mondal, at present residing at Vill.- M.P.V.03, P.O.- Tumsapalli, P.S./Dist.- Malkangiri do hereby solemnly affirm and state as follows. That, my minor daughter's old name is Komolini Mondal and her new name is Kamalini Mondal. That, my daughter's name is Wrongly mention as all documents as Komolini Mondal. That, I authorize and request all persons to designate and address her and her future wife and children, by such assumed name of Kamalini Mondal accordingly. D-903

I Prabin Behera, W/o- Jatindra Ku. Behera of Vill.- Uttarmundamuhan, P.O.- Janla, P.S.- Infovally, Dist.- Khurdha, Odisha state that, actual and correct name of my daughter is Kumari Shivanya but in her Aadhar Card her name is Wrongly written as Ananya Ray. Hence Kumari Shivanya and Ananya Ray is same person. D- 901

By virtue of an affidavit sworn before the Executive Magistrate, Boudh No.- 939, dated- 11.06.25, I Chandrasekhar Behera, R/o-. Village- Boudh Town (Khadalsahi), Ward No.- 5, P.O./ P.S./ Dist.- Boudh, Odisha, PIN- 762014, declare that I have changed my daughter's name from Samyashree Behera to Soumyashree Behera. Henceforth she shall be known as Soumyashree Behera for all purposes.
Chandrasekhar Behera D-904

By virtue of an affidavit sworn before the Executive Magistrate, Sohela No.- 03, dated- 11.06.25, I Maheswar Nayak, R/o. Village/P.O.- Lebidi, P.S.- Sohela, Dist.- Bargarh, Odisha declare that I have changed my daughter's name from Roshani Nayak to Roshnipriya Nayak, Henceforth she shall be known as Roshnipriya Nayak for all purposes.
Maheswar Nayak D-905

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before the Executive Magistrate, Sundargarh, No.- 2473, dated- 06.06.25, I Sushila Naik, W/o. Laxman Kumar Naik, R/o. Village- Balijori, P.O.- Kiakachhar, P.S.- Sadar Sundargarh, Dist.- Sundargarh declare that I wish to correction of my name in Aadhar Card from Susila Naik to Sushila Naik and D.O.B. from Dt.- 18.06.1956 to Dt.- 05.02.1955 for all purposes. D-906

By virtue of an affidavit sworn before Bhubaneswar, dated- 19.05.2025, I, Urmila Mohanty, Address: At/ P.O.- Begunia, P.S.- Begunia, Dist.- Khordha, Odisha, PIN- 752062 declare that I have changed my daughter's name from Trpty Mai Mohanty to Truptimayee Mohanty. Henceforth, she shall be known as Truptimayee Mohanty for all purposes.
Urmila Mohanty D-908

By virtue of an affidavit sworn before Bhubaneswar, dated- 19.05.2025 I, Urmila Mohanty, Address At/P.O.- Begunia, P.S.- Begunia, Dist.- Khordha, Odisha, PIN- 752062 declare that I have changed my daughter's name from Thanuza Mohanty to Tanuza Mohanty. Henceforth, she shall be known as Tanuza Mohanty for all Purposes.
Urmila Mohanty D-909

I, Susanta Kumar Nayak, S/o- Baidhara Nayak, At-Napanga, P.O.- Bankamuhan, P.S.- Bhandari Pokhari, Bhadrak, 756122 declare by the affidavit before Notary, Cuttack dt.- 06.06.25 that I have changed my name from Susant Nayak to Susanta Kumar Nayak. Susant Nayak and Susanta Kumar Nayak is one and same person. Henceforth, I shall be known as Susanta Kumar Nayak for all purposes. D-910

I Swagat Kumar Joshi, S/o- Ashok Kumar Joshi, resident of M.I. Colony Brahmapura Patnagarh, P.O./P.S.- Patnagarh, Dist.- Balangir, PIN- 767025, Odisha, declare by this affidavit No.- CF.No.- 131, dtd- 10.06.2025 that now onwards I shall be known as Swagat Kumar Joshi for all future purposes. D-897

By virtue of an affidavit sworn before Executive Magistrate, Bhubaneswar, dated- 09.06.2025, I, Parama Nanda Sahoo, Address: Kalakaleswar, Kaluparaghat, Khordha, Odisha, 752022, declare that I have changed my son's name from Chaudhary Smruti Ranjan Sahoo to Smruti Ranjan Sahoo. Henceforth, he shall be Known as Smruti Ranjan Sahoo for all purpose. D-898

By virtue of an affidavit sworn before Executive Magistrate, Bhubaneswar dated- 23.05.2025, I Rubida Bibi, At/P.O.- Uchhupur, P.S.- Nimapada, Dist.- Puri, PIN- 752105, declare that I, have changed my name from Rubida Begum to Rubida Bibi. Henceforth, I shall be known as Rubida Bibi for all purposes.
Rubida Bibi D-907

By virtue of an affidavit sworn before EXECUTIVE MAGISTRATE, GOP, dated- 09.06.2025, I, MAMATA KUMARI SWAIN, Address: Permanent resident of Village/P.O.- Dimisar, P.S.- Sarankul, Dist.- Nayagarh, State- Odisha, PIN- 752092, Present Address: At-Anasara, P.O.- Dhanitri, P.S.- Konark, Dist.- Puri, State- Odisha, PIN- 752111, declare that, I have changed my name from LIZA KANDI to MAMATA KUMARI SWAIN. Henceforth, I shall be known as MAMATA KUMARI SWAIN for all purposes.
MAMATA KUMARI SWAIN D- 899

I Sri Sesaya Kuda declared that as per affidavit No.- 465, dtd- 20.05.2025, before the Executive Magistrate Koraput my daughter's old name Santi Priya Kuda has been changed to Urmila Kuda. Henceforth, she will be known as Urmila Kuda, daughte'r of Sesaya Kuda, At- Hataguda, P.O.- Panthlung, Dist.- Koraput for all purposes. D-900

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Affidavit before Executive Magistrate, Notary Chatrapur, I, Rajkumari Nahak (Old name), D/o- Jutia Nahak, A/P- Madhurchua, P.S.- Rambha Ganjam, No.- 27741/03.06.25 changed my name Rajkumari Nahak to Sarojini Nahak and D/B- 05.04.1982 as per New name. Both Rajkumar Nahak and Sarojini Nahak one and same person. Henceforth, I shall be known as Sarojini Nahak for all future purposes. D-911

By virtue of an affidavit sworn before the Executive Magistrate, Angul bearing No.- 3592, Dtd- 10.06.2025, I Amrita Panda, W/o- Late Dhruba Charan Bhukta, of Village: Rakas, P.O.- Padmabatipur, P.S.- Talcher Sadar, Dist.- Angul, Odisha declare that my actual name is Amrita Panda but in the service records of my deceased husband my name was mentioned as Swarnaprava Bhukta. Henceforth, I shall be known as Amrita Panda for all purposes. D-912

I, HANIFA W/o.- Mohammed Sabir, R/o 01, Main Road, Khariar, Khariar, Nuapada, Odisha, PIN- 766107 have changed my name to HANIFA BANU. D-913

I, Binod Patel, aged about 54 years, S/o.- Judhishthir Patel,resident of Malidihi, P.O.- H.Katapali, P.S./ Dist.- Jharsuguda, Odisha, declared by this affidavit No.- 33, dated- 31.05.2025 that now onwards I shall be known as BINOD KUMAR PATEL for all future purposes. D-914

ଧରିତ୍ରୀ DHARITRI

Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

Letter No.-1053, Dt-02.06.2025

ନୋଟିସ

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ. ଅତିରିକ୍ତ ରିଭିଜନ କୋର୍ଟ ନଂ.-୪, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର ଓ.ଏସ୍.ଏସ୍. କେସ୍ ନଂ.- ୮୩୦/୨୦୨୪

ସନ୍ତୋଷ କୁମାର ସିଓ

ବନାମ

....ବାଦୀ

ନକୁଳ ସ୍ୱାଇଁ ଓଗେର

.........ପ୍ରତିବାଦୀ

ନୋଟିସ ଅର୍ଡର-୫, ରୁଲ-୨୦ ମୁତାବକ

୧. ନକୁଳ ସ୍ୱାଇଁ, ବୟସ ୮୬ ବର୍ଷ, ୨. ସହଦେବ ଓରଫ ବୈଦ୍ୟନାଥ ସ୍ୱାଇଁ, ବୟସ ୮୧ ବର୍ଷ, ୩. କୈଳାସ ସ୍ୱାଇଁ, ବୟସ ୭୫ ବର୍ଷ, ଏମାନଙ୍କ ପିତା- ୰ମାର୍କଣ୍ଡ ସ୍ୱାଇଁ, ସା- ନାରଗୋଦା, ପୋଷ୍ଟ/ଥାନା-ତମାଣ୍ଡୋ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

......ପ୍ରତିବାଦୀମାନେ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନରଙ୍କ ଅଦାଲତ ନଂ.୪ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, କାର୍ଯ୍ୟାଳୟଠାରେ ଆସନ୍ତା ତା୧୧।୦୮।୨୦୨୫ରିଖ ଦିବା ୧୧ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ମୌଜା-ଶଙ୍କରପୁର, ତହସିଲ- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା।

ସାବକ ଖାତା ନଂ.- ୧୪୩, ସାବକ ପ୍ଲଟ୍ ନଂ.- ୭୩, ମୋଟ ରକବା- ଏ୦.୦୫୫ଡି. ସ୍ୱଧରୁ ଏ୦.୧୮୦ଡି., ପୁନଃ ସ୍ୱ ଏ ୪.୨୬୫ଡି., ସ୍ୱତ୍ୱ- ସ୍ଥିତିବାନ୍, କିସମ- ଶାରଦ ଦୁଇ

ହାଲ୍ ଖାତା ନଂ.- ୬୭୩, ହାଲ୍ ପ୍ଲଟ୍ ନଂ.-୨୧୮୨, ମୋଟ ରକବା- ଏ୦.୦୪୫ଡି., ସ୍ୱତ୍ୱ- ସ୍ଥିତିବାନ୍, କିସମ- ଶାରଦ ଦୁଇ ଅଣଜଳସେଚିତ

କନଭରସନ

ଖାତା ନଂ.-୩୬୫/୫୯୪, ପ୍ଲଟ୍ ନଂ.- ୭୩/୧୮୨୩, ମୋଟ ରକବା- ଏ୦.୦୫୫ଡି., ସ୍ୱତ୍ୱ- ସ୍ଥିତିବାନ୍, କିସମ- ଘରବାରି

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଏସଲା କରାଯିବ।

ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ

ସ୍ୱା./- ସହକାରୀ ଅଧିକାରୀ

ଧ-୯୦୨

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଖୋର୍ଦ୍ଧା ଜିଲା ଟେନିସ୍ ଆସୋସିଏଶନ ନିର୍ବାଚନ

**ଭୁବନେଶ୍ୱର, ୧୧।୬ (ତପନ ସ୍ୱାଇଁ):** ଖୋର୍ଦ୍ଧା ଜିଲା ଟେନିସ୍ ଆସୋସିଏଶନ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧୁସୂଦନ ପାଢ଼ୀ ସଭାପତି ଓ ଅସିତ୍ ପ୍ରଧାନ ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି। ଅସିତ୍ ତ୍ରିପାଠୀ ଓ ପି.କେ. ମିଶ୍ର ପୃଷ୍ଠପୋଷକ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦାମୋଦର ପ୍ରଧାନୀ କାର୍ଯ୍ୟକାରୀ ସଭାପତି, ଦୁଷ୍ମନ୍ତ ତୁଙ୍ଗା, ନବ ପଟ୍ଟନାୟକ ଓ ମାନସ ଦାସ ଉପସଭାପତି, ରାଜପାଲ ସିଂ କୋଷାଧ୍ୟକ୍ଷ ଏବଂ ଦିବ୍ୟଲୋକ ପଟ୍ଟନାୟକ, ତନ୍ମୟ ମିଶ୍ର, ସଞ୍ଜୀବ ଦାସ, ସମ୍ବିତ୍ ପଟ୍ଟନାୟକ, ରାଜେଶ କାନୁନ୍‌ଗୋ, ସ୍ୱରୂପ ମହାପାତ୍ର, ପି.କେ. ପ୍ରଧାନ ଓ ଜିଶାନ ଅଲ୍ଲୀ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରକାଶ ପଟ୍ଟନାୟକଙ୍କୁ ମ୍ୟାନେଜର ଭାବେ ଚୟନ କରାଯାଇଛି।

# ତିଲକ ବର୍ମା ହାମ୍ପଶାୟାର ପାଇଁ କାଉଣ୍ଟି ଖେଳିବେ

**ହାଇଦ୍ରାବାଦ,୧୧।୬(ପି.ଟି.):** ବାମହାତୀ ବ୍ୟାଟର ତିଲକ ବର୍ମା ହାମ୍ପଶାୟାର ପାଇଁ କାଉଣ୍ଟି ଚାମ୍ପିୟନଶିପ୍‌ରେ ଖେଳିବେ। ତିଲକଙ୍କୁ ଇଂଲିଶ କ୍ଲବ କାଉଣ୍ଟି ଚାମ୍ପିୟନଶିପ୍‌ରେ ଖେଳିବା ପାଇଁ ପ୍ରସ୍ତାବ ଦେଇଥିଲା ବୋଲି ହାଇଦ୍ରାବାଦ କ୍ରିକେଟ ଆସୋସିଏଶନ(ଏଚ୍‌ସିଏ) ପକ୍ଷରୁ ବୁଧବାର କୁହାଯାଇଛି। ହାଇଦ୍ରାବାଦରେ ଜନ୍ମିତ ୨୨ ବର୍ଷୀୟ ତିଲକ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳନ୍ତି। ସେ ଏପର୍ଯ୍ୟନ୍ତ ଭାରତ ଲାଗି ୨୫ ଟି୨୦ ଓ ୪ ଦିନିକିଆ ମ୍ୟାଚ୍ ଖେଳି ଯଥାକ୍ରମେ ୭୪୯ ଓ ୬୮ ରନ୍ କରିଛନ୍ତି। ବର୍ମା ୧୮ଟି ଫାଷ୍ଟ-କ୍ଲାସ୍ ମ୍ୟାଚ୍‌ରେ ୫୦.୧୬ ଆଭରେଜ୍‌ରେ ୧,୨୦୪ ରନ୍ କରିଛନ୍ତି।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶ୍ରୀମତୀ ଇନ୍ଦୁମତୀ ମିଶ୍ର

ପୁରୁଷୋତ୍ତମପୁର, ବାଲିଖଣ୍ଡ

ତିରୋଧାନ: ୦୨।୦୬।୨୦୨୫

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:- ପୁତ୍ର, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।

ଧ-୯୧୬

## ତୃତୀୟ ଶ୍ରାଦ୍ଧବାର୍ଷିକୀ



୰କଳ୍ପନା ପାତ୍ର (ଲିଲି)

ଲିଲି, ଆଜିକୁ ୩ବର୍ଷ ବିତିଗଲା ତୁ ଆମକୁ ଛାଡ଼ିକି ଯିବାର; ହେଲେ ଆଜିବି ତୋର ସେଇ ହସ ହସ ମୁହଁ ଆଖି ଆଗରେ ନାଚିଯାଉଛି। ଭଗବାନ ତୋର ଅମର ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।

-:ଶୋକସନ୍ତପ୍ତ:-

ତୋର ହତଭାଗା ବାପା, ମା,ସାରଙ୍ଗ ଭାଇ, ଜୁଲି ନାନୀ,ମିଲି ନାନୀ, ମୁନା ଭାଇ ଆଉ ତୋର ଝିଆରୀ ଟୁକୁଲୁ, ପୁତୁରା: କ୍ରିଷ୍ଣା।

ଧ-୭୧୦୮୬



'ଶ୍ରୀଜଗନ୍ନାଥଙ୍କ ନବକଳେବର' ଫିଲ୍ମରେ ସୂର୍ଯ୍ୟମୟୀ, ସାହେବ, ଅଂଶୁମାନ

# ଅପେକ୍ଷା ବାହୁଡ଼ାକୁ

ବହୁ ପ୍ରତୀକ୍ଷିତ ବିଗ୍ ବଜେଟ ଓଡ଼ିଆ ସିନେମା 'ଶ୍ରୀଜଗନ୍ନାଥଙ୍କ ନବକଳେବର' ଏଥର ବାହୁଡା ଅର୍ଥାତ୍ ଜୁଲାଇ ୪ରେ ମୁକ୍ତିଲାଭ କରିବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ବିନି ସାମଲ ଏହି ସିନେମାରୁ ବଡ ପରଦାରେ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରୁଛନ୍ତି। ଏହାର ଅନ୍ୟତମ ପ୍ରଯୋଜକ ଅଛନ୍ତି ଦିଲୀପ କୁମାର ଜେନା। ଏଥିରେ ସିଦ୍ଧାନ୍ତ ମହାପାତ୍ର, ସୂର୍ଯ୍ୟମୟୀ, ଜ୍ୟୋତି, ଶିବାନୀ, ଶ୍ରୀତମ ଦାସ, ଅଂଶୁମାନ, ପିଙ୍କି ପ୍ରଧାନ, କୁନା ତ୍ରିପାଠୀ, ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡା, ରବି ମିଶ୍ର, କେଦାର ମିଶ୍ର, ରତନ ମେହେର, ସାହେବ ସିଂ, ଶଙ୍କର, ପ୍ରିୟଙ୍କା ସାହୁ, ଋଷି ପଟ୍ଟନାୟକ, ଶମ୍ଭୁନାଥ ଖୁଣ୍ଟିଆ ପ୍ରମୁଖ ଅଭିନୟ କରିଛନ୍ତି। ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଏକ ଚର୍ଚ୍ଚିତ ନାଟକ ଆଧାରରେ ଏହାକୁ ପ୍ରସ୍ତୁତ କରାଯାଇଛି। ତା' ସହ ସେ ଏହାର ସଂଳାପ ରଚନା ମଧ୍ୟ କରିଛନ୍ତି। ଚିତ୍ରଟିର ସଙ୍ଗୀତ ଦେଇଛନ୍ତି ମଳୟ ମିଶ୍ର। ଡା. ନିର୍ମଳ ନାୟକଙ୍କ ରଚିତ 'ଜଗତରେ ପାଇବୁନି ଏମିତି ଠାକୁର..' ଗୀତଟି ବେଶ ଭାଇରାଲ ହୋଇଛି। ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ମଧ୍ୟ ଗୀତ ରଚନା କରିବା ସହିତ ଦୁଇଟି ଗୀତରେ ସଙ୍ଗୀତ ଦେଇଛନ୍ତି। ଏହାର କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ପ୍ରଣୟ ଜେଠୀ।

ଏଥର ରଜରେ...

# ସବ୍ୟସାଚୀ ବନାମ ବାବୁସାନ୍

ପ୍ରତିବର୍ଷ ରଜ କିମ୍ବା ଦୁର୍ଗାପୂଜାରେ ପରଦା ଉପରକୁ ଆସୁଥିବା ଓଡ଼ିଆ ସିନେମାଗୁଡ଼ିକୁ ନେଇ ବେଶ୍ ଚର୍ଚ୍ଚା ହୋଇଥାଏ। କାରଣ ପ୍ରାୟ ଏହି ସମୟରେ ଆମ ଇଣ୍ଡଷ୍ଟ୍ରିର ନାମୀ ତାରକାଙ୍କୁ ନେଇ ପ୍ରସ୍ତୁତ ସିନେମା ମୁକ୍ତିଲାଭ କରିଥାଏ। ଏଥର ମଧ୍ୟ ରଜ ଲଢ଼େଇ ବେଶ୍ ଜମିବ ବୋଲି ସିନେ ସମୀକ୍ଷକମାନେ ପୂର୍ବାନୁମାନ କରିସାରିଛନ୍ତି। ଚଳିତ ବର୍ଷ ରଜରେ ରିଲିଜ ହେବାକୁ ଯାଉଛି ଦୁଇଟି ସିନେମା–'ଅନନ୍ତା' ଏବଂ 'ବୋଉ ବୁଟୁ ଭୂତ'। ଏହି ସିନେମାଦ୍ୱୟରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଚର୍ଚ୍ଚିତ କଳାକାରଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଏଥର ରଜ ମଇଦାନକୁ ଉଷ୍ମ କରିବାକୁ ଓହ୍ଲାଇଥିବା ଅଭିନେତାଦ୍ୱୟ ହେଲେ ବାବୁସାନ୍ ଏବଂ ସବ୍ୟସାଚୀ। ଫିଲ୍ମ ଦୁଇଟି ମଧ୍ୟରୁ କିଏ ବାଜି ମାରିବ ସେ ନେଇ ଆକଳନ କରିବା ଏବେ ଠାରୁ ନିହାତି କଷ୍ଟ। କାରଣ ଏଗୁଡ଼ିକର ସଫଳତାକୁ ନେଇ ଉଭୟ ପ୍ରଯୋଜନା ସଂସ୍ଥା ଦୃଢ଼ ଆଶାବାଦୀ ଅଛନ୍ତି। ଏବର୍ଷ ରଜରେ ମୁକ୍ତିଲାଭ କରିବାକୁ ଯାଉଛି 'ଅନନ୍ତା'। ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ବରପୁତ୍ର ତଥା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରଚିତ 'ରାଣ୍ଡି ପୁଅ ଅନନ୍ତା'କୁ ଆଧାର କରି ଏହି ଫିଲ୍ମଟିକୁ ନିର୍ମାଣ କରାଯାଇଛି। ପ୍ରଥମେ ଏହାର ଶୀର୍ଷକ 'ରାଣ୍ଡି ପୁଅ ଅନନ୍ତା' ଥିଲା। କିନ୍ତୁ କେତେକ ବାଦ ବିବାଦ ପରେ ପ୍ରଯୋଜନା ସଂସ୍ଥା ଟାଇଟଲ ବଦଳାଇ 'ଅନନ୍ତା' ରଖିଛନ୍ତି। ଉକ୍ତ ସିନେମାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି 'ପାଗଳପ୍ରେମୀ'ରୁ ନିଜର ବଡ ପରଦା କ୍ୟାରିୟର ଆରମ୍ଭ କରିଥିବା ସବ୍ୟସାଚୀ ମିଶ୍ର ଓରଫ ସବ୍ୟ। ଅନ୍ୟପକ୍ଷରେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର। ଚିତ୍ରଟିର ଅନ୍ୟତମ ନିର୍ଦ୍ଦେଶକ ଅଛନ୍ତି କୁମାର ସି. ଦେବ ମହାପାତ୍ର। ଏହାକୁ ପ୍ରଯୋଜନା କରିଛନ୍ତି ନବୀନ ଭଣ୍ଡାରୀ, ସୂରଜ ମହନ୍ତ ଏବଂ ସବ୍ୟଙ୍କ ଧର୍ମପତ୍ନୀ ଅର୍ଚ୍ଚିତା ସାହୁ। ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ସ୍ୱର ସଂଯୋଜକ ଅଭିଜିତ ମଜୁମଦାର। ତେବେ ଇଣ୍ଡଷ୍ଟ୍ରିରେ ମାମୁ–ଭଣଜା ଯୋଡ଼ି ଭାବରେ ପରିଚିତ ନିର୍ମଳ–ଅଭିଜିତଙ୍କ ଗୀତ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଉଭୟ ଆଶା ରଖିଛନ୍ତି। ସବୁଠାରୁ ଖାସ୍ କଥା ହେଲା, ଓଲିଉଡ଼ର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ ଏହାର ସଂଳାପ ରଚନା କରିଛନ୍ତି। ଏ. କୁମାର ପିକ୍ଚର୍ସ କ୍ରିଏଶନ ବ୍ୟାନରରେ ନିର୍ମିତ ଏହି ସିନେମାର ବିତରଣ ଦାୟିତ୍ୱ ବହନ କରୁଛନ୍ତି ବଲିଉଡ଼ର ଆଗଧାଡ଼ିର ବିତରଣ ସଂସ୍ଥା ରାଜଶ୍ରୀ ଫିଲ୍ମସ। ଚଳଚ୍ଚିତ୍ରଟି ଚଳିତ ମାସ ୧୨ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି।



'ଅନନ୍ତା' ଫିଲ୍ମରେ ସବ୍ୟସାଚୀ



'ବୋଉ ବୁଟୁ ଭୂତ' ଫିଲ୍ମରେ ଅପରାଜିତା, ବାବୁସାନ୍, ଅର୍ଚ୍ଚିତା

ଅନ୍ୟପକ୍ଷରେ ନିକଟରେ 'ମାଲ୍ୟଗିରି', 'ଦମନ' ଏବଂ 'ପାବାର' ପରି ସୁପରହିଟ୍ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ସିଗ୍ନେଚର ଷ୍ଟାର ବାବୁସାନ୍ ମହାନ୍ତି ଏଥର ରଜରେ ବାଜିମାତ କରିବାକୁ ଆଶା ରଖିଛନ୍ତି। ତାଙ୍କ ଅଭିନୀତ ତଥା ରହସ୍ୟ ରୋମାଞ୍ଚ ଭରା ଏହି ସିନେମାଟିର ଟାଇଟଲ ରହିଛି 'ବୋଉ ବୁଟୁ ଭୂତ'। ବାବୁସାନ୍ ଫିଲ୍ମସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ତୃପ୍ତି ଶତପଥୀ। ଏକ୍ଜିକ୍ୟୁଟିଭ ପ୍ରଯୋଜକ ଅଛନ୍ତି ସମ୍ବିତ ଜେନା। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ଜଗଦୀଶ ମିଶ୍ର। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ଗୌରବ ଆନନ୍ଦ। ଫିଲ୍ମଟିର କାହାଣୀ, ସଂଳାପ, ସଙ୍ଗୀତ ଏବଂ ଦୃଶ୍ୟାୟନକୁ ଆଧାର କରି ଏହା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଯୋଗାଇବ ବୋଲି ଆଶା ରଖିଛି ପ୍ରଯୋଜନା ସଂସ୍ଥା।

ଏଥର ରଜରେ ଆଉ ଏକ ଅଦ୍ଭୁତ ସଂଯୋଗ ଦେଖିବାକୁ ମିଳିବ। ଗୋଟିଏ ସିନେମାରେ ସବ୍ୟସାଚୀ ନାୟକ ସାଜିଥିବା ବେଳେ ଅନ୍ୟ ସିନେମାରେ ତାଙ୍କର ଧର୍ମପତ୍ନୀ ଅର୍ଚ୍ଚିତା ନାୟିକା ଭୂମିକାରେ ଅଭିନୟ କରିଛନ୍ତି।



ଜ୍ୟାକି

# ଜଗୁ ଦାଦାରୁ ଜ୍ୟାକି

ବଲିଉଡ଼ର ଅନ୍ୟତମ ଲୋକପ୍ରିୟ ଅଭିନେତାଙ୍କ ମଧ୍ୟରେ ଜ୍ୟାକି ଶ୍ରଫ ଅନ୍ୟତମ। ନାୟକ ସାଜିବାର ପ୍ରଥମ ସୁଯୋଗ ତାଙ୍କ ପାଇଁ ବେଶ୍ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା। ବିଶିଷ୍ଟ ପ୍ରଯୋଜକ ତଥା ନିର୍ଦ୍ଦେଶକ ସୁବାସ ଘାଇଙ୍କ 'ହିରୋ'ର ହିରୋ ସାଜିଥିଲେ ଜ୍ୟାକି। ଏଭଳି ସୌଭାଗ୍ୟରେ ଯେ ପ୍ରଥମ ସିନେମା ବକ୍ସ ଅଫିସରେ ଅପାର ସଫଳତା ହାସଲ କରିବାରେ ସକ୍ଷମ ହୋଇଥିଲା। ଆଉ ରାତାରାତି ଜ୍ୟାକି ନିଜକୁ ନାୟକ ଦୌଡରେ ସାମିଲ କରି ନେଇଥିଲେ। ଆଉ ତା'ପରେ ସେ କେବେ ପଛକୁ ଫେରି ଚାହିଁ ନାହାନ୍ତି। ଏ ପର୍ଯ୍ୟନ୍ତ ସେ ୧୩ ଭାଷାରେ ପ୍ରାୟ ୨୨୦ରୁ ଅଧିକ ସିନେମାରେ ଅଭିନୟ କରି ନିଜକୁ ଜଣେ ସଫଳ ଅଭିନେତା ଭାବରେ ସାବ୍ୟସ୍ତ କରିସାରିଛନ୍ତି। ପିଲାଦିନେ ତାଙ୍କର ନାମ ଥିଲା ଜଗୁ ଦାଦା। କିନ୍ତୁ ଯେତେବେଳେ ସୁବାସ ଘାଇ ତାଙ୍କୁ ଅଭିନେତା ହେବାର ସୁଯୋଗ ଦେଲେ ସେତେବେଳେ ତାଙ୍କର ନାମ 'ଜ୍ୟାକି' ରଖିଥିଲେ। ହେଲେ ଏହାପୂର୍ବରୁ ସ୍କୁଲରେ ସେ ଯେତେବେଳେ ପଢୁଥିଲେ ସେତେବେଳେ ତାଙ୍କୁ ସାଙ୍ଗମାନେ ଶ୍ରଦ୍ଧାରେ 'ଜ୍ୟାକି' ବୋଲି ଡାକୁଥିଲେ। ଆଉ ପରବର୍ତ୍ତୀ ସମୟରେ ଏହି ସ୍କ୍ରିନ୍ ନେମ୍‌ରେ ସେ ପରିଚିତ ହୋଇଥିଲେ।



ସୌନ୍ଦର୍ଯ୍ୟା

# ଅପେକ୍ଷା କରିବେ ସୌନ୍ଦର୍ଯ୍ୟା

କଥାରେ ଅଛି ଅପେକ୍ଷାର ଫଳ ମିଠା। କିନ୍ତୁ ସେ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ଅପେକ୍ଷା କରିବା ହେଲା ବଡ କଥା। ସୌନ୍ଦର୍ଯ୍ୟା ଶର୍ମା ଏବେ ଭାରି ଖୁସି। କାରଣ ସେ ଅଭିନୟ କରିଥିବା 'ହାଉସଫୁଲ ୫' ନିକଟରେ ରିଲିଜ ହୋଇଛି। ତା'ସହ ବକ୍ସ ଅଫିସରେ ଭଲ ବିଜନେସ୍ ମଧ୍ୟ କରୁଛି। ଅବଶ୍ୟ ଏହାର କାଷ୍ଟିଂରେ ଅକ୍ଷୟ କୁମାରଙ୍କ ପରି ନାମୀ ଅଭିନେତା ବ୍ୟତୀତ ଅଭିଷେକ ବଚ୍ଚନ, ରିତେଶ ଦେଶମୁଖ, ଜ୍ୟାକଲିନ୍ ଫର୍ନାଡିସ, ନର୍ଗିସ ଫକ୍ରି, ସଞ୍ଜୟ ଦତ୍ତ, ନାନା ପାଟେକର, ଜ୍ୟାକି ଶ୍ରଫ, ଫରଦିନ ଖାଁ, ଶ୍ରେୟାଶ ତଲପାଡେ, ଡିନୋ ମୋରିଆ ଏବଂ ଚଙ୍କି ପାଣ୍ଡେଙ୍କ ପରି କଳାକାର ଅଛନ୍ତି। ଏ ବିଷୟରେ ସୌନ୍ଦର୍ଯ୍ୟା କହନ୍ତି, ''ଅଭିନୟକୁ କ୍ୟାରିୟର କରିବା ପରେ ଏହାକୁ ନେଇ ମୁଁ ଅନେକ ସ୍ୱପ୍ନ ଦେଖିଛି। ଏକଥା ସତ ଯେ, ମୋର ୮ ବର୍ଷର କ୍ୟାରିୟର ଭିତରେ ମୁଁ ଏପର୍ଯ୍ୟନ୍ତ ମାତ୍ର ତିନୋଟି ସିନେମାରେ ଅଭିନୟ କରିଛି। ଏହା ନିଶ୍ଚୟ ମୋ ଭାଗ୍ୟର ଦୋଷ। ହେଲେ ଦିନେ ନା ଦିନେ ମୋ ପାଇଁ ସୁବର୍ଣ୍ଣ ସୁଯୋଗ ଆସିବ ଏବଂ ମୁଁ ମୋ ଅଭିନୟ ଦକ୍ଷତା ଦେଖାଇପାରିବି। ସେ ପର୍ଯ୍ୟନ୍ତ ମୋତେ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡିବ।'' ପୂର୍ବ ଦିଲ୍ଲୀରେ ଜନ୍ମିତା ସୌନ୍ଦର୍ଯ୍ୟାଙ୍କୁ ପ୍ରଥମେ ୨୦୧୭ରେ ବଲିଉଡ୍‌ରେ ସୁଯୋଗ ମିଳିଥିଲା। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ରାଞ୍ଚି ଡାଏରିଜ୍'। ଏହାପରେ ଦ୍ୱିତୀୟ ସିନେମା ପାଇବାକୁ ତାଙ୍କୁ ପାଞ୍ଚ ବର୍ଷ ଅପେକ୍ଷା କରିବାକୁ ପଡିଥିଲା। ୨୦୨୨ରେ 'ଥ୍ୟାଙ୍କ୍ ଗଡ୍' ପରେ ଚଳିତ ବର୍ଷ ତାଙ୍କ ଅଭିନୀତ 'ହାଉସଫୁଲ ୫' ରିଲିଜ ହୋଇଛି। ତେବେ ନିଜକୁ ଜଣେ ସଫଳ ଅଭିନେତ୍ରୀ ଭାବରେ ପରିଚିତ କରାଇବାକୁ ସୌନ୍ଦର୍ଯ୍ୟା ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା କେତେ ପୂରଣ ହେଉଛି ଦେଖିବାକୁ ବାକି ରହିଲା।

# ଟିଭିରେ 'ଭାଇ'

ଓଡ଼ିଶାର ଅନ୍ୟତମ ଲୋକପ୍ରିୟ ମନୋରଞ୍ଜନ ଚ୍ୟାନେଲ ଜୀ ସାର୍ଥକ ସବୁବେଳେ ପର୍ବପର୍ବାଣି ଓ ସଂସ୍କୃତିକୁ ସମ୍ମାନ ଦେଇ ଦର୍ଶକଙ୍କ ମନ ଜିତିଥାଏ। ଏଥର ରଜ ଉପଲକ୍ଷେ ସମ୍ପୂର୍ଣ୍ଣ ଘରର କାହାଣୀକୁ ନେଇ ଏହି ଚ୍ୟାନେଲରେ ଓଡ଼ିଆ ସିନେମା 'ଭାଇ'ର ୱାର୍ଲ୍ଡ ଟିଭି ପ୍ରିମିୟର ହେବାକୁ ଯାଉଛି। ଜୁନ୍ ୧୫ ଅର୍ଥାତ୍ ରବିବାର ଦିନ ଉକ୍ତ ଚ୍ୟାନେଲରେ ସନ୍ଧ୍ୟା ୬.୩୦ରେ ଏହି ସିନେମା ପ୍ରସାରିତ ହେବ। ଫିଲ୍ମର ୧ ମିନିଟ ୧୧ ସେକେଣ୍ଡର ଟିଜର ବେଶ୍ ଭାଇରାଲ ହୋଇଛି। ଜମ୍ମୁ–କଶ୍ମୀର ଓ ଲଦାଖରେ ଏହାର ଶୁଟିଂ ହୋଇଥିଲା। ଜୀବନରେ ଅନେକ ବାଧାବିଘ୍ନ ମଧ୍ୟରେ ବଢ଼ିବା ପରେ ଜଣେ ଭାଇ ନିଜ ଭଉଣୀର ସ୍ୱପ୍ନକୁ ନିଜ ସ୍ୱପ୍ନଠାରୁ ଅଧିକ ମହତ୍ତ୍ୱ ଦେଇଥାଏ। ଜଣେ ଅଭିଭାବକ ଓ ମାର୍ଗଦର୍ଶକର ଭୂମିକା ଗ୍ରହଣ କରେ। କିନ୍ତୁ ଯେତେବେଳେ ବିଶ୍ୱାସଘାତକତା, ପ୍ରତିଶୋଧ ଏବଂ ଅପ୍ରତ୍ୟାଶିତ ବିପଦର ଏକ ଜାଲ ସେମାନଙ୍କ ଜୀବନର ଖୁସିକୁ ବିପଦରେ ପକାଏ, ସେତେବେଳେ ଦୁଇ ଜଣଙ୍କୁ କଳ୍ପନା ବାହାରେ ବଳିଦାନ ଦେବାକୁ ସମୟ ବାଧ୍ୟ କରେ। ତେବେ କେଉଁମାନେ ଦୁଇ ଭାଇ ଭଉଣୀଙ୍କ ଜୀବନରେ ଆଣନ୍ତି ବିପଦ ? ଆଗକୁ କ'ଣ ହେବ ଦୁଇ ଜଣଙ୍କର ? ଏମିତି ସବୁ ପ୍ରଶ୍ନର ଉତ୍ତର ମିଳିବ ଏହି ଫିଲ୍ମରେ। ଅମରା ମ୍ୟୁଜିକ ପ୍ରଡକ୍‌ଶନ ବ୍ୟାନରରେ ତଥା ନବୀନ ଭଣ୍ଡାରୀଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ପୃଥ୍ୱୀରାଜ ପଟ୍ଟନାୟକ। ଏହାର ମୁଖ୍ୟ ଭୂମିକାରେ ଅମ୍ଲାନ, ସୁଜିତ ଏବଂ ଦିବ୍ୟା ଅଭିନୟ କରିଛନ୍ତି। ଅରୁଣ ମନ୍ତ୍ରୀ ଏବଂ ରଞ୍ଜନ ନାୟକଙ୍କ ଗୀତଗୁଡ଼ିକୁ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ନବଜ୍ୟୋତି ପଣ୍ଡା ଏବଂ ସରୋଜ ସେନ।



'ଭାଇ' ଫିଲ୍ମରେ ଅମ୍ଳାନ–ସୁଜିତ



'କୁହୁଡ଼ି' ଫିଲ୍ମରେ ଅନୁଭବ

# ପୁଣି ଥରେ କୁହୁଡ଼ି

ପୂର୍ବ ଭାରତର ସବୁଠାରୁ ଲୋକପ୍ରିୟ ଓଭର–ଦି–ଟପ (ଓଟିଟି) ଷ୍ଟ୍ରିମିଂ ପ୍ଲାଟଫର୍ମ ଆଓ ନେକ୍ସ୍‌ଟରେ ଚଳିତ ମାସ ୧୪ ଅର୍ଥାତ୍ ରଜ ଅବସରରେ ମୁକ୍ତିଲାଭ କରିବାକୁ ଯାଉଛି ଅନୁଭବ ମହାନ୍ତିଙ୍କ ଅଭିନୀତ ସୁପରହିଟ୍ ଫିଲ୍ମ 'କୁହୁଡ଼ି'। ଗତ ବର୍ଷ ରଜରେ ଏହି ଫିଲ୍ମ ବକ୍ସ ଅଫିସରେ ଭଲ ବିଜନେସ କରିଥିଲା। ତେଣୁ ଏଥର ରଜରେ ଏହାକୁ ଓଟିଟି ପ୍ଲାଟଫର୍ମରେ ରିଲିଜ କରାଇବାକୁ ଯାଉଛନ୍ତି ଏହାର ପ୍ରଯୋଜନା ସଂସ୍ଥା। ଚିତ୍ରଟିରେ ଅନୁଭବ ଜଣେ ଓକିଲ ଭୂମିକାରେ ଅଭିନୟ କରିଛନ୍ତି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅଜୟ ପାଢ଼ୀ। ଏଥିରେ ଅନୁଭବଙ୍କ ବ୍ୟତୀତ ଦ୍ୱିପନ୍ୱିତ ଦାସମହାପାତ୍ର, ସୁପ୍ରିୟା ନାୟକ, ପ୍ରକୃତି ମିଶ୍ର ପ୍ରମୁଖଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। କ୍ୟାମେରା କୁଇନ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମର ପ୍ରଯୋଜନା କରିଛନ୍ତି ହିମାଦ୍ରି ତନୟ ଦାସ। ଏହାର ଅନ୍ୟାନ୍ୟ ଭୂମିକାରେ କୁନା ତ୍ରିପାଠୀ, ସୁକୁମାର ଟୁଡୁ, ସୁଶୀଲ ମିଶ୍ର, ଶକ୍ତି ବରାଳ ଏବଂ ଶିଶୁ କଳାକାର ପିହୁ ଏବଂ ଦୀକ୍ଷା ପ୍ରମୁଖ ଅଛନ୍ତି।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୨/୨୦୨୫ Bhubaneswar, Thursday, June 12/ 2025

Dr. Juneja's ®
ପେଟ ସଫା
Natural Laxative Granules & Tablets
ସହାୟକ: କୋଷ୍ଠକାଠିନ୍ୟ ଗ୍ୟାସ୍ ଏସିଡିଟି
ଯଦି ଆପଣ ମଧ କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି ଭଳି ସମସ୍ୟା କାରଣରୁ ବ୍ୟଥିତ ଅଟନ୍ତି ତେବେ ଆଜି ହିଁ ନିଅନ୍ତୁ, ପେଟ ସଫା ଗ୍ରାନ୍ୟୁଲ୍ସ/ଟାବ୍ଲେଟ୍ସ । ଏହା ମୁହଁରେ ଲାଖେ ନାହିଁ । ଶୋଇବା ପୂର୍ବରୁ ଖାଆନ୍ତୁ ଓ ଆରାମ ପାଆନ୍ତୁ ।


Provides Effective Relief
Balances Digestive Health
Ayurvedic Proprietary Medicine
Clinically Tested*
Divisa
www.divisastore.com
24x7 Helpline: 91197 88888
www.petsaffa.com
Available at all medical & general stores

# କାଗିଶୋ ରାବାଡ଼ାଙ୍କ ଘାତକ ବୋଲିଂ

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ**

■ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ୨୧୨ରେ ଅଲ୍ଆଉଟ

ଲର୍ଡ୍ସ, ୧୧।୬

ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ବୁଧବାର ଏଠାରେ ଆରମ୍ଭ ହୋଇଛି। କାଗିଶୋ ରାବାଡ଼ା ଘାତକ ବୋଲିଂ କରି ୫ ଉଇକେଟ ସଫଳତା ହାସଲ କରିଥିବାବେଳେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ମାତ୍ର ୨୧୨ ରନରେ ସୀମିତ ରହିଛି। ଅଷ୍ଟ୍ରେଲିଆ ମାତ୍ର ୬୭ ରନ ମଧ୍ୟରେ ୪ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଷ୍ଟିଭ୍ ସ୍ମିଥ ଏବଂ ବିଉ ୱେବଷ୍ଟର ଅର୍ଦ୍ଧଶତକ ହାସଲ କରି ଇନିଂସ ସମ୍ଭାଳିବାକୁ ଉଦ୍ୟମ କରିଥିଲେ ହେଁ ରାବାଡ଼ା ଓ ଅନ୍ୟ ଦକ୍ଷିଣ ଆଫ୍ରିକୀୟ ବୋଲରମାନେ ପ୍ରଭାବୀ ବୋଲିଂ କରିବାରୁ ଅଷ୍ଟ୍ରେଲିଆକୁ ବ୍ୟାକ୍‌ଫୁଟ୍‌ରେ ରହି ଯାଇଥିଲା। ଶେଷ ୫.୪ ଓଭରରେ ଅଷ୍ଟ୍ରେଲିଆ ୫ ଉଇକେଟ ହରାଇଥିଲା। ଆଇସିସି ଚେୟାରମ୍ୟାନ ଜୟ ଶାହା ବେଲ୍ ବଜାୟ ମ୍ୟାଚର ଶୁଭାରମ୍ଭ କରିଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା ଅଷ୍ଟ୍ରେଲିଆ। ଉସମାନ ଖ୍ୱାଜାଙ୍କ ସହ ଇନିଂସ ଓପନ କରିଥିଲେ ମାର୍ନସ ଲାବୁସେନ। ତେବେ ସ୍କୋର ମାତ୍ର ୧୨ ଥିବାବେଳେ ଖ୍ୱାଜା (୦)ଙ୍କୁ ଆଉଟ କରି ଅଷ୍ଟ୍ରେଲିଆକୁ ପ୍ରଥମ ଝଟ୍‌କା ଦେଇଥିଲେ କାଗିଶୋ ରାବାଡ଼ା। ଖ୍ୱାଜା ୨୦ଟି ବଲ୍ ଖେଳିଥିଲେ ହେଁ ଖାତା ଖୋଲିପାରି ନ ଥିଲେ। ତୃତୀୟ ସ୍ଥାନରେ ଆସିଥିବା କାମେରନ ଗ୍ରୀନ୍ ମଧ ମାତ୍ର ୪ ରନକରି ରାବାଡ଼ାଙ୍କ ଦ୍ୱିତୀୟ ଶିକାର ହେବାରୁ ୧୬ ରନରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଉଇକେଟ ହରାଇଥିଲା। ଗ୍ରୀନ୍ ମାତ୍ର ୩ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ଷ୍ଟିଭ୍ ସ୍ମିଥ୍ କ୍ରିଜକୁ ଆସି ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ସଫଳ ମୁକାବିଲା କରିଥିଲେ। ସେ ଗୋଟିଏ ପଟରେ ଲଢ଼େଇ ଜାରି ରଖିଥିବାବେଳେ ଅନ୍ୟ ପଟରେ ଲାବୁସେନ ୧୭ ଓ ବିପଜ୍ଜନକ ଟ୍ରାଭିସ ହେଡ୍ ୧୧ ରନକରି ଆଉଟ ହେବାରୁ ପ୍ରତିପକ୍ଷ ଶିବିରରେ ଉତ୍ସାହ ଦେଖା ଦେଇଥିଲା। ମାତ୍ର ସ୍ମିଥ୍‌ଙ୍କ ସହ ବିଉ ୱେବଷ୍ଟର ଯୋଗଦେଇ ସତର୍କତାର ସହ ବ୍ୟାଟିଂ କରିବା ସହ ଅଷ୍ଟ୍ରେଲିଆ ଇନିଂସକୁ ଆଗେଇ ନେଇଥିଲେ। ଦୁହେଁ ୫ମ ଉଇକେଟରେ ୭୯ ରନ ଯୋଗ କରିବା ପରେ ମାର୍କୋ ଜାନସେନ ଏକ ଚମତ୍କାର କ୍ୟାଚ ନେଇ ସ୍ମିଥ୍‌ଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲେ। ୧୧୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ସ୍ମିଥ୍ ୧୦ ଚୌକା ସହାୟତାରେ ୬୬ ରନ କରିଥିଲେ। ଏଡେନ ମାରକ୍ରମଙ୍କ ବଲ୍‌କୁ ଅଫ୍ ସାଇଡ୍ ବାହାରର ବଲ୍‌କୁ ସ୍ମିଥ କଭର ଡ୍ରାଇଭ୍ ମାରିବାକୁ ଉଦ୍ୟମ କରିଥିବାବେଳେ ବଲ୍ ଏଜ୍ ନେଇ ଶର୍ଟ ମିଡ୍ ଉଇକେଟ ଅଞ୍ଚଳକୁ ଯାଇଥିଲା। ସେଠାରେ ଥିବା ଜାନସେନ ୩ ଉଦ୍ୟମରେ କ୍ୟାଚ ଧରିବାକୁ ସକ୍ଷମ ହୋଇଥିଲେ। ଲମ୍ବା ସମୟ ଖେଳିବାକୁ ଲକ୍ଷ୍ୟ ରଖିଥିବା ସ୍ମିଥ ନିରାଶ ମନରେ କ୍ରିଜ୍ ଛାଡ଼ିଥିଲେ। ୱେବଷ୍ଟରଙ୍କ ସହ ଆଲେକ୍ସ କାରେ କ୍ରିଜ୍‌ରେ ଯୋଗଦେଇ ଅପେକ୍ଷାକୃତ ଦ୍ରୁତ ହାରରେ ରନ ସଂଗ୍ରହ କରିଥିଲେ। ଲଞ୍ଚ୍ ବେଳକୁ ଅଷ୍ଟ୍ରେଲିଆ ୪ ଉଇକେଟରେ ୬୭ ଏବଂ ଚା' ବିରତି ବେଳକୁ ୫ ଉଇକେଟରେ ୧୯୦ ରନ ସଂଗ୍ରହ କରିଥିଲା। ଅର୍ଥାତ୍ ପ୍ରଥମ ସେସନରେ ଦକ୍ଷିଣ ଆଫ୍ରିକା ପ୍ରଭାବୀ ରହିଥିବାବେଳେ ଦ୍ୱିତୀୟ ସେସନରେ ଅଷ୍ଟ୍ରେଲିଆ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ମାତ୍ର ଏହାପରେ ଦକ୍ଷିଣ ଆଫ୍ରିକା ବୋଲର ଆଧିପତ୍ୟ ବିସ୍ତାର କରିଥିଲେ। ଚା' ବିରତି ପର ଓଭରରେ କେଶବ ମହାରାଜଙ୍କ ଏକ ବଲ୍‌କୁ ରିଭର୍ସ ସୁଇପ୍ ଖେଳିବାକୁ ଯାଇ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ କାରେ। ଏହି ଉଇକେଟର ପତନ ଫଳରେ ଅଷ୍ଟ୍ରେଲିଆ ଶକ୍ତ ଧକ୍କା ଖାଇଥିଲା। ୩୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା କାରେ ୨୩ ରନ କରିଥିଲେ। ଅଧିନାୟକ ପ୍ୟାଟ୍ କମିନ୍ସ ମଧ ମାତ୍ର ୧ ରନକରି ରାବାଡ଼ାଙ୍କ ତୃତୀୟ ଶିକାର ବନିଥିଲେ। ଭଲ ଖେଳି ଆସୁଥିବା ୱେବଷ୍ଟରଙ୍କୁ ମଧ ରାବାଡ଼ା ପ୍ୟାଭିଲିୟନ ବାଟ ଦେଖାଇଥିଲେ। ୯୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ୱେବଷ୍ଟର ୧୧ ଚୌକା ସହାୟତାରେ ସର୍ବାଧିକ ୭୨ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ବୋଲରଙ୍କ ମଧ୍ୟରେ ରାବାଡ଼ା ୫ଟି, ଜାନସେନ ୩ଟି ଏବଂ କେଶବ ମହାରାଜ ଓ ଏଡେନ ମାରକ୍ରମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଉଇକେଟ ନେବାପରେ ଉଲ୍ଲସିତ କାଗିଶୋ ରାବାଡ଼ା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୧୨/ଅଲ୍ଆଉଟ (ବିଉ ୱେବଷ୍ଟର-୭୨, ଷ୍ଟିଭ୍ ସ୍ମିଥ-୬୬, କାଗିଶୋ ରାବାଡ଼ା-୫/୫୧, ମାର୍କୋ ଜାନସେନ-୩/୪୯, କେଶବ ମହାରାଜ-୧/୧୯, ଏଡେନ ମାରକ୍ରମ-୧/୫)।

# ଶ୍ରାବଣୀଙ୍କୁ ୨.୫ଲକ୍ଷ ପୁରସ୍କାର


ଆଥଲେଟ୍ ଶ୍ରାବଣୀ ନନ୍ଦଙ୍କୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର, ୧୧।୬ (ତପନ ସ୍ୱାଇଁ)

ଏସିଆନ୍ ଆଥଲେଟିକ୍ସ ଚାମ୍ପିୟନଶିପ୍-୨୦୨୫ର ୪x୧୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ଅର୍ଜନ କରି ଦେଶ ଓ ରାଜ୍ୟ ପାଇଁ ସୁନାମ ଅର୍ଜନ କରିଥିବା ଓଡ଼ିଆ କ୍ରୀଡ଼ାବିତ୍ ଶ୍ରାବଣୀ ନନ୍ଦଙ୍କୁ ବୁଧବାର ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରାବଣୀଙ୍କୁ ୨.୫ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଶ୍ରାବଣୀଙ୍କୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଭିନନ୍ଦନ ଜଣାଇଛନ୍ତି। ଶ୍ରାବଣୀଙ୍କ ସଫଳତା ଓଡ଼ିଶାର ସମସ୍ତ କ୍ରୀଡ଼ାବିତ ଏବଂ ବିଶେଷ ଭାବରେ ମହିଳା କ୍ରୀଡ଼ାବିତମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ନିମନ୍ତେ ପ୍ରେରିତ କରିବ ବୋଲି ସୂରଜ ପ୍ରକାଶ କରିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜାତୀୟ ସିନିୟର ଉଷୁ ପାଇଁ ୪୨ ଜଣିଆ ଓଡ଼ିଶା ଦଳ

ଭୁବନେଶ୍ୱର, ୧୧।୬(ତପନ ସ୍ୱାଇଁ)

ଚଳିତ ମାସ ୧୪ରୁ ୧୯ ପର୍ଯ୍ୟନ୍ତ ରାଜସ୍ଥାନର ଜୟପୁରଠାରେ ୩୪ତମ ଜାତୀୟ ସିନିୟର ଉଷୁ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ମୋଟ ୪୨ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ୨ ଅଫିସିଆଲ ଓ ୩ ଟେକ୍ନିକାଲ ଅଫିସିଆଲଙ୍କୁ ମିଶାଇଲେ ମୋଟ ୪୭ ଜଣିଆ ପ୍ରତିନିଧି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। କୋଚ୍‌ଭାବେ ଯୁଧିଷ୍ଠିର ଗୁରୁହାଣ୍ଡି ଓ ପ୍ରସାଦ ନାଏକ ଦଳ ସହ ରହିବେ। ଓଡ଼ିଶା ଦଳ ଗୁରୁବାର ରାଜସ୍ଥାନ ଯାତ୍ରା କରିବ। ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା ଚେୟାରମ୍ୟାନ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି ଓ ବିକାଶ ପଟ୍ଟନାୟକ ପ୍ରମୁଖ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ଜ୍ୟୋତିକା, ବିଶ୍ୱପ୍ରୀତ ଚାମ୍ପିୟନ

**୧୫ ବର୍ଷରୁ କମ୍ ରାଜ୍ୟ ଚେସ୍**

ଭୁବନେଶ୍ୱର, ୧୧।୬(ତପନ ସ୍ୱାଇଁ)

ଟ୍ରିପଲ 'ସି' ଚେସ୍ କ୍ଲବ ଆନୁକୂଲ୍ୟରେ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ୧୫ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ବୁଧବାର ଶେଷ ହୋଇଛି। ଏହାର ବାଳିକା ବିଭାଗରେ ଜ୍ୟୋତିକା ସାହୁ ଏବଂ ବାଳକରେ ବିଶ୍ୱପ୍ରୀତ୍ ରାୟ ଚାମ୍ପିୟନ ହୋଇଛନ୍ତି। ୮ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ଜ୍ୟୋତିକା ଏକାକୀ ୭.୫ ପଏଣ୍ଟ ହାସଲକରି ପ୍ରଥମ ସ୍ଥାନରେ ରହିଛନ୍ତି। ଶ୍ରଦ୍ଧା ସ୍ମରଣିକା ନନ୍ଦ ୭ ପଏଣ୍ଟ ସହିତ ରନରଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରୀତିଶା ମିତ୍ର (୬.୫), ଇ. ରାଗିଣୀ, ନିଭ୍ରିତା ପଟ୍ଟନାୟକ, ନୟନିକା ସାହୁ (ସମସ୍ତେ ୬ ପଏଣ୍ଟ), ସୃଷ୍ଟି ଶ୍ରେୟାସି, ଲବ୍ଧି ସ୍ୱାଇଁ, ତନ୍‌ଭି ମିଶ୍ର ଓ ଆରାଧ୍ୟା ବୁଡେକ (ସମସ୍ତେ ୫.୫) ଟପ୍-୧୦ରେ ରହିଛନ୍ତି। ସେହିପରି ବାଳକ ବର୍ଗରେ ବିଶ୍ୱପ୍ରୀତଙ୍କ ସମେତ ଲଳିତ ରଞ୍ଜନ ସାହୁ, ସାତ୍ତ୍ୱିକ ସ୍ୱାଇଁ ଓ ଆଦିତ୍ୟ ଜେନା ୭ ପଏଣ୍ଟ ଲେଖାଏ ପାଇଥିଲେ। ମାତ୍ର ଟାଇବ୍ରେକରରେ ଏହି ୪ ଖେଳାଳି ଯଥାକ୍ରମେ ୧ମରୁ ୪ର୍ଥ ସ୍ଥାନ ପାଇଥିଲେ। ସାଇଶକ୍ତି ପଣ୍ଡା, ଆଦିତ୍ୟ ବିକ୍ରମ ମିଶ୍ର, ମନୀଷ ମିଶ୍ର (ସମସ୍ତେ ୬.୫), ଦେବପ୍ରିୟ ବିଶ୍ୱାଳ, ସାର୍ଥକ ମହାନ୍ତି ଓ ଆଦିତ୍ୟ କୁମାର ସ'(ସମସ୍ତେ ୬ ପଏଣ୍ଟ) ଟପ୍-୧୦ ଫିନିଶ୍ କରିଛନ୍ତି। ସାମାଜିକ କର୍ମୀ ଲଲାଟେନ୍ଦୁ ବଡୁ, କଟକ ଡିଏସ୍‌ଓ ଅଜୟ କୁମାର ବେହେରା, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ଓ କାର୍ଯ୍ୟକାରିଣୀ ସଦସ୍ୟ ରିତେଶ ରଥ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଉଭୟ ବର୍ଗର ୨ ଜଣ ଲେଖାଏ ଶ୍ରେଷ୍ଠ ପ୍ରତିଯୋଗୀ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗିତାରେ ୨୦ ଜିଲାରୁ ମୋଟ ୨୬୦ ପ୍ରତିଯୋଗୀ ଭାଗନେଇଥିଲେ। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ତାପସ କୁମାର ମହାନ୍ତି, ସନ୍ତୋଷ କୁମାର ମହାପାତ୍ରଙ୍କ ସହିତ ସୂରଜ କୁମାର ମହାରଣା, ସତ୍ୟଜିତ୍ ବାରିକ ଓ ଚନ୍ଦ୍ରଶେଖର ପଣ୍ଡା ଖେଳ ପରିଚାଳନା କରିଥିଲେ।



କୃତୀ ଚେସ୍ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଏଡି ଜ୍ୟାକ୍‌ଙ୍କୁ ଇଂଲଣ୍ଡ ଦଳର ଡାକରା

**ଲଣ୍ଡନ, ୧୧।୬ (ପି.ଟି.):** ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ପୂର୍ବରୁ ଟିନ୍‌ଏଜ୍ ଫାଷ୍ଟ ବୋଲର ଏଡି ଜ୍ୟାକ୍‌ଙ୍କୁ ଇଂଲଣ୍ଡ ସିନିୟର ଦଳ ସହ ଟ୍ରେନିଂ କରିବାକୁ ଆମନ୍ତ୍ରଣ କରାଯାଇଛି। ଭାରତ ଏ' ବିପକ୍ଷରେ ଖେଳାଯାଇଥିବା ଦୁଇଟି ୪ଦିନିଆ ଅନ୍‌ଅଫିସିଆଲ ଟେଷ୍ଟରେ ଇଂଲଣ୍ଡ ଲାୟନ୍ସ ପାଇଁ ଜ୍ୟାକ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଶୁବମନ ଗିଲଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଆସନ୍ତା ୨୦ ତାରିଖରେ ହେଡିଂଲେଠାରେ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ୍ ସହ ତା'ର ନୂଆ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ ଅଭିଯାନ ଆରମ୍ଭ କରିବ। ୧୯ ବର୍ଷୀୟ ହାମ୍ପଶାୟାର ପେସର ନର୍ଥାମ୍ପଟନ୍‌ଠାରେ ଖେଳାଯାଇଥିବା ଦ୍ୱିତୀୟ ଅନ୍‌ଅଫିସିଲ ଟେଷ୍ଟରେ ଶତକ ହାସଲକାରୀ ଲୋକେଶ ରାହୁଲଙ୍କୁ ଆଉଟ୍‌କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୬ ଫୁଟ ୪ ଇଞ୍ଚ ଉଚ୍ଚତାବିଶିଷ୍ଟ ଜ୍ୟାକ୍ ଇଂଲଣ୍ଡ ଲାୟନ୍ସ କୋଚିଂ ଗ୍ରୁପ୍‌ରେ ଥିବା ଆଣ୍ଡ୍ର୍ୟୁ ଫ୍ଲିଣ୍ଟଫ, ମାର୍କ ଉଡ୍ ଓ ଗ୍ରେମ ସ୍ୱାନ୍‌ଙ୍କୁ ପ୍ରଭାବିତ କରିଛନ୍ତି। ଜ୍ୟାକ୍ ଏପର୍ଯ୍ୟନ୍ତ କାଉଣ୍ଟି ଚାମ୍ପିୟନଶିପ୍‌ରେ ପଦାର୍ପଣ କରିନାହାନ୍ତି। କିନ୍ତୁ ସେ ହାମ୍ପଶାୟାର ପାଇଁ ଦୁଇଟି ଫାଷ୍ଟ-କ୍ଲାସ୍ ମ୍ୟାଚ୍ ଖେଳିଛନ୍ତି। ଉଭୟ ମ୍ୟାଚ୍ ଭାରତ-ଏ' ବିପକ୍ଷରେ ଖେଳିଛନ୍ତି। ଚଳିତ ବର୍ଷ ସେ ଦକ୍ଷିଣ ଆଫ୍ରିକାରେ ୧୯ ବର୍ଷରୁ କମ୍ ଇଂଲଣ୍ଡ ଦଳ ପାଇଁ ଖେଳିଥିଲେ।

# ଆନ୍ଧ୍ରକୁ ହରାଇ ଓଡ଼ିଶା ଚାମ୍ପିୟନ

**ଆନ୍ତଃ ରାଜ୍ୟ ଦୃଷ୍ଟିବାଧିତ ମହିଳା ଟି୨୦**

ଭୁବନେଶ୍ୱର, ୧୧।୬(ତପନ ସ୍ୱାଇଁ)

ବିଶାଖାପାଟଣାରେ ଅନୁଷ୍ଠିତ ଆନ୍ତଃ ରାଜ୍ୟ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଚାମ୍ପିୟନ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ୨୯ ରନ୍‌ରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ବର୍ଷା ଯୋଗୁ ମ୍ୟାଚ୍‌କୁ ୧୫ ଓଭରବିଶିଷ୍ଟ କରାଯାଇଥିଲା। ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଓଡ଼ିଶା ୧୫ ଓଭରରେ ୬ ଉଇକେଟ ହରାଇ ୧୦୯ ରନ୍ କରିଥିଲା। ଅଧିନାୟିକା ଫୁଲ ସୋରେନ ସର୍ବାଧିକ ୩୯ ରନ୍‌କରି ଅପରାଜିତ ରହିଥିଲେ। ୧୧୦ ରନ୍ ବିଜୟ ଲକ୍ଷ୍ୟରେ ଆନ୍ଧ୍ରପ୍ରଦେଶ ୧୩.୫ ଓଭରରେ ୮୦ ରନ୍‌କରି ଅଲ୍ଆଉଟ୍ ହୋଇ ଯାଇଥିଲା। ଚମତ୍କାର ଫିଲ୍ଡିଂ କରି ଆନ୍ଧ୍ରର ୪ ବ୍ୟାଟରଙ୍କୁ ରନ୍‌ଆଉଟ କରିଥିବା ଓଡ଼ିଶାର ବାସନ୍ତି ହାଁସ୍‌ଦା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବି-୧ ବର୍ଗରେ ଯମୁନାରାଣୀ ଟୁଡୁ, ବି-୨ରେ ସୁକାନ୍ତି ଦଳପତି ଓ ବି-୩ ବର୍ଗରେ ଝିଲି ବିରୁଆ ପ୍ଲେୟର ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ। ଓଡ଼ିଶାରେ ଦୃଷ୍ଟିବାଧିତ କ୍ରିକେଟ ପରିଚାଳନା ଅନୁଷ୍ଠାନ(ସିଏଭିଆଇ) ସଭାପତି ମହମ୍ମଦ ଜାଫର ଇକ୍‌ବାଲ, ସନ୍ନ୍ୟାସୀ କୁମାର ବେହେରା, ଦେବାଶିଷ ଜେନା, ସୁଖରାମ ମାଝି ପ୍ରମୁଖ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



ଅତିଥିଙ୍କ ସହ ଚାମ୍ପିୟନ ଦୃଷ୍ଟିବାଧିତ ଓଡ଼ିଶା ମହିଳା କ୍ରିକେଟ ଦଳ ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ